# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୮/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, March 18/2026 | Page 16 | ₹ 7.00

୫୨ଶ ଭାଗ ୧୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 112 | ମୂଲ୍ୟ ₹୭/-




### ସରପ୍ରାଇଜ୍ ଦେଲେ ଅନିଲ

ନିଜର ଆଗାମୀ ଫିଲ୍ମ 'ସୁବେଦାର'କୁ ନେଇ ଚର୍ଚ୍ଚାରେ ଥିବା ଅଭିନେତା ଅନିଲ କପୁର ୧୦ ବର୍ଷ ପରେ ପୁଣି ଥରେ ଛୋଟ ପରଦାରେ ନଜରକୁ ଆସିବେ।

୦୭

୧୬

### କନୱେ ପ୍ଲେୟର ଅଫ୍ ଦି ମ୍ୟାଚ

ହାମିଲ୍‌ଟନରେ ମଙ୍ଗଳବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ନ୍ୟୁଜିଲାଣ୍ଡର ଡେଭନ କନ୍‌ୱେ।





ପାକିସ୍ତାନୀ ସେନାର ଏୟାର ଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ କାବୁଲର ଓମିଡ୍ ଆଡିକ୍ସନ ଟ୍ରିଟ୍‌ମେଣ୍ଟ ହସ୍ପିଟାଲ। (ଫଟୋ ସୌଜନ୍ୟ: ରଏଟର୍ସ)

## କ୍ରସ୍ ଭୋଟିଂ: ସୋଫିଆ, ରମେଶ, ଦାଶରଥି କଂଗ୍ରେସରୁ ନିଲମ୍ବିତ



ସୋଫିଆ ଫିର୍ଦ୍ଦୋସ



ରମେଶ ଜେନା



ଦାଶରଥି ଗମାଙ୍ଗୋ

ଭୁବନେଶ୍ୱର,୧୭।୩
(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନରେ ଦଳୀୟ ଶୃଙ୍ଖଳା ଭଙ୍ଗକରି କ୍ରସ୍ ଭୋଟିଂ କରିବା କଂଗ୍ରେସର ୩ ବିଧାୟକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଦଳ ପକ୍ଷରୁ ମଙ୍ଗଳବାର ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ଓ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ନିଲମ୍ବନ କରାଯାଇଛି। ଏ ସଂକ୍ରାନ୍ତରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ବେଣୁଗୋପାଳ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ପିସିସି ସଭାପତିଙ୍କ ସୁପାରିସ୍‌କ୍ରମେ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା କାରଣରୁ ଦାଶରଥି, ରମେଶ ଏବଂ ସୋଫିଆଙ୍କୁ ଦଳରୁ ନିଲମ୍ବନ କରାଗଲା। ଏହାପରେ ପରବର୍ତ୍ତୀ ଦଳୀୟ ପଦକ୍ଷେପ ☞ ପୃଷ୍ଠା-୪

### ୬ ବିଧାୟକଙ୍କୁ ବିଜେଡିର କାରଣ ଦର୍ଶାଅ ନୋଟିସ

ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** ଗୋଡ଼ ଖସିବ

# କାବୁଲ ହସ୍ପିଟାଲରେ ପାକ୍‌ର ଆକ୍ରମଣ

**ମଧ୍ୟପ୍ରାଚ୍ୟର ଘମାଘୋଟ ଯୁଦ୍ଧ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଭାରତର ଦୁଇ ପଡ଼ୋଶୀ ପାକିସ୍ତାନ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ଲାଗି ରହିଥିବା ସୀମା ବିବାଦ ଉଗ୍ରରୂପ ନେଇଛି। ପାକିସ୍ତାନୀ ସେନା ସୋମବାର ରାତିରେ କାବୁଲର ଏକ ହସ୍ପିଟାଲକୁ ଅତର୍କିତ ଏୟାର ଷ୍ଟ୍ରାଇକ୍ କରିଛି। ଉକ୍ତ ରିହାବିଲିଟେଶନ (ନିଶାମୁକ୍ତି) ଡାକ୍ତରଖାନାରେ ଥିବା ୪୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟୂନ ୨୫୦ ଜଣ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ବହୁ ଲୋକ ଚାପିହୋଇ ରହିଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭାରତ ଓ ଆଫ୍‌ଗାନିସ୍ତାନ ଏହି ଆକ୍ରମଣକୁ ନିନ୍ଦା କରିଥିବାବେଳେ ପାକିସ୍ତାନ ଏହାକୁ ଆତଙ୍କବାଦୀ ଓ ସେମାନଙ୍କ ଭିତ୍ତିଭୂମି ଧ୍ୱସ୍ତ ପାଇଁ ନିର୍ଦ୍ଦିଷ୍ଟ ଷ୍ଟ୍ରାଇକ୍ ଭାବେ ଅଭିହିତ କରିଛି। ପାକିସ୍ତାନର ଏଭଳି ଆକ୍ରମଣାତ୍ମକ କାର୍ଯ୍ୟକଳାପ କ୍ଷେତ୍ରୀୟ ଅସ୍ଥିରତା ବୃଦ୍ଧି ଘଟାଇବା ଆଶଙ୍କା ଥିବାରୁ ନୂଆଦିଲ୍ଲୀକୁ ସତର୍କ ହେବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

### ୪୦୦ ମୃତ, ୨୫୦ ଆହତ

କାବୁଲ/ଇସ୍‌ଲାମାବାଦ,୧୭।୩
(ପି.ଟି./ଏଜେନ୍ସି)

ପାକିସ୍ତାନ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ୨,୬୦୦ କି.ମି. ବିସ୍ତୃତ ସୀମା ରହିଛି। ଏହି ସୀମାରେ ଦୁଇ ଦେଶର ବିବାଦ ଲାଗିରହିଛି। ଏହାକୁ ନେଇ କିଛିଦିନ ହେଲା ଉଭୟ ପକ୍ଷ ପରସ୍ପର ଉପରେ ଆକ୍ରମଣ ପ୍ରତିଆକ୍ରମଣ କରୁଛନ୍ତି। ଫେବୃଆରୀ ୨୬ରେ ପାକିସ୍ତାନୀ ସେନା ଅପରେଶନ ଗଜବ୍ ଲିଲ୍ ହକ୍ ଚଳାଇ ଆଫ୍‌ଗାନିସ୍ତାନକୁ ଟାର୍ଗେଟ କରିଥିବାବେଳେ ତାଲିବାନ୍ ଫାଇଟର୍ସ ଏହାର ମୁହଁତୋଡ଼ ଜବାବ ଦେଇଥିଲେ। ସୋମବାର ରାତି ପ୍ରାୟ ୯ଟାରେ ପାକିସ୍ତାନ ସଶସ୍ତ୍ର ବଳ ପକ୍ଷରୁ ଉକ୍ତ ଅପରେଶନ୍‌ର ଅଂଶବିଶେଷ ସ୍ୱରୂପ ତାଲିବାନ୍ ଶାସକଙ୍କ ପୃଷ୍ଠପୋଷକତାରେ ବଢ଼ୁଥିବା ଆତଙ୍କବାଦୀଙ୍କୁ କାବୁଲ ଓ ନଙ୍ଗରହାର ପ୍ରଦେଶରେ ଟାର୍ଗେଟ କରାଯାଇଥିବା ପାକିସ୍ତାନ ସୂଚନା ମନ୍ତ୍ରୀ ଅତ୍ତାଉଲ୍ଲାହ ତରାର Xରେ ପୋଷ୍ଟକରି ସୂଚନା ଦେଇଛନ୍ତି। ତରାର କହିଛନ୍ତି, ଉକ୍ତ ଆକ୍ରମଣରେ ଆତଙ୍କବାଦୀଙ୍କ ୨ଟି ଅସ୍ତ୍ରାଗାର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ☞ ପୃଷ୍ଠା-୪

## ୪ ବର୍ଷରେ ମରିଛନ୍ତି ୩୪୪ ହାତୀ

### ଢେଙ୍କାନାଳରେ ସର୍ବାଧିକ ୫୩

ଭୁବନେଶ୍ୱର,୧୭।୩
(ରବିନାରାୟଣ ଜେନା)

ରାଜ୍ୟରେ ହାତୀ ମୃତ୍ୟୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସତ୍ତ୍ୱେ ଚଳିତବର୍ଷ ସହ ଗତ ୩ ବର୍ଷକୁ ମିଶାଇ ସର୍ବମୋଟ ୩୪୪ ହାତୀଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ମନ୍ତ୍ରୀ କହିଛନ୍ତି, ଏହି ହାତୀମୃତ୍ୟୁ ମଧ୍ୟରୁ କେବଳ ୨୩ ହାତୀ ଶିକାରୀଙ୍କ ଦ୍ୱାରା ମୃତ ହୋଇଥିବାବେଳେ ୧୫ ହାତୀ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ତେବେ ରାଜ୍ୟରେ ସବୁଠୁ ଅଧିକସଂଖ୍ୟକ ହାତୀ କେବଳ ଢେଙ୍କାନାଳ ଜିଲାରେ ହିଁ ମୃତ୍ୟୁବରଣ କରିଛନ୍ତି। ଏହି ଅବଧି ମଧ୍ୟରେ ଢେଙ୍କାନାଳ ଜିଲାରେ ୫୩ଟି ହାତୀଙ୍କ ମୃତ୍ୟୁ ହୋଇଛି। ସେଥି ମଧ୍ୟରେ ୨୦୨୨-୨୩ରେ ୧୬ଟି ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୩-୨୪ରେ ୧୩, ☞ ପୃଷ୍ଠା-୪


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15st Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ନୀତା ଏମ୍. ଅମ୍ବାନୀ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ ହ୍ୟୁମାନିଟାରିଆନ ଆୱାର୍ଡ ୨୦୨୫ରେ ସମ୍ମାନିତ

### ୪୦,୦୦୦ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା




**ଭୁବନେଶ୍ୱର, ୧୬ ମାର୍ଚ୍ଚ ୨୦୨୬:** ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀଙ୍କୁ ଆଜି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (କିସ୍) କ୍ୟାମ୍ପସରେ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ ଆୱାର୍ଡ ୨୦୨୫ ରେ ସମ୍ମାନିତ କରାଯାଇଛି ।

ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ମୋହନ ମୁନାସିଙ୍ଗେ ତାଙ୍କୁ କିଟ୍, କିସ୍ ଏବଂ କିମ୍ସର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ପୁରସ୍କାର ଶ୍ରୀମତୀ ଅମ୍ବାନୀଙ୍କ ଉଲ୍ଲେଖନୀୟ ମାନବୀୟ ପଦକ୍ଷେପ ଏବଂ ରିଲାଏନ୍ସ ଫାଉଣ୍ଡେସନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, ମହିଳା ସଶକ୍ତୀକରଣ ଏବଂ କ୍ରୀଡା ପ୍ରୋତ୍ସାହନ ମାଧ୍ୟମରେ ସାମାଜିକ ବିକାଶରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେଇଛି ।

ଚାଳିଶ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ପିଲାମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ଅମ୍ବାନୀ ତାଙ୍କ ପ୍ରେରଣାଦାୟକ ଭାଷଣରେ କହିଥିଲେ, "ଆମର ପୁଅମାନେ ଯାହା କରିପାରିବେ, ଆମର ଝିଅମାନେ ମଧ୍ୟ ତାହା କରିପାରିବେ, ପୁଅ ଏବଂ ଝିଅ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ।" ସେ ପ୍ରଶଂସା କରି କହିଥିଲେ, "ସର୍ବଦା ମନେରଖ ଯେ ତୁମେମାନେ ଆଜି ଯେଉଁଠି ଅଛ ତାହା ତୁମର ଆରମ୍ଭ, ତୁମର ଗନ୍ତବ୍ୟସ୍ଥଳ ନୁହେଁ। ତୁମେ କେତେ ଦୂର ଯାଇପାରିବ ତାହା ତୁମର ସ୍ୱପ୍ନ, ତୁମର କଠିନ ପରିଶ୍ରମ ଏବଂ ଆଗକୁ ବଢ଼ିବାର ସାହସ ଦ୍ୱାରା ନିର୍ଦ୍ଧାରିତ ହେବ ।" ସେ ଆଦିବାସୀ ପିଲାମାନଙ୍କ ପ୍ରତି ତାଙ୍କର ଦୃଢ଼ ବିଶ୍ୱାସ ପ୍ରକାଶ କରି କହିଥିଲେ, "ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଯେ ଭାରତର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ।"

ଡକ୍ଟର ସାମନ୍ତଙ୍କ ଦ୍ୱାରା ୨୦୦୮ ମସିହାରେ ଆରମ୍ଭ ହୋଇଥିବା କିସ୍ ହ୍ୟୁମାନିଟାରିଆନ ଆୱାର୍ଡ, ବିଶ୍ୱବ୍ୟାପୀ ମାନବୀୟ କାର୍ଯ୍ୟର ଭାବନାକୁ ମୂର୍ତ୍ତିମନ୍ତ କରୁଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକୁ ସମ୍ମାନିତ କରିଥାଏ। ଏହି ପୁରସ୍କାରରେ ଏକ ମାନପତ୍ର ଏବଂ ଏକ ଟ୍ରଫି ସାମିଲ ରହିଛି। ବେଶ୍ କିଛି ବର୍ଷ ଧରି, ଏହି ପୁରସ୍କାର ବିଭିନ୍ନ ମହାଦେଶର ବିଶିଷ୍ଟ ବିଶ୍ୱ ନେତା, ନୋବେଲ ପୁରସ୍କାର ବିଜେତା ଏବଂ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କୁ ପ୍ରଦାନ କରାଯାଇଛି । ପୂର୍ବରୁ ଏହି ପୁରସ୍କାରରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷମାନଙ୍କ ମଧ୍ୟରେ ରତନ ଟାଟା, ତିବ୍ବତୀୟ ଧର୍ମଗୁରୁ ପୂଜନୀୟ ଦଲାଇ ଲାମା ଏବଂ ଅନିରୁଦ୍ଧ ଜଗନ୍ନାଥ ପ୍ରମୁଖ ରହିଛନ୍ତି ।

କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (କିସ୍) ହେଉଛି ବିଶ୍ୱର ଆଦିବାସୀମାନଙ୍କ ପାଇଁ ସର୍ବବୃହତ୍ ବିଶ୍ୱବିଦ୍ୟାଳୟ, ଯାହା ପ୍ରାୟ ୮୦,୦୦୦ ଆଦିବାସୀ ପିଲାଙ୍କୁ କିଣ୍ଡରଗାର୍ଟେନ ଠାରୁ ସ୍ନାତକୋତ୍ତର ସ୍ତର ପର୍ଯ୍ୟନ୍ତ ଆବାସିକ ମାଗଣା ଶିକ୍ଷା ଏବଂ ସାମଗ୍ରିକ ବିକାଶ ସୁଯୋଗ ପ୍ରଦାନ କରୁଛି ।



ଉତ୍ତରାଖଣ୍ଡର ନୈନିତାଲ ଜିଲା ହଲଦ୍ୱାନିସ୍ଥିତ କଲସିୟା ବ୍ରିଜ୍‌ଠାରେ ମଙ୍ଗଳବାର ଜିଲାବ୍ୟାପୀ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ଅଂଶ ସ୍ୱରୂପ ମକ୍ ଡ୍ରିଲ୍‌ରେ ଜଣେ ପିଲା ଭାଗ ନେଇଛନ୍ତି।

# ଯୁଦ୍ଧକୁ ନେଇ ଟ୍ରମ୍ପ୍ ଗୋଷ୍ଠୀରେ ଫାଟ

## ଆତଙ୍କବାଦ ନିରୋଧୀ ସଂସ୍ଥା ମୁଖ୍ୟଙ୍କ ଇସ୍ତଫା

ୱାଶିଂଟନ୍, ୧୭।୩

ଇରାନ୍ ସହ ଯୁଦ୍ଧରେ ବିପୁଳ ଖର୍ଚ୍ଚକୁ ନେଇ ଆମେରିକାର ବିଭିନ୍ନ ମହଲରେ ଏବେ ପ୍ରଶ୍ନ ଉଠିଥିବାବେଳେ ଇରାନ୍ ବିରୋଧରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଯୁଦ୍ଧ ନିଷ୍ପତ୍ତି ବିରୋଧରେ ସ୍ୱର ଉଠିବା ଆରମ୍ଭ ହୋଇଛି। ପୂର୍ବରୁ କେତେଜଣ ସିନେଟ୍‌ରେ ପ୍ରଶ୍ନ ଉଠାଇଥିଲେ। ଏବେ ଏହି ପ୍ରସଙ୍ଗରେ ଟ୍ରମ୍ପ୍‌ଙ୍କ ଗୋଷ୍ଠୀରେ ଫାଟ ଦେଖାଯାଇଛି। ଇରାନ୍‌ବିରୋଧରେ ଆମେରିକା ନେଇଥିବା ନିଷ୍ପତ୍ତିକୁ ଖୋଦ୍ ଟ୍ରମ୍ପ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ଆମେରିକାର ଆତଙ୍କବାଦ ନିରୋଧୀ ସଂସ୍ଥା (ନ୍ୟାଶନାଲ କାଉଣ୍ଟର ଟେରରିଜିମ୍ ସେଣ୍ଟର ) ମୁଖ୍ୟ ଜୋ କେଣ୍ଟ୍ ବିରୋଧ କରିଛନ୍ତି। ଇରାନ୍ ପଟରୁ ଆମେରିକା ପ୍ରତି ଆଦୌ ବିପଦ ନ ଥିଲା। କେବଳ ଇସ୍ରାଏଲ ଚାପରେ ଆମେରିକା ଇରାନ୍ ବିରୋଧରେ ଯୁଦ୍ଧ ଜାରି ରଖିଛି ବୋଲି କେଣ୍ଟ୍ କହିବା ସହିତ ତାଙ୍କ ପଦରୁ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି, ଶୁଦ୍ଧ ଅନ୍ତଃକରଣ ଦୃଷ୍ଟିରୁ ଚିନ୍ତାକଲେ ଏହି ଯୁଦ୍ଧକୁ ମୁଁ ଆଦୌ ସମର୍ଥନ କରିବି ନାହିଁ। ବର୍ତ୍ତମାନ ଯାହାକିଛି ଚାଲିଛି ତାହା କେବଳ ଇସ୍ରାଏଲ ଏବଂ ଆମେରିକାର କିଛି ଗୋଷ୍ଠୀଙ୍କ ଚାପରେ ହେଉଛି। ଇରାନ୍ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧକୁ ନେଇ ମୁଁ ଅତ୍ୟନ୍ତ ଦୁଃଖିତ। ଏହି ଯୁଦ୍ଧ ଆମେରିକା ପାଇଁ କୌଣସି ସ୍ତରରେ ଲାଭଦାୟକ ହେବ ନାହିଁ ବୋଲି କେଣ୍ଟ୍ କହିଛନ୍ତି।

ଆମେରିକା ସେନାରେ ଅନେକ



ଜୋ କେଣ୍ଟ୍

ବର୍ଷ ଧରି କାର୍ଯ୍ୟ କରିଥିବା କେଣ୍ଟ୍ ନିଜର ଯୁଦ୍ଧ ଅଭିଜ୍ଞତାକୁ ମନେପକାଇ ଟ୍ରମ୍ପ୍‌ଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ୧୧ଟି ଯୁଦ୍ଧରେ ଲଢ଼େଇ କରିଥିବା ଉଲ୍ଲେଖ କରିବା ସହ ଇସ୍ରାଏଲ ଦ୍ୱାରା ପ୍ରେରିତ ଏକ ଯୁଦ୍ଧରେ ଲଢ଼େଇ କରିବାବେଳେ ତାଙ୍କ ସ୍ତ୍ରୀ ସାନନ୍‌ଙ୍କୁ କିଭଳି ହରାଇଥିଲେ ସେ ସମ୍ପର୍କରେ ମଧ୍ୟ କହିଛନ୍ତି। ଯୁଦ୍ଧର ଭୟାବହତାକୁ ବାରମ୍ବାର ଅନୁଭବ କରିଥିବା କେଣ୍ଟ୍ ଆମେରିକାର ପରବର୍ତ୍ତୀ ପିଢ଼ିଙ୍କୁ ଯୁଦ୍ଧ ମୁହଁକୁ ଠେଲିଦେବାକୁ କଦାଚିତ ସମର୍ଥନ କରିବେ ନାହିଁ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲେ, ଆମକୁ ପ୍ରଳୟ ଦେଖିବାକୁ ପଡ଼ିଥାଆନ୍ତା ବୋଲି ଟ୍ରମ୍ପ୍ କହିଛନ୍ତି।

# ଲାରିଜାନିଙ୍କୁ ହତ୍ୟା କରିଥିବା ଇସ୍ରାଏଲର ଦାବି

ତେଲ୍ ଆଭିଭ୍, ୧୭।୩

ଇରାନ୍‌ର ଦ୍ୱିତୀୟ ସର୍ବୋଚ୍ଚ ନେତା ତଥା ପ୍ରତିରକ୍ଷା ମୁଖ୍ୟ ଅଲୀ ଲାରିଜାନିଙ୍କୁ ଇସ୍ରାଏଲ ହତ୍ୟା କରିଥିବା ଦାବି କରିଛି। ଇରାନ୍‌ର ବହୁ ତୁଙ୍ଗ ନେତାଙ୍କୁ ହତ୍ୟା କରିବାକୁ ସୋମବାର ଇସ୍ରାଏଲ ପକ୍ଷରୁ ଆକ୍ରମଣ କରାଯାଇଥିଲାବେଳେ ଏଥିରେ ଲାରିଜାନିଙ୍କ ସମେତ ବସିଜ୍ ୟୁନିଟ୍ କମାଣ୍ଡର ବ୍ରିଗେଡିୟର ଜେନେରାଲ ଗୋଲାମରେଜା ସୁଲେମାନିଙ୍କର ମଧ୍ୟ ମୃତ୍ୟୁ ହୋଇଛି ବୋଲି ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାତ୍‌ଜ ମଙ୍ଗଳବାର କହିଛନ୍ତି। ଫେବୃଆରୀ ୨୮ରେ ଇସ୍ରାଏଲ ଆକ୍ରମଣରେ ଆୟାତୋଲ୍ଲା ଅଲୀ ଖାମେନେଇ ଏବଂ ଆଇଆର୍‌ଜିସି କମାଣ୍ଡର ମହମ୍ମଦ ଫାକ୍‌ପୋରଙ୍କ ମୃତ୍ୟୁ ପରେ ଲାରିଜାନିଙ୍କ ମୃତ୍ୟୁ ଦ୍ୱିତୀୟ ବଡ଼ ଘଟଣା। ଇରାନ୍-ଆମେରିକା ଯୁଦ୍ଧର ପ୍ରଥମ ଦିନରେ ଆୟାତୋଲ୍ଲା ଖାମେନେଇଙ୍କ ସହ ତାଙ୍କ ପରିବାରର ବହୁ ସଦସ୍ୟ ଏବଂ ପ୍ରତିରକ୍ଷା ବିଭାଗର ବହୁ ବରିଷ୍ଠ ନେତା ପ୍ରାଣ ହରାଇଥିଲେ। ଏହି ଘଟଣାରେ ଖାମେନେଇଙ୍କ ପୁଅ ମୋଜ୍‌ତବା ଖାମେନେଇ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହାପରେ ଇରାନ୍‌ର ପ୍ରତିରକ୍ଷା ଦାୟିତ୍ୱ ଲାରିଜାନିଙ୍କ



ଗୋଲାମରେଜା ସୁଲେମାନି



ଅଲୀ ଲାରିଜାନି

ହାତରେ ରହିଥିଲା। ଇରାନ୍‌ର ସୁପ୍ରିମ ନ୍ୟାଶନାଲ କାଉନ୍‌ସିଲ୍‌ର ବରିଷ୍ଠ ସଦସ୍ୟ ଭାବେ ସେ ଏହି ଦାୟିତ୍ୱରେ ରହି ଶତ୍ରୁପକ୍ଷ ବିରୋଧରେ ନେତୃତ୍ୱ ନେଉଥିଲେ। ଲାରିଜାନିଙ୍କୁ ହତ୍ୟା କରାଯିବା ପରେ ଇରାନ୍ ଏବେ ନେତୃତ୍ୱହୀନ ହୋଇପଡ଼ିଛି ବୋଲି ଇସ୍ରାଏଲ କହିଛି। ଆୟାତୋଲ୍ଲା ଖାମେନେଇଙ୍କ ଅତ୍ୟନ୍ତ ଘନିଷ୍ଠ ଏବଂ ତାଙ୍କ ଡାହାଣ ହାତ ଭାବେ କାର୍ଯ୍ୟ କରୁଥିବା ଲାରିଜାନିଙ୍କୁ ହତ୍ୟା କରାଯାଇଥିବାରୁ ଇସ୍ରାଏଲ ଇରାନ୍ ବିପକ୍ଷରେ ବଡ଼ ସଫଳତା ହାସଲ କରିଛି ବୋଲି ଆଇଡିଏଫ୍ ଷ୍ଟାଫ୍ ମୁଖ୍ୟ ଜେନେରାଲ ଇୟାଲ ଜମିର୍ କହିଛନ୍ତି। ଲାରିଜାନିଙ୍କ ମୃତ୍ୟୁକୁ ନେଇ ଇରାନ୍ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନ ଥିଲେ ମଧ୍ୟ ଇରାନ୍ ସେନାର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି ଲାରିଜାନିଙ୍କ ମୃତ୍ୟୁକୁ ସ୍ୱୀକାର କରିଛନ୍ତି। ଲାରିଜାନିଙ୍କ ମୃତ୍ୟୁ ଇରାନ୍ ପାଇଁ ନିଶ୍ଚିତ ଭାବେ ଚିନ୍ତାର ବିଷୟ ହୋଇପଡ଼ିବ ବୋଲି ସାମରିକ ବିଶେଷଜ୍ଞମାନେ କହିଛନ୍ତି। କାରଣ ମୋଜ୍‌ତବା ଖାମେନେଇ ଗୁରୁତର ଆହତ ଅବସ୍ଥାରେ ଏବେ ରୁଷିଆରେ ଚିକିତ୍ସା ହେଉଛନ୍ତି। ଏପରିକି ସେଠାରେ ଅସ୍ତ୍ରୋପଚାର କରାଯାଇ ତାଙ୍କର ଏକ ଗୋଡ଼ କାଟିଦିଆଯାଇଥିବା କୁହାଯାଉଛି। ଏଭଳି ଅବସ୍ଥାରେ ଇରାନ୍ ସେନାର ନେତୃତ୍ୱକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି ବୋଲି ସେମାନେ କହିଛନ୍ତି।

## ବୁଝାମଣା ପ୍ରସ୍ତାବକୁ ମୋଜ୍‌ତବାଙ୍କ ପ୍ରତ୍ୟାଖ୍ୟାନ

ତେହରାନ୍, ୧୭।୩

ସାମ୍ପ୍ରତିକସ୍ଥିତିରେ ଯୁଦ୍ଧକୁନେଇ ଆମେରିକା ସହ କୌଣସି ବୁଝାମଣା ପାଇଁ ଇରାନ୍ ସୁପ୍ରିମ ଲିଡର୍ ମୋଜ୍‌ତବା ଖାମେନେଇ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବରଂ ସୁପ୍ରିମ ଲିଡର ଭାବେ ଦାୟିତ୍ୱ ନେବା ପରେ ତାଙ୍କର ଇସ୍ରାଏଲ ଏବଂ ଆମେରିକା ପ୍ରତି ଆଭିମୁଖ୍ୟ ଯାହା ରହିଥିଲା ସେହି ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯୁଦ୍ଧ ବୁଝାମଣା ସମ୍ପର୍କରେ ଇରାନ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆମେରିକା ସହ ବୁଝାମଣା କରି ମଧ୍ୟପ୍ରାଚ୍ୟ ସ୍ଥିତିକୁ ସ୍ୱାଭାବିକ କରିବାକୁ ୨ ନିରପେକ୍ଷ ଦେଶ ତେହରାନ୍‌କୁ ପ୍ରସ୍ତାବ ଦେଇଥିଲେ। ହେଲେ ଏହାକୁ ମୋଜ୍‌ତବା ପ୍ରତ୍ୟାଖ୍ୟାନ କରିଦେବା ସହ ଇରାନ୍ ପ୍ରତିଶୋଧ ନ ନେବା ଯାଏ କୌଣସି ବୁଝାମଣା କରିବ ନାହିଁ ବୋଲି କହିଥିବା ସମ୍ପୃକ୍ତ ଅଧିକାରୀ



ମୋଜ୍‌ତବା ଖାମେନେଇ

ଜଣକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୋଜ୍‌ତବା ସୁପ୍ରିମ ଲିଡର ଭାବେ ଦାୟିତ୍ୱ ନେବା ପରେ ଆମେରିକା ଓ ଇସ୍ରାଏଲ ବିରୋଧରେ ପ୍ରତିଶୋଧ ନେବାକୁ ହୁଙ୍କାର ଦେଇଥିଲେ। ଇରାନ୍‌ର ଯେତିକି କ୍ଷତି ହୋଇଛି ତାହାକୁ ଭରଣା କରିବା ପାଇଁ ଶତ୍ରୁ ରାଷ୍ଟ୍ରଙ୍କ ସମ୍ପତ୍ତି ଦଖଲ କରାଯିବ ବୋଲିକହିଥିଲେ। ଯଦିଏହା ସମ୍ଭବ ନ ହୁଏ ତେବେ ଶତ୍ରୁ ରାଷ୍ଟ୍ରଙ୍କ ସମାନ ପରିମାଣର ସମ୍ପତ୍ତି କ୍ଷତି କରାଯିବ ବୋଲି କହିଥିଲେ।

## ୟୁଏଇରେ ଫସିଛନ୍ତି ୮୦୦ ଭାରତୀୟ କମ୍ପାନୀ

ନୂଆଦିଲ୍ଲୀ, ୧୭।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଗମ୍ଭୀର ରୂପ ଧାରଣ କରୁଥିବାବେଳେ ୟୁଏଇ ଉପରେ ଇରାନ୍‌ର ଘନ ଘନ ଆକ୍ରମଣ ଭାରତ ପାଇଁ ଚିନ୍ତାଜନକ ହୋଇପଡ଼ିଛି। ୟୁଏଇରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୮୦୦ରୁ ଅଧିକ ଭାରତୀୟ କମ୍ପାନୀ ଫସି ରହିଛନ୍ତି। ଗତ ୬ ମାସ ମଧ୍ୟରେ ଏହି କମ୍ପାନୀଗୁଡିକ ୧.୩ ବିଲିୟନ ଡଲାରରୁ ଅଧିକ ନିବେଶ କରିଥିଲାବେଳେ ବର୍ତ୍ତମାନ ସ୍ଥିତିରେ ବ୍ୟବସାୟ କରିବା ସମ୍ଭବ ହେଉ ନାହିଁ। ସେଥିମଧ୍ୟରୁ ୨୮୦ରୁ ଅଧିକ କମ୍ପାନୀ ରିଟେଲ୍ ଏବଂ ହସ୍ପିଟାଲିଟି କ୍ଷେତ୍ରରେ ନିବେଶ କରିଛନ୍ତି। ଯୁଦ୍ଧକୁ ନେଇ ୟୁଏଇର ବିଭିନ୍ନ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଥିବାରୁ ସେମାନଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିବା କୁହାଯାଇଛି।

## ତନ୍ତ୍ରବିଦ୍ୟା ସନ୍ଦେହରେ ଆଦିବାସୀ ଦମ୍ପତି, ସନ୍ତାନଙ୍କୁ ହତ୍ୟା

ରାଞ୍ଚି, ୧୭।୩

ଝାଡ଼ଖଣ୍ଡର ଗୋଡ୍ଡା ଜିଲା ଅନ୍ତର୍ଗତ ଡଙ୍ଗା ଟୋଲା ଅଞ୍ଚଳରେ ତନ୍ତ୍ରବିଦ୍ୟା ସାଧନ କରୁଥିବା ସନ୍ଦେହରେ ଗୋଟିଏ ଆଦିବାସୀ ପରିବାର ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କ ୧୨ ବର୍ଷର ପୁଅଙ୍କୁ ସୋମବାର ବିଳମ୍ବିତ ରାତିରେ କୁରାଢ଼ିରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଦରବାରି ମୁର୍ମୁ(୫୦), ତାଙ୍କ ସ୍ତ୍ରୀ ମକ୍କୁ ବାସ୍କେ ଏବଂ ପୁଅ ଜିତ୍‌ନାରାୟଣ ମୁର୍ମୁ। ମଙ୍ଗଳବାର ସକାଳେ ଏହା ଜଣାପଡ଼ିବା ପରେ ଗାଁରେ ଆତଙ୍କ ଖେଳିଯାଇଥିଲା। ଘଟଣାସ୍ଥଳରେ ଗୋଡ୍ଡା ଏସ୍‌ଡିପିଓ, ଦେବଦାଣ୍ଡ ଥାନା ଭାରପ୍ରାପ୍ତ ଅଧିକାରୀ ଏବଂ ପୋରାୟାହାଟ ଥାନା ଇନ୍‌ଚାର୍ଜ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଇଣ୍ଡିଆ ପୋଷ୍ଟ’ର ୨୪ ଘଣ୍ଟିଆ ଗ୍ୟାରେଣ୍ଟେଡ୍ ଡେଲିଭରି ସେବା

ନୂଆଦିଲ୍ଲୀ, ୧୭।୩

ଭାରତୀୟ ଡାକ ସେବା ପକ୍ଷରୁ ଦେଶର ୬ ସହରରେ ୨୪ ଘଣ୍ଟିଆ ନିଶ୍ଚିତ ଡେଲିଭରି(ସ୍ପିଡ୍‌ପୋଷ୍ଟ) ସେବା ଆରମ୍ଭ ହୋଇଛି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ନୂଆଦିଲ୍ଲୀରେ ଏହି ସେବାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ, କୋଲକାତା, ମୁମ୍ବାଇ, ହାଇଦ୍ରାବାଦ୍, ବେଙ୍ଗାଲୁରୁ ଏବଂ ଚେନ୍ନାଇରେ ଏହି ସେବା ଆରମ୍ଭ ହୋଇଥିବାବେଳେ ପରେ ଅନ୍ୟ ସହରରେ ଉପଲବ୍ଧ ହେବ। ୨୪ ଘଣ୍ଟିଆ ନିଶ୍ଚିତ ଡେଲିଭରି ସେବାରେ ୫୦ ଗ୍ରାମ ଓଜନର ଡାକସେବା ପାଇଁ ଦେୟ ୩୮ ଟଙ୍କା, ୨୫୧ରୁ ୫୦୦ ଗ୍ରାମ୍ ଓଜନର ଡାକସେବା ମୂଲ୍ୟ ୨୦୦୦କି.ମି.ରୁ ଅଧିକ ସ୍ଥାନ ପାଇଁ ୧୮୬ ଟଙ୍କା ରଖାଯାଇଛି।

## ଲଦାଖ ଦାବି ନେଇ କେନ୍ଦ୍ର ସହ ଅର୍ଥପୂର୍ଣ୍ଣ ଆଲୋଚନା ଆଶା କରେ: ୱାଙ୍ଗଚୁକ୍



ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକ୍‌ଙ୍କ ସହ ସ୍ତ୍ରୀ ଗୀତାଞ୍ଜଳି ଜେ. ଆଙ୍ଗମୋ। (ଫଟୋ- ଚମନ ଗୌତମ)

ନୂଆଦିଲ୍ଲୀ, ୧୭।୩(ପି.ଟି.)

ଲଦାଖକୁ ରାଜ୍ୟ ମାନ୍ୟତା ଦାବି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଅର୍ଥପୂର୍ଣ୍ଣ ଆଲୋଚନା ଆଶାକରେ ବୋଲି ଯୋଧପୁର କେନ୍ଦ୍ରୀୟ ଜେଲରୁ ମୁକ୍ତହେବା ପରେ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକ୍ ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଥମ ଖବରଦାତା ସମ୍ମିଳନୀରେ କହିଛନ୍ତି। ସ୍ତ୍ରୀ ତଥା ଏଚ୍‌ଆଇଏଏଲ୍‌ର ସହପ୍ରତିଷ୍ଠାତା ଗୀତାଞ୍ଜଳି ଜେ ଆଙ୍ଗମୋଙ୍କ ସହ ଖବରଦାତା ସମ୍ମିଳନୀଙ୍କୁ ଉଦ୍‌ବୋଧନ ଦେଇ ୱାଙ୍ଗଚୁକ୍ କହିଛନ୍ତି, ଏକ ଗଠନମୂଳକ ଆଲୋଚନା ପ୍ରକ୍ରିୟା ଆରମ୍ଭ କରିବା ଲଦାଖ ଆନ୍ଦୋଳନର ଲକ୍ଷ୍ୟ। ଆଲୋଚନା ‘ଦେବା ଓ ନେବା ପ୍ରକ୍ରିୟା’ ଆଧାରରେ ହେବା ଦରକାର ଏବଂ ଉଭୟ ପକ୍ଷଙ୍କୁ ବିଶେଷ ସୁବିଧା ମିଳିବା ଆବଶ୍ୟକ। ଅଦାଲତରେ ବିଜୟୀ ହେବା ନେଇ ଆମେ ନିଶ୍ଚିତ ଥିଲୁ। କିନ୍ତୁ ଏହି ବିଜୟ ଯଥେଷ୍ଟ ନୁହେଁ। ଉଭୟ ପକ୍ଷ ପାଇଁ ଲାଭଦାୟକ ହେବା ଚାହେଁ ବୋଲି ୱାଙ୍ଗଚୁକ କହିଛନ୍ତି।

## ୮ ଲୋକ ସଭା ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହୃତ

ନୂଆଦିଲ୍ଲୀ, ୧୭।୩(ପି.ଟି.)

ବିଶୃଙ୍ଖଳିତ ଆଚରଣ ପାଇଁ ଫେବୃଆରୀ ୩ରେ ଲୋକ ସଭାରୁ ନିଲମ୍ବିତ ହୋଇଥିବା ବିରୋଧୀ ଦଳର ୮ ସଦସ୍ୟଙ୍କ ଉପରୁ ମଙ୍ଗଳବାର ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନିଆଯାଇଛି। ଗୃହରେ ଭିତରେ କିମ୍ବା ପାର୍ଲାମେଣ୍ଟ ପରିସରରେ ପ୍ଲାକାର୍ଡ, ପୋଷ୍ଟର, ଫଟୋ କିମ୍ବା ଏଆଇ ପ୍ରସ୍ତୁତ ଚିତ୍ର ପ୍ରଦର୍ଶନ କରାଯିବା ଉଚିତ ନୁହେଁ ବୋଲି ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

୮ ବିରୋଧୀ ଏମ୍‌ପିଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେବାକୁ କଂଗ୍ରେସ ସଦସ୍ୟ କେ. ସୁରେଶ ଗୃହକୁ ନିବେଦନ କରିଥିଲେ। ଗୃହରେ ଯାହା ଘଟିଥିଲା ତାହା ଦୁଃଖଦାୟକ। ସୁରୁଖୁରୁରେ ଗୃହ ପରିଚାଳନାରେ ତାଙ୍କ ଦଳ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସୁରେଶ କହିଥିଲେ। ବିରୋଧୀ ସଦସ୍ୟମାନଙ୍କ ଅନୁରୋଧ ପରେ ଗୃହର ସୁପରିଚାଳନା ପାଇଁ ଏକ ଲକ୍ଷ୍ମଣରେଖା ରହିବା ଆବଶ୍ୟକ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିବାରୁ ଉଭୟ ସରକାରୀ ଓ ବିରୋଧୀ ସଦସ୍ୟମାନେ ଏଥିରେ ସହମତ ହୋଇଥିଲେ। ଏହା ପରେ ୭ କଂଗ୍ରେସ ଏମ୍‌ପି ଏବଂ ଜଣେ ସିପିଆଇ-ଏମ୍ ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହାର ପାଇଁ ରିଜିଜୁ ପ୍ରସ୍ତାବ ଆଣିଥିଲେ। ନିଲମ୍ବିତ ଏମ୍‌ପିମାନେ ହେଲେ କଂଗ୍ରେସର ଗୁର୍‌ଜିତ ସିଂ ଔଜଲା, ହିବି ଇଡେନ, ସି. କିରନ କୁମାର ରେଡ୍ଡୀ, ଅମରିନ୍ଦର ସିଂ ରାଜା ୱାରିଙ୍ଗ୍, ମନିକମ୍ ଟାଗୋର, ପ୍ରଶାନ୍ତ ପାଡୋଲେ, ଡିନ୍ କୁରିଆକୋସ୍ ଏବଂ ସିପିଆଇ(ଏମ୍)ର ଏସ୍. ଭେଙ୍କଟେସନ।

## ଭାଜପାରୁ ଭାଟିଆ, କଂଗ୍ରେସରୁ ବୌଦ୍ଧ ବିଜୟୀ

### ହରିୟାଣା ରାଜ୍ୟ ସଭା ନିର୍ବାଚନ

ଚଣ୍ଡିଗଡ଼, ୧୭।୩ (ପି.ଟି.)

ହରିୟାଣାରେ ସୋମବାର ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ ଭାଜପାର ସଞ୍ଜୟ ଭାଟିଆ ଏବଂ କଂଗ୍ରେସର କରମବୀର ସିଂ ବୌଦ୍ଧ ବିଜୟୀ ହୋଇଛନ୍ତି। ଭୋଟ ବେଳେ ଗୋପନୀୟତାର ଉଲ୍ଲଂଘନ ହୋଇଥିବା ଉଭୟ ପକ୍ଷ ଅଭିଯୋଗ କରିବା ପରେ ଦୀର୍ଘସମୟ ଧରି ଭୋଟଗଣତି ସ୍ଥଗିତ ରହିବା ପରେ ସୋମବାର ମଧ୍ୟରାତ୍ରରେ ପୁନର୍ବାର ଗଣତି ଆରମ୍ଭ ହୋଇଥିଲା। ସ୍ୱାଧୀନ ପ୍ରାର୍ଥୀ ସତୀଶ ନନ୍ଦାଲଙ୍କୁ ହରାଇ ବୌଦ୍ଧ ବିଜୟୀ ହୋଇଛନ୍ତି। ଭାଜପାର ୫୮ ବର୍ଷୀୟ ଭାଟିଆ ପୂର୍ବତନ ଲୋକ ସଭା ସଦସ୍ୟ ହୋଇଥିବାବେଳେ ବୌଦ୍ଧ ହରିୟାଣାର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ଦଳିତ କର୍ମୀ। ସେ କଂଗ୍ରେସର ଜାତୀୟ ଅନୁସୂଚିତ ଜାତି ବିଭାଗର କୋଅର୍ଡିନେଟର ଅଛନ୍ତି।

## ଜେଡିୟୁ ଛାଡ଼ିଲେ କେ.ସି. ତ୍ୟାଗୀ



ନୂଆଦିଲ୍ଲୀ, ୧୭।୩

ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ବରିଷ୍ଠ ନେତା କେ.ସି. ତ୍ୟାଗୀ ଦଳ ଛାଡ଼ିଛନ୍ତି। ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ସେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ୨୦୦୩ ଅକ୍ଟୋବରରେ ସମତା ପାର୍ଟି ଏବଂ ଜନତା ଦଳର ମିଶ୍ରଣରେ ଜେଡିୟୁ ଗଠନ ହୋଇଥିବାବେଳେ ସେବେଠାରୁ ତ୍ୟାଗୀ ଦଳ ସହ ରହିଆସିଥିଲେ। ସେ ଦଳର ମୁଖ୍ୟ ସାଧାରଣ ସମ୍ପାଦକ, ମୁଖ୍ୟ ମୁଖପାତ୍ର ଏବଂ ରାଜନୈତିକ ଉପଦେଷ୍ଟା ଆଦି ପଦବୀରେ ରହିଥିଲେ।

# ଟିଏମ୍‌ସି ୨୨୬ରୁ ଅଧିକ ଆସନରେ ବିଜୟୀ ହେବ : ମମତା

କୋଲକାତା, ୧୭।୩

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟ ପାଖେଇ ଆସୁଥିବାରୁ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ସୋମବାର ଭାଜପା ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ମଙ୍ଗଳବାର ଶାସକ ଦଳ ଟିଏମସି ମଧ୍ୟ ତାହାର ପ୍ରାର୍ଥୀ ଘୋଷଣା କରିଛି। ଟିଏମସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜି ଭବାନୀପୁର ଆସନରେ ପ୍ରତ୍ୟକ୍ଷ ଭାବେ ଭାଜପା ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଟିଏମ୍‌ସି ଏହି ନିର୍ବାଚନରେ



ମମତା ବାନାର୍ଜି

ବିପୁଳ ବିଜୟ ହାସଲ କରିବା ସହ ୨୨୬ରୁ ଅଧିକ ଆସନ ପାଇବ ବୋଲି

## ୨୯୧ ଆସନରେ ଲଢ଼ିବ ଟିଏମ୍‌ସି

ପ୍ରାର୍ଥୀ ତାଲିକା ଘୋଷଣା ପରେ ମମତା ଗଣମାଧ୍ୟମକୁ କହିଛନ୍ତି। ପଶ୍ଚିମବଙ୍ଗର ମୋଟ ୨୯୪ଟି ବିଧାନସଭା ଆସନ ମଧ୍ୟରୁ ଟିଏମ୍‌ସି ୨୯୧ ଆସନରେ ପ୍ରାର୍ଥୀ ଦେବ ଏବଂ ୨୨୬ରୁ ଅଧିକ ଆସନରେ ବିଜୟୀ ହେବା ନେଇ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟ ୩ଟି ଆସନ ଟିଏମସିର ସହଯୋଗୀ ଦଳ ବିଜିପିଏମ୍‌କୁ ଛାଡି ଦିଆଯିବ ଏବଂ ଅନିତ୍ ଥାପାଙ୍କ ନେତୃତ୍ୱରେ ଦାର୍ଜିଲିଂରେ ଏହି ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ମମତା କହିଛନ୍ତି। ପଶ୍ଚିମବଙ୍ଗ ଭୋଟର ଏଥର ଭାଜପାକୁ ଠିକଣା ଜବାବ ଦେବେ ଏବଂ ଏହି ଦଳ ପୂର୍ବ ତୁଳନାରେ ଆହୁରି କମ୍ ଆସନ ପାଇବ ବୋଲି ସେ କହିଛନ୍ତି। ଏହି ଅବସରରେ ଟିକେଟ୍ ପାଇ ନଥିବା ନେତାଙ୍କୁ ମଧ୍ୟ ସେ ସାନ୍ତ୍ୱନା ଦେବାକୁ ଭୁଲି ନାହାନ୍ତି। ଦଳର ଯେଉଁ ନେତା ଓ କର୍ମୀଙ୍କୁ ଏହି ନିର୍ବାଚନରେ ସାମିଲ କରାଯାଇ ନାହିଁ, ସେମାନଙ୍କୁ ଦଳର ସାଂଗଠନିକ ଦାୟିତ୍ୱ ମିଳିବ ବୋଲି ମମତା କହିଛନ୍ତି।

ଧରିତ୍ରୀ 52 Years
ଧରିତ୍ରୀ
DHARITRI





ତୁର୍କୀର ତୁନ୍‌ସେଲିସ୍ଥିତ କେବାନ୍ ଡ୍ୟାମ୍ ଲେକ୍ ଅତିକ୍ରମ କରି ଆସିଥିବା ସିଗୁଲ୍ ପକ୍ଷୀଙ୍କୁ ଜଣେ ମହିଳା ଖାଦ୍ୟ ଦେଉଛନ୍ତି। **(ଫଟୋ ସୌଜନ୍ୟ: ଗାର୍ଡିଆନ)**

# ପିତୃତ୍ୱ ଛୁଟି ପାଇଁ ଆଇନ ଆଣୁ କେନ୍ଦ୍ର

## ପିଲାଙ୍କ ଯତ୍ନନେବା କେବଳ ମା'ଙ୍କ କାମ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୭।୩(ପି.ଟି.)**

ପିତୃତ୍ୱ ଛୁଟିକୁ ଏକ ସାମାଜିକ ସୁରକ୍ଷା ସୁବିଧା ଭାବେ ସ୍ୱୀକୃତି ପ୍ରଦାନ ନିମନ୍ତେ ଆଇନ ଆଣିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ପିଲାମାନଙ୍କ ଯତ୍ନ ନେବା କେବଳ ମା'ଙ୍କ କାମ ନୁହେଁ। ଶିଶୁର ବିକାଶରେ ମା'ଙ୍କ ଭୂମିକା ମୁଖ୍ୟ ହୋଇଥିବାବେଳେ ବାପାଙ୍କ ଭୂମିକାକୁ ମଧ ଅଣଦେଖା କରିବା ଅନୁଚିତ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି।

ଜଣେ ମହିଳା ୩ ମାସରୁ କମ୍ ବୟସର ଶିଶୁକୁ ଆଇନ ଅନୁଯାୟୀ ପୋଷ୍ୟ ଭାବେ ଗ୍ରହଣ କରିଥିଲେ, ସେ ମାତୃତ୍ୱ ଛୁଟି ପାଇବାକୁ ହକ୍‌ଦାର ହେବେ ବୋଲି ରହିଥିବା ଆଇନକୁ ରଦ୍ଦ କରିଦେବା ଅବସରରେ ସୁପ୍ରିମକୋର୍ଟ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ପୋଷ୍ୟ ସନ୍ତାନର ବୟସ ନିର୍ବିଶେଷରେ ମହିଳା ୧୨ ସପ୍ତାହ ମାତୃତ୍ୱ ଛୁଟି ପାଇବାକୁ ହକ୍‌ଦାର ବୋଲି ଅଦାଲତ କହିଛନ୍ତି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ ପିତୃତ୍ୱ ଛୁଟି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଛୁଟି ପରିବାରରେ ଲିଙ୍ଗଗତ ସମାନତା ଆଣିବାରେ ସହାୟକ ହେବା ସହ ଶିଶୁ ଯତ୍ନ ନେବାରେ ବାପାଙ୍କୁ ସକ୍ରିୟ ଭୂମିକା ନେବାରେ ପ୍ରୋତ୍ସାହିତ କରେ ଏବଂ ପିତାମାତା ହେବାର ସନ୍ତୁଳିତ ବୁଝାମଣାକୁ ବୃଦ୍ଧିକରେ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ଅନସ୍ୱୀକାର୍ଯ୍ୟ ଯେ, ଶିଶୁର ଭାବାବେଗ, ଶାରୀରିକ ଏବଂ ମାନସିକ



ବିକାଶରେ ମାଆଙ୍କର ମୁଖ୍ୟ ଭୂମିକା ରହିଛି। ତେବେ ବାପାଙ୍କର ସମାନ ଭୂମିକାକୁ ଅଣଦେଖା କରିବା ଅସମ୍ପୂର୍ଣ୍ଣ ଏବଂ ଅନ୍ୟାୟ ବୋଲି ଖଣ୍ଡପୀଠ କହିଛନ୍ତି। ପିଲାର ଯତ୍ନ କେବଳ ଜଣେ ମାଆ କିମ୍ବା ବାପାଙ୍କ କାମ ନୁହେଁ, ଏହା ସେମାନଙ୍କ ମିଳିତ ଦାୟିତ୍ୱ, ଯେଉଁଥିରେ ପିଲାର ସର୍ବାଙ୍ଗୀନ ବିକାଶ ପାଇଁ ଉଭୟଙ୍କର ଅବଦାନ ରହିଛି। ସେଥିପାଇଁ ସାମାଜିକ ସୁରକ୍ଷା ସୁବିଧା ଭାବେ ପିତୃତ୍ୱ ଛୁଟିକୁ ସ୍ୱୀକୃତି ଦେବା ବ୍ୟବସ୍ଥା ସହ କେନ୍ଦ୍ର ଆଇନ ଆଣିବାକୁ ଆମେ ଆହ୍ୱାନ ଦେଉଛୁ ବୋଲି ଖଣ୍ଡପୀଠ କହିଛନ୍ତି।

ଛୁଟିର ଅବଧି କେତେ ହେବ, ତାହା ଉଭୟ ମା'ବାପା ଏବଂ ଶିଶୁର ଆବଶ୍ୟକ ଦାୟିତ୍ୱକୁ ବିଚାରକୁ ନେଇ ସ୍ଥିର କରାଯିବା ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇଛନ୍ତି। ଶିଶୁ ଜୀବନର ପ୍ରାରମ୍ଭିକ ମାସ ଓ ବର୍ଷଗୁଡ଼ିକ ଗଠନମୂଳକ ସମୟ, ଯେତେବେଳେ ଆବେଗିକ ସମ୍ପର୍କ, ନିର୍ଭରଶୀଳତା ଓ ନିରାପତ୍ତା ଅନୁଭବ ଆକାର ନେବାକୁ ଆରମ୍ଭ କରେ। ତେଣୁ ଏହି ସମୟରେ ବାପାଙ୍କ ଉପସ୍ଥିତି ଶିଶୁର ଆବେଗିକ ଓ ମନସ୍ତାତ୍ତ୍ୱିକ ସୁସ୍ଥତା ପାଇଁ ଉଲ୍ଲେଖନୀୟ ଅବଦାନ ବୋଲି ଅଦାଲତ କହିଛନ୍ତି। ଶୈଶବାବସ୍ଥାରେ ଜଣେ ବାପା ପିଲାକୁ ଯେଉଁ ସ୍ନେହ, ସମୟ ଓ ନିରପତ୍ତା ପ୍ରଦାନ କରନ୍ତି, ତାହା ପରବର୍ତ୍ତୀ ସୁବିଧାଜନକ ସମୟରେ କିମ୍ବା ଅର୍ଥ ଦ୍ୱାରା ଭରଣା କରାଯାଇପାରିବ ନାହିଁ। ଉପରୋକ୍ତ ପ୍ରସଙ୍ଗରେ ବାପାଙ୍କ ଅନୁପସ୍ଥିତି ସପ୍ତାହାନ୍ତ ଛୁଟିଦିନ ସମୟକୁ ସଦୁପଯୋଗ କରିବା ଆଶାରେ ଯୁକ୍ତିଯୁକ୍ତ ବୋଲି ଧରାଯାଏ। କିନ୍ତୁ ଯେଉଁ ପିଲା ଶୈଶବାବସ୍ଥାରେ ବାପାଙ୍କ ସ୍ୱର ଶୁଣିବାକୁ ଓ ଉଷ୍ମତା ଅନୁଭବ କରିବାକୁ ଚହୁଁଥାଏ, ତାଙ୍କ ଅନୁପସ୍ଥିତି କେବଳ ଏକ ସ୍ମୃତିର ବିଷୟ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ପିଲା ଯେଉଁ ମୂଳଦୁଆ ଉପରେ ତା'ର ଆବେଗିକ ସୁରକ୍ଷା ଓ ଆସକ୍ତି ଗଠନ କରିବା ଆରମ୍ଭ କରେ, ତାହା ପ୍ରଭାବିତ ହୁଏ। ଶିଶୁ ଜୀବନର ବ୍ୟକ୍ତିତ୍ୱ ଗଢ଼ିବା ସମୟରେ ନିଯୁକ୍ତି ଉପରେ ଅଧିକ ସମୟ ଦେବା କାରଣରୁ ବାପାଙ୍କ ଅନୁପସ୍ଥିତି ଉଭୟ ଶିଶୁ ଓ ମା'ବାପାଙ୍କୁ ସେହି ପ୍ରାରମ୍ଭିକ ବନ୍ଧନ ନିର୍ମାଣର ସୁଯୋଗରୁ ବଞ୍ଚିତ କରେ ବୋଲି ଖଣ୍ଡପୀଠ କହିଛନ୍ତି।

# ଆଉ ୨ ମୃତ, ୨ ଗୁରୁତରଙ୍କ ଚିକିତ୍ସା ଜାରି

## ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା

**କଟକ,୧୭।୩(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ରବିବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ଆଉ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋରାପୁଟ ଅଞ୍ଚଳର ପବିତ୍ର ଡିସାରୀ(୨୦) ଓ ଅନୁଗୋଳ ଅଞ୍ଚଳର ସୁମନ କୁମାର ସାହୁ(୩୦)। ସେହିପରି ଆଉ ୨ଜଣ ଗୁରୁତରଙ୍କ ଏବେ ନ୍ୟୁରୋ ସର୍ଜରି ଆଇସିୟୁରେ ଚିକିତ୍ସା ଜାରି ରହିଛି। ତେବେ ପବିତ୍ରଙ୍କ ହାତ ଭାଙ୍ଗିବା ସହ ଗୋଡ଼ରେ ଅସ୍ତ୍ରୋପଚାର କରାଯାଇଥିଲା। ନିଆଁ ଲାଗିବା ପରେ ପ୍ରଥମେ ତାଙ୍କୁ ଅର୍ଥୋପେଡିକ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସୁମନଙ୍କ ମସ୍ତିଷ୍କରେ ଆଘାତ ☞ପୃଷ୍ଠା-୫

**୧୧ବର୍ଷୀୟା କଲ୍ୟାଣୀଙ୍କ ଅଗ୍ନିକାଣ୍ଡଜନିତ ମୃତ୍ୟୁକୁ ସ୍ୱୀକାର କରୁନାହାନ୍ତି କର୍ତ୍ତୃପକ୍ଷ**

No. 3001/12/2526

संस्कृति मंत्रालय MINISTRY OF CULTURE



ଜ୍ଞାନଭାରତମ୍
॥ न हि ज्ञानेन सदृशं पवित्रमिह विद्यते ॥

ବିଜ୍ଞାପନ

ଆପଣମାନଙ୍କ ଅବଗତି ନିମନ୍ତେ ଜଣାଉଅଛୁ ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଭାରତ ସରକାର ତାଳପତ୍ର ପୋଥି ତଥା ଅନ୍ୟାନ୍ୟ ପ୍ରାଚୀନ ଦସ୍ତାବିଜ ଗୁଡ଼ିକର ସଂଗ୍ରହ, ସଂରକ୍ଷଣ ଓ ଡିଜିଟାଇଜେସନ ନିମନ୍ତେ **"ଜ୍ଞାନ ଭାରତମ୍ ମିଶନ"** ଗଠନ କରିଛନ୍ତି। ଏହି ମିଶନ ଅଧୀନରେ ସାରା ଦେଶରେ ତା ୧୬.୦୩.୨୦୨୬ ରିଖ ଠାରୁ ତିନି ମାସ ପର୍ଯ୍ୟନ୍ତ ତାଳପତ୍ର ପୋଥି ତଥା ଅନ୍ୟାନ୍ୟ ପ୍ରାଚୀନ ଦସ୍ତାବିଜ ଗୁଡ଼ିକର ସର୍ଭେ କାର୍ଯ୍ୟକ୍ରମ ଚାଲୁ ରହିବ।

ଏତଦ୍ ଭିନ୍ନ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଓଡିଶା ସରକାର ମଧ ଏକ ସ୍ୱତନ୍ତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା କରିବା ନିମନ୍ତେ ଘୋଷଣା କରିଛନ୍ତି। ଏହାଦ୍ୱାରା ଓଡିଶାର ସାଂସ୍କୃତିକ ଜ୍ଞାନ ପରମ୍ପରାର ପରିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ। ଆଗ୍ରହୀ ବ୍ୟକ୍ତିବିଶେଷ ବା ସଂସ୍ଥାମାନେ ବିଶେଷକରି ମଠ, ମନ୍ଦିର ଓ ବିଭିନ୍ନ ବ୍ୟକ୍ତିବିଶେଷ, ସେମାନଙ୍କ ନିକଟରେ ଗଚ୍ଛିତ ଥିବା ତାଳପତ୍ର ପୋଥି ଗୁଡ଼ିକୁ ରାଜ୍ୟ ସଂଗ୍ରହାଳୟକୁ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରାଯାଉଛି। ଯଦି ସେମାନେ ସ୍ଥାୟୀ ଭାବରେ ସେଗୁଡିକୁ ହସ୍ତାନ୍ତରିତ କରିବାକୁ ଚାହୁଁନଥାନ୍ତି, ତେବେ ସାମୟିକ ଭାବରେ ସେ ସବୁକୁ ରାଜ୍ୟ ସଂଗ୍ରହାଳୟକୁ ଡିଜିଟାଇଜେସନ ନିମନ୍ତେ ପ୍ରଦାନ କରି ଫେରାଇ ନେଇପାରିବେ। ଆବଶ୍ୟକ ସ୍ଥଳେ ଗଚ୍ଛିତ ଥିବା ତାଳପତ୍ର ପୋଥି ଗୁଡ଼ିକ ସମ୍ବନ୍ଧରେ ମଧ ସୂଚନା ପ୍ରଦାନ କରିପାରିବେ ଓ ଡିଜିଟାଇଜେସନ ଦଳ ଆପଣଙ୍କ ସ୍ଥାନକୁ ଯାଇ ଏହାର ଡିଜିଟାଇଜେସନ କରି ଆପଣଙ୍କୁ ପୋଥି ଫେରାଇଦେବେ।

ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ଜାଣିବା ପାଇଁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଏଥିପାଇଁ ରାଜ୍ୟ ସଂଗ୍ରହାଳୟର E-mail - supdt.museum@hotmail.com, ୦୬୭୪ ୨୪୩ ୧୫୯୭ ଜରିଆରେ ଯୋଗାଯୋଗ କରିପାରିବେ। ଏହି ଅମୂଲ୍ୟ ସମ୍ପଦର ସୁରକ୍ଷା ନିମନ୍ତେ ପୋଥିଗୁଡିକୁ ସଂଗ୍ରହାଳୟକୁ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି।

ଅଧିକ ତଥ୍ୟ ପାଇଁ ରାଜ୍ୟ ସଂଗ୍ରହାଳୟ ସହିତ ଯୋଗାଯୋଗ କରନ୍ତୁ।
(Email: supdt.museum@hotmail.com), ୦୬୭୪ ୨୪୩ ୧୫୯୭

OIPR-3001/3029/2/25-26/0006

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର




ଅବିଶ୍ୱସନୀୟ ଅଫର୍?
ଟିକିଏ ସମ୍ଭାଳିକି !

ଯଦି କୌଣସି ଏକ ଅଫର୍ ଅବିଶ୍ୱସନୀୟ ଭାବରେ ଭଲ ଲାଗୁଛି, ଟିକେ ଅଟକି ଯାଆନ୍ତୁ ଆଉ ଚିନ୍ତା କରନ୍ତୁ। ଠକମାନେ ବହୁସମୟରେ ଲୋକମାନଙ୍କୁ "ଏତେ ଭଲ ଯେ ବିଶ୍ୱାସ ହେଉନି" ଡିଲ୍ ଦେଇ କୌଶଳରେ ତାଙ୍କୁ ଟଙ୍କା କିମ୍ବା ବ୍ୟକ୍ତିଗତ ବିବରଣୀ ଶେୟାର କରିବା ପାଇଁ ପ୍ରଲୋଭିତ କରିଥାଆନ୍ତି। ଏପରି ଅଫର୍ ପାଇଁ କେବେ ବି କାହାକୁ ଟଙ୍କା ଦିଅନ୍ତୁ ନାହିଁ। ନିଜର ଟଙ୍କାକୁ ସୁରକ୍ଷିତ ରଖିବା ପାଇଁ ସତର୍କ ରୁହନ୍ତୁ।

QR କୋଡ୍ ସ୍କାନ୍ କରନ୍ତୁ
ଅଧିକ ବିବରଣୀ ପାଇଁ
ଭିଜିଟ କରନ୍ତୁ https://rbikehtahai.rbi.org.in
ଫିଡ୍‌ବ୍ୟାକ୍ ପାଇଁ rbikehtahai@rbi.org.in କୁ ଲେଖନ୍ତୁ
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର: 99990 41935 / 99309 91935

भारतीय रिज़र्व बैंक
RESERVE BANK OF INDIA
ଦ୍ୱାରା ଜନହିତରେ ଜାରି
www.rbi.org.in

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସଚେତନତା ତଥା ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଆଇଇଡି ଓଡ଼ିଶା, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ସମୟ: ସକାଳ ୯ଟା ୩୦।
- ଇଣ୍ଟେନ୍‌ସିଭ କେୟାର ସର୍ଭିସ ସମ୍ପର୍କିତ ଡ୍ରାଫ୍ଟ ଆଲୋଚନାକୁ ନେଇ ସମ୍ମିଳନୀ, ସ୍ଥାନ: ଆଇଏମ୍‌ଏ ହାଉସ୍(କ୍ୟାପିଟାଲ ହସ୍ପିଟାଲ ପଛପାଖ), ୟୁନିଟ୍-୬, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ମହାସଂଘ ପକ୍ଷରୁ ୭ଦଫା ଦାବିରେ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବସନ୍ତ ଉତ୍ସବ: ବାସନ୍ତିକା, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଉଦ୍‌ଘାଟନ ସମାରୋହ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ୩୨ତମ ଗୁରୁ ପଙ୍କଜ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ବୁଣାକାରଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ନୂଆପାଟଣା ନଂ. ୧ ବୁଣାକାର ସମିତି ପରିସର, ଟିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।

**ପୁରୀ**
- ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକଉତ୍ସବ, ସ୍ଥାନ: ରବୀନ୍ଦ୍ର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ନିମାପଡ଼ା ଉଚ୍ଚ ବିଦ୍ୟାଳୟ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଉର୍ଜାବନ ପକ୍ଷରୁ ପଖାଳ ଉତ୍ସବ, ସ୍ଥାନ: ଉତ୍ସବ ଅଙ୍ଗନ ମଣ୍ଡପ, ସମୟ: ଅପରାହ୍ନ ୧ଟା।

**ଖୋର୍ଦ୍ଧା**
- ଶରଧାପୁର ମେଳଣ ମହୋତ୍ସବ, ସ୍ଥାନ: ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠ, ଶରଧାପୁର, ସମୟ: ସକାଳ ୭ଟା।
- ମା'ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବଘେଇଟାଙ୍ଗୀ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଶୋଭାଯାତ୍ରା ଓ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ବାଲେଶ୍ୱର**
- ଭାଗବତ ପାରାୟଣ, ସ୍ଥାନ: ଶ୍ରୀ ରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଦା, ବସ୍ତା, ସମୟ: ସକାଳ ୮ଟା।
- ଶିଳେଶ୍ୱର ମହାଦେବଙ୍କ ପୀଠରେ ବାର୍ଷିକ ଯଜ୍ଞ, ସ୍ଥାନ: ମଇତାପୁର, ସିମୁଳିଆ, ସମୟ: ସକାଳ ୯ଟା।
- ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ (ମହିଳା) ପ୍ରତିଯୋଗିତାର ତୃତୀୟ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରସାୟନ ବିଜ୍ଞାନ ବିଭାଗର ଆନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମୀଣ ଯୁବ ଏକତା ଶିବିର, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ ହଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହିନ୍ଦୁ ନବବର୍ଷ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଫକୀରମୋହନ ଗୋଲେଇ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୪୫।
- ଆଧ୍ୟାତ୍ମିକ ପ୍ରବଚନ ସଭା, ସ୍ଥାନ: ଫକୀରମୋହନ ଗୋଲେଇ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ଗୋଲେଇ, ବାଲେଶ୍ୱର, ସମୟ: ରାତି ୮ଟା ୩୦।

**ଭଦ୍ରକ**
- ବାରୁଣୀ ଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ମାଳିଅରୁଆସ୍ଥିତ କୁଣ୍ଡିକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବର୍ଣ୍ଣବୋଧ ଦିବସ ପାଳନ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ଜଗନ୍ନାଥ ମନ୍ଦିରର ଅଷ୍ଟବିଂଶତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ,ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ,ପୂର୍ବ ଯୋଡ଼ା, ସମୟ: ସକାଳ ୬ଟା।
- ହିନ୍ଦୁ ନବବର୍ଷ ସ୍ୱାଗତ ଉତ୍ସବ, ସ୍ଥାନ: କେନ୍ଦୁଝର କାଳୀପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ମୟୂରଭଞ୍ଜ**
- ୨୯ତମ ଚବିଶ ପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ଭୋଲଘାଟି, ପାତ୍ରସାହି ମୋରଡ଼ା, ସମୟ: ଅପରାହ୍ନ ୨ଟା।

**ବ୍ରହ୍ମପୁର**
- ବାଘ ଭାଇନାଙ୍କ ସ୍ୱଚ୍ଛତା ୱାକ, ସ୍ଥାନ: ବିଇଏମସି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

**ଗଞ୍ଜାମ**
- ପ୍ରାଣୀ ବିଜ୍ଞାନ ବିଭାଗ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଢେଙ୍କାନାଳ**
- ଟ୍ୟାଲେଣ୍ଟ ଆଇଡେଣ୍ଟିଫିକେଶନ ପ୍ରୋଗ୍ରାମ, ସ୍ଥାନ: ବିବି ହାଇସ୍କୁଲ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ୨୦୨୬ ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନପଞ୍ଚାୟତ ସମିତି ସଭାଗୃହ, କାମାକ୍ଷାନଗର, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ, ସ୍ଥାନ: କୁଞ୍ଜକାନ୍ତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ପ୍ରବୋଧନ, ସ୍ଥାନ : ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଆଠମଲ୍ଲିକ, ସମୟ : ସକାଳ ୯ଟା।

**କେନ୍ଦ୍ରାପଡ଼ା**
- ବାରୁଣୀ ମେଳା, ସ୍ଥାନ: ଉତେରରେଶ୍ୱର ମହାଦେବ ପୀଠ, ଚିତ୍ରୋତ୍ପଳା ନଦୀ ପଠା, ପାଟକୁରା, ଗରଦପୁର, ଇନ୍ଦୁପୁର, କେନ୍ଦ୍ରାପଡା, ପଞ୍ଚୁପାଣ୍ଡବ, ଡେରାବିଶ, ସମୟ: ସକାଳ ୬ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରଶାସନିକ ଜନଶୁଣାଣୀ ଶିବିର, ସ୍ଥାନ:ସଂସିଧା ପଞ୍ଚାୟତ କାର୍ଯ୍ୟାଳୟ, ଆଳି ବ୍ଲକ, ବାଘମାରି ପଞ୍ଚାୟତ କାର୍ଯ୍ୟାଳୟ, ରାଜନଗର ବ୍ଲକ, କଣ୍ଟାବଣିଆ ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା ବ୍ଲକ, ସଞ୍ଜରିଆ ପଞ୍ଚାୟତ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ ବ୍ଲକ, ଖରିନାସୀ ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡା ବ୍ଲକ, ଦୁମୁକା ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ ବ୍ଲକ, ବଙ୍ଗାଳପୁର ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର ବ୍ଲକ, ବସୁପୁର ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ ବ୍ଲକ, ଘାଘରା ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ଅମର ଉଦ୍ୟାନ କଲ୍ୟାଣ ମଣ୍ଡପ, ମାଧପୁର, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ବୈତରଣୀ ମହା ଆଳତୀ, ସ୍ଥାନ: ବୈତରଣୀ ଦଶାଶ୍ୱମେଧ ଘାଟ, ସମୟ: ପ୍ରାତଃ ୫ଟା।
- ଯଯାତି ମହୋତ୍ସବ ଅବସରରେ ପଥ ଉତ୍ସବ, ସ୍ଥାନ: ଯାଜପୁର କୁସୁମା ସମ୍ମୁଖ ରାସ୍ତା, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦଘାଟିତ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ବିଆଇ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଜିଲା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଅଲେଖ ବ୍ରହ୍ମଧ୍ୱନୀ ସ୍ଥାପନ, ଅଖଣ୍ଡ ଘୃତବତି ପ୍ରଜ୍ୱଳନ, ଆଧ୍ୟାତ୍ମିକ ପ୍ରବଚନ ସମବେତ ପ୍ରାର୍ଥନାର ଆରମ୍ଭ, ସ୍ଥାନ: ଓଡଗାଁ ବ୍ଲକ ଫାସିପଲ୍ଲୀ ମହିମା ଆଶ୍ରମ, ସମୟ: ପ୍ରାତଃ ୪ଟା ୩୦ରୁ ଅପରାହ୍ନ ୪ଟା ୩୦।
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୧୫ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଦଶଦୋଳ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ମେଡିକାଲ ପଡିଆ, ସମୟ:ସକାଳ ୮ଟା ୩୦।
- ନାଟ୍ୟଧାରା ପକ୍ଷରୁ ଷଷ୍ଠ ରାଜ୍ୟସ୍ତରୀୟ ନାଟ୍ୟମେଳାର ୪ର୍ଥ ଦିବସର ନାଟକ ବଧୂ ବିଦାୟ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡି ହାଇସ୍କୁଲ ପଡ଼ିଆ, ରାୟଗଡା, ସମୟ: ସକାଳ ୭ଟା ୩୦।
- ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ଗୁଣପୁର, ସମୟ: ସକାଳ ୮ଟା।

**ନବରଙ୍ଗପୁର**
- ପିଏମ୍‌ଶ୍ରୀ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବଡକୁମୁଳି ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ମଦମୁକ୍ତି ଓ ମହିଳା ନିର୍ଯ୍ୟାତନା ବିରୋଧରେ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ବାଲଡ଼ା ବନାଞ୍ଚଳ ପକ୍ଷରୁ ବନାଗ୍ନି ସଚେତନତା ଶିବିର, ସ୍ଥାନ: ରନ୍ତା ଗ୍ରାମ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୨ଟା।

**ସମ୍ବଲପୁର**
- ଜାତୀୟ ପରସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ତାଲିମ ଶିବିର, ସ୍ଥାନ: ଏନ୍‌ଏସଓ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦।
- ମା'ମଙ୍ଗଳାଙ୍କ ବାସନ୍ତିକ ନବଦିନାତ୍ମକ ପୂଜା ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଭୁତାପଡା, ସମୟ: ଅପରାହ୍ନ ୫ଟା।
- ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ-୨୦୨୬ର ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା ୩୦।

**ବଲାଙ୍ଗୀର**
- ବୁର୍ଡ଼ା ପ୍ରାଥମିକ କୃଷି ସମବାୟ ସମିତିର ବୋର୍ଡ ବୈଠକ, ସ୍ଥାନ: ବୁର୍ଡା ସମିତି କାର୍ଯ୍ୟାଳୟ,ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ୯ କୁଣ୍ଡୀୟ ଜନ ଜାଗରଣ ମହାଯଜ୍ଞ, ସ୍ଥାନ: ବାବାଜୀ କୁଟିଆ, ଶ୍ରୀରାମ ମନ୍ଦିର, କଣ୍ଟାବାଞ୍ଜି, ସମୟ : ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ମହାକୋଶଲ କୋଶଲି ନାଚବାଦୀ-ନାଚଯାତରା ଉଦ୍‌ଘାଟନୀ, ସ୍ଥାନ: ରାଧାକୃଷ୍ଣ ମଣ୍ଡପ, ପଲ୍ଲୀଶ୍ରୀ ବିହାର, ସଦାଇପାଲି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**
- ଗ୍ରୀଷ୍ମକାଳୀନ ଶିବିରର ୪ର୍ଥ ଦିବସ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ସମାପନ, ସ୍ଥାନ: ଛେଣ୍ଡ ହୃଷୀକେଶ ରାୟ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ, ସ୍ଥାନ: ଛେଣ୍ଡ ହୃଷୀକେଶ ରାୟ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ୟାମ ଆଖଡ଼ା ପକ୍ଷରୁ ଶ୍ୟାମ ପ୍ରଭୁଙ୍କ କୀର୍ତ୍ତନ, ସ୍ଥାନ: ଜେଲ୍ ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ଆରାଧ୍ୟା ମହିଳା ସମିତି ପକ୍ଷରୁ ମହିଳା ଦିବସ, ସ୍ଥାନ: ଜଗଦା ଲୋକନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ସ୍କୁଲ ସ୍ତରୀୟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଜର୍ଜ ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୬ଟା ୩୦।
- ମନରେଗା ଜନ ଶୁଣାଣୀ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପାଇକମାଲ, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ୨୦୨୭ ଜନଗଣନା ପାଇଁ ଜିଲାସ୍ତରୀୟ ତାଲିମ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ମ୍ୟୁନିସିପାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ମହିଳା କମିଶନରଙ୍କ ଜନଶୁଣାଣି, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଏସ୍‌ଏସ୍‌ଡି ଆଶ୍ରମ ସ୍କୁଲ କାଠକୁରା ବାର୍ଷିକ ଉତ୍ସବ, ସ୍ଥାନ: କାଠକୁରା ଆଶ୍ରମ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।୩୦।

**ବୌଦ୍ଧ**
- ମାଣିକପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ମାଣିକପୁର ଖେଳ ପଡିଆ, ହରଭଙ୍ଗା, ସମୟ: ସକାଳ ୮ଟା।
- ଦଶମ ରାଜ୍ୟସ୍ତରୀୟ କନ୍ଧମାଳ ଲୋକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଲୋକକଳା ମଣ୍ଡପ ପଡିଆ, କନ୍ଧମାଳ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ବ୍ଲକ୍-କ୍ଲଷ୍ଟରସ୍ତରୀୟ ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ର ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମାତାପିତା, ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: ଡୋଲପଡ଼ା ପଞ୍ଚାୟତ ମେଞ୍ଜାରିବାହାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା ଅବସରରେ କଳସ ଯାତ୍ରା, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଆଶା ଓ ଗ୍ରାମ କଲ୍ୟାଣ ସମିତି ସମ୍ମିଳନୀ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ପୁସ୍ତକ ଲୋକାର୍ପଣ ସମାରୋହ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଲୋକଦୃଷ୍ଟି କଲେଜ ଅଫ ଆଡ୍‌ଭାନ୍ସ ଟେକ୍ନୋଲୋଜି, ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନି ବଙ୍ଗଳାପଡ଼ା, ସମୟ: ଅପରାହ୍ନ ୫ଟା ୨୯।

**ଝାରସୁଗୁଡ଼ା**
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଲୁହାବଗା ନାମମଣ୍ଡପ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଗୁଡମ ନାମମଣ୍ଡପ, ସମୟ: ସକାଳ ୮ଟା।

# ନାତୁଣୀ ବାହାଘର ପାଇଁ ବନ୍ଧା ପକାଇଲେ ଧାନ

**ବରଗଡ଼/ଗାଇସିଲେଟ୍,୧୭।୩**
**(ପ୍ରେମାନନ୍ଦ ଖମାରୀ/ଦୁର୍ଗାପ୍ରସାଦ ତ୍ରିବେଦୀ)**

ରବିଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ବର୍ତ୍ତମାନ ଚାଷୀ ପଞ୍ଜୀକରଣ ଚାଲିଛି। କିନ୍ତୁ ଏପର୍ଯ୍ୟନ୍ତ ବରଗଡ଼ ଜିଲାର ଅନେକ ଚାଷୀ ଖରିଫ ଧାନବିକ୍ରି ପାଇଁ ପଞ୍ଜୀକୃତ ହୋଇ ପାରି ନାହାନ୍ତି। ଆବଶ୍ୟକ କାଗଜାତ ସହିତ ଆବେଦନ ସତ୍ତ୍ୱେ ପଞ୍ଜୀକରଣରୁ ବାଦ୍ ପଡ଼ିଥିବାରୁ ସମ୍ପୃକ୍ତ ଚାଷୀମାନଙ୍କୁ ଧାନବିକ୍ରି ଟୋକନ ମିଳିପାରି ନାହିଁ। ଫଳରେ ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଖରିଫ ଧାନ ବିକ୍ରି କରି ପାରିନାହାନ୍ତି ଏବଂ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲାର ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ନାଥପାଲି ଗ୍ରାମର ଜଣେ କ୍ଷୁଦ୍ରଚାଷୀ ପ୍ରସନ୍ନ କୁମ୍ଭାର ଏଭଳି ପରିସ୍ଥିତିରେ ପଡ଼ି ସରକାରୀ ସହାୟକ ମୂଲ୍ୟରେ ଧାନବିକ୍ରି କରି ନ ପାରିବା ଏବଂ ଅମଳ ୧୫ବସ୍ତା ଧାନକୁ ଅନ୍ୟପାଖରେ ବନ୍ଧା ପକାଇବା ଭଳି ଘଟଣା ସାମ୍ନାକୁ ଆସିଛି।

ସମ୍ପୃକ୍ତ ଚାଷୀ ପ୍ରସନ୍ନ କହିଛନ୍ତି, ଖରିଫରେ ସେ ପ୍ରାୟ ସାଢ଼େ ୩ଏକର ଜମିରେ ଧାନଚାଷ କରିଥିଲେ। ଅଣଜଳସେଚିତ ଜମି ହୋଇଥିବା ଯୋଗୁ ଗଭୀର ନଳକୂପ ପାଣି ମାଧ୍ୟମରେ ସେହି ଚାଷ ହୋଇଥିଲା। ଚାଷ ସମୟରେ ବାରମ୍ବାର ବିଦ୍ୟୁତ୍ କାଟ୍ କରାଯିବାରୁ ଫସଲ ସେତେ ଭଲ ହୋଇ ନ ଥିଲା। ତଥାପି କମ୍ ଧାନ ଅମଳ ହୋଇଥିଲା। ଫଳରେ ସେହି ଧାନ ବିକ୍ରି ପାଇଁ ନିର୍ଦ୍ଧାରିତ ସମୟରେ ସେ ସ୍ଥାନୀୟ ଡାଙ୍ଗବାହାଲ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଧାନବିକ୍ରି ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ଧାନବିକ୍ରି ଟୋକନ ମିଳିପାରି ନାହିଁ। ଏ ନେଇ ସେ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଉପଜିଲାପାଳ, ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଅଭିଯୋଗ କରିଥିଲେ, କିନ୍ତୁ କୌଣସି ସୁଫଳ ମିଳି ନଥିବା ପ୍ରସନ୍ନ କହିଛନ୍ତି।

ଅନ୍ୟପକ୍ଷେ ଆସନ୍ତା ୨୬ ତାରିଖରେ ପ୍ରସନ୍ନଙ୍କ ନାତୁଣୀଙ୍କ ବାହାଘର ହେବାର ଅଛି। ବାହାଘର ସମୟରେ ନାତୁଣୀଙ୍କୁ ଉପହାର ଦେବା ପାଇଁ ହାତରେ ଅର୍ଥାଭାବ ରହିଛି। ଫଳରେ ସେ ଅନନ୍ୟୋପାୟ ହୋଇ ଶେଷରେ ଅନ୍ୟଜଣଙ୍କ ପାଖରେ ଅମଳ ହୋଇଥିବା ୧୫ ପ୍ୟାକେଟ ଧାନକୁ ୧୫ହଜାର ଟଙ୍କାରେ ବନ୍ଧା ପକାଇ ଦେଇଥିବା ପ୍ରସନ୍ନ କହିଛନ୍ତି। ଧାନବିକ୍ରି ଟୋକନ ଆସିଲେ ସେହିଧାନକୁ ଆଣି ଧାନକ୍ରୟ କେନ୍ଦ୍ରରେ ବିକିବେ ଏବଂ ୧୫ହଜାର ଟଙ୍କା ପରିଶୋଧ କରିବେ ବୋଲି ପ୍ରସନ୍ନ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଡାଙ୍ଗବାହାଲ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ସୁଶିଲ ସାହୁଙ୍କୁ ପଚାରିବାରୁ ପ୍ରସନ୍ନ ଧାନବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ତାଙ୍କ ଭଳି ଆହୁରି ଚାଷୀଙ୍କ ମଧ୍ୟ ସେଭଳି ଟୋକନ ଆସି ନଥିବା ସାହୁ କହିଥିଲେ।

**ମିଳିଲାନି ଧାନବିକ୍ରି ଟୋକନ**



ପ୍ରସନ୍ନ କୁମ୍ଭାର, ଚାଷୀ

**ପ୍ରଥମ ପୃଷ୍ଠାରୁ...**

## କ୍ରସ୍ ଭୋଟିଂ...

ଗ୍ରହଣ କରିବାକୁ ସେ ପତ୍ରରେ ଦର୍ଶାଇଛନ୍ତି। ଏହି ଅବସରରେ ପ୍ରଦେଶ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ସୁଜିତ କୁମାର ପାଢ଼ୀ କହିଛନ୍ତି, ସମସ୍ତ ବିଧାୟକଙ୍କୁ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅବସ୍ଥାନ କରି ଯୋଗାଯୋଗରେ ରହିବାକୁ ହୁଇପ୍ ଜାରି କରାଯାଇଥିଲା। ଏହାସହିତ ଦଳର ନିର୍ଦ୍ଦେଶକ୍ରମେ ବିଜେଡି ଓ କଂଗ୍ରେସର କମନ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବା ପାଇଁ କୁହାଯାଇଥିଲା। କିନ୍ତୁ ତାହାକୁ ଅବମାନନା କରି ଉପରୋକ୍ତ ୩ ବିଧାୟକ ଦଳ ବିରୋଧରେ ଯାଇ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦାନ କରିଥିଲେ, ଯାହାକି ବିଶୃଙ୍ଖଳିତ ଆଚରଣର ପରିଚାୟକ। ତେଣୁ ଏଆଇସିସିଙ୍କ ନିର୍ଦ୍ଦେଶକ୍ରମେ ଏହି ୩ ବିଧାୟକଙ୍କୁ କଂଗ୍ରେସରୁ ନିଲମ୍ବନ କରାଗଲା। ଏହାଛଡ଼ା କଟକ ଜିଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ଦଳବିରୋଧୀ ଆଚରଣ ପାଇଁ ଦଳର ପ୍ରାଥମିକ ସଦସ୍ୟତା ପଦରୁ ବହିଷ୍କାର କରାଯାଇଛି।

ରାଜ୍ୟ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, କଂଗ୍ରେସ ବର୍ତ୍ତମାନ ଗ୍ରାମାଞ୍ଚଳଠୁ ଆରମ୍ଭକରି ସହର ପର୍ଯ୍ୟନ୍ତ ଜନମାନସରେ ଏକ ବିଶ୍ୱାସ ଏବଂ ଆସ୍ଥା ସୃଷ୍ଟିକରି ଆସୁଥିବା ବେଳେ କ୍ରସ୍ ଭୋଟିଂ କରିଥିବା ୩ ବିଧାୟକଙ୍କ ଏଭଳି ଆଚରଣ ଅକ୍ଷମଣୀୟ। ନିଜକୁ କଂଗ୍ରେସର ସଚ୍ଚା ରକ୍ଷକ ବୋଲି ବାହାସ୍ଫୋଟ ମାରୁଥିବା ନେତା କିଭଳି ଛେଳି-ମେଣ୍ଢାଙ୍କ ଭଳି ଭାଜପା ହାତରେ ବିକ୍ରି ହୋଇଗଲେ ତାହା ଚକିତ କରିଛି। ଦଳ ସହ ସେମାନେ କେବଳ ବିଶ୍ୱାସଘାତକତା କରିନାହାନ୍ତି ବରଂ ନିଜ ରାଜନୈତିକ ଭବିଷ୍ୟତ ଉପରେ ମଧ୍ୟ କୁଠାରାଘାତ କରିଛନ୍ତି। ଏହି ୩ ବିଧାୟକଙ୍କ ବିରୋଧରେ ଯେତେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ତାହା ଆଗକୁ ନିଆଯିବ ବୋଲି ଅରବିନ୍ଦ କହିଛନ୍ତି।

## କାବୁଲ ହସ୍ପିଟାଲରେ...

ସେଠାରେ ଅସ୍ତ୍ରଶସ୍ତ୍ର ଓ ସେଗୁଡ଼ିକୁ ପରିବହନ ପାଇଁ ଉଦ୍ଦିଷ୍ଟ ଯାନବାହନ ହିଁ ମହଜୁଦ ଥିବା ବିଷୟ ଭଗ୍ନାବଶେଷକୁ ଦେଖିଲେ ଜଣାପଡୁଛି। ତରାରଙ୍କ ମତରେ ଉକ୍ତ ଅପରେଶନ୍‌ରେ ଅଦ୍ୟାବଧି ୬୮୪ ଆତଙ୍କବାଦୀ ନିହତ ଓ ୯୧୨ ଆହତ ହେଲେଣି। ଅନ୍ୟପକ୍ଷେ ତାଲିବାନ୍ ନେତୃତ୍ୱାଧୀନ ସରକାରଙ୍କ ଜଣେ ମୁଖପାତ୍ର ହମ୍‌ଦୁଲ୍ଲା ଫିତ୍‌ରତ କହିଛନ୍ତି, ସୋମବାର ରାତିରେ ପାକିସ୍ତାନ କାବୁଲର ଓମିଦ୍ ଆଡିକ୍ସନ ଟ୍ରିଟ୍‌ମେଣ୍ଟ ହସ୍ପିଟାଲକୁ ଟାର୍ଗେଟ କରିଥିଲା। ଏହି ଆକ୍ରମଣରେ ୪୦୦ରୁ ଅଧିକ ରୋଗୀଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୨୫୦ ଆହତ ହୋଇଛନ୍ତି। ରେସ୍କ୍ୟୁ ଟିମ୍ ଭଗ୍ନାବଶେଷ ତଳୁ ନିହତଙ୍କ ମୃତଦେହ ଠାବ ସହ ଆହତଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଛନ୍ତି। ଆହୁରି ୫୦ ମୃତଦେହ ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା ଆଶଙ୍କା କରାଯାଉଛି। ଏୟାର ଷ୍ଟ୍ରାଇକ୍‌ରେ ହସ୍ପିଟାଲର ୫ଟି କମ୍ପାଉଣ୍ଡ ମାଟିରେ ମିଶିଯାଇଛି, ଯେଉଁଠି ୩,୦୦୦ ରୋଗୀ ଚିକିତ୍ସିତ ହେଉଥିଲେ। ଗୃହ ଉପମନ୍ତ୍ରୀ ମହମ୍ମଦ ନବୀ ଓମାରି ହସ୍ପିଟାଲ ପରିଦର୍ଶନ ପରେ କହିଛନ୍ତି, ପାକିସ୍ତାନ ଆଫଗାନ୍‌ମାନଙ୍କୁ ହତ୍ୟା କରିବା ପାଇଁ ଏଭଳି ଅପରେଶନ୍ ଚଳାଇଛି। ଆଫଗାନ୍ ସରକାରଙ୍କ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ ପାକିସ୍ତାନକୁ ଏହାର କଡ଼ା ଜବାବ ଦିଆଯିବ ବୋଲି ଖୋଲା ଚେତାବନୀ ଦେଇଛନ୍ତି। ଜାତିସଂଘ ସାଧାରଣ ସଭାରେ ଭାରତ ପକ୍ଷରୁ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ବଥାନେନି ହରିଶ କହିଛନ୍ତି, ଆମ ପଶ୍ଚିମରେ ଥିବା ପଡ଼ୋଶୀ ଇସ୍‌ଲାମୋଫୋବିଆର କାଳ୍ପନିକ କାହାଣୀ ଶୁଣାଉଛି। ଅହମଦିଆଙ୍କ ଉପରେ ବର୍ବର ଦମନଲୀଳା ପରେ ପବିତ୍ର ରମଜାନ୍ ମାସରେ ଅସହାୟ ଆଫଗାନ୍‌ଙ୍କୁ ଆକ୍ରମଣ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

## ୪ ବର୍ଷରେ ମରିଛନ୍ତି...

୨୦୨୪-୨୫ରେ ୧୩ ଏବଂ ଚଳିତବର୍ଷ ମାର୍ଚ୍ଚ ୧୦ ସୁଦ୍ଧା ୧୧ଟି ହାତୀ ମରିଛନ୍ତି। ଏହାପଛକୁ ରହିଛି କେନ୍ଦୁଝର ଜିଲା। ଏହି ଜିଲାରେ ଗତ ୪ ବର୍ଷ ମଧ୍ୟରେ ୪୨ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୨୨-୨୩, ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷରେ ୧୧ଟି ଲେଖାଏ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଚଳିତବର୍ଷ ଏବେ ସୁଦ୍ଧା ୯ ହାତୀ ମରିଛନ୍ତି। ସେହିପରି ଅନୁଗୋଳ ଏବଂ ମୟୂରଭଞ୍ଜ ଜିଲାରେ ମଧ୍ୟ ୩୯ଟି ଲେଖାଏ ହାତୀଙ୍କ ମୃତ୍ୟୁ ହୋଇଛି।

୨୦୨୨-୨୩ରେ ଅନୁଗୋଳରେ ୧୧, ୨୦୨୩-୨୪ରେ ୭, ୨୦୨୪-୨୫ରେ ୧୧ ଏବଂ ୨୦୨୫-୨୬ରେ ୧୦ଟି ହାତୀ ମୃତ ହୋଇଥିବାବେଳେ ମୟୂରଭଞ୍ଜରେ ଏହି ସମୟ ମଧ୍ୟରେ ଯଥାକ୍ରମେ ୧୦, ୬, ୧୨ ଏବଂ ୧୧ ହାତୀ ମୃତ୍ୟୁବରଣ କରିଛନ୍ତି। ସେହିପରି କଟକରେ ୨୦୨୨-୨୩ରେ ୮, ୨୦୨୩-୨୪ରେ ୫, ୨୦୨୪-୨୫ରେ ୧୫ ଏବଂ ୨୦୨୫-୨୬ରେ ୯ଟି ହାତୀଙ୍କ ମୃତ୍ୟୁ ହୋଇଛି। ଏହାବାଦ୍ ସମ୍ବଲପୁରରେ ୨୫, ସୁନ୍ଦରଗଡ଼ରେ ୨୧, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲାରେ ୧୭ ଲେଖାଏ, ଦେବଗଡ଼ ଓ ଗଞ୍ଜାମରେ ୧୩ ଲେଖାଏ, ଯାଜପୁରରେ ୨, କଳାହାଣ୍ଡିରେ ୬, କନ୍ଧମାଳରେ ୪, ନୟାଗଡ଼ରେ ୪, ରାୟଗଡ଼ାରେ ୨ ଏବଂ ସୁବର୍ଣ୍ଣପୁରରେ ୨ଟି ହାତୀଙ୍କ ମୃତ୍ୟୁ ହୋଇଛି।

ମନ୍ତ୍ରୀ ଆହୁରି କହିଛନ୍ତି, ହାତୀମୃତ୍ୟୁ ରୋକିବା ପାଇଁ ବିଭିନ୍ନ ବନଖଣ୍ଡରେ ସରକାରଙ୍କ ପକ୍ଷରୁ ଶିକାର ନିରୋଧକ ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଉଛି। ଏହାସହିତ ବିଦ୍ୟୁତ୍, ରେଳ ଓ ଜଙ୍ଗଲ ବିଭାଗକୁ ନେଇ ଜଏଣ୍ଟ ଟାସ୍କଫୋର୍ସ ଗଠନ କରାଯାଇଛି। ଆଗାମୀ ଦିନରେ ହାତୀମୃତ୍ୟୁକୁ ରୋକିବା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଞ୍ଚ କପାଳୀ ଅସୁରୀ**
**ଧାଇଁ ଧାଇଁ ଖାଏ ଶଶୁରୀ।**

ଉଚ୍ଚ କପାଳୀ ବୋହୂ ଅଲକ୍ଷଣି ବୋଲି ଲୋକବିଶ୍ୱାସ ରହିଛି। ଏପରି ବୋହୂ ଶଶୁର ପକ୍ଷ ଲୋକଙ୍କର ଅହେତୁକ କ୍ଷତି ବା ହାନି ପହଞ୍ଚାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଠା ଚୁଲି ଫଟା**
**ଅଠା ଫଳ ଲଟା**
**ଧନଙ୍କ ପାଖରେ ରହିଚି ମନ**
**ପାଟ ସଙ୍ଗେ ଦେବ ମଠା।**

ଏକାନ୍ତ ଆପଣାର ବ୍ୟକ୍ତିହିଁ ମନର କଥା ବେଶ ଭଲ ଭାବେ ଜାଣି ବା ବୁଝିପାରେ। ମନରେ ଥିବା ସକଳ ଇଚ୍ଛା ଓ ଅଭିଳାଷ ପୂରଣ କରିଥାଏ। ମନ ଜାଣି ସବୁ ଜିନିଷ ଅଜାଡି ଦେଉଥିବା ବେଳେ ତାପ୍ରତି ମନର କୋଣ ଅନୁକୋଣରେ ସ୍ନେହ ଆଦର ଭାବ ଭରିଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣଙ୍କ ଚିନ୍ତାନୁଯାୟୀ ଆଜିର କାମ ବନ୍ଧୁଙ୍କ ସହାୟତାରେ ସହଜରେ ସମ୍ପନ୍ନ ହେବ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ଅଭିଯୋଗ ଯୋଗୁ ମାନସିକ ଅସୁସ୍ଥତା ସୃଷ୍ଟି ହେବ। ଅଟକିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ସହଯୋଗରେ କାମ ହାସଲ କରି ଖୁସି ମନାଇପାରନ୍ତି।

**ବୃଷ**
ରୋହିଣୀ ନକ୍ଷତ୍ରର ଦୈହିକ ସୁସ୍ଥତା ସଙ୍ଗକୁ ମାନସିକ ଶାନ୍ତି ଜୀବନଯାତ୍ରାକୁ ସରଳୀକୃତ କରିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଯାନ ବାହନ, ଦୋକାନ ବାଡି, ସଭା ସମିତିରୁ ଉପକୃତ ହେବେ। ପରିବାରରେ ଏମିତି କେତେକ କଥା ଘଟିପାରେ ଯାହାକି ଅନ୍ତର୍ଦାହ ସୃଷ୍ଟି କରିବ। ଆଜି ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାର ରହିବ।

**ମିଥୁନ**
ଅର୍ଥସଂକଟ ମଧ୍ୟରେ ଗତି କଲେ ମଧ୍ୟ କର୍ମକ୍ଷେତ୍ରରେ ଉନ୍ନତି କାରଣରୁ ଖୁସି ରହିବେ। ଭଲ ସମ୍ପର୍କ ଥିବା ନିଜ ଲୋକ ଶତ୍ରୁତା କରି ପ୍ରତିବନ୍ଧକ ସାଜିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି, ସଂଗଠନ, ରାଜନୀତିରେ ଆଲୋଚନା ଅସମାପ୍ତ ରହିପାରେ। ଆର୍ଦ୍ରା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ପରିବହନ,ଏଜେନ୍ସିପ୍ରେ ପ୍ରଶଂସିତ ହେବେ।

**କର୍କଟ**
ପୁନର୍ବସୁ ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଅସୁବିଧା ଅନୁଭବରୁ ଟେନ୍ସନ ମଧ୍ୟରେ ରହିପାରନ୍ତି। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ବ୍ୟସ୍ତତା ବଢ଼ିଯିବ। ଟଙ୍କା ପଇସା ନେବା ଆଣିବା କ୍ଷେତ୍ରରେ ସତର୍କ ନ ରହିଲେ ଅସୁବିଧାରେ ପଡ଼ିବେ। ଆତ୍ମୀୟଙ୍କ ପୁରାତନ ରୋଗର ପୀଡ଼ା ବୃଦ୍ଧି ଆପଣଙ୍କ ପାଇଁ ବ୍ୟସ୍ତତାର କାରଣ ହୋଇଯିବ।

**ସିଂହ**
ଇଚ୍ଛା ନ ଥିଲେ ମଧ୍ୟ ଅନାବଶ୍ୟକ ଖର୍ଚ୍ଚ ଓ ଭ୍ରମଣଜନିତ ମନସ୍ତାପରୁ ଅଶାନ୍ତ ରହିପାରନ୍ତି। ନିଜ ଲୋକଙ୍କ ପରୋକ୍ଷ ବିରୁଦ୍ଧାଚରଣ ହେତୁ ଚିନ୍ତିତ ରହିବେ। ଆନୁଷ୍ଠାନିକ କାର୍ଯ୍ୟକ୍ରମ ସଙ୍ଗକୁ ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ମଘା ନକ୍ଷତ୍ରର ଜମିଜମା ସମ୍ପର୍କିତ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ।

**କନ୍ୟା**
ରାଶି ପ୍ରତି ତିନୋଟିଗ୍ରହଙ୍କ ଦୃଷ୍ଟି ଆପଣଙ୍କୁ ଏକାଧିକ କାମରେ ଅନୁପ୍ରବେଶ କରାଇପାରେ। କର୍ମକ୍ଷେତ୍ରରେ ବହୁତ ଦିନରୁ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ହସ୍ତା ନକ୍ଷତ୍ରର ସାହିତ୍ୟ, କ୍ରୀଡ଼ା, ପ୍ରଶାସନ, ପରିବହନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସ୍ଥଗିତ କାମ, ବାଣିଜ୍ୟ ଓ ରାଜନୀତି ପାଇଁ ଦିନଟ ବହୁତ ଭଲ।

**ତୁଳା**
ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଗୁରୁତ୍ୱପୂର୍ଣ୍ଣ ଥିବା କୌଣସି କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହେବାର ସୂଚନା ରହିଛି। କାରିଗରି, ଆଇନ, ସଭାସମିତି ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ବିଶାଖା ନକ୍ଷତ୍ର ଆବଶ୍ୟକତା ପୂରଣ ସକାଶେ ଧାର କରିପାରନ୍ତି।

**ବିଛା**
ଅନୁରାଧା ନକ୍ଷତ୍ରର ଆକସ୍ମିକ ଯୋଜନା ବଦଳିଯିବା ସଙ୍ଗକୁ ଗସ୍ତ ମଧ୍ୟ ସ୍ଥଗିତ ରହିଯାଇପାରେ। ଯାନବାହନ କ୍ରୟ, ଗୃହସୀମାବିବାଦ, ଦୂର ବନ୍ଧୁଙ୍କ ସହ ସମ୍ପର୍କ,ସଭାସମିତି କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ରାଦି ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେବାର ସମ୍ଭାବନା ରହିଛି।

**ଧନୁ**
ଗତକାଲିର ଆଲୋଚନା ଅନୁଯାୟୀ ଆଜି ଯାହା କରିବାକୁ ଚାହୁଁଛନ୍ତି ତାହାକୁ ସମ୍ପନ୍ନ କରିବା ସହଜସାଧ୍ୟ ହେବନାହିଁ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖାଦେବା କାରଣରୁ ସକାଳର ଖୁସି ଅପରାହ୍ନକୁ ରହି ନ ପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୂଳାନକ୍ଷତ୍ର ସମ୍ମାନନୀୟ ବ୍ୟକ୍ତିବିଶେଷଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇପାରିବେ।

**ମକର**
ବିଭିନ୍ନ ଦୁଶ୍ଚିନ୍ତା ମଧ୍ୟରେ ମାନସିକ ସନ୍ତୁଳନ ରକ୍ଷାରେ ଅସମର୍ଥ ହେବେ। ଅଭାବ ଅସୁବିଧା ନ ଥିଲେ ମଧ୍ୟ ପରିଜନଙ୍କ ସକାଶେ ବ୍ୟସ୍ତତା ବଢ଼ିବ। ସାଙ୍ଗଠନିକ କାର୍ଯ୍ୟ, ଆଇନ ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। ଧନିଷ୍ଠା ନକ୍ଷତ୍ର ବ୍ୟବସାୟରେ ଝଗଡା ଓ ଯାତ୍ରାରେ ସଂକଟର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ଆକସ୍ମିକ କେତେକ ସମସ୍ୟା କାରଣରୁ ପୂର୍ବ ସ୍ଥିରୀକୃତ କାର୍ଯ୍ୟ ସ୍ଥଗିତ ରହିପାରେ। ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗର ଅଭବ ନ ଥିଲେ ମଧ୍ୟ ପାରିବାରିକ ମନାନ୍ତର କାମକୁ ବିଗାଡି ଦେବ। ଶତଭିଷା ନକ୍ଷତ୍ର ରାଜନୀତିରେ ନୈତିକ ସମର୍ଥନ ସଙ୍ଗକୁ ଦୃଢ ସାଂଗଠନିକ ସ୍ଥିତି ହାସଲ କରିପାରିବେ।

**ମୀନ**
ଆଜି କର୍ମକ୍ଷେତ୍ରରେ ସମ୍ପର୍କୀୟଙ୍କ ସହଯୋଗର ଅଭାବ ରହିବ ନାହିଁ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ରର ଗତି ମନ୍ଥର ରହିପାରେ। ସଭାସମିତି, ଲେଖାପଢା, ଗବେଷଣା କ୍ଷେତ୍ର, ପ୍ରଶାସନ ତଥା ଆଇନ କ୍ଷେତ୍ରରୁ ଉପକୃତ ହେବେ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପଡ଼ୋଶୀଙ୍କ ସହ ସମ୍ପର୍କହାନି କାରଣରୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ମାର୍ଚ୍ଚ ୧୮ ତାରିଖ। ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ବୁଧବାର। ଅମାବାସ୍ୟାର ନିଶାପାଳନ, ଶରଣ, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୫୬ମି. ଗତେ ଘ.୦୭।୩୧ମି. ମଧ୍ୟେ, ଘ.୧୦।୨୫ମି. ଗତେ ଘ.୧୧।୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୪ମି. ଗତେ ଘ.୦୧।୨୪ମି. ମଧ୍ୟେ ରାହୁ କାଳ।




# ବିପୁଳ ଟଙ୍କା ନେଇ ଦାଗୀ ନେତାଙ୍କୁ ଜିତାଇଲେ: ପ୍ରମିଳା

**ଭୁବନେଶ୍ୱର, ୧୭।୩(ସୁନିତ୍ ମିଶ୍ର)**

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ବିଧାୟକଙ୍କ ଉପରେ ବିଜେଡି ପ୍ରବଳ ବର୍ଷିଛି। ଦଳର ନୀତି, ଆଦର୍ଶ ବିରୋଧରେ ଯାଇ କେତେଜଣ ବିଧାୟକ ଘୋଡ଼ାବେପାରରେ ସାମିଲ ହେଲେ। ସେମାନେ ବିପୁଳ ଟଙ୍କା ନେଇ କ୍ରସ୍ ଭୋଟିଂ ଜରିଆରେ ଜଣେ ଦାଗୀ ନେତାଙ୍କୁ ବିଜୟୀ କରିଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରମିଳା କହିଛନ୍ତି, ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ବିଧାୟକମାନେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ବିଜୁ ଲିଗାସିର କଥା କହୁଛନ୍ତି। ଦିନେ ନବୀନବାବୁଙ୍କ ଗାଡ଼ିକୁ ଟେକାମାଡ଼ କରିଥିବା ଲୋକଙ୍କ କାର୍ଯ୍ୟକୁ ବିଜେଡି ସଭାପତ ନବୀନ ନବୀନ ପଟ୍ଟନାୟକ ଭୁଲିଯାଇ ତାଙ୍କ ସ୍ତ୍ରୀଙ୍କୁ କଟକ ଜିଲା ପରିଷଦ ସଭାପତି କରିଥିଲେ। ତାଙ୍କୁ ଓ ତାଙ୍କ ପୁଅଙ୍କୁ ମଧ୍ୟ ବିଧାୟକ କରି ବିଧାୟକ କରି ପରିଚୟ ଦେଇଛନ୍ତି। ଏବେ ସେମାନେ ନବୀନବାବୁଙ୍କ ସହ ବିଶ୍ୱାସଘାତକତାକରି ମାତ୍ର କିଛି ଟଙ୍କାରେ ନିଜକୁ ବିକ୍ରି କରିଦେଲେ ବୋଲି ପ୍ରମିଳା କହିଛନ୍ତି। ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି,


ପ୍ରମିଳା ମଲ୍ଲିକ

ଭାଜପା ଟଙ୍କା ଦେଇ ଏହି ଘୋଡ଼ାବେପାରକୁ ପ୍ରୋତ୍ସାହିତ କରିଛି। ନିର୍ବାଚନମଣ୍ଡଳୀରେ ଲୋକଲଜ୍ଜାରୁ ବଞ୍ଚିବା ଲାଗି ଭିନ୍ନ କଥା କହୁଛନ୍ତି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ତାଙ୍କ ବାପା ଅଣକଂଗ୍ରେସ ରାଜନୀତିରୁ ଆସିଥିବାରୁ ସେ ବିଜେଡି ଏବଂ କଂଗ୍ରେସ ମେଣ୍ଟ ବିରୋଧରେ ଯାଇ ବିବେକ ଅନୁମୋଦିତ ଭୋଟ ଦେଇଛନ୍ତି। ୧୯୯୬ରେ ତତ୍କାଳୀନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜୁବାବୁଙ୍କ ସହ ବିଶ୍ୱାସଘାତ କରି କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ କ୍ରସ୍ ଭୋଟିଂରେ ସମର୍ଥନ ଦେଇ ଯେଉଁ ପରମ୍ପରା ସୃଷ୍ଟିକଲେ ସେହି ରାସ୍ତାରେ ବର୍ତ୍ତମାନ ତାଙ୍କ ପୁଅ ଯାଉଛନ୍ତି। ବିଧାୟକ ଧ୍ରୁବ ଚରଣ ସାହୁ କହିଛନ୍ତି, ରେଙ୍ଗାଲି ବିଧାୟକଙ୍କୁ ଶାସକ ଦଳ ପକ୍ଷରୁ ୧୫ କୋଟି ପର୍ଯ୍ୟନ୍ତ ଯଚାଯାଇଥିଲେ ମଧ୍ୟ ସେ ଦଳ ବିରୋଧରେ ଗଲେ ନାହିଁ। ମାତ୍ର ଏବେ ବିଜୁ ଲିଗାସି କଥା କହୁଥିବା ନେତାମାନେ ଜାଣିବା ଦରକାର ୧୯୯୫ରେ ବିଜୁ ପଟ୍ଟନାୟକଙ୍କୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇ ନ ଦେବା ଲାଗି ତତ୍କାଳୀନ ଜନତା ଦଳ ନେତା ବିଜୟ ମହାପାତ୍ର ୩୦ଟି ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଦେଇ କଂଗ୍ରେସକୁ କ୍ଷମତାକୁ ଆଣିବାର ବାଟ ଫିଟାଇଥିଲେ। ବିଜେଡିକୁ ଭାଙ୍ଗିବା ଲାଗି ବିଜୟ ମହାପାତ୍ର ୩ ମାସ ହେଲା ଯୋଜନା କରୁଥିବା କହିଛନ୍ତି; ଯେଉଁଥିଲାଗି ତାଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନବୀନବାବୁ ନିଲମ୍ବନ କରିଥିଲେ।

# ଦିଲୀପ ଯେଭଳି ଜିତିଲେ ତାହା କିଛି ଗୌରବର କଥା ନୁହେଁ: ସୌମ୍ୟ

**ଭୁବନେଶ୍ୱର,୧୭।୩ (ସୁନିତ୍ ମିଶ୍ର)**

ରାଜ୍ୟ ସଭା ନିର୍ବାଚନରେ ଯେଉଁମାନେ ଦଳ ବିରୋଧରେ ଯାଇ ଭୋଟ ଦେଲେ ଏବଂ ଯେଉଁମାନେ ସେହି ଭୋଟକୁ ପାଇବା ପାଇଁ ଉଦ୍ୟମ କଲେ ସେମାନେ ସମ ପରିମାଣର ଦାୟୀ। ଯଦି ଏତେ କଥା


ସୌମ୍ୟ ରଞ୍ଜନ ପଟ୍ଟନାୟକ

କରିବାର ଥିଲା ତେବେ ବିଧାୟକମାନଙ୍କୁ ସେମାନଙ୍କ ବିବେକାନୁମୋଦିତ ଭୋଟ ଦେବା ପାଇଁ ଛାଡ଼ି ଦେଇଥିଲେ ଏତେ ଅପବାଦ ଶୁଣିବାକୁ ପଡ଼ି ନ ଥାଆନ୍ତା। ବିଧାୟକମାନେ ଏକଥା ବୁଝୁନାହାନ୍ତି କି ଯେଉଁମାନେ ଅସ୍ମିତା କଥା କହୁଥିଲେ ସେମାନେ ଏହି ଭୋଟ୍‌ର ହିତାଧିକାରୀ ହେଲା ବେଳେ ନିଜ ଉପରକୁ ଏହା ନେଉଛନ୍ତି। ଦିଲୀପ ରାୟ ରାଜ୍ୟ ସଭା ନିର୍ବାଚନରେ ବିଜୟୀ ହୋଇ ଇତିହାସକୁ ପୁନରାବୃତ୍ତି କଲେ। କିନ୍ତୁ ଦିଲୀପ ରାୟ ଯେଉଁଭଳି ଜିତିଲେ ତାହା କିଛି ଗୌରବର କଥା ନୁହେଁ ବୋଲି ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମଙ୍ଗଳବାର ସୌମ୍ୟ କହିଛନ୍ତି, ବିଜେଡି ଏବଂ ଭାଜପା ଭିତରେ ସମ୍ପର୍କ ନାହିଁ ବୋଲି ଅନେକ ଲୋକ କହୁଛନ୍ତି। ମାତ୍ର ପରଦା ପଛରେ ସେମାନଙ୍କ ସମ୍ପର୍କ କ'ଣ ସେକଥା ବୁଝିବା କଷ୍ଟ। କଂଗ୍ରେସ ସହ ବିଜେଡି ସାମୟିକ ଭାବେ ଏକାଠି ହୋଇଥିଲା। ଆଗକୁ ତାହା ବଳବତ୍ତର ରହୁଛି ନା ନାହିଁ ଦେଖିବା କଥା। ମାତ୍ର ଏଭଳି ପରିସ୍ଥିତିରେ କାହାକୁ ବିଶ୍ୱାସ କରିବା କଷ୍ଟକର। ଯେଉଁମାନେ ବିଧାୟକମାନଙ୍କୁ ବାଇଗଣ, ପରିବା ଭଳି ବିକ୍ରିଯୋଗ୍ୟ ଭାବୁଛନ୍ତି ସେମାନେ ମଧ୍ୟ ଅସ୍ମିତାର ବିରୋଧୀ। ଯେଉଁମାନେ ଏହାର ଶିକାର ହେଲେ ସେମାନେ ମଧ୍ୟ ଏ ବିଷୟରେ କହିବାକୁ ତାଙ୍କ ଜିଭରେ ହାଡ଼ ନାହିଁ। ବିଧାୟକ ଯେଉଁମାନେ ଦଳ ବିରୋଧରେ ଭୋଟ ଦେଲେ ସେମାନେ ଆଗରୁ ଏ ବିଷୟରେ କହିପାରିଥାଆନ୍ତେ। ସେମାନଙ୍କ ଭିତରୁ କିଏ କେତେବେଳେ ବିକ୍ରି ହୋଇଛନ୍ତି। ଯିଏ ଭାବୁଛନ୍ତି ଅନ୍ୟ ଦଳର ବିଧାୟକ ସେମାନଙ୍କ ସପକ୍ଷରେ ଭୋଟ ଦେଇପାରିବେ ସେମାନେ ମଧ୍ୟ କମ୍ ଦୋଷୀ ନୁହନ୍ତି। ଯେଉଁ ବିଧାୟକମାନେ ଯାଇଛନ୍ତି ବା ଯିଏ ଭାବୁଛନ୍ତି ନୂଆ ଦଳର ନିଅଁ ପକାଇବେ ତାହା ସମ୍ଭବ ନୁହେଁ। ସାଧାରଣ ଲୋକମାନେ ଚାହିଁଲେ ଦଳର ନିଅଁ ପଡ଼ିବ।

# ହାତୀ ଭାଙ୍ଗିଲା କାନ୍ଥ: ଚାପି ହୋଇ ୨ ବର୍ଷର ଶିଶୁ ମୃତ

**ଜଳେଶ୍ୱର, ୧୭।୩(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଖୁଆଡ଼ ପଞ୍ଚାୟତ କେନ୍ଦୁଖୁଣ୍ଟା ଗ୍ରାମର ଝରଣାସାହିରେ ହାତୀ ଉପଦ୍ରବ ଯୋଗୁ ୨ ବର୍ଷ ଶିଶୁପତ୍ରର ଜୀବନଯାଇଛି। ସୋମବାର ବିଳମ୍ବିତ ରାତିରେ ଏକ ଗୋଠଛଡ଼ା ଦନ୍ତା ହାତୀ ଘର ଭିତରେ ଥିବା ଧାନ ଖାଇବା ପାଇଁ କାନ୍ଥ ଭାଙ୍ଗିବାକୁ ଉଦ୍ୟମ କରିଥିଲା। ଫଳରେ କାନ୍ଥଟି ଭୁଶୁଡି ପଡିବାରୁ ମା' କୋଳରେ ଶୋଇଥିବା ୨ ବର୍ଷର ଶିଶୁ ଚାପି ହୋଇ ପ୍ରାଣ ହରାଇଛି।ରାତି ପ୍ରାୟ ଗୋଟାଏ ବେଳେ ଉଦ୍ଧବ ବେଶ୍ରାଙ୍କ ପରିବାର ନିଜ ମାଟି ଘରେ ଶୋଇଥିଲେ। ଦନ୍ତା ହାତୀ ଆକ୍ରମଣ କରିବାରୁ କବାଟ ଓ ମାଟି କାନ୍ଥ ଭୁଶୁଡି ଶୋଇଥିବା ପରିବାର ସଦସ୍ୟଙ୍କ ଉପରେ ପଡ଼ିଥିଲା।

**ଅବଶିଷ୍ଟାଂଶ**

## ଆଉ ୨ ମୃତ, ୨ ..

ଲାଗିବାରୁ ଟ୍ରମା ଆଇସିୟୁରେ ଚିକିତ୍ସା କରାଯାଉଥିଲା। ନିଆଁ ଲାଗିବା ପରେ ତାଙ୍କୁ ନ୍ୟୁରୋ ସର୍ଜରି ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଉଭୟଙ୍କ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ଟ୍ରମା ଆଇସିୟୁ ମଧ୍ୟରେ ପେଡିଆଟ୍ରିକ୍ ଆଇସିୟୁ ମଧ୍ୟ ରହିଛି। ସେଠାରେ ଭଦ୍ରକ ଅଞ୍ଚଳର ୧୧ ବର୍ଷୀୟା କଲ୍ୟାଣୀ ମଲ୍ଲିକ ଚିକିତ୍ସିତ ହେଉଥିଲେ। ଅଗ୍ନିକାଣ୍ଡ ପରେ ଅଣନିଃଶ୍ୱାସୀ ହୋଇ ତାଙ୍କର ମୃତ୍ୟୁ ଘଟିଥିଲେ ସୁଦ୍ଧା ଏହାକୁ ଅଗ୍ନିକାଣ୍ଡ ଜନିତ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱୀକାର କରୁ ନାହାନ୍ତି। ମଙ୍ଗଳବାର କଲ୍ୟାଣୀଙ୍କ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।ଏହାପରେ ଝିଅର ମୃତଦେହ ଧରି ମା'ବାପା ମେଡିକାଲ ପରିସରରେ ଧାରଣା ଦେବାସହ କ୍ଷତିପୂରଣ ଦାବି କରିଥିଲେ। ଦୀର୍ଘ ସମୟ ପରେ କଟକ-ସଦର ତହସିଲଦାର ଦେବଦତ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ରେଡ୍‌କ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏନେଇ ତହସିଲଦାର ଦେବଦତ୍ତ କହିଛନ୍ତି, ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଝିଅଟି ଏହି ଅଗ୍ନିକାଣ୍ଡ ଘଟଣାରେ ଅଂଶୀଦାରୀ ନ ଥିବା ମେଡିକାଲ ପକ୍ଷରୁ ସ୍ପଷ୍ଟ କରାଯାଇଥିବା ସେ କହିଛନ୍ତି। ଅପରପକ୍ଷରେ ଏସ୍‌ସିବିର ଆଇସିୟୁରେ ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍(ଓଏସ୍‌ଏମ୍‌ସିଏଲ୍) ଓ କିର୍ଲୋସ୍କର ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍(କେଟିପିଏଲ୍)ର ୬ ଜଣିଆ ଟିମ୍ ପହଞ୍ଚି ଅକ୍ସିଜେନ୍ ପାଇପ୍ ସହ ଯନ୍ତ୍ରାଂଶ ଏବଂ ବିଦ୍ୟୁତ୍ ବିଭାଗର ଟିମ୍ ବିଭିନ୍ନ ଦିଗ ଉପରେ ଯାଞ୍ଚ କରିଥିବା ସୂଚନା ମିଳିଛି। ଏହାସହ ଏନ୍‌ଏଚ୍‌ଆର୍‌ସିର ଏକ ଟିମ୍ ମଧ୍ୟ ମେଡିକାଲରେ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲା। ସେହିପରି ବରିଷ୍ଠ ନେତା ବିଜୟ ମହାପାତ୍ର, କଂଗ୍ରେସ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରମୁଖ ଏସ୍‌ସିବିରେ ପହଞ୍ଚି ଘଟଣାର ଯାଞ୍ଚ କରିବା ସହ ଗୁରୁତରଙ୍କୁ ଭେଟିଛନ୍ତି।



ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ।–ଶ୍ରୀମା

-ସାହୀ ଚତୁର୍ଦ୍ଦଶୀ, ଚନ୍ଦ୍ରକ୍ଷୟ, ନିଶିପାଳନ, ଶରଣ ଶେଷ ଓ ହଳ ନିଷେଧ



# ଗୋଡ଼ ଖସିବ

ଆମେରିକା–ଇସ୍ରାଏଲ ମିଳିତ ଭାବେ ଇରାନ୍ ସହିତ ଯୁଦ୍ଧ କରୁଛନ୍ତି। ଇସ୍ରାଏଲ–ହମାସ୍ ସଂଘର୍ଷ ପ୍ରାୟ ଅଢ଼େଇ ବର୍ଷ ଧରି ଚାଲିଥିବା ବେଳେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ୪ ବର୍ଷ ଅତିକ୍ରମ କରିଗଲାଣି। ଇରାନ୍ ସହିତ ଲାଗି ରହିଥିବା ଯୁଦ୍ଧର ବ୍ୟାପକ ରୂପ ସହିତ ସିଧାସଳଖ ପେଟ୍ରୋଲିୟମ୍ କାରବାର ଯୋଗୁ ଆଜି ସମଗ୍ର ପୃଥିବୀ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇସାରିଲାଣି। ଏଭଳି ସ୍ଥଳେ ଏସିଆ ମହାଦେଶର ଦୁଇ ପଡ଼ୋଶୀ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଜୋରଦାର ସଂଘର୍ଷ ଲାଗି ରହିଥିଲେ ମଧ୍ୟ ତାହା ବିଶ୍ୱ ନଜରରେ ଅଣଦେଖା ହୋଇରହିଛି। ଦେଖିବାକୁ ଗଲେ ଏହା ଅନ୍ୟ ଏକ ପୂର୍ଣ୍ଣକାଳୀନ ଯୁଦ୍ଧ ପାଇଁ ନିଅଁ ପକାଉଛି ବୋଲି ସାମ୍ପ୍ରତିକ ସ୍ଥିତିରୁ ବୁଝାପଡୁଛି। ପାକିସ୍ତାନ ୧୬ ମାର୍ଚ୍ଚ ରାତିରେ ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଏକ ହସ୍ପିଟାଲ ଉପରେ ବିମାନ ଯୋଗେ ଆକ୍ରମଣ କରି ୪୦୦ ଲୋକଙ୍କୁ ମାରିଦେଇଥିବା ବେଳେ ୨୫୦ ଆହତ ହୋଇଥିବା ଖବର ମିଳିଛି। ଉପରୋକ୍ତ ଆକ୍ରମଣ ଫେବୃଆରୀ ୨୬ରୁ ପାକିସ୍ତାନ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେଶନ ଘଜାବ ଲିଲ୍ ହକ୍'ର ଅଂଶବିଶେଷ ବୋଲି କୁହାଯାଉଛି। କଠୋର ମୁସଲିମ୍ ଆଇନ ଅନୁସରଣ କରିବା, ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆଡ୍ଡା ଜରିଆରେ ହିଂସାକାଣ୍ଡ ଘଟାଉଥିବା ଦୁଇଟି ଦେଶ ମଧ୍ୟରେ କେଉଁ କାରଣ ଯୋଗୁ ସଦ୍ୟ ଦ୍ୱନ୍ଦ୍ୱ ଲାଗିରହିଛି, ତାହା ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଆଧୁନିକ ଇତିହାସକୁ ଦେଖିଲେ ପାକିସ୍ତାନ ଓ ଆଫଗାନିସ୍ତାନ କୌଣସି ଭାବେ ପୂର୍ଣ୍ଣକାଳୀନ ଯୁଦ୍ଧ କରିନାହାନ୍ତି। ସୀମାନ୍ତରେ ଛୋଟମୋଟ ସଂଘର୍ଷ ଦେଖାଦେଇ ଆସୁଥିବା ବେଳେ ୨୦୨୧ରେ ତାଲିବାନ୍ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ଲଢ଼େଇ ତୀବ୍ର ହୋଇଛି। ଏହାର ମୂଳ କାରଣ ଉଭୟ ଦେଶ ମଧ୍ୟରେ ଟଣାଯାଇଥିବା ୨,୬୪୦ କିଲୋମିଟର ବିଶିଷ୍ଟ ଡୁରାଣ୍ଡ୍ ଲାଇନ୍। ୧୮୯୩ରେ ବ୍ରିଟିଶ୍ ଔପନିବେଶିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା ଟଣାଯାଇଥିଲା। ପାକିସ୍ତାନ ଏହାକୁ ଅନ୍ତର୍ଜାତୀୟ ସୀମା ଭାବେ ସ୍ୱୀକାର କରୁଥିବା ବେଳେ ଆଫଗାନିସ୍ତାନ ଏପରିକି ବର୍ତ୍ତମାନର ତାଲିବାନ୍ ସରକାର ଏହାକୁ ଗ୍ରହଣ କରୁନାହିଁ। ଆଫଗାନିସ୍ତାନ ଏହାକୁ ଏକ ଔପନିବେଶିକ ରେଖା ଭାବେ ଦେଖୁଛି, ଯାହା ପସ୍ତୁନ ସମ୍ପ୍ରଦାୟକୁ ବିଭାଜନ କରିଥାଏ। ଏଭଳି ଅସମ୍ମତି ଦୁଇ ଦେଶ ମଧ୍ୟରେ ସୀମା ବିବାଦକୁ ଉସ୍କାଉଥିବା ବେଳେ ସ୍ଥଳବିଶେଷରେ ସାମରିକ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଘଟଣା ବଢ଼ିଯାଉଛି। ଇସ୍‌ଲାମାବାଦର ଅଭିଯୋଗ ହେଉଛି ଯେ, ଆଫଗାନିସ୍ତାନର ତାଲିବାନ୍ ସରକାର ଆତଙ୍କବାଦୀ ସଙ୍ଗଠନ ତେହେରିକ୍–ଇ–ତାଲିବାନ୍ ପାକିସ୍ତାନ (ଟିଟିପି)କୁ ସମର୍ଥନ କରି ପାକିସ୍ତାନ ଭିତରେ ବାରମ୍ବାର ଆକ୍ରମଣ କରୁଛି। ଏହିଭଳି ଦୋଷାରୋପ ଭାରତ ତରଫରୁ ପାକିସ୍ତାନ ବିରୋଧରେ ବାରମ୍ବାର ଶୁଣିବାକୁ ମିଳିଥାଏ। ଏଥିରୁ ବୁଝିବାକୁ ହେବ ଯେ, ଭାରତର ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟରେ କୌଣସି ବୁଝାମଣା ହୋଇପାରୁ ନାହିଁ। ଗୋଟିଏ ପଟେ ଆଫଗାନିସ୍ତାନ ସହିତ ପାକିସ୍ତାନର ଯୁଦ୍ଧ ଚାଲିଥିବା ବେଳେ ପୂର୍ବରେ ମିଲିଟାରୀ ଶାସିତ ବର୍ମା ଅଶାନ୍ତ ରହିଛି। ଥାଇଲାଣ୍ଡର କାମ୍ବୋଡିଆ ସାଙ୍ଗରେ ସିଧାସଳଖ ଯୁଦ୍ଧ ଲୁହୁଲୁଛି। ଏଭଳି ପରିସ୍ଥିତିରେ ଭାରତରେ ଦେଖାଦେଉଥିବା ଶାନ୍ତି କେତେଦୂର ବଜାୟ ରହିବ କହିବା କଷ୍ଟକର। ଅନେକ ଭାରତୀୟ ସରକାରଙ୍କୁ ସମର୍ଥନ କରି କହୁଛନ୍ତି ଯେ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଅର୍ଥାତ୍ ଦୁବାଇ, ଆବୁଧାବି, ସାର୍‌ଜାହ ଆଦି ସ୍ଥାନରେ ଯୁଦ୍ଧ ଲାଗିଥିବା ବେଳେ ଭାରତରେ ଆମେ ସୁରକ୍ଷିତ ରହିଛୁ। ଆଜିର ପୃଥିବୀରେ କୌଣସି ସ୍ଥାନ ଯୁଦ୍ଧମୁକ୍ତ ବା ଅଶାନ୍ତରହିତ ବୋଲି କହିବା ବୋକାମି। ଯେମିତି ଅର୍ଥନୈତିକ ସଙ୍କଟ ସମଗ୍ର ବିଶ୍ୱରେ ପ୍ରଭାବ ପକାଉଛି, ସେହିଭଳି ଭୂରାଜନୈତିକ ସ୍ଥିତିକୁ ଦେଖିଲେ କୌଣସି ଏକ ଭୂଖଣ୍ଡ ଅଶାନ୍ତ ରହିଥିଲେ ତାହାର ପ୍ରଭାବ ଅନ୍ୟ ଅଞ୍ଚଳ ଉପରେ ପଡ଼ିବାର ସମ୍ଭାବନା ରହିଛି। ଭାରତରେ ଆଜିର ସ୍ଥିତିକୁ ବଜାୟ ରଖିବାକୁ ହେଲେ ସାଧାରଣ ନାଗରିକଙ୍କ ସମେତ ସବୁ ରାଜ୍ୟର ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ଏବଂ ସଚେତନ ହୋଇ ସର୍ବଦା ଚେଷ୍ଟିତ ରହିବାକୁ ହେବ। ନଚେତ୍ କେତେବେଳେ ଗୋଡ଼ ଖସିଯିବ ତାହାର ଭବିଷ୍ୟବାଣୀ କେହି କରିପାରିବେ ନାହିଁ।

ଭାରତରେ ଆଜିର ସ୍ଥିତିକୁ ବଜାୟ ରଖିବାକୁ ହେଲେ ସାଧାରଣ ନାଗରିକଙ୍କ ସମେତ ସବୁ ରାଜ୍ୟର ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ଏବଂ ସଚେତନ ହୋଇ ସର୍ବଦା ଚେଷ୍ଟିତ ରହିବାକୁ ହେବ। ନଚେତ୍ କେତେବେଳେ ଗୋଡ଼ ଖସିଯିବ ତାହାର ଭବିଷ୍ୟବାଣୀ କେହି କରିପାରିବେ ନାହିଁ।

# ରାଜା ଗୁଣେ ପ୍ରଜା



ଅଧ୍ୟାପକ ଗୋପବନ୍ଧୁ

ରାଜାଙ୍କୁ ପ୍ରଜାମାନେ ଅନୁସରଣ କରିବା ସ୍ୱାଭାବିକ କଥା। ରାଜାଙ୍କ ହାବଭାବ, ଚାଲିଚଳନ, କଥାବାର୍ତ୍ତା, ଆଚାର ବ୍ୟବହାର ଏପରି କି ଚିନ୍ତାଦର୍ଶନକୁ ପ୍ରଜାମାନେ ଅନୁସରଣ କରୁଥିଲେ। ତେଣୁ ଲୋକପ୍ରିୟ କଥନ ଅଛି, ଯେମିତି ରାଜା ସେମିତି ପ୍ରଜା। ଅତୀତର ରାଜତନ୍ତ୍ର ହଟି ଏବେ ଗଣତନ୍ତ୍ର ଆସିଛି। ଏବେ ବଡ଼ ନେତାମାନେ ଯେଉଁମାନେ ଉଚ୍ଚ ସାମ୍ବିଧାନିକ ପଦପଦବୀରେ ଅଛନ୍ତି ସେମାନେ ରାଜାର ସ୍ଥାନ ନେଇଛନ୍ତି। ରାଜତନ୍ତ୍ରରେ ଜନସାଧାରଣ ଯେଉଁପରି ରାଜାଙ୍କୁ ଆଦର୍ଶ ବୋଲି ଭାବୁଥିଲେ, ଗଣତନ୍ତ୍ରରେ ଲୋକମାନେ ନେତାଙ୍କୁ ଆଦର୍ଶ ବୋଲି ଭାବନ୍ତି। ରାଜା ଭଲହେଲେ ପ୍ରଜାମାନେ ଭଲ ହେଉଥିଲେ ଓ ରାଜା ଖରାପ ହେଲେ ପ୍ରଜାମାନେ ମଧ୍ୟ ଖରାପ ହେଉଥିଲେ। ଏହାର କାରଣ ହେଉଛି ଜଣେ ଖରାପ ରାଜାର ଶାସନ ବ୍ୟବସ୍ଥା ତଦନୁଯାୟୀ ଖରାପ ହେଉଥିଲା। ଶାସନ ବ୍ୟବସ୍ଥା ଖରାପ ହେଲେ ପ୍ରଜାମାନେ ମଧ୍ୟ ସେହି ଢାଞ୍ଚାରେ ନିଜକୁ ପକାଉ ଥିଲେ। ଅନ୍ୟପକ୍ଷରେ ରାଜା ଭଲ ହେଲେ ଶାସନ ବ୍ୟବସ୍ଥା ଭଲ ହେଉଥିଲା ଓ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ। ତେଣୁ କୁହାଯାଉଥିଲା ରାଜା ଗୁଣେ ପ୍ରଜା। ମୂଳ ଯେମିତି ହେବ ଶାଖା ପ୍ରଶାଖା ସେମିତି ହେବ।

ଗଣତନ୍ତ୍ରରେ ଜଣେ ମିଛୁଆ ଉଚ୍ଚ ଆସନରେ ବସିଲେ ନାଗରିକମାନେ ମଧ୍ୟ ମିଛର ଆଶ୍ରୟ ନିଅନ୍ତି। ଜଣେ ଭ୍ରଷ୍ଟାଚାରୀ ଉଚ୍ଚ ଆସନରେ ବସିଲେ ଭ୍ରଷ୍ଟାଚାର ଶାସନ ବ୍ୟବସ୍ଥାର ଅନ୍ତର୍ଗତ ହୋଇଯାଏ। ପ୍ରତ୍ୟେକ ବ୍ୟବସ୍ଥାକୁ ଭ୍ରଷ୍ଟାଚାର ବ୍ୟାପିଯାଏ। ସାଧାରଣ ଜନତା ଏଥିରେ ଅଭ୍ୟସ୍ତ ହୋଇଯାଆନ୍ତି। କ୍ରମେ ଏହା ସାମାଜିକ ବ୍ୟବସ୍ଥାର ଅଙ୍ଗ ହୋଇଯାଏ। ଅନ୍ୟ ପକ୍ଷରେ ଜଣେ ସଚ୍ଚୋଟ ଲୋକ ଉଚ୍ଚ ଆସନରେ ବସିଲେ ଦେଶରେ ସଚ୍ଚୋଟତା ବ୍ୟାପେ। ଭ୍ରଷ୍ଟାଚାରକୁ ବିରୋଧ କରୁଥିବା ଜଣେ ଲୋକ ଏପରି ଆସନରେ ବସିଲେ ଭ୍ରଷ୍ଟାଚାର ହ୍ରାସ ପାଏ। ପ୍ରଶାସନ ମଧ୍ୟ ଭ୍ରଷ୍ଟାଚାର ମୁକ୍ତ ହୁଏ। ଫଳରେ ପ୍ରତ୍ୟେକ ବ୍ୟବସ୍ଥା ମଧ୍ୟରେ ସଚ୍ଚୋଟତା ଦେଖାଦିଏ। ସେହି ମର୍ମରେ କୁହାଯାଇପାରେ ନେତା ସାଧୁ ହେଲେ ଜନତା ସାଧୁ ହେବେ। ନେତା ଯେଉଁ ଗୁଣର ହେବେ ଜନତା ନିଜକୁ ସେହି ଢାଞ୍ଚାରେ ପକାଇବାକୁ ଚେଷ୍ଟା କରିବେ। କାରଣ ଏ କଥା ସମସ୍ତଙ୍କୁ ଜଣା ଯେ ପରିବ୍ୟାପ୍ତ ଭ୍ରଷ୍ଟ ବ୍ୟବସ୍ଥା ମଧ୍ୟରେ ସାଧୁ ଲୋକଟେ ତିଷ୍ଠିରହିବା କଷ୍ଟକର ବ୍ୟାପାର। ତାକୁ ତଳି ତଳାନ୍ତ ହେବାକୁ ପଡେ। ତେଣୁ ସେ ଅବସ୍ଥା ସହିତ ବୁଝାମଣା କରିନିଏ।

ପୂର୍ବେ ରାଜତନ୍ତ୍ର କାଳରେ ରାଜପୁତ୍ରମାନଙ୍କୁ ଶ୍ରେଷ୍ଠଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଥିଲା। ସାମରିକ ଶିକ୍ଷା ସହିତ ଦର୍ଶନ, ନୈତିକତା, କଳା ଓ ସ୍ଥାପତ୍ୟ ଉପରେ ତାଙ୍କୁ ଯଥେଷ୍ଟ ଜ୍ଞାନ ପ୍ରଦାନ କରାଯାଉଥିଲା। ଉଦ୍ଦେଶ୍ୟ ଥିଲା ତାଙ୍କୁ ଜଣେ ଜଣେ ସୁଶାସକ ବନାଇବା। ତାଙ୍କ ମଧ୍ୟରେ ସତ୍ୟ, ନ୍ୟାୟ ଓ ଭ୍ରାତୃଭାବର ଭାବନାକୁ ଅଙ୍କୁରିତ କରିବାପାଇଁ ଚେଷ୍ଟା କରା ହେଉଥିଲା। ଜ୍ଞାନୀ ରାଜାମାନେ ସର୍ବଦା ଚେଷ୍ଟା କରୁଥିଲେ ପ୍ରଜାମାନେ କିପରି ସୁଖମୟ ଜୀବନ ଯାପନ କରିବେ। ସେମାନେ ଚେଷ୍ଟା କରୁଥିଲେ ଉଚିତ ନ୍ୟାୟ ପ୍ରଦାନ ପାଇଁ। ଏହା ଭିନ୍ନକଥା ଥିଲା ଯେ ରାଜାମାନେ ଯୁଦ୍ଧ କରୁଥିଲେ। ଅନେକ ସମୟରେ ସେମାନେ ଏଥିପାଇଁ ବାଧ୍ୟ ହେଉଥିଲେ। ରାଜ୍ୟ ବିସ୍ତାର ରାଜତନ୍ତ୍ରର ଅଂଶବିଶେଷ ଥିଲା। ଦେଖିବାକୁ ଗଲେ ରାଜତନ୍ତ୍ର କାଳରେ ରାଜା ଯଦି ଜ୍ଞାନୀ, ସାଧୁ ଓ ନ୍ୟାୟବନ୍ତ ହେଉଥିଲେ, ତେବେ ସାମାଜିକ ଜୀବନ ଶୃଙ୍ଖଳିତ ହେଉଥିଲା ଏବଂ ସାଧୁତା ଓ ନ୍ୟାୟ ସମାଜରେ ପରିବ୍ୟାପ୍ତ ହେଉଥିଲା।

ନିଶ୍ଚିତରୂପେ ଗଣତନ୍ତ୍ର ଶ୍ରେଷ୍ଠ ଶାସନ ବ୍ୟବସ୍ଥା। ହେଲେ ଏହା ଠିକ୍‌ଭାବେ ନିୟନ୍ତ୍ରିତ ନ ହେଲେ ଏହାର ନାକାରାତ୍ମକ ଦିଗଗୁଡ଼ିକ ପ୍ରାଧାନ୍ୟ ବିସ୍ତାର କରେ। ଏହି ଶାସନ ବ୍ୟବସ୍ଥା ଜନସାଧାରଣଙ୍କ ମତ ଅନୁସାରେ ଗଠିତ ହୁଏ। ଯେଉଁମାନେ ଲୋକପ୍ରତିନିଧି ହେବେ ସେମାନେ ସଚ୍ଚୋଟ, ସାଧୁ ଓ ବିଜ୍ଞ ବ୍ୟକ୍ତି ହେବା ଆବଶ୍ୟକ। ଏହି ପ୍ରକାର ଲୋକଙ୍କୁ ସାଧାରଣ ଜନତା ବାଛିବା ଜରୁରୀ। ଭ୍ରଷ୍ଟାଚାରୀ, ମୂର୍ଖ ଓ ଅସାଧୁମାନେ ନିର୍ବାଚିତ ହୋଇଆସିଲେ ଗଣତନ୍ତ୍ର ଦିଗହରା ହୋଇଯାଏ। ଜଣେ ମୂର୍ଖ କାହୁଁ ବୁଝିବେ ଶିକ୍ଷାର ମୂଲ୍ୟ। ତେଣୁ ସେ ଚାହିଁବ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହେଉ ଓ ଲୋକମାନେ ତାଙ୍କପରି ମୂର୍ଖ ରହନ୍ତୁ। ଏମାନେ ଧର୍ମ, ଜାତି ଓ ଅଞ୍ଚଳ ନାମରେ ସମାଜକୁ ଭାଗଭାଗ କରନ୍ତି। ଜାତୀୟ ଐକ୍ୟକୁ ନଷ୍ଟ କରନ୍ତି। ଭୋଟପାଇଁ ଏମାନେ ସବୁ କରିପାରନ୍ତି। ଜଣେ ଭ୍ରଷ୍ଟାଚାରୀ ଲୋକପ୍ରତିନିଧି ଚାହିଁବ ଅଧିକରୁ ଅଧିକ କେତେ ଅର୍ଥକୁ ଆତ୍ମସାତ୍ କରାଯାଇପାରେ। ଲୋକମାନଙ୍କୁ କେତେ ଶୋଷଣ କରାଯାଇ ପାରେ। ବେଳେବେଳେ ଦଳେ ଲାଭଖୋରୀ ପୁଞ୍ଜିପତି ବୋଲକରା ଭ୍ରଷ୍ଟାଚାରୀକୁ ଉଚ୍ଚ ଆସନରେ ବସାଇବା ପାଇଁ ବିପୁଳ ଅର୍ଥ ଖଟାନ୍ତି ଏବଂ ଜିତିଗଲା ପରେ ଇଚ୍ଛା ମୁତାବକ ଲକ୍ଷ ଲକ୍ଷ କୋଟି ଟଙ୍କା ସରକାରଙ୍କଠାରୁ ବିଭିନ୍ନ ଆଳରେ ମାରି ନିଅନ୍ତି। ରାଜନୀତି ବି ତାଙ୍କ ପାଇଁ ବେପାରରେ ପରିଣତ ହୁଏ।



ବଡନେତା ଭ୍ରଷ୍ଟାଚାରୀ ଓ ଅବିବେକୀ ହେଲେ ଛୋଟ ନେତାମାନେ ବାଦ ପଡ଼ିବେ କାହିଁକି। ସେମାନେ ବି ସମାନ ଢାଞ୍ଚାରେ ପଡ଼ନ୍ତି। ରାଜନୈତିକ ବ୍ୟବସ୍ଥା ଯେତେବେଳେ କଳୁଷିତ ହୋଇଯାଏ, ପ୍ରଶାସନିକ ବ୍ୟବସ୍ଥା ମଧ୍ୟ କଳୁଷିତ ହୋଇଯାଏ। ଶାସକ ଓ ପ୍ରଶାସକ ମଧ୍ୟରେ ବୁଝାମଣା ହୋଇଯାଏ ଅର୍ଥ ଆତ୍ମସାତ୍ କରିବାର। ଫଳରେ ନାନା ଅନିୟମିତତା ଦେଖାଦିଏ। ପ୍ରିୟାପ୍ରୀତି ତୋଷଣ ବଢ଼େ। ଗୁଣ୍ଡା, ବଳାତ୍କାରୀ, ମାଫିଆ, କଳାବଜାରକାରୀ ପ୍ରଭୃତି ଲୋକମାନେ କ୍ଷମତା ବଳୟକୁ ପଶିଆସନ୍ତି। କ୍ରମେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗେ। ଗଣତନ୍ତ୍ରର ସମସ୍ତ ସ୍ତମ୍ଭକୁ ଭ୍ରଷ୍ଟ ଲୋକମାନେ କବଳିତ କରିନିଅନ୍ତି ଓ ନିଜ ଇଚ୍ଛାରେ ଶାସନ ଚଳାନ୍ତି। ଗଣତନ୍ତ୍ର ଧ୍ୱଂସାଭିମୁଖୀ ହୁଏ। ଚାରିଆଡ଼େ ଅରାଜକତା ଦେଖାଦିଏ। ଭ୍ରଷ୍ଟାଚାରୀମାନେ ଜାଣିଜାଣି ଅରାଜକତା ସୃଷ୍ଟି କରନ୍ତି। ଫଳରେ ତାଙ୍କୁ ଏକଚ୍ଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ସହଜ ହୁଏ। ଦେଶକୁ ଲୁଟିବାକୁ ମଧ୍ୟ ସହଜ ହୋଇଯାଏ।

ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଚ୍ଚ ସୋପାନକୁ ନେଇଯିବାକୁ ହେଲେ ଜନସଚେତନତା ବଢ଼ାଇବାକୁ ହେବ। ସମସ୍ତଙ୍କୁ ସତର୍କ ରହିବାକୁ ହେବ ଯେଉଁପରି ଭ୍ରଷ୍ଟାଚାରୀ, ଅସାଧୁ ଓ ନିମ୍ନ ବିଚାରଧାରାର ଲୋକମାନେ ସାମ୍ବିଧାନିକ ପଦପଦବୀକୁ ନ ଯାନ୍ତି। ଅନ୍ୟଥା ଏମାନେ ସାଧାରଣ ଜନତାଙ୍କ ଆଦର୍ଶ ବନିଯିବେ ଓ ସାଧାରଣ ଜନତା ମଧ୍ୟ ଏମାନଙ୍କୁ ଆଦର୍ଶ ଭାବି ଅନୁସରଣ କରିବା ଆରମ୍ଭ କରିବେ। ରାଜାଙ୍କ ଗୁଣେ ପ୍ରଜା ହେଲାପରି ଏହି ନେତାଙ୍କ ଗୁଣେ ପ୍ରଜା ବନିଯିବେ। ଆମ ଦେଶର ରାଜନୈତିକ ବ୍ୟବସ୍ଥା ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିଛି। ମଦ, ମାଂସ, ଟଙ୍କା ବାଣ୍ଟି ଗଣତାନ୍ତ୍ରିକ ବିଚାରଧାରାକୁ ନଷ୍ଟ କରିଦେଇଛନ୍ତି। ଜନସାଧାରଣ ମଧ୍ୟ ପ୍ରଲୋଭନର ଶିକାର ହେଉଛନ୍ତି। ଭଲମନ୍ଦ ବିଚାର କରାଯାଉ ନାହିଁ। କିଏ କେତେଦେବ ତାହା ଭୋଟ ଦେବାର ମାନଦଣ୍ଡ ହୋଇଯାଇଛି। ଫଳରେ ଅର୍ଥବଳୀ ଓ ବାହୁବଳୀମାନେ କ୍ଷମତା ଦଖଲକରି ନେଇଛନ୍ତି। ଗଣତନ୍ତ୍ର, ଧନତନ୍ତ୍ର ଓ ବଳତନ୍ତ୍ରରେ ପରିଣତ ହୋଇଛି। ରାଜନୈତିକ ଆଦର୍ଶ ଲୋପ ପାଇ ଯାଇଛି।

ଦେଶବାସୀଙ୍କୁ ପୁଣି ବୌଦ୍ଧିକ ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ। ଆଦର୍ଶ ଉପରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ। ସଚ୍ଚୋଟ, ଆଦର୍ଶବାଦୀ, ବିଜ୍ଞ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଶାସକର ଆସନରେ ବସାଇବାକୁ ହେବ। ଯେଉଁମାନେ କି ସାଧାରଣ ଜନତାଙ୍କ ପାଇଁ ପ୍ରେରଣାର ଉତ୍ସ ହେବେ ତଥା ଅନୁକରଣୀୟ ବ୍ୟକ୍ତିତ୍ୱ ମଧ୍ୟ ହେବେ। ଫଳରେ 'ରାଜା ଗୁଣେ ପ୍ରଜା' ଉକ୍ତିର ଯଥାର୍ଥତା ପ୍ରତିପାଦନ ହେବ। ସ୍ୱଚ୍ଛ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠିତ ହେବ। ଆଦର୍ଶବାଦୀ ନେତୃତ୍ୱ ଦେଶପାଇଁ ମଙ୍ଗଳଦାୟକ ହେବ।

ଦର୍ଶନ ବିଭାଗ(ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

## ଏଇ ଭାରତରେ

ଅନ୍ଧବିଶ୍ୱାସର ଅନ୍ଧାର ଭିତରୁ ମହିଳାଙ୍କୁ ଉଦ୍ଧାରକରି ସେମାନଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛନ୍ତି ଡା. ରାନି ଓ ଡା. ଅଭୟ। ଏହି ଦମ୍ପତି ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାର ୧୦୪ ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଶିଶୁ ମୃତ୍ୟୁହାର ୬୦ ପ୍ରତିଶତ ହ୍ରାସ କରିପାରିଛନ୍ତି। କେବଳ ଏତିକି ନୁହେଁ, ଏହିସବୁ ଗାଁରେ ପ୍ରଚଳିତ 'କୁର୍ମାଘର' ପ୍ରଥାକୁ ଅନେକାଂଶରେ ଦୂର କରିପାରିଛନ୍ତି। ଏହି ପ୍ରଥା ଅନୁସାରେ ମହିଳାମାନେ ଋତୁସ୍ରାବ ସମୟରେ ପରିବାରଠାରୁ ଦୂରରେ ଏକ ପରିତ୍ୟକ୍ତ ଘରେ ତଥା ଅସ୍ୱାସ୍ଥ୍ୟକର ପରିବେଶରେ ରହିଥାନ୍ତି। ଏ ସମ୍ପର୍କରେ ଡାକ୍ତର ଦମ୍ପତି ଜାଣିବା ପରେ ତାହାର ବିକଳ୍ପ ଭାବେ ଅତ୍ୟାଧୁନିକ କୁର୍ମାଘର ନିର୍ମାଣ କରିଛନ୍ତି। କାରଣ ସେମାନେ ଜାଣିଛନ୍ତି ଯେ ଏହାକୁ ଦୂରକରିବା ସମୟସାପେକ୍ଷ। ତେବେ ସଚେତନତା ଯୋଗୁ ଏହା କେତେକାଂଶରେ ଦୂରହୋଇଗଲାଣି। ଗଡ଼ଚିରୋଲିର ଗ୍ରାମଗୁଡ଼ିକରେ ୧୯୯୦ ଦଶକ ପ୍ରାରମ୍ଭରେ ପ୍ରତି ୧୦୦୦ ଜନ୍ମିତ ଶିଶୁଙ୍କ ମଧ୍ୟରୁ ୧୨୧ ଜଣଙ୍କ ମୃତ୍ୟୁ ଘଟୁଥିଲା ଏବଂ ଏବେ ଏହା ୬୦ ପ୍ରତିଶତ ହ୍ରାସ ପାଇଛି। ଏହି ଅଭିଯାନକୁ ସେ ୨୩୦ଟି ଗାଁକୁ ସମ୍ପ୍ରସାରଣ କରିଛନ୍ତି। ୧୯୮୬ରେ ସୋସାଇଟି ଏଜୁକେଶନ, ଆକ୍ସନ ଆଣ୍ଡ ରିସର୍ଚ୍ଚ ଇନ୍ କମ୍ୟୁନିଟି ହେଲ୍‌ଥ ସଂସ୍ଥା ଗଠନକରି ସେମାନେ ଏହି କାର୍ଯ୍ୟ ଜାରି ରଖିଛନ୍ତି।

# ଆଇନର ପରିସରରେ ମାନବିକତା



ଅଖିଳ ତରାଇ

ଜୀବନ ଏକ ଅମୂଲ୍ୟ ଉପହାର, କିନ୍ତୁ ସବୁବେଳେ ଏହା ଉପଭୋଗ୍ୟ ହୋଇ ରହେନାହିଁ। ଯେତେବେଳେ ଜୀବନ କେବଳ ଯନ୍ତ୍ରଣାର ପର୍ଯ୍ୟାୟବାଚୀ ହୋଇଯାଏ ଏବଂ ମଣିଷ ନିଜ ଅଜାଣତରେ କେବଳ ଏକ ମେଶିନ ସାହାଯ୍ୟରେ ନିଃଶ୍ୱାସ ନିଏ, ସେତେବେଳେ 'ଜୀବନ ଅଧିକାର'ର ସଂଜ୍ଞା ନେଇ ପ୍ରଶ୍ନ ଉଠେ। ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ୩୨ ବର୍ଷୀୟ ହରିଶ୍ ରାଣାଙ୍କ ମାମଲାରେ ଯେଉଁ ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି, ତାହା ଦେଶର ନ୍ୟାୟିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ୧୩ ବର୍ଷ ଧରି 'ସ୍ଥାୟୀ ନିଷ୍କ୍ରିୟ ଅବସ୍ଥା' ବା ପରସିଷ୍ଟେଣ୍ଟ ଭେଜିଟେଟିଭ ଷ୍ଟେଟ୍‌ରେ ପଡ଼ି ରହିଥିବା ଜଣେ ଯୁବକଙ୍କୁ ଶେଷରେ 'ସମ୍ମାନଜନକ ମୃତ୍ୟୁ'ର ଅଧିକାର ମିଳିଛି। ଏହି ନିଷ୍ପତ୍ତି କେବଳ ଏକ ଆଇନଗତ ଆଦେଶ ନୁହେଁ ବରଂ ଏହା ମାନବୀୟ ସମ୍ବେଦନା, ବିଜ୍ଞାନ ଏବଂ ବାସ୍ତବବାଦର ଏକ ଅପୂର୍ବ ସମନ୍ୱୟ।

ଭାରତରେ ଇଚ୍ଛାମୃତ୍ୟୁ ବା 'ଇଉଥାନାସିଆ'କୁ ନେଇ ବିତର୍କ ଦୀର୍ଘ ଦିନର। ୨୦୧୮ ମସିହାରେ 'କମନ୍ କଜ୍ ବନାମ ଭାରତ ସରକାର' ମାମଲାରେ ସୁପ୍ରିମକୋର୍ଟଙ୍କ ଏକ ସାମ୍ବିଧାନିକ ଖଣ୍ଡପୀଠ ପରୋକ୍ଷ ଇଚ୍ଛାମୃତ୍ୟୁ ବା 'ପାସିଭ ଇଉଥାନାସିଆ'କୁ ସ୍ୱୀକୃତି ଦେଇଥିଲେ। ସେହି ନିଷ୍ପତ୍ତିରେ ସ୍ପଷ୍ଟ କରାଯାଇଥିଲା ଯେ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କର 'ସମ୍ମାନର ସହ ବଞ୍ଚିବାର ଅଧିକାର' ରହିଛି ଏବଂ ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କୁ ସମ୍ମାନର ସହ ମରିବାର ଅଧିକାର ମଧ୍ୟ ମିଳିବା ଉଚିତ। ହରିଶ୍ ରାଣାଙ୍କ ମାମଲା ହେଉଛି ପ୍ରଥମ ଉଦାହରଣ, ଯେଉଁଠାରେ ସୁପ୍ରିମକୋର୍ଟ ସେହି ଗାଇଡ୍‌ଲାଇନକୁ ସାମ୍ନାକୁ ଆଣି ଜଣେ ରୋଗୀଙ୍କ ଜୀବନ ରକ୍ଷାକାରୀ ବ୍ୟବସ୍ଥା ହଟାଇବାକୁ ଅନୁମତି ଦେଇଛନ୍ତି।

୨୦୧୩ ମସିହାରେ ଏକ ବଡ଼ କୋଠାରୁ ଖସିପଡ଼ିବା ପରେ ହରିଶ୍‌ଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଯୋଗୁ ସେ ୧୦୦ ପ୍ରତିଶତ ପକ୍ଷାଘାତର ଶିକାର ହୋଇଥିଲେ। ଗତ ୧୩ ବର୍ଷ ଧରି ସେ ନା କିଛି କହି ପାରୁଥିଲେ ନା କିଛି ବୁଝି ପାରୁଥିଲେ। କେବଳ ଏକ ଟ୍ୟୁବ୍ ସାହାଯ୍ୟରେ ତାଙ୍କୁ ଖାଦ୍ୟ ଦିଆଯାଉଥିଲା ଏବଂ ଅନ୍ୟ ଏକ ଟ୍ୟୁବ୍ ସାହାଯ୍ୟରେ ସେ ନିଃଶ୍ୱାସ ନେଉଥିଲେ। ଶରୀରରେ ଶଯ୍ୟାକ୍ଷତ ବା ବେଡ୍‌ସୋର୍ସ ଏତେ ଭୟଙ୍କର ଥିଲା ଯେ, ଫଟୋ ଦେଖିଲେ ମଧ୍ୟ ହୃଦୟ ଥରି ଉଠିବ। ଏଭଳି ସ୍ଥିତିରେ ଚିକିତ୍ସା ବିଜ୍ଞାନ କେବଳ ତାଙ୍କର ଜୈବିକ ଅସ୍ତିତ୍ୱକୁ ଧରି ରଖିଥିଲା, କିନ୍ତୁ ଜୀବନର କୌଣସି ଗୁଣାତ୍ମକ ମାନ ସେଠାରେ ନଥିଲା।

ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ କେ. ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଏହି ମାମଲାରେ ଯେଉଁ ସମ୍ବେଦନା ଦେଖାଇଲେ ତାହା ପ୍ରଶଂସନୀୟ। ମେଡିକାଲ ବୋର୍ଡ ରିପୋର୍ଟ ଅନୁଯାୟୀ, ହରିଶ୍‌ଙ୍କ ସୁଧାର ଆସିବାର ସମ୍ଭାବନା ଶୂନ ଥିଲା। କୋର୍ଟ ଅନୁଭବ କଲେ ଯେ କୃତ୍ରିମ ଉପାୟରେ ତାଙ୍କୁ ବଞ୍ଚାଇ ରଖିବା ତାଙ୍କ ପାଇଁ ଏକ ଦଣ୍ଡ ସଦୃଶ। କୋର୍ଟ କହିଛନ୍ତି ଯେ, 'କାହାକୁ ଭଲପାଇବା ଅର୍ଥ ହେଉଛି ତାଙ୍କର ଯନ୍ତ୍ରଣାକୁ ବୁଝିବା ଏବଂ ସେହି ଯନ୍ତ୍ରଣାରୁ ତାଙ୍କୁ ମୁକ୍ତି ଦେବା।' ହରିଶ୍‌ଙ୍କ ମାତାପିତାଙ୍କ ଧୈର୍ଯ୍ୟକୁ ମଧ୍ୟ ଅଦାଲତ ପ୍ରଶଂସା କରିଛନ୍ତି, ଯେଉଁମାନେ ୧୩ ବର୍ଷ ଧରି ନିଜ ସନ୍ତାନର ସେବା କରିବା ପରେ ଶେଷରେ ତାଙ୍କର ମୃତ୍ୟୁ ପାଇଁ ଆବେଦନ କରିବାକୁ ବାଧ୍ୟ ହେଲେ।



ଏଠାରେ ପାର୍ଥକ୍ୟ ବୁଝିବା ଜରୁରୀ। 'ଆକ୍ଟିଭ ଇଉଥାନାସିଆ'ରେ ମାରାତ୍ମକ ଇଞ୍ଜେକ୍ସନ ଦେଇ ଜୀବନ ଶେଷ କରାଯାଏ, ଯାହା ଭାରତରେ ବେଆଇନ। କିନ୍ତୁ 'ପାସିଭ ଇଉଥାନାସିଆ' ବା ପରୋକ୍ଷ ଇଚ୍ଛାମୃତ୍ୟୁରେ ଜୀବନ ରକ୍ଷାକାରୀ ବ୍ୟବସ୍ଥା (ଯେପରିକି ଭେଣ୍ଟିଲେଟର ବା ଫିଡିଂ ଟ୍ୟୁବ୍) ହଟାଇ ଦିଆଯାଏ, ଯାହାଫଳରେ ପ୍ରକୃତି ନିଜ କାମ କରିପାରିବ। ହରିଶ୍‌ଙ୍କ କ୍ଷେତ୍ରରେ କୋର୍ଟ ଏହି ଡାକ୍ତରୀ ପଦ୍ଧତିରେ ଦିଆଯାଉଥିବା ପୋଷଣ ବା କ୍ଲିନିକାଲି ଆଡ୍‌ମିନିଷ୍ଟରେଡ ନ୍ୟୁଟ୍ରିସନକୁ ବନ୍ଦ କରିବାକୁ ଅନୁମତି ଦେଇଛନ୍ତି, ଯାହାଫଳରେ ତାଙ୍କର ଯନ୍ତ୍ରଣାଦାୟକ ଯାତ୍ରା ଶେଷ ହୋଇପାରିବ।

ଇଚ୍ଛାମୃତ୍ୟୁ ସବୁବେଳେ ଏକ ଜଟିଳ ବିଷୟ। ଅନେକ ଧର୍ମ ଏବଂ ସାମାଜିକ ଗୋଷ୍ଠୀ ଏହାକୁ ପାପ ବୋଲି ମାନନ୍ତି। କିନ୍ତୁ ଆଧୁନିକ ମାନବବାଦ କହେ ଯେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ସର୍ବନିମ୍ନ ମାନବୀୟ ସମ୍ମାନରୁ ବଞ୍ଚିତ କରି କେବଳ ମେଶିନ ସାହାଯ୍ୟରେ ବଞ୍ଚାଇ ରଖିବା ପ୍ରକୃତରେ ଏକ କ୍ରୂରତା। ହରିଶ୍‌ଙ୍କ ମାତାପିତାଙ୍କ ମନରେ ଏହି ଆବେଦନ କରିବା ସମୟରେ କେତେ କଷ୍ଟ ହୋଇଥିବ ତାହା କଳ୍ପନା କରିବା କଷ୍ଟକର। କିନ୍ତୁ ସେମାନେ ନିଜ ସନ୍ତାନକୁ ଏହି ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଚାହୁଁଥିଲେ, ଯାହା ଶ୍ରେଷ୍ଠ ପିତୃତ୍ୱ ଓ ମାତୃତ୍ୱର ପରିଚୟ।

ସୁପ୍ରିମକୋର୍ଟ ଏହି ମାମଲାରେ କେବଳ ଆଦେଶ ଦେଇନାହାନ୍ତି, ବରଂ ସରକାରଙ୍କୁ ଏକ ବ୍ୟାପକ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ବ୍ୟବସ୍ଥାରେ ପ୍ରାଥମିକ ଏବଂ ଦ୍ୱିତୀୟରେ ମେଡିକାଲ ବୋର୍ଡର ଅନୁମୋଦନ ଏବଂ ପରେ କୋର୍ଟଙ୍କ ହସ୍ତକ୍ଷେପ ଏକ ଦୀର୍ଘ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ବିଳମ୍ବ ଯୋଗୁ ରୋଗୀ ଅଧିକ କଷ୍ଟ ପାଏ। ତେଣୁ ଏକ ସ୍ୱଷ୍ଟ ସଂସଦୀୟ ଆଇନର ଆବଶ୍ୟକତା ରହିଛି, ଯାହାଫଳରେ ପ୍ରକୃତରେ ଯୋଗ୍ୟ ରୋଗୀମାନେ ଅନାବଶ୍ୟକ ଆଇନଗତ ଜଟିଳତାରେ ନ ଫସି ଶୀଘ୍ର ନ୍ୟାୟ ପାଇପାରିବେ।

ହରିଶ୍ ରାଣାଙ୍କ କ୍ଷେତ୍ରରେ ମିଳିଥିବା ଏହି ନିଷ୍ପତ୍ତି ଭାରତୀୟ ଆଇନ ବ୍ୟବସ୍ଥାର ଏକ ପରିପକ୍ୱତାର ପ୍ରମାଣ। ଏହା ଆମକୁ ଶିଖାଉଛି ଯେ 'ଜୀବନ'ର ଅର୍ଥ କେବଳ ନିଃଶ୍ୱାସପ୍ରଶ୍ୱାସ ନୁହେଁ, ବରଂ ଏକ ସମ୍ମାନଜନକ ଅସ୍ତିତ୍ୱ। ଯେତେବେଳେ ଜୀବନରୁ ସେହି ସମ୍ମାନ ଚାଲିଯାଏ, ସେତେବେଳେ ମୃତ୍ୟୁ ହିଁ ଶେଷ ଆଶ୍ରୟ ହୋଇଯାଏ। ଏହି ଐତିହାସିକ ରାୟ ଆଗାମୀ ଦିନରେ ଅନେକ ଶଯ୍ୟାଶାୟୀ ରୋଗୀଙ୍କ ପାଇଁ ଏକ ଶାନ୍ତିପୂର୍ଣ୍ଣ ମୁକ୍ତିର ବାଟ ଦେଖାଇବ। ଆଇନର ଶୁଷ୍କ ପୃଷ୍ଠାଗୁଡ଼ିକ ମଧ୍ୟରେ ମାନବୀୟ ସମ୍ବେଦନା ଜୀବିତ ରହିବା ଆମ ସମାଜ ପାଇଁ ଏକ ଶୁଭ ସଂକେତ।

ଗଞ୍ଜାମ, ମୋ: ୭୭୮୭୦୦୧୦୦୧

## ପାଠକ ଶ୍ରେଷ୍ଠ ବିଚାରକ

### ଆୟୁଷ୍ମାନ୍ କାର୍ଡର ଅପବ୍ୟବହାର

ମହାଶୟ,

ଓଡ଼ିଶାର ଗରିବଙ୍କ ପାଇଁ ଆୟୁଷ୍ମାନ୍ କାର୍ଡର ପ୍ରତିଶ୍ରୁତି କେତେକ ଡାକ୍ତରଖାନାରେ ଏକ ଦୁଃସ୍ୱପ୍ନରେ ପରିଣତ ହେଉଛି। ଜୀବନ ରକ୍ଷା ପାଇଁ ଉଦ୍ଦିଷ୍ଟ ଏହି କାର୍ଡ ଶୋଷଣର ଉପକରଣ ପାଲଟିଛି। ଶୀଘ୍ର ଚିକିତ୍ସା ପରିବର୍ତ୍ତେ ଜ୍ୱର ଭଳି ସାଧାରଣ ରୋଗରେ ପୀଡ଼ିତ ଦୁର୍ବଳ ରୋଗୀଙ୍କୁ ବିନା କାରଣରେ ହସ୍ପିଟାଲରେ ରଖି ଅଯଥା ସ୍କାନ୍ ଏବଂ ପରୀକ୍ଷା ପାଇଁ ବାଧ୍ୟ କରାଯାଉଛି। ଜଟିଳ ଚିକିତ୍ସା ପ୍ରକ୍ରିୟା ବିଷୟରେ ଅଜ୍ଞ ପରିବାରଗୁଡ଼ିକୁ ବଡ଼ ରୋଗର ଭୟ ଦ୍ୱାରା ଆତଙ୍କିତ କରାଯାଉଛି। ଯେତେବେଳେ ଗରିବ ଲୋକମାନେ ସାହାଯ୍ୟ ପାଇଁ ଚିତ୍କାର କରନ୍ତି, ହେଲ୍ପଲାଇନ ମଧ୍ୟ ନୀରବ ହୋଇଯାଏ ଏବଂ ହସ୍ପିଟାଲଗୁଡ଼ିକ ସମ୍ପୂର୍ଣ୍ଣ ନକଲି କାଗଜପତ୍ର ସହ ଗୋଟିଏ ପାଦ ଆଗରେ ରୁହନ୍ତି। ସ୍ୱାସ୍ଥ୍ୟସେବା ନୁହେଁ, ଏହା ଭୟର ବ୍ୟବସାୟ। ଆର୍ଥିକ ଲାଭ ପାଇଁ ଅଭାବୀ ଲୋକଙ୍କୁ କରାଯାଉଥିବା ଏଭଳି ଶୋଷଣ ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତକତା। ଏହି ସହାୟତା ଉପରେ ନିର୍ଭର କରୁଥିବା ଗରିବମାନେ ଭୟ ଏବଂ ଆର୍ଥିକ ସଙ୍କଟରେ ପଡ଼ି ରହିଛନ୍ତି, ଯେତେବେଳେ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥାର ଅପବ୍ୟବହାର କରାଯାଉଛି। ଏହି ଦୁର୍ନୀତିରୁ ଦୁର୍ବଳ ଶ୍ରେଣୀର ନାଗରିକଙ୍କୁ ରକ୍ଷାକରିବା ପାଇଁ ତୁରନ୍ତ ତଦାରଖ କରାଯାଇ ହସ୍ପିଟାଲଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉ।

–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୫୦ ବର୍ଷ ତଳର ଧରିତ୍ରୀ

୧୮ ମାର୍ଚ୍ଚ ୧୯୭୬

- ଦେଶରେ ଦର୍ଶନ ଶାସ୍ତ୍ରର ଶିକ୍ଷା ଓ ଗବେଷଣାକୁ ଉତ୍ସାହିତ କରିବା ଲାଗି କେନ୍ଦ୍ର ଶିକ୍ଷା ଓ ସମାଜକଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଦର୍ଶନଶାସ୍ତ୍ର ପରିଷଦ ପ୍ରତିଷ୍ଠା।
- ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ପରିଚାଳନା କମିଟି ବୈଠକରେ ବିଭିନ୍ନ ପ୍ରସ୍ତାବର ପ୍ରାଥମିକ ନିୟନ୍ତ୍ରଣ ପାଇଁ ନୂତନ ପଦ୍ଧତି ଅନୁସରଣ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ।

## ଚିରନ୍ତନୀ

ଦେଖରେ ତାରା ଦେଖ ଆକାଶେ
ତୁମରି କବି ଲୋତକେ ଭାଷେ
ଏ ଧୂଳି ତଳେ କି ଦୀନ ବେଶେ
ଭ୍ରମଇ କିବା ଭିକ୍ଷା ଆଶେ !
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | 4 | | 5 | |
| | | | 8 | | 7 | | | |
| | | | | 1 | 3 | | | |
| | | 3 | | 6 | | | | |
| 1 | | | 5 | | | | 3 | |
| 9 | | | | 7 | | 4 | 1 | |
| 8 | 3 | | | | | | 2 | 1 |
| | 6 | | 1 | | | 8 | | 7 |
| | | | | 2 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 9 | 1 | 3 | 8 | 5 | 2 |
| 1 | 2 | 5 | 4 | 7 | 8 | 6 | 9 | 3 |
| 3 | 9 | 8 | 5 | 6 | 2 | 4 | 7 | 1 |
| 7 | 1 | 6 | 8 | 3 | 5 | 9 | 2 | 4 |
| 9 | 3 | 4 | 6 | 2 | 7 | 5 | 1 | 8 |
| 5 | 8 | 2 | 1 | 4 | 9 | 7 | 3 | 6 |
| 2 | 5 | 9 | 3 | 8 | 4 | 1 | 6 | 7 |
| 4 | 7 | 1 | 2 | 9 | 6 | 3 | 8 | 5 |
| 8 | 6 | 3 | 7 | 5 | 1 | 2 | 4 | 9 |

ଗତକାଲିର ଉତ୍ତର

# ଦେବେନ୍ଦ୍ରଙ୍କ କଥା, କାମରେ ଫରକ ନ ଥିଲା: ରାଜନାଥ

ଭୁବନେଶ୍ୱର,୧୭।୩(ସୁନିତ୍ ମିଶ୍ର)

ରାଜନୀତି ଲୋକଙ୍କ ପ୍ରତି ସାଧାରଣରେ ଗୋଟିଏ ଧାରଣା ସୃଷ୍ଟି ହୋଇଥାଏ, ରାଜନୀତି କରୁଥିବା ଲୋକମାନେ ଯାହା କୁହନ୍ତି ତାହା କରନ୍ତି ନାହିଁ। ସାଧାରଣରେ ପ୍ରାୟ ସମସ୍ତେ ଦେଖିଥିବେ ଯଦି ଜଣେ ଲୋକ କାହାକୁ ଦୋଷଦେବାକୁ ଚେଷ୍ଟା କରିଥାଏ, ତେବେ ସେ ତା'ର ସାମ୍ନା ବ୍ୟକ୍ତି କଥା ଶୁଣିବା ପରେ କହିଥାଏ ତୁ ଆଉ ମୋ ସହିତ ରାଜନୀତି କରନି। ଏଥିରୁ ବୁଝିହୁଏ ରାଜନୀତି କରୁଥିବା ବ୍ୟକ୍ତିଙ୍କ କଥା ଉପରେ ସାଧାରଣ ଲୋକଙ୍କ ଭରସା କେତେ ରହିଛି। ମାତ୍ର ଡାକ୍ତର ଦେବେନ୍ଦ୍ର ପ୍ରଧାନ ସେପରି ନ ଥିଲେ। ସେ ସମ୍ପୂର୍ଣ୍ଣ ଓଲଟା ଥିଲେ। କିଛିଦିନ ତାଙ୍କ ସହିତ କାମ କରିବାର ସୁଯୋଗ ମିଳିଛି। ତାଙ୍କ ଭିତରେ ସହଜତା, ସରଳତା ରହିଥିଲା। ଯାହା କହୁଥିଲେ ସେଇଆ ହିଁ କରୁଥିଲେ, ତାଙ୍କ କଥା ଏବଂ କାମରେ ଫରକ ଥିଲା। ସେ କାହାକୁ ଅନାବଶ୍ୟକ ପ୍ରତିଶ୍ରୁତି ଦେଉ ନ ଥିଲେ। ଭାଜପାକୁ ତୃଣମୂଳସ୍ତରରୁ ମଜଭୁତ କରିବା ଲାଗି ସେ ଏକ ଚ୍ୟାଲେଞ୍ଜ ବୋଲି ଧରିନେଇଥିଲେ। ଜନସେବା ପାଇଁ ତାଙ୍କ ଜୀବନ ସମର୍ପିତ ଥିଲା। ସମାଜର ବଞ୍ଚିତ ଏବଂ ଗରିବ ଲୋକଙ୍କ ସମସ୍ୟା ସମାଧାନ କରିବା ଲାଗି ଯେତିକି କରିପାରିବେ ସେ କରିଥିଲେ। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) କିପରି ସ୍ଥିର ହେବ ତା'ର ପଲିସି ସବୁକିଛି ପ୍ରସ୍ତୁତିରେ ଦେବେନ୍ଦ୍ରବାବୁ ପ୍ରମୁଖ ଭୂମିକା ନେଇଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

## ବିନମ୍ରତା, ଆତ୍ମୀୟତା ଭାବ ଦେବେନ୍ଦ୍ରଙ୍କ ବ୍ୟକ୍ତିତ୍ୱର ବଡ଼ ଆକର୍ଷଣ: ମୁଖ୍ୟମନ୍ତ୍ରୀ



କୃଷି ଶିକ୍ଷା ସଦନରେ ମଙ୍ଗଳବାର ଡା. ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ସମାରୋହରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ନେତୃବୃନ୍ଦ ତାଙ୍କ ଜୀବନୀ ପୁସ୍ତକ 'ଡାକ୍ତର ବାବୁ' ଉନ୍ମୋଚନ କରୁଛନ୍ତି।

ସ୍ଥାନୀୟ କୃଷି ଶିକ୍ଷା ସଦନଠାରେ ଅନୁଷ୍ଠିତ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ ଅବସରରେ କେନ୍ଦ୍ରମନ୍ତ୍ରୀ ରାଜନାଥ ଆହୁରି କହିଥିଲେ , ସବୁବେଳେ ଲୋକଙ୍କ ପାଇଁ କାମ କରିବାର ପ୍ରତିବଦ୍ଧତା ଯାହା ତାଙ୍କ ପାଖରେ ରହିଥିଲା ତାକୁ ଦେଖି ପ୍ରେରଣା ପାଇଥିଲେ। ଓଡ଼ିଶାର ବିକାଶ ହେବା ଦରକାର ସେଥିଲାଗି ଯେତିକି ପରିଶ୍ରମ କରିବା ଦରକାର ସେଥିରେ ସେ ଅବହେଳା କରୁ ନ ଥିଲେ। ଓଡ଼ିଶା ରାଜନୀତିରେ ତାଙ୍କର ଏକ ଭିନ୍ନ ପରିଚୟ ରହିଥିଲା, ଯେତେବେଳେ କେନ୍ଦ୍ରମନ୍ତ୍ରୀ ଭାବେ ଓଡ଼ିଆରେ ଶପଥ ଗ୍ରହଣ କରିଥିଲେ। ତାଙ୍କ ଆଞ୍ଚଳିକ ଭାଷାର ପ୍ରଚାରପ୍ରସାର ହେଉ ଏହା ହିଁ ତାଙ୍କ ମୂଳ ଲକ୍ଷ୍ୟ ଥିଲା। ରାଜ୍ୟରେ ଏବେ ଭାଜପାର ଏକକ ସଂଖ୍ୟା ଗରିଷ୍ଠ ସରକାର ଆସିଛି। ମାତ୍ର ଓଡ଼ିଶା ଭାଜପା ପ୍ରତି ଦେବେନ୍ଦ୍ର ପ୍ରଧାନଙ୍କ ଅବଦାନକୁ କେବେହେଲେ ଭୁଲିବା କଥା ନୁହେଁ ବୋଲି ରାଜନାଥ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ , ବିନମ୍ରତା ଏବଂ ଆତ୍ମୀୟଭାବ ଥିଲା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ଆକର୍ଷଣ। ଭାରତୀୟ ଜନତା ପାର୍ଟି ନୀତି ଓ ଆଦର୍ଶ ପ୍ରତି ସେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ ଏବଂ ଆଚରଣ ତଥା ଉଚ୍ଚାରଣରେ ଏହା ତାଙ୍କ ପାଖରେ ସବୁବେଳେ ପ୍ରତିଫଳିତ ହେଉଥିଲା। କେବଳ ଜଣେ ରାଜନେତା ନୁହେଁ , ଜଣେ ଉତ୍ତମ ମଣିଷ ଭାବେ ସେ ସମସ୍ତଙ୍କ ପ୍ରିୟଭାଜନ ହେଇପାରିଥିଲେ। ତାଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ହିଁ ଓଡ଼ିଶାରେ ଭାଜପା ସଙ୍ଗଠନକୁ ମଜଭୁତ କରିବାରେ ମୁଖ୍ୟ ସୂତ୍ରଧର ସାଜିଥିଲା। ସେ ଥିଲେ ସମସ୍ତଙ୍କ ପାଇଁ ଏକ ଅଫୁରନ୍ତ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଡାକ୍ତର ପ୍ରଧାନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ପ୍ରେରଣାର କେନ୍ଦ୍ର ଥିଲେ। ଅସୀମ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସର ସହ କଠିନ ସ୍ଥିତିରେ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲିବାର କଳା ତାଙ୍କୁ ସ୍ୱତନ୍ତ୍ର କରିଥିଲା ବୋଲି ମନମୋହନ କହିଛନ୍ତି।

ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ସଭାପତି ସମୀର ମହାନ୍ତି କହିଛନ୍ତି, ଡାକ୍ତର ପ୍ରଧାନ ଜଣେ କୁଶଳୀ ସଙ୍ଗଠନ ଶିଳ୍ପୀ ଥିଲେ। ଭାଜପା ପଞ୍ଚନିଷ୍ଠାର ସାଧକ, ଅନ୍ତ୍ୟୋଦୟର ବାହାକ ଥିଲେ। ତାଙ୍କ ଜୀବନ ଓ ଆଦର୍ଶ ଓଡ଼ିଶାର ଜନଜୀବନରେ ଏବଂ ବିଶେଷକରି ରାଜନୈତିକ କ୍ଷେତ୍ରରେ ଏକ ଅଲିଭା ସ୍ମୃତି ହୋଇ ରହିବ ବୋଲି ଡାକ୍ତର ବାବୁ ପୁସ୍ତକର ଲେଖକ କାଳନ୍ଦୀ ସାମଲ କହିଛନ୍ତି। ଓଡ଼ିଶାର ପ୍ରକାଶର ଗଙ୍ଗାଧର ତ୍ରିପାଠୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକଙ୍କ ଦ୍ୱାରା 'ଡାକ୍ତର ବାବୁ' ପୁସ୍ତକର ଓଡ଼ିଆ ସଂସ୍କରଣ ପ୍ରକାଶିତ ହୋଇଛି। ଏହି ପୁସ୍ତକର ହିନ୍ଦୀ ସଂସ୍କରଣ ମଧ୍ୟ ଉନ୍ମୋଚିତ ହୋଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

## ସରପ୍ରାଇଜ ଦେଲେ ଅନିଲ


ଅନିଲ କପୁର

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅନିଲ କପୁର ଏବେ ନିଜର ଆଗାମୀ ଫିଲ୍ମ 'ସୁବେଦାର'କୁ ନେଇ ଚର୍ଚ୍ଚାରେ। କିନ୍ତୁ ଏହି ସମୟରେ ସେ ନିଜ ପ୍ରଶଂସକଙ୍କୁ ଏକ ସରପ୍ରାଇଜ୍ ଦେଇଛନ୍ତି। ଦୀର୍ଘ ୧୦ ବର୍ଷ ପରେ ଅନିଲ ଛୋଟ ପରଦାରେ ଅଭିନୟ କରିବେ। ନିଜର ଲୋକପ୍ରିୟ ଅବତାର 'ଜୟସିଂହ ରାଠୋର' ଭାବେ ଫେରିବାକୁ ସେ ପ୍ରସ୍ତୁତ ହେଉଛନ୍ତି। ସୋସିଆଲ ମିଡିଆ 'X'ରେ ସେ ନିଜେ '୨୪-ସିଜିନ ୩' ବିଷୟରେ ସୂଚନା ଦେଇଛନ୍ତି। ତେବେ ଏହା ଲୋକପ୍ରିୟ ଆମେରିକୀୟ '୨୪ ସିରିଜ୍'ର ଭାରତୀୟ ରିମେକ୍। ଏହାର ପ୍ରଥମ ସିଜନ୍ ୨୦୧୩ ଏବଂ ଦ୍ୱିତୀୟ ସିଜନ୍ ୨୦୧୬ରେ ଆସିଥିଲା। ଏହି ଦୁଇ ସିଜନ୍‌ରେ ସାକ୍ଷୀ ତନୱାର, ସୁରଭିନ ଚାୱଲା ଏବଂ ସିକନ୍ଦର ଖେରଙ୍କ ଭଳି କଳାକାରଙ୍କୁ ଦେଖିବାକୁ ମିଳିଥିଲା। ତୃତୀୟ ସିଜନ୍‌ରେ ପୁରୁଣା କଳାକାର ଫେରିବେ କି ନୂଆ ମୁହଁ ଦେଖିବାକୁ ମିଳିବ, ସେ ନେଇ ଏବେ ମଧ୍ୟ ସସ୍‌ପେନ୍ସ ଜାରି ରହିଛି।

## ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନକୁ ଗୁରୁତ୍ୱ

### ଅର୍ଡନାନ୍ସ ଫ୍ୟାକ୍ଟ୍ରି ଦିବସ

ପ୍ରତିବର୍ଷ ମାର୍ଚ୍ଚ ୧୮ରେ ପାଳିତ ହୋଇ ଆସୁଛି ଅର୍ଡନାନ୍ସ ଫ୍ୟାକ୍ଟ୍ରି ଦିବସ (ଅସ୍ତ୍ର କାରଖାନା ଦିବସ)। ୧୮୦୧ ମସିହାରେ କୋଲକାତା ନିକଟବର୍ତ୍ତୀ କୋସିପୁର (ବର୍ତ୍ତମାନ ଗନ୍ ଆଣ୍ଡ ସେଲ ଫ୍ୟାକ୍ଟ୍ରି, କୋସିପୁର ଭାବରେ ଜଣାଶୁଣା) ଠାରେ ଏକ ଗନ୍ କ୍ୟାରେଜ ଏଜେନ୍ସି ଖୋଲା ଯାଇଥିଲା। ୧୮୦୨ ମସିହା ୧୮ ମାର୍ଚ୍ଚରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ଏହା ଅର୍ଡନାନ୍ସ ଫ୍ୟାକ୍ଟ୍ରିର ପ୍ରଥମ ଶିଳ୍ପ ପ୍ରତିଷ୍ଠାନ, ଯାହା ଆଜି ପର୍ଯ୍ୟନ୍ତ ଏହାର ଅସ୍ତିତ୍ୱ ବଜାୟ ରଖିଛି। ଚଳିତବର୍ଷ ଏହି ଦିବସ ଉପଲକ୍ଷେ ଘୋଷିତ ବିଷୟବସ୍ତୁ ରହିଛି 'ଉକ୍ତ ଦିବସଟି ନିରନ୍ତର ଆତ୍ମନିର୍ଭର ଭାରତ (ସ୍ୱୟଂଚାଳିତ ଭାରତ) ଉପରେ ଧ୍ୟାନ ଦିଏ, ଯାହା ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ଭାରତର ସଶସ୍ତ୍ର ବାହିନୀକୁ ସମର୍ଥନ କରିବା ଲାଗି ପାଳନ କରିଥାଏ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Electrician, Labour, House Keeping, Welder, Fitter, Supervisor, Driver ଦରକାର। ରହିବା ସୁବିଧା ଅଛି।
- ଯୋଗାଯୋଗ -
8249176583 / 9938506850

**APPOINTMENT**
ITI Passed fresher or experienced Trade **RAC/Electrician/Wireman/Fitter**. Location: Khurda Dist. in Plant/Office AC Works for Sales. Min. Qualification: +2 or above with Computer Knowledge having strong Communication Skills.
Contact: 9861026761

**Government of India**
**Ministry of Environment, Forest and Climate Change**
**Regional Office, Bhubaneswar**

No.19001/89/2526

**Online Proposal No.: FP/OR/SCH/472459/2024**

**Dated: 28/02/2026**

To,

**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar - 751 001**

**Subject: Final (Stage-II) approval of Central Government under Section 2(1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 3.238 ha of Revenue forest (Sabik Forest) land for construction of Ekalavya Model Residential School (EMRS) at Arsala village of Jhumpura Tahasil of Keonjhar District under Keonjhar Forest Division by ST & SC Development Department, District Welfare Officer, Keonjhar -reg.**

**Sir/Madam,**

I am directed to refer to State Govt, letter No. FE-DIV-FLD-0072-2024-19436/FE&CC dated 08.10.2024, DFO, Keonjhar's Memo No.9060/6F-Mining-107/2023 dated 06.11.2024 and Online Proposal No.FP/OR/SCH/472459/2024, wherein prior approval of the Ministry of Environment, Forest & Climate Change for non-forestry use of 3.238 ha of Revenue forest (Sabik Forest) land for construction of Ekalavya Model Residential School (EMRS) at Arsala village of Jhumpura Tahasil of Keonjhar District under Keonjhar Forest Division by ST & SC Development Department, District Welfare Officer, Keonjhar, was sought in accordance with Section-2 (1)(ii) of the Van (Sanrakshan Evam Samvardhan) Adhiniyam, 1980. After due consideration of the proposal by the Ministry of Environment, Forest & Climate Change, the ***in-principle*** approval for non-forestry use of the said forest land was accorded by Ministry vide this office letter of even number dated 30.11.2024, subject to fulfillment of certain conditions. The State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

In this connection, I am directed to say that on the basis of the compliance report furnished by the PCCF & Nodal Officer (FCA), Odisha vide their letter No.4012/9F (SCH)-58/2024 dated 21.02.2026 and submission of the compliance report by the State Govt. through *Parivesh* web portal on 25.02.2026, ***Stage-II/final*** approval of the Ministry of Environment, Forest & Climate Change is hereby granted under Section 2 (1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 3.238 ha of Revenue forest (Sabik Forest) land for construction of Ekalavya Model Residential School (EMRS) at Arsala village of Jhumpura Tahasil of Keonjhar District under Keonjhar Forest Division by ST & SC Development Department, District Welfare Officer, Keonjhar, subject to the fulfillment of the following conditions:-

**1. General Conditions:**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The State Govt. shall ensure that the user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India |
| 1.3 | The State Govt. shall ensure the compliance on FRA, 2006 as per Van (Sanrakshan Evam Samvardhan) Rules and guidelines issued from time to time before handing over of the diverted forest land to user agency. |
| 1.4 | The State Govt. shall ensure that the KML files of the forest area to be diverted, CA and Addl. CA areas shall be uploaded on the e-Green watch portal with all requisite details before handing over of the diverted forest land to the user agency. |
| 1.5 | The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.6 | The State Govt. shall ensure that the State Forest Department will raise Compensatory afforestation over 6.474 ha degraded revenue forest land identified in Plot No.2745 (P), Khata No.379 of Kissam Patra Jungle of village Karadangi under Telkoi Tahasil of Keonjhar Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The State Govt. shall ensure that the State Forest Department will raise Additional Compensatory afforestation over 4.566 ha of degraded forest land identified in Poipani RF under Ghatgaon Range of Keonjhar Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.8 | The State Govt. shall ensure that the species to be planted in the CA & Addl. CA schemes shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.9 | The State Govt. shall ensure that the user agency shall create green space to ensure adequate greenery within the project area. In this designated green areas, plantation of multi canopy and indigenous species with intensive planting technique shall be carried out at project cost in consultation with State Forest Department. |
| 1.10 | The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.11 | The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas. |
| 1.12 | The State Govt. and the user agency shall ensure that no additional or new path will be constructed inside the forest area for any activity related to the project work. |
| 1.13 | The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner. |
| 1.14 | The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency. |
| 1.15 | The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change. |
| 1.16 | The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change. |
| 1.17 | The State Govt. shall ensure that no damage to the flora and fauna of the adjoining area shall be caused. |
| 1.18 | The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area. |
| 1.19 | The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Regional Office of this Ministry by the end of March every year regularly. |
| 1.20 | The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency. |
| 1.21 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.22 | Any other direction issued by the Ministry as a result of Hon'ble Supreme Court order will have bearing on this approval. |
| 1.23 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

**Copy To**
1. The Chief Executive Officer, National Authority CAMPA, Ministry of Environment, Forest & Climate Change, 3rd Floor, Supreme Court Metro Station Building, New Delhi-110 001.
2. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi - 110 003.
3. The PCCF & Nodal Officer (FCA), Forest Department, Govt, of Odisha, Aranya Bhawan, Chandrasekharpur. Bhubaneswar-751023.
4. The Divisional Forest Officer, Keonjhar Forest Division, Keonjhar, Odisha.
5. The District Welfare Officer, O/o the Collector & District Magistrate, Dist: Keonjhar-758001. Odisha.

**Your's faithfully**
**(Sujoy Dutta)**
**Assistant Commissioner (Forestry)**

**OIPR-19001/19243/1/25-26/0003**

## ପରିବେଶ ସୁରକ୍ଷା ପାଇଁ ଇଭିକୁ ପ୍ରୋତ୍ସାହନ ଦିଆଯାଉଛି: ମନ୍ତ୍ରୀ ଜେନା

ଭୁବନେଶ୍ୱର,୧୭।୩(ସୁନିତ୍ ମିଶ୍ର)

ଭାଜପା ସରକାର 'ଲାଷ୍ଟ ମାଇଲ କନେକ୍ଟିଭିଟି'କୁ ଅଧିକ ସୁଦୃଢ଼ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନା ମାଧ୍ୟମରେ ଅନ୍ତଃରାଜ୍ୟ ଏବଂ ଆନ୍ତଃରାଜ୍ୟ ପରିବହନ କ୍ଷେତ୍ରରେ ଏକ ନିରାପଦ, ଭରସାଯୋଗ୍ୟ ଏବଂ ଆଧୁନିକ ଗମନାଗମନ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ବିଭାଗ ସଙ୍କଳ୍ପବଦ୍ଧ। ଏଥିସହ ପରିବେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ଆମେ ସମଗ୍ର ରାଜ୍ୟରେ ବୈଦ୍ୟୁତିକ ଯାନ(ଇଭି)ର ବ୍ୟବହାରକୁ ପ୍ରୋତ୍ସାହିତ କରୁଛୁ। ଏକ ପ୍ରଦୂଷଣମୁକ୍ତ, ନିରାପଦ ଏବଂ ଆଧୁନିକ ପରିବହନ ବ୍ୟବସ୍ଥା ହିଁ 'ବିକଶିତ ଓଡ଼ିଶା'ର ମୂଳଦୁଆ ହେବ। ପରିବେଶର ସନ୍ତୁଳନ ରକ୍ଷା କରିବା ଏବଂ କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣକୁ ରୋକିବା ପାଇଁ ସରକାର ସମଗ୍ର ରାଜ୍ୟରେ ବୈଦ୍ୟୁତିକ ଯାନର ବ୍ୟବହାରକୁ ବହୁଗୁଣିତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଇଭି ଯାନ ବ୍ୟବହାରକୁ ସାରା ରାଜ୍ୟରେ ଲୋକାଦୃତ କରିବା ନିମନ୍ତେ ୧୦୦ଟି ଇଭି ଚାର୍ଜିଂ ଷ୍ଟେଶନ ସ୍ଥାପନ କରିବାପାଇଁ ଯୋଜନା କରାଯାଉଛି। ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୧୫ଟି ଇଭି ଚାର୍ଜିଂ ଷ୍ଟେଶନ କାର୍ଯ୍ୟକ୍ଷମ ହୋଇସାରିଛି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ବିଧାନସଭାରେ ମଙ୍ଗଳବାର ପରିବହନ ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ଗ୍ରୀନ୍ ଓଡ଼ିଶା ଇଭି ପଲିସି ଅଧୀନରେ ଚଳିତ ବର୍ଷ ପାଇଁ ସବ୍‌ସିଡି ବାବଦକୁ ୨୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଓ ଭିତ୍ତିଭୂମି ଉନ୍ନୟନ ଯୋଜନାରେ ୧୦୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦୁର୍ଘଟଣା ସଂଖ୍ୟା ହ୍ରାସ ଓ ବେପରୁଆ ଗାଡ଼ି ଚାଳକଙ୍କ ଉପରେ ନିୟନ୍ତ୍ରଣ ଲକ୍ଷ୍ୟରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗକରି ରାଜ୍ୟର ପ୍ରମୁଖ ରାଜପଥଗୁଡ଼ିକରେ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ବା ଦିଶା ପ୍ରକଳ୍ପ କାର୍ଯ୍ୟକାରିତା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ୬ଟି ମାର୍ଗରେ କାର୍ଯ୍ୟକାରୀ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ୭ଟି ସ୍ଥାନରେ କାର୍ଯ୍ୟକ୍ରମ ହୋଇଛି। ରାସ୍ତାରେ ବେଆଇନ ଯାନ ପାର୍କିଂ ଯୋଗୁ ଘଟୁଥିବା ଦୁର୍ଘଟଣା ହ୍ରାସ କରିବା ଉଦ୍ଦେଶ୍ୟରେ ବିଭାଗ ତରଫରୁ ୧୯ ଜିଲାରେ ୨୮ଟି ଟ୍ରକ୍ ଟର୍ମିନାଲ ନିର୍ମାଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟରେ ଅତ୍ୟାଧୁନିକ, ଉଚ୍ଚମାନର ସାର୍ବଜନୀନ ପରିବହନ ଭିତ୍ତିଭୂମି ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ସରକାର 'ଅଟଳ ବସ ଷ୍ଟାଣ୍ଡ (ଏବିଏସ୍)' ଯୋଜନା ପ୍ରଣୟନ କରିଛନ୍ତି। ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ପୁରୀ ଓ ପାରାଦୀପରେ ଦୁଇଟି ନୂତନ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ଏବଂ ସତୀଭଟା, ଜମାଦାରପାଲି, ଦାଣ୍ଡବୋଷ, ରାଇସୁଆନ, ଧୁରୁଆ, ଅମର୍ଦା ରୋଡ୍, ଗୁଡାରି, ରଙ୍ଗେଇଲୁଣ୍ଡା, ବଡବିଲ ଏବଂ ଗୋଚମାଠାରେ ବିମାନବନ୍ଦର ନିର୍ମାଣ କରାଯିବ। ୨୦୧୯ ପରେ ପ୍ରାୟ ୭୭ ଲକ୍ଷ ଇ-ଚାଲାଣକୁ ଏକକାଳୀନ ପୈଠ ବ୍ୟବସ୍ଥା ୧୬ ସେପ୍ଟେମ୍ବର ୨୦୨୫ରେ ଅଣାଯାଇଥିଲା। ୧୫୦ କୋଟି ଆଦାୟ ହୋଇଥିବାବେଳେ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଲାଣ ବକେୟା ଅଛି ବୋଲି ସେ କହିଛନ୍ତି। ଶେଷରେ ଗୃହରେ ପରିବହନ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

**ଦ.ପୂ. ରେଳପଥ – ଟେଣ୍ଡର**
**ଶୁଦ୍ଧିପତ୍ର**
ଉପମୁଖ୍ୟ ମେକାନିକାଲ୍ ଯନ୍ତ୍ରୀ (ସିଡବ୍ଲ୍ୟୁ), ଖଡ଼ଗପୁର ୱାର୍କଶପ୍‌ଙ୍କ ଦ୍ୱାରା ପୂର୍ବରୁ ପ୍ରକାଶିତ **ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଡବ୍ଲ୍ୟୁଏଲ୍‌ଆଇ-ୟୁଏନ୍‌ଡି-୧୨୭୫-୧** ଏବଂ **ଡବ୍ଲ୍ୟୁଏଲ୍‌ଆଇ-ଓଭିଏଚ୍-୧୨୫୦-୧**ର ଶୁଦ୍ଧିପତ୍ର; **ଅମାନତ ରାଶିକୁ** ୩,୪୩,୩୦୦/- ଓ ୩,୩୯,୫୦୦ ବଦଳରେ ଯଥାକ୍ରମେ **ଟ.୭,୭୩,୩୦୦/-** ଓ **ଟ.୭,୫୮,୨୦୦/-** ପଢ଼ାଯିବା ଆବଶ୍ୟକ । ଟେଣ୍ଡର ବିଜ୍ଞପ୍ତିର ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ ଇ-ପୋର୍ଟାଲ ୱେବ୍‌ସାଇଟ୍ **https://www.ireps.gov.in**ରେ ଉପଲବ୍ଧ । (PR-1315/C)

**ନାଭାଲ କିଣ୍ଡରଗାର୍ଟେନ୍, ଆଇଏନ୍‌ଏସ୍ ଚିଲିକା**
ନାଭାଲ ବେସ୍, ଆଇଏନ୍‌ଏସ୍ ଚିଲିକା, ଜିଲ୍ଲା-ଖୋର୍ଦ୍ଧା-୭୫୨୦୩୭
ଇମେଲ୍: navalkindergarten@gmail.com

**ଏନ୍‌କେଜି ଚିଲିକାରେ ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ପାଇଁ ଖାଲିସ୍ଥାନ ଉପଲବ୍ଧ**

**୧. ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାଙ୍କୁ ଏନ୍‌କେଜି ଚିଲିକାଠାରେ ସମ୍ଭବତଃ ମାର୍ଚ୍ଚ ୨୬ ଶେଷରେ ସମ୍ଭାବ୍ୟ ଭାବେ ଅନୁଷ୍ଠିତ ହେବାକୁ ଯାଉଥିବା ୱାକ୍ ଇନ୍ ଇଣ୍ଟରଭ୍ୟୁ ଜରିଆରେ ଚୟନ କରାଯିବ ।**
**୨. ଆଗ୍ରହୀ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ୨୫ ମାର୍ଚ୍ଚ, ୨୦୨୬ ସୁଦ୍ଧା navalkindergarten@gmail.comରେ ସେମାନଙ୍କର ରିଜ୍ୟୁମ୍ ପଠାଇପାରନ୍ତି । ଯୋଗ୍ୟତା ମାନଦଣ୍ଡ ନିମ୍ନ ଅନୁଯାୟୀ ଅଟେ:**

| | ପ୍ରଧାନ ଶିକ୍ଷୟିତ୍ରୀ |
|---|---|
| ୧. | **ବୟସ ସୀମା:** ୦୧ ଜୁଲାଇ, ୨୦୨୬ ସୁଦ୍ଧା ୩୦ରୁ ୫୦ ବର୍ଷ । |
| ୨. | ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଏକ ନିୟମିତ ପାଠ୍ୟକ୍ରମରେ ଅତି କମ୍‌ରେ ୫୫% ମାର୍କ ସହିତ ସ୍ନାତକ ଡିଗ୍ରୀ ସମ୍ପୂର୍ଣ୍ଣ କରିଥିବେ । |
| ୩. | ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନରୁ ଅତି କମ୍‌ରେ ୫୦% ମାର୍କ ସହିତ ୦୨ ବର୍ଷିଆ ନର୍ସରି ଟିଚର୍ ଏଜୁକେଶନ/ ପ୍ରି-ସ୍କୁଲ୍ ଏଜୁକେଶନ/ ଆର୍ଲି ଚାଇଲ୍ଡହୁଡ୍ ଏଜୁକେଶନ ପ୍ରୋଗ୍ରାମ୍‌ରେ ଡିପ୍ଲୋମା କିମ୍ବା ସମତୁଲ୍ୟ କିମ୍ବା ଏକ ନିୟମିତ ପାଠ୍ୟକ୍ରମ ଭାବେ ବି.ଇଡି ସମ୍ପୂର୍ଣ୍ଣ କରିଥିବେ । |
| ୪. | **ଅଭିଜ୍ଞତା:** ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ହେଡ୍ ଅଫ୍ ଫାଉଣ୍ଡେସନ୍/ ପ୍ରିପାରେଟୋରି ଷ୍ଟେଜ୍ ସ୍କୁଲ ଭାବେ ଅତି କମ୍‌ରେ ତିନିବର୍ଷର ଅଭିଜ୍ଞତା କିମ୍ବା ସିବିଏସ୍‌ଇ ସ୍କୁଲରେ ଫାଉଣ୍ଡେଶନ/ ପ୍ରିପାରେଟୋରି ଷ୍ଟେଜରେ ଅତି କମ୍‌ରେ ପାଞ୍ଚ ବର୍ଷର ସମ୍ମିଳିତ ଶିକ୍ଷାଦାନ ଅଭିଜ୍ଞତା । |

CBC 10702/11/0083/2526

सेन्ट्रल बैंक ऑफ़ इंडिया
Central Bank of India
CENTRAL TO YOU SINCE 1911

**କ୍ଷେତ୍ରୀୟ କାର୍ଯ୍ୟାଳୟ:**
୧୦୮-ବି, ୟୁନିଟ୍-୭, ସୂର୍ଯ୍ୟନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩,
ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ଟେଣ୍ଡର ନୋଟିସ୍**
ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ଅଧିନସ୍ଥ ଏହାର "ପୁରୀ ଶାଖାରେ ଆଭ୍ୟନ୍ତରୀଣ ଏବଂ ଇଲେକ୍ଟ୍ରିକାଲ କାର୍ଯ୍ୟ" ନିମନ୍ତେ ଖ୍ୟାତି ସମ୍ପନ୍ନ କଣ୍ଟ୍ରାକ୍ଟରମାନଙ୍କ ଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଅଛି । ଦରଖାସ୍ତ ଦାଖଲର ଅନ୍ତିମ ତାରିଖ: ୧୦.୦୪.୨୦୨୬ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା । ସବିଶେଷ ବିବରଣୀ ପାଇଁ ୱେବ୍‌ସାଇଟ୍ https://centralbank.abcprocure.com ଏବଂ www.centralbank.bank.in ଦେଖନ୍ତୁ ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୧୭.୦୩.୨୦୨୬ ସ୍ୱା/- ମୁଖ୍ୟ ପ୍ରବନ୍ଧକ

**ODISHA HYDRO POWER CORPORATION LTD.**
(A Government of Odisha Undertaking)
**OFFICE OF THE SENIOR GENERAL MANAGER (ELECTRICAL),**
Regd.Office: UPPER KOLAB HYDRO ELECTRIC PROJECT BARINIPUT, JEYPORE, KORAPUT, ODISHA, 764006
E-mail: sgmel.ukhep@gmail.com, CIN: U40101OR1995SGC003963
**TENDER CALL NOTICE NO:53/2025-26, Dated 13.03.2026**

**No.4001/74/2526:** Sealed Tenders are invited in Single bid from the Manufacturer/ Authorized Dealers/ Reputed Supplier/ Channel Partner for supply and installation of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non- refundable) in Rs. | EMD (Rs.) (Refundable) |
|---|---|---|---|
| 1 | Repair and replacement of defective CCTV Cameras, POEs and other accessories of CCTV surveillance system installed at various locations UKHEP, Bariniput | 472 (Rs.400/-+ GST@18% | Rs.1000/- in shape of DD/ BC (Refundable) |

**The sale of Tender Paper will be from : 18.03.2026, 10.00 Hrs. to 31.03. 2026, 12.00 Hrs.**
**The Last date & time of receipt of tender : 31.03.2026, 12.00 Hrs.**
**The date and time of opening of tender : 31.03.2026, 12.30 Hrs.**
For details of tender documents, Terms & Conditions and Corrigendum please visit our website www.ohpcltd.com.
**OIPR-4001/4002/1/25-26/0008** **Sd./- C&P Head, Upper Kolab HEP, OHPC Limited, Bariniput**

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चक्रधरपुर**
E-mail : jh-chk@pmgsy.nic.in & rwdchakradharpur@gmail.com

**ई० - पुनर्निविदा अल्पकालिन निविदा आमंत्रण सूचना**

ई० – निविदा संख्या :– 06/RIII/2024-25/RWD/CHAKRADHARPUR दिनांक – 17.03.2026
कार्य का विवरण – मुख्यमंत्री ग्राम सड़क योजना (शीर्ष 4515) अन्तर्गत।
कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० | आईडेन्टी फिकेशन संख्या | प्रखण्ड का नाम | योजना का नाम | प्राक्कलित राशि (लाख में) अंक में (लाख में) | अक्षर में (रूपये में) | कार्य समाप्ति की अवधि | टेंडर कॉल |
|---|---|---|---|---|---|---|---|
| 1 | RWD/ CHAKRADH ARPUR/14/20 24-25 | चक्रधरपुर | होयोहातु पंचायत के लांजी से सरायकेला सिमाना तक पथ निर्माण कार्य। (लम्बाई 3.750 कि०मी०) | 526.942 | पाँच करोड़ छब्बीस लाख चौरानब्बे हजार दो सौ मात्र। | 18 माह | चतुर्थ |

2. बेवसाईट में निविदा प्रकाशन की तिथि : 20.03.2026
3. ई– निविदा प्राप्ति की अंतिम तिथि एवं समय :– 28.03.2026 अपराहन् 5:00 बजे।
4. निविदा खोलने की तिथि एवं समय: 30.03.2026 अपराहन् 11:00 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर।
6. सरकार के संयुक्त सचिव, ग्रामीण कार्य विभाग झारखण्ड राँची के पत्रांक 3130 (अनु०) दिनांक 09.10.2023 द्वारा दिये गये निदेश के अनुपालन में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं०–8877110434
विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।

ह०/–
कार्यपालक अभियंता
ग्रा० का० वि०, कार्य प्रमंडल, चक्रधरपुर

PR 375404 West Singhbhum (25-26)_D

## ସଂକ୍ଷେପରେ

### ୧୫୦୦ ଶିଶୁଶିଳ୍ପୀଙ୍କୁ ନେଇ ହେବ ଚିତ୍ରକଳା ମହାକୁମ୍ଭ

ପୁରୁଣା ଭୁବନେଶ୍ୱର/ ଭୁବନେଶ୍ୱର, ୧୭।୩ (ସୁବାସ ଚନ୍ଦ୍ର ପ୍ରଧାନ/ସୁଚିସ୍ମିତା ସାହୁ)

ଐତିହାସିକ ଧଉଳି ପାଦଦେଶରେ ମାର୍ଚ୍ଚ ୨୮ ଓ ୨୯ ତାରିଖ ଦୁଇଦିନ ଧରି ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ହେବାକୁ ଯାଉଛି। ଏହି ମହୋତ୍ସବରେ ଶିଶୁଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ୧୫୦୦ରୁ ଅଧିକ ଶିଶୁଙ୍କୁ ନେଇ ଏକ ବିଶାଳ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ ହେବ। ୨୯ ତାରିଖ ସକାଳେ 'ବିକଶିତ ଭାରତ' ଓ 'ପ୍ରଦୂଷଣ ମୁକ୍ତ ପୃଥିବୀ' ଶୀର୍ଷକ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଶ୍ରେଷ୍ଠ ବିବେଚିତ ଶିଶୁ ଶିଳ୍ପୀଙ୍କୁ 'ଲିଟିଲ ଆର୍ଟ ଚାମ୍ପ୍' ଭାବେ ସମ୍ମାନିତ କରାଯିବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରୀଛାତ୍ରମାନେ ମାର୍ଚ୍ଚ ୨୭ ପୂର୍ବରୁ ମୋବାଇଲ ନମ୍ବର ୮୯୧୭୬୦୬୪୩୨ରେ ଯୋଗାଯୋଗ କରି ନିଜର ନାମ ପଞ୍ଜୀକରଣ କରିପାରିବେ। ଏହି ମହୋତ୍ସବ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଶିଶୁଙ୍କ ଭିତରେ ଥିବା କଳାକାରଙ୍କୁ ନୂତନ ପରିଚୟ ଦେବାର ଏକ ସୁନ୍ଦର ପ୍ରୟାସ ବୋଲି ଧଉଳି ଚାରୁ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ ସୂଚନା ଦେଇଛନ୍ତି।

### ୧୭ ଜିଲାର ୱାର୍ଡେନ, ମେଟ୍ରୋନଙ୍କୁ ମିଳୁନି ନିୟମିତ ଦରମା

ଭୁବନେଶ୍ୱର, ୧୭।୩ (ସୁଚିସ୍ମିତା ସାହୁ)

ରାଜ୍ୟର ୧୭ଟି ଜିଲାର ୱାର୍ଡେନ, ମେଟ୍ରୋନ, ରୋଷେୟାମାନେ ଦୀର୍ଘ ୧୦ ବର୍ଷ ଧରି ଠିକ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରତି ମାସରେ ନିୟମିତ ଭାବେ ଦରମା ମିଳୁନାହିଁ। ଏଭଳି ଅଭିଯୋଗ ସହ ୭ଦଫା ସମ୍ବଳିତ ଦାବି ନେଇ ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ରୀଛାତ୍ର ନିବାସ କର୍ମଚାରୀ ମହାସଂଘ ପକ୍ଷରୁ ମଙ୍ଗଳବାର ସୂଚନା ଭବନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୱାର୍ଡେନ, ମେଟ୍ରୋନ, ରୋଷେୟାଙ୍କୁ ସରକାର ସିଧାସଳଖ ଭାବେ ଦରମା ଦେଉନାହାନ୍ତି ବରଂ ଆଉଟସୋର୍ସିଂରେ ୮ହଜାରରୁ ୯,୫୦୦ ଟଙ୍କା ଦିଆଯାଉଛି। ସେଥିରେ ପରିବାର ଚଳିବା କଷ୍ଟକର ହୋଇପଡୁଛି। କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ତିଲୋତ୍ତମା ମାଝି କହିଛନ୍ତି।

### ଯୁଗାନ୍ତର ଯୁବ ସଙ୍ଗଠନ ପକ୍ଷରୁ ୨ ନାଟକ ମଞ୍ଚସ୍ଥ

ପୁରୁଣା ଭୁବନେଶ୍ୱର, ୧୭।୩ (ସୁବାସ ଚନ୍ଦ୍ର ପ୍ରଧାନ)

ଜୟପୁର ଗ୍ରାମର ଯୁଗାନ୍ତର ଯୁବ ସଙ୍ଗଠନର ୩୦ତମ ବାର୍ଷିକ ଉତ୍ସବ ଅବସରରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଯାଇଛି। ଗତ ଶୁକ୍ରବାର ଏବଂ ଶନିବାର ଦୁଇଦିନ ଧରି ଚାଲିଥିବା ଏହି ଉତ୍ସବରେ ସଭ୍ୟାସଭ୍ୟମାନଙ୍କ ଦ୍ୱାରା 'ପୁଅ ଜନ୍ମକରି ପାପ କରିଛି' ଏବଂ 'କଟି କଟି ଡବଲ କଟି' ନାଟକ ମଞ୍ଚସ୍ଥ ହୋଇଥିଲା। ତପନ ସାମନ୍ତରାୟଙ୍କ ନିର୍ଦ୍ଦେଶନାରେ ପରିବେଷିତ ନାଟକକୁ ଦର୍ଶକମାନେ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ବଜାୟ ରଖିଥିବାରୁ ପ୍ରଶଂସା କରିଥିଲେ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ଇଟିପୁର ସରପଞ୍ଚ ଅନିତା ସୁବୁଦ୍ଧି, ପୂର୍ବତନ ସରପଞ୍ଚ ଆଲୋକ ରଞ୍ଜନ ସାହୁ, ଆଇନଜୀବୀ ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୧୭।୩ (ବନ୍ଦନା ସେଠୀ)

ଏସ୍‌ସିବି ମେଡିକାଲ ଟ୍ରମା କେୟାର ୟୁନିଟରେ ନିଆଁ ଲାଗି ୧୨ଜଣ ରୋଗୀଙ୍କ ଜୀବନ ଚାଲିଯିବା ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଛି ସିପିଆଇ(ଏମ୍)। ମଙ୍ଗଳବାର ସିପିଆଇ (ଏମ୍) ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଓ ଚିକିତ୍ସାଧୀନ ରୋଗୀଙ୍କୁ ୫ଲକ୍ଷ ଟଙ୍କା ସହାୟତା ଦେବାକୁ ଦାବି କରାଯାଇଛି। ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ନେତ୍ରୀ ପୁଷ୍ପା ଦାସ, ଭୁବନେଶ୍ୱର ଶାଖା ସମ୍ପାଦକ ପ୍ରଦୀପ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଚାମୁର ସୋରେନ, ଶଙ୍କର୍ଷଣ ପ୍ରଧାନ, ରାମଚନ୍ଦ୍ର ତ୍ରିପାଠୀ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୭।୩ (ତ୍ରିନାଥ ମହାନ୍ତି)

କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲରେ ରବିବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡ ପରେ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଡାକ୍ତରଖାନା ଓ ସରକାରୀ କାର୍ଯ୍ୟାଳୟର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ସମୀକ୍ଷା କରିଛନ୍ତି। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟ ଶାସନ ସଚିବ ଗର୍ଗ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ଅନୁଷ୍ଠିତ ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ଏବଂ କମିଶନର ଯୋଗଦେଇଥିଲେ। ବିଭିନ୍ନ ଜିଲାର ଜିଲାପାଳମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ। ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାଗୁଡିକରେ ଅଗ୍ନି ନିରାପତ୍ତା ସୂଚନା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ଅଗ୍ନିଶମ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯିବା ସହ ଅଗ୍ନିନିର୍ବାପକ ଉପକରଣ ଗୁଡିକ ସୁଇଚ ଅଫ୍ ନ କରି କାର୍ଯ୍ୟକ୍ଷମ ସ୍ଥିତିରେ ରଖାଯିବାକୁ ପରାମର୍ଶ ଦିଆଯାଇଥିଲା। ନିୟମିତ ଭାବରେ ଉପକରଣ ଗୁଡିକୁ ଯାଞ୍ଚ କରିବା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ଆବଶ୍ୟକସ୍ଥଳେ ତୃତୀୟ ପକ୍ଷ ଅଡିଟ କରାଯିବା ନେଇ ପରାମର୍ଶ ଦିଆଯାଇଛି। ଜିଲାସ୍ତରରେ ଅଗ୍ନିନିରାପତ୍ତା ସମ୍ପର୍କିତ ମକ୍‌ଡ୍ରିଲ ଅଧିକରୁ ଅଧିକ ଆୟୋଜନ କରିବାକୁ ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଅଗ୍ନିନିରାପତ୍ତାକୁ ଦୃଷ୍ଟିରେ ରଖି ସରକାରୀ କୋଠା ନିର୍ମାଣ ସମୟରେ ବିଲ୍ଡିଂ ପ୍ଲାନ ଅନୁମୋଦନ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ମୁଖ୍ୟଶାସନ ସଚିବ କହିଥିଲେ ଯେ ଶିଳ୍ପ, ଭିତ୍ତିଭୂମି ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ କରିବାକୁ ଯେପରି ଆମେ ଗୁରୁତ୍ୱ ଦେଉଛୁ, ସେହିଭଳି ଅଗ୍ନିନିରାପତ୍ତାକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଜୀବନ ରକ୍ଷା ସବୁଠାରୁ ମୂଲ୍ୟବାନ। ଏହାକୁ ଗୁରୁତ୍ୱ ଦେଇ ସମ୍ପୃକ୍ତ ସମସ୍ତ ବିଭାଗ, ଅଗ୍ନିଶମସେବା ଓ ଜିଲାପାଳମାନେ ସର୍ବଦା ପ୍ରସ୍ତୁତିକୁ ଅଗ୍ରାଧିକାର ଦେବା ଓ ସମ୍ଭାବ୍ୟ ବିପର୍ଯ୍ୟୟ ପ୍ରତି ସବୁବେଳେ ସଜାଗ ରହିବାକୁ ମୁଖ୍ୟ ଶାସନ ସଚିବ ଗର୍ଗ ପରାମର୍ଶ ଦେଇଛନ୍ତି।


ଏୟାରପୋର୍ଟ ଛକରେ ମଙ୍ଗଳବାର ରାତିରେ ଅନ୍‌ଲାଇନ୍ ଅଟୋଚାଳକଙ୍କ ମଧ୍ୟରେ ଗଣ୍ଡଗୋଳ। (ଫଟୋ: ମନୋରଞ୍ଜନ ମିଶ୍ର)


ସୂଚନା ଭବନରେ ମଙ୍ଗଳବାର 'ମୋକ୍ଷ' ପକ୍ଷରୁ ଅନନ୍ୟ ଓଡ଼ିଶୀ ନୃତ୍ୟ ଅଭିନୟ।

## ପମ୍ପାଲୋ ସାଇ ଭଜନ ମଣ୍ଡଳୀର ପ୍ରତିଷ୍ଠା ଉତ୍ସବ

ବାଲିପାଟଣା, ୧୭।୩ (ଅଭିମନ୍ୟୁ ନାୟକ)

ପମ୍ପାଲୋ ଗ୍ରାମର ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀର ୪୮ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରେ ଓମକାରମ, ସାଇ ସୁପ୍ରଭାତମ, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା ଓ ସାଇ ସହସ୍ର ନାମ ଜପ କରାଯାଇଥିଲା। ପୂର୍ବାହ୍ନରେ ଆୟୋଜିତ ଆଲୋଚନାଚକ୍ରରେ ସାଧନାର ଗୁରୁତ୍ୱ, ପ୍ରାର୍ଥନା, ଭଜନ, ଜପ ଓ ଧ୍ୟାନ ଆଦିର ଆବଶ୍ୟକତା ସମ୍ପର୍କରେ ବକ୍ତାମାନେ ମତ ଉପସ୍ଥାପନ କରିଥିଲେ। ଅପରାହ୍ନରେ ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ ପରେ ବାଲବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆବାହକ ବଦ୍ରିକାନାଥ ମହାପାତ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ବିଧୁଭୂଷଣ ତ୍ରିପାଠୀ, ପଣ୍ଡିତ ପ୍ରମୋଦ ଶତପଥୀ, ଶିବଚରଣ ମୁଦୁଲି, ରବୀନ୍ଦ୍ର ବାରିକ, ରମାକାନ୍ତ ଦାସ, ରଣଜିତ ବେହେରା ପରିଚାଳନା କରିଥିଲେ।

# ନିର୍ଦ୍ଧାରିତ ସମୟରେ ଜନଗଣନା ସାରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୩ (ରବିନାରାୟଣ ଜେନା)

ନିର୍ଦ୍ଧାରିତ ସମୟରେ ଜନଗଣନା କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ଜିଲାପାଳ ଓ ମହାନଗର ନିଗମ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଜନଗଣନା ଭଳି ଏକ ଜାତୀୟ ମହାନ୍ କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ହୋଇ ନ୍ୟସ୍ତଥିବା କାର୍ଯ୍ୟଗୁଡ଼ିକୁ ସମୟାନୁସାରେ ସମ୍ପାଦନ କରିବାର ଆବଶ୍ୟକତା ରହିଛି। ଏହି ଅବସରରେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଭାରତୀୟ ଜନଗଣନା–୨୦୨୭ର ପ୍ରଥମ ପର୍ଯ୍ୟାୟର ଗୃହଗଣନା ଓ ଗୃହତାଲିକା ପ୍ରସ୍ତୁତିର ବିବରଣୀ ଉପସ୍ଥାପନ କରିଥିଲେ। ଓଡ଼ିଶାରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓ ଗୃହତାଲିକା କାର୍ଯ୍ୟକ୍ରମ ଏପ୍ରିଲ ୧୬ରୁ ଆରମ୍ଭହୋଇ ମେ' ୧୫ ପର୍ଯ୍ୟନ୍ତ ହେବାକୁଥିବା ବେଳେ ଏପ୍ରିଲ ୧ରୁ ୧୫ ମଧ୍ୟରାତ୍ର ପର୍ଯ୍ୟନ୍ତ ସ୍ୱ–ଗଣନାର ପ୍ରାବଧାନ ରହିଛି। ଏହି ଅବସରରେ କଲ୍ୟାଣ ଜିଲାମାନଙ୍କରେ ବର୍ତ୍ତମାନ କାର୍ଯ୍ୟର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ରାଜ୍ୟ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରମୁଖ ସାମିଲ ଥିଲେ।

# ୨୧ ଯାଏ ଝଡ଼ବର୍ଷା, ୬ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର, ୧୭।୩ (ବନ୍ଦନା ସେଠୀ)

ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିବ। ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ଓ ଝଟକା ପବନ ଅନୁଭୂତ ହେବ। ଏନେଇ ମଙ୍ଗଳବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ସମୟରେ ୩୦ରୁ ୪୦ କି.ମି ପର୍ଯ୍ୟନ୍ତ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସହ ଅନ୍ୟ ଜିଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ସୂଚନା ଦିଆଯାଇଛି। ସେହିପରି ୧୯ ତାରିଖରେ ଦକ୍ଷିଣ ଓଡ଼ିଶାର କିଛି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ୨୦ ତାରିଖରେ ରାଜ୍ୟରେ ବଡ଼ ବର୍ଷା ହେବାର ସୂଚନା ଦିଆଯାଇଛି। ୨୪ ଜିଲାରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଘଡ଼ଘଡ଼ି ବର୍ଷା ସହିତ ୫୦ରୁ ୬୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ଦେଓଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା ଏବଂ ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କଟକ ଓ ଜଗତ୍‌ସିଂହପୁର ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ସର୍ବାଧିକ ୩୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଟେନ୍‌ସାରେ ୩୪ ମି.ମି., ବାଲେଶ୍ୱର ଜିଲାର ସୋରୋରେ ୩୨ ମି.ମି., ମୟୂରଭଞ୍ଜ ଜିଲାର ଚାନ୍ଦୁଆରେ ୨୭ ମି.ମି., ସରଶଙ୍ଖରେ ୨୬ ମି.ମି., ବାଙ୍ଗିରିପୋଷିରେ ୨୫.୨ ମି.ମି, ବାଲେଶ୍ୱର ଜିଲାର ବାହାନଗାରେ ୨୫ ମି.ମି. ବର୍ଷା ରେକର୍ଡ ହୋଇଛି। ଗତ ୨୪ଘଣ୍ଟାରେ ରାଜ୍ୟର ୯ଟି ସ୍ଥାନର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀଠାରୁ ଅଧିକ ରେକର୍ଡ ହୋଇଛି। ସୋନପୁରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୬.୬ ଡିଗ୍ରୀ ରହିଥିବାବେଳେ ବଲାଙ୍ଗୀରରେ ୩୬.୩ ଡିଗ୍ରୀ, ସମ୍ବଲପୁରରେ ୩୬.୧ ଡିଗ୍ରୀ, ଝାରସୁଗୁଡ଼ାରେ ୩୬ ଡିଗ୍ରୀ, ଭବାନୀପାଟଣାରେ ୩୬ ଡିଗ୍ରୀ, ଟିଟିଲାଗଡ଼ରେ ୩୬ ଡିଗ୍ରୀ, ହୀରାକୁଦରେ ୩୫.୫ ଡିଗ୍ରୀ, ତାଳଚେରରେ ୩୫.୪ ଡିଗ୍ରୀ ଏବଂ ଅନୁଗୋଳରେ ୩୫.୧ ଡିଗ୍ରୀ ରେକର୍ଡ କରାଯାଇଛି।

## ଲୋକପ୍ରିୟ ହେଉଛି ଡିଡିର 'ଆମରି ଗୀତ ଆମରି ସ୍ୱର' ସିଜନ–୪ ରିଆଲିଟି ଶୋ'

ଭୁବନେଶ୍ୱର, ୧୭।୩ (ସୁଚିସ୍ମିତା ସାହୁ)

ଦୂରଦର୍ଶନ (ଡିଡି) ଓଡ଼ିଆର ଲୋକପ୍ରିୟ କାର୍ଯ୍ୟକ୍ରମ 'ଆମରି ଗୀତ ଆମରି ସ୍ୱର' ସିଜନ–୪ ରିଆଲିଟି ଶୋ' ଅନେକ ଲୋକପ୍ରିୟତା ଆଣିପାରିଛି। ଏକ ଭିନ୍ନ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଡିଡି ଓଡ଼ିଆର ଏକ ମାଇଲ ଖୁଣ୍ଟ ହୋଇ ଭବିଷ୍ୟତରେ ଠିଆ ହୋଇଛି। ଏହି କାର୍ଯ୍ୟକ୍ରମରେ ସାରା ଓଡ଼ିଶାର ଲୁକ୍କାୟିତ ପ୍ରତିଭାମାନେ ଟିଭି ପରଦାରେ ସଙ୍ଗୀତ ପରିବେଷଣ କରିପାରୁଛନ୍ତି। ବରିଷ୍ଠ ସମ୍ପାଦକ ଚନ୍ଦ୍ରକାନ୍ତ ରାୟ, ବିଚାରକ ଭାବେ ଶରତ ନାୟକ, ଅଭିଜିତ ମିଶ୍ର ଏବଂ ସୋହିନୀ ମିଶ୍ର ରହିଥିବାବେଳେ ଅଭିନେତ୍ରୀ ଗୁନ୍‌ଗୁନ୍ ଉପସ୍ଥାପିକା ରହିଛନ୍ତି। ଏହାର ଉପଦେଷ୍ଟା ନରସିଂହ ଜେଠୀ, ଦିଗ୍‌ଦର୍ଶକ ପ୍ରଦୀପ ବେହେରାଙ୍କ ସମେତ ବହୁ ଲୋକଙ୍କ ସହଯୋଗରେ କ୍ୟାମେରା, ମଞ୍ଚ, ଭିଏସ୍, ଲାଇଟ, ଶବ୍ଦ ଆଦି କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ଓଡ଼ିଶୀ ସଙ୍ଗୀତ, ଛଉ ନୃତ୍ୟରେ ଦର୍ଶକ ବିଭୋର

ଭୁବନେଶ୍ୱର, ୧୭।୩ (ସୁଚିସ୍ମିତା ସାହୁ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଜୟଦେବ ସମାରୋହ–୨୦୨୬ର ଦ୍ୱିତୀୟ ଦିବସର ସାଂସ୍କୃତିକ ସନ୍ଧ୍ୟା ମଙ୍ଗଳବାର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁରୁ ରାମହରି ଦାସ, ଗୁରୁ ଧନେଶ୍ୱର ସ୍ୱାଇଁ, ପ୍ରମୋଦ କୁମାର ମଣ୍ଡଳ, ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଦୀର୍ଘବର୍ଷର ଗୌରବମୟ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ ଗୁରୁ ଡ. ଭାରତୀ ଜେନା ଓ ଗୁରୁ ପ୍ରଦୀପ କୁମାର ଦାସଙ୍କ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମବେତ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଗୁରୁ ଡ. ଦିବ୍ୟଦର୍ଶନ ବିଶ୍ୱାଳ ଏବଂ ଗୁରୁ ଡ. ପ୍ରଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶନାରେ ସମବେତ ହିନ୍ଦୁସ୍ତାନୀ ବେହେଲା ବାଦନ ପରିବେଷଣ କରାଯାଇଥିଲା। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଛଉ ନୃତ୍ୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲା। ଗୁରୁ ଗୌରମୋହନ ମହାନ୍ତ ଓ ଗୁରୁ ଡ. ରମଣୀ ରଞ୍ଜନ ଜେନା ଛଉ ନୃତ୍ୟର ନିର୍ଦ୍ଦେଶନା ଦେଇଥିଲେ। କାର୍ଯ୍ୟକ୍ରମକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ପରିଚାଳନା କରିଥିଲେ।

# ମହାଲକ୍ଷ୍ମୀ ବେଶରେ ଦର୍ଶନଦେଲେ ମା' ମଙ୍ଗଳା

## ଦ୍ୱିତୀୟ ପାଳି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼

କାକଟପୁର/ଅସ୍ତରଙ୍ଗ, ୧୭।୩ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା)

ଚୈତ୍ରମାସ ମଙ୍ଗଳବାର ମା' ମଙ୍ଗଳାଙ୍କ ପୂଜାର ପ୍ରକୃଷ୍ଟ ବାର। କିନ୍ତୁ ଚୈତ୍ରମାସର ମଙ୍ଗଳବାର ଗୁଡ଼ିକରେ ଗୃହିଣୀମାନେ ଘର ସାମ୍ନାରେ ବା ଗ୍ରାମର ଦୋ'ଛକି ସ୍ଥାନରେ ସ୍ୱତନ୍ତ୍ର ଧରଣର ଗାତ(ପଛେଇ) ଖୋଳି ପଣା ଆଦି ଭୋଗଦେଇ ମା'ଙ୍କୁ ପୂଜା କରିଥାନ୍ତି। ଏଥିରେ ଦେବୀ ବାଟମଙ୍ଗଳା ରୂପେ ପୂଜିତ। ଚୈତ୍ରର ପ୍ରଥମ ଚାରି ମଙ୍ଗଳବାର ପୂଜା କରାଯିବା ପରେ ସେହି ମାସର ପଞ୍ଚମ ମଙ୍ଗଳବାର ବା ବୈଶାଖ ମାସର ପ୍ରଥମ ମଙ୍ଗଳବାରରେ ମା'ଙ୍କୁ ସ୍ୱତନ୍ତ୍ର ଭାବେ ପୂଜା କରିବା ପ୍ରଥା ଏବେ ପ୍ରଚଳିତ ଅଛି। ପ୍ରଥମ ଚାରି ମଙ୍ଗଳବାରକୁ 'ପାଳିଯାତ୍ରା' ଏବଂ ପଞ୍ଚମ ତଥା ଶେଷ ମଙ୍ଗଳବାରକୁ 'ଝାମୁଯାତ୍ରା' କୁହାଯାଉଛି। ଚୈତ୍ରମାସର ଦ୍ୱିତୀୟ ମଙ୍ଗଳବାରେ ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ବିଳମ୍ବିତ ରାତ୍ରରୁ



ମା'ଙ୍କ ଦ୍ୱାରଫିଟା, ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ, ଚନ୍ଦନ ଲାଗି, ସୂର୍ଯ୍ୟପୂଜା, ବଲ୍ଲଭ ଧୂପ, ସକାଳ ଧୂପ ପରେ ସକାଳ ୫ଟା ୩୦ରେ ସାହାଣମେଲା ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମା' ମଙ୍ଗଳା ମହାଲକ୍ଷ୍ମୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ପରିସରରେ ସ୍ୱତନ୍ତ୍ର ବ୍ୟାରିକେଡ୍ ମଧ୍ୟରେ ଭକ୍ତମାନେ ଧାଡ଼ିରେ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ଏହି ପବିତ୍ର ଚୈତ୍ରମାସର ଦ୍ୱିତୀୟ ମଙ୍ଗଳବାରରେ ବ୍ରତଧାରୀ ମହିଳାମାନେ ପରିବାରର ମଙ୍ଗଳ କାମନା ପାଇଁ ଗାଁଦାଣ୍ଡରେ ପଛେଇ ନିର୍ମାଣ କରି ଗୁଆ, ନଡ଼ିଆ, କଦଳୀ, ଖଇ ସହ ହଳଦୀପାଣି ଦେଇ ପୂଜା କରିଥାନ୍ତି। ଏହି ସମୟରେ ମା' ମଙ୍ଗଳାଙ୍କ ନିକଟରେ ମାନସିକ ରଖିଲେ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ପରିବହନ ସାମଗ୍ରୀ ଅନ୍ୟତ୍ର ବିକ୍ରି କରି ଚାଳକ ଗିରଫ

ବାରଙ୍ଗ, ୧୭।୩ (ଲିଙ୍ଗରାଜ ରାଉତ)

ପରିବହନ ସାମଗ୍ରୀ ଅନ୍ୟତ୍ର ବିକ୍ରି କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଟ୍ରକ୍ ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗ ଟାଙ୍ଗୀସାହିର ସୁଧାକର ବଳିଆରସିଂହ(୩୪)। ସୂଚନା ମୁତାବକ, ବାଲିଅନ୍ତା ଅଞ୍ଚଳରର ଜ୍ୟୋତି ପ୍ରକାଶ ଦାସ ଚନ୍ଦକା ଅଞ୍ଚଳରେ ରୁଦ୍ର ପ୍ୟାକର୍ସ ଆଣ୍ଡ ମୁଭର୍ସ ନାମକ ସଂସ୍ଥା କରି ବିଭିନ୍ନ ସ୍ଥାନକୁ ସାମଗ୍ରୀ ପରିବହନ କରିଥାନ୍ତି। ୨୦୨୫ ସେପ୍ଟେମ୍ବର ୧୮ରେ ତାଙ୍କର ଏକ ଟ୍ରକ୍‌ରେ ସିମିଳିଗୁଡ଼ାରୁ ପ୍ରାୟ ୩ଲକ୍ଷ ୫୦ହଜାର ଟଙ୍କାର ଅଦା, ଦେଶୀଆଳୁ, କନ୍ଦମୂଳ ଆଦି ପରିବା ଚାଳକ ସୁଧାକର କଟକକୁ ଆଣୁଥିଲେ। ତେବେ ସୁଧାକର ମୋବାଇଲ ଫୋନ ବନ୍ଦ କରିଦେବା ଏବଂ ଗାଡ଼ିର ଜିପିଏସ୍ ସିଗ୍ନାଲ ବିଚ୍ଛିନ୍ନ ହୋଇଯିବାରୁ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

ଏହାପରେ ସୁଧାକରଙ୍କ ସହିତ ଜ୍ୟୋତି ପ୍ରକାଶଙ୍କ ମଧ୍ୟ କୌଣସି ଯୋଗାଯୋଗ ହୋଇନଥିଲା। ୨୦୨୫ ସେପ୍ଟେମ୍ବର ୨୦ରେ ଚନ୍ଦକା ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜ ନିକଟରେ ଟ୍ରକକୁ ଖାଲି ଅବସ୍ଥାରେ ଦେଖି ଜ୍ୟୋତିପ୍ରକାଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି ସମିତା ମିଶ୍ର ଏକ ମାମଲା (ନଂ.୩୯୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଟ୍ରକକୁ ଜବତ କରି ଜ୍ୟୋତିପ୍ରକାଶଙ୍କୁ ହସ୍ତାନ୍ତର କରିଥିଲା। ସୋମବାର ରାତିରେ ପୋଲିସ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ଗୋଦାମରୁ ସୁଧାକରଙ୍କୁ ଗିରଫ କରିଥିଲା। ତେବେ ପୂର୍ବରୁ ସୁଧାକରଙ୍କ ନାମରେ ଖୋର୍ଦ୍ଧା ଓ ଜଟଣୀ ଥାନାରେ ମୋଟ୍ ୩ଟି ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

## ଫଟୋ ରେ ଖବର



କଟକ ଏସ୍‌ସିବି ଟ୍ରମା କାଜୁଆଲ୍‌ଟିରେ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ନେଇ ସିପିଆଇ (ଏମ୍) ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ।



ରନ୍ଧନ ଗ୍ୟାସ୍ ଦରବୃଦ୍ଧିକୁ ବିରୋଧ କରି ଅଖିଳ ଭାରତ ମହିଳା ସମିତି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ପାନୀୟଜଳର ସଂରକ୍ଷଣ, ଅପଚୟ ରୋକିବାକୁ ସଙ୍କଳ୍ପ

## ଗେଡ଼ିଆପଲ୍ଲୀରେ ଜଳ ଅର୍ପଣ ଦିବସ

ବୋଲଗଡ଼,୧୭।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ଗ୍ରାମରେ ମଙ୍ଗଳବାର ଜଳ ଅର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜଳ ସଂରକ୍ଷଣ, ଜଳର ସୁବିନିଯୋଗ ଓ ସୁପରିଚାଳନା ଦ୍ୱାରା ଏହି ପ୍ରାକୃତିକ ସମ୍ବଳର ସଞ୍ଚୟ କରାଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ରଶ୍ମିତା ଦାଶ, ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଉପ-ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବୋଲଗଡ଼ ବିଡିଓ ସୁମନସୁଧା କୁଣ୍ଡୁ, ସ୍ଥାନୀୟ ସରପଞ୍ଚ


ବିଧାୟକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

କବିତା ମଞ୍ଜରୀ ତ୍ରିପାଠୀ, ସମିତିସଭ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ସକାଳେ ଏକ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରରେ 'ଜଳ ବନ୍ଦନା', 'ଜଳ ଅର୍ପଣ' ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପାନୀୟଜଳର ସଂରକ୍ଷଣ ଏବଂ ଅପବ୍ୟବହାର ରୋକିବା ପାଇଁ ଉପସ୍ଥିତ ସମସ୍ତ ଜନସାଧାରଣ ସମୂହ ଶପଥ ଗ୍ରହଣ କରିଥିଲେ। ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥା ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବୋଲଗଡ଼ ଆରଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଶାଶ୍ୱତୀ ଜେନା, କନିଷ୍ଠ ଯନ୍ତ୍ରୀ କାହ୍ନୁ ଚରଣ ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୮ରୁ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ

ପୁରୁଣା ଭୁବନେଶ୍ୱର, ୧୭।୩
(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ପାଦଦେଶରେ ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଅବସରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ୧୫୦୦ରୁ ଊର୍ଦ୍ଧ୍ୱ ଶିଶୁ ଚିତ୍ରଶିଳ୍ପୀଙ୍କୁ ନେଇ ଏକ ବିଶାଳ ଚିତ୍ରକଳା ପ୍ରଦର୍ଶନୀ ହେବ। ୨୯ ତାରିଖ ସକାଳ ୮ଟା ୩୦ରେ 'ବିକଶିତ ଭାରତ' ଓ 'ପ୍ରଦୂଷଣମୁକ୍ତ ପୃଥିବୀ' ଶୀର୍ଷକ ଏକ ଶିଶୁ ଚିତ୍ରକଳା ପ୍ରତିଯୋଗିତା କରାଯିବ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଶିଶୁଶିଳ୍ପୀଙ୍କୁ 'ଲିଟିଲ ଆର୍ଟ ଚାମ୍ପ' ଭାବେ ସମ୍ମାନିତ କରାଯିବ ବୋଲି ମଙ୍ଗଳବାର ଧଉଳି ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷ ପଞ୍ଚାନନ ସାମଲ କହିଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରୀଛାତ୍ର ଆସନ୍ତା ୨୭ ତାରିଖ ପୂର୍ବରୁ ଯୋଗାଯୋଗ କରି ନାମ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି।


ଚୈତ୍ର ୨ୟ ମଙ୍ଗଳବାରରେ ଖୋର୍ଦ୍ଧା ଶ୍ରୀରାମ ନଗରରେ ମହିଳାମାନେ ଏକାଠି ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ: ପ୍ରଭାତ ପାଣିଗ୍ରାହୀ)

## ପରିବହନ ସାମଗ୍ରୀ ଅନ୍ୟତ୍ର ବିକ୍ରି କରି ଚାଳକ ଗିରଫ

ବାରଙ୍ଗ,୧୭।୩(ଲିଙ୍ଗରାଜ ରାଉତ)

ପରିବହନ ସାମଗ୍ରୀ ଅନ୍ୟତ୍ର ବିକ୍ରି କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଟ୍ରକ୍ ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗ ଟାଙ୍ଗୀସାହିର ସୁଧାକର ବଳିଆରସିଂହ(୩୪)। ସୂଚନା ମୁତାବକ, ବାଲିଅନ୍ତା ଅଞ୍ଚଳରର ଜ୍ୟୋତି ପ୍ରକାଶ ଦାସ ଚନ୍ଦକା ଅଞ୍ଚଳରେ ରୁଦ୍ର ପ୍ୟାକର୍ସ ଆଣ୍ଡ ମୁଭର୍ସ ନାମକ ସଂସ୍ଥା କରି ବିଭିନ୍ନ ସ୍ଥାନକୁ ସାମଗ୍ରୀ ପରିବହନ କରିଥାନ୍ତି। ୨୦୨୫ ସେପ୍ଟେମ୍ବର ୧୮ରେ ତାଙ୍କର ଏକ ଟ୍ରକ୍‌ରେ ସିମିଲିଗୁଡ଼ାରୁ ପ୍ରାୟ ୩ଲକ୍ଷ ୫୦ହଜାର ଟଙ୍କାର ଅଦା, ଦେଶୀଆଳୁ, କନ୍ଦମୂଳ ଆଦି ପରିବା ଚାଳକ ସୁଧାକର କଟକକୁ ଆଣୁଥିଲେ। ତେବେ ସୁଧାକର ମୋବାଇଲ ଫୋନ ବନ୍ଦ କରିଦେବା ଏବଂ ଗାଡ଼ିର ଜିପିଏସ୍ ସିଗ୍ନାଲ ବିଚ୍ଛିନ୍ନ ହୋଇଯିବାରୁ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଏହାପରେ ସୁଧାକରଙ୍କ ସହିତ ଜ୍ୟୋତି ପ୍ରକାଶଙ୍କ ମଧ୍ୟ କୌଣସି ଯୋଗାଯୋଗ ହୋଇନଥିଲା। ୨୦୨୫ ସେପ୍ଟେମ୍ବର ୨୦ରେ ଚନ୍ଦକା ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜ ନିକଟରେ ଟ୍ରକକୁ ଖାଲି ଅବସ୍ଥାରେ ଦେଖି ଜ୍ୟୋତିପ୍ରକାଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି ସମିତା ମିଶ୍ର ଏକ ମାମଲା (ନଂ.୩୯୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଟ୍ରକକୁ ଜବତ କରି ଜ୍ୟୋତିପ୍ରକାଶଙ୍କୁ ହସ୍ତାନ୍ତର କରିଥିଲା। ସୋମବାର ରାତିରେ ପୋଲିସ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ଗୋଦାମରୁ ସୁଧାକରଙ୍କୁ ଗିରଫ କରିଥିଲା। ତେବେ ପୂର୍ବରୁ ସୁଧାକରଙ୍କ ନାମରେ ଖୋର୍ଦ୍ଧା ଓ ଜଟଣୀ ଥାନାରେ ମୋଟ୍ ୩ଟି ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

## ଟୁନା ସ୍ୱାଇଁଙ୍କୁ ସମାଜ ସଂସ୍କାରକ ସମ୍ମାନ

କୃଷ୍ଣପ୍ରସାଦ,୧୭।୩
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ମାଲୁଦ ୨୪ମୌଜା କମିଟି ତତ୍ତ୍ୱାବଧାନରେ ଚଳିତବର୍ଷ ପଞ୍ଚଦୋଳ ମେଳଣ ପଡ଼ିଆରେ ଆୟୋଜିତ ପୁସ୍ତକ ମେଳାରେ ସାମାଜିକ କର୍ମୀ ବୁଦ୍ଧିବର ପଞ୍ଚାୟତ ଅଲିପୁର ଗ୍ରାମର ଟୁନା ସ୍ୱାଇଁଙ୍କୁ ସମାଜ ସଂସ୍କାରକ ଭାବେ ସମ୍ମାନିତ କରାଯାଇଛି। ବାଲୁଗାଁ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନା ପୁସ୍ତକ ମେଳାରେ ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ। ବୈଠକରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଉଲ୍ଲାସ କୁମାର ଜେନା, ସାହିତ୍ୟିକ ବିଷ୍ଣୁପ୍ରସାଦ ଦଳେଇ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଅଧ୍ୟାପକ ମଧୁସୂଦନ ସାହୁ, ସୁରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୨୨୨ ତୀର୍ଥଯାତ୍ରୀ କଲେ ମହାପ୍ରଭୁଙ୍କ ଦର୍ଶନ

ଖୋର୍ଦ୍ଧା,୧୭।୩(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯାତ୍ରା ଯୋଜନାରେ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲାରୁ ୨୨୨ଜଣ ତୀର୍ଥଯାତ୍ରୀ ବୁଧବାର ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଛନ୍ତି। ଶ୍ରୀମନ୍ଦିରରେ ଭିତର କାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରିବେ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ୬ଟି ବସ୍ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ବଡ଼ଗଡ଼ ସ୍ଥିତ କଲ୍ୟାଣ ମଣ୍ଡପ ଏବଂ ସଦର ମହାକୁମା ଓରମାସ କାର୍ଯ୍ୟାଳୟରୁ ୨ଟି ରୁଟରେ ବସ୍‌ରେ ତୀର୍ଥ ଯାତ୍ରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ତୀର୍ଥ ଯାତ୍ରୀମାନେ ଅପରାହ୍ନରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ବୃନ୍ଦାବତୀ ନିବାସରେ ତୀର୍ଥଯାତ୍ରୀଙ୍କ ରହଣୀ ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

ସକାଳ ୭ଟାରେ ତୀର୍ଥଯାତ୍ରୀ ପହଞ୍ଚିବା ପରେ ପ୍ରଥମେ ସେମାନଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ


ଖୋର୍ଦ୍ଧାଠାରେ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ପରୀକ୍ଷା କରାଯାଇଥିଲା। ପରେ ତୀର୍ଥଯାତ୍ରୀ ଏସକ୍ଟ ଅଫିସରଙ୍କ ତତ୍ତ୍ୱାବଧାନରେ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲେ। ଖୋର୍ଦ୍ଧାଠାରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିବା ସହ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଜିଲା ପର୍ଯ୍ୟଟନ ଅଧିକାରୀ ସୁସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଶୁଭାରମ୍ଭ କରିଥିଲେ। ଉପଜିଲାପାଳ ମନୋରଞ୍ଜନ ସାହୁ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ରବି ରାୟଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଖୋର୍ଦ୍ଧା,୧୭।୩(ପ୍ରଭାତ ପାଣିଗ୍ରାହୀ)

ଲୋକ ସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଭୁବନେଶ୍ୱରରେ ସ୍ଥାପନ ପାଇଁ ଉତ୍ତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟର ବିଭିନ୍ନ ବରପୁତ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଅତ୍ୟନ୍ତ ଅଭିନନ୍ଦନୀୟ ଓ ପ୍ରଣିଧାନଯୋଗ୍ୟ ବୋଲି ପୂର୍ବତନ କୁଳପତି ମହାନ୍ତି କହିଛନ୍ତି। ଅବିଭକ୍ତ ପୁରୀ ଜିଲା ତଥା ବର୍ତ୍ତମାନର ଖୋର୍ଦ୍ଧା ଜିଲାରେ ଜନ୍ମିତ ରବି ରାୟ ପୂର୍ବତନ ବାଚସ୍ପତି, କେନ୍ଦ୍ରମନ୍ତ୍ରୀ, ସମାଜବାଦୀ ଓ ଗାନ୍ଧିବାଦୀ ନେତା ଭାବେ ସେ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ସେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରିବା ସହ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂଙ୍କ ସମୟରେ ଲୋକ ସଭାରେ ବାଚସ୍ପତି ଭୂମିକାକୁ ସୁଚାରୁଭାବେ ପ୍ରତିପାଦିତ କରିଥିଲେ। ବାଚସ୍ପତି ଥିବା ସମୟରେ ସେ ନିଜ ମାଟି ତଥା ଅଞ୍ଚଳର ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହ ଜଣେ ଗାନ୍ଧିବାଦୀ ନେତା ଭାବେ ନିଜକୁ ପ୍ରତିପାଦିତ କରିଥିଲେ। ତେଣୁ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଭୁବନେଶ୍ୱରରେ ପ୍ରତିଷ୍ଠା କରିବା ପାଇଁ ପୂର୍ବତନ କୁଳପତି ମହାନ୍ତି ଦାବି କରିଛନ୍ତି।

## ମାଣିକ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନ ଦିବସରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

ବୋଲଗଡ଼,୧୭।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିବନ୍ଧ ଦଶଦୋଳ ଯାତ୍ରାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଦ୍ୱିତୀୟ ବାର୍ଷିକ 'ମାଣିକ' ମହୋତ୍ସବ ଗତ ୧୪ରୁ ୧୬ ତାରିଖ ଯାଏ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଖୋର୍ଦ୍ଧା ଜିଲା ପରିଷଦର ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ ଏବଂ ସରପଞ୍ଚ ସୁନନ୍ଦା ବରାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ଆଇନଜୀବୀ ଲୋତକ ପଟ୍ଟନାୟକ, ଭାଜପା ମଣ୍ଡଳ ସମ୍ପାଦକ ଅଜିତ ପଟ୍ଟନାୟକ, ଦୀପନ ବିଶ୍ୱାଳ, ଅରୁଣ ସାହୁ, ନିରଞ୍ଜନ କର, ପ୍ରକାଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ସୋମବାର ସନ୍ଧ୍ୟାରେ ଉଦ୍‌ଯାପନୀ ଦିବସରେ ଜିଲା ପରିଷଦ ସଭ୍ୟ ତଥା ମହୋତ୍ସବର ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଛୋଟରାୟଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭାଇଚାରା ଭାବ ଉଦ୍ରେକ କରୁଛି ମହୋତ୍ସବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଧଳାପଥର ସମିତିସଭ୍ୟ ବିଜୟ ସୁବୁଦ୍ଧି, ଗେଡ଼ିଆପଲ୍ଲୀ ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା, କୃଷକନେତା କାହ୍ନୁ ଚରଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତି ସନ୍ଧ୍ୟାରେ ପର୍ଯ୍ୟାୟକ୍ରମେ ବୋଲଗଡ଼, ବେଗୁନିଆ ଓ ବାଙ୍କୀ ବ୍ଲକ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସମେତ ଆଦର୍ଶ ଗୃହିଣୀ, ଆଦର୍ଶ ପୁତ୍ର, ଆଦର୍ଶ ଯୁବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଖବରଦାତା ଦେବବ୍ରତ ହୋତା, ଦୀପକ ପାହାଡ଼ସିଂହ, ସଞ୍ଜୀବ ସେଠୀ ଓ ସତ୍ୟନାରାୟଣ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଯଶୋସିନୀ ସାହୁ, ଶିକ୍ଷକ ଅଖିଳେଶ ମହାପାତ୍ର, ଅଧ୍ୟାପକ ତ୍ରିଲୋଚନ ସାହୁ ସଂଯୋଜନା କରିଥିଲେ। ପ୍ରତ୍ୟେକ ଦିନ ପିଲାଙ୍କ ପାଇଁ କୁଇଜ୍ କାର୍ଯ୍ୟକ୍ରମ ସହ ନିରାକାରପୁର ଶ୍ରୀସାଇ ଡ୍ୟାନ୍ସ ଏକାଡେମୀ, ବଡ଼ବେରେଣାର ମା' କାଳିକା ଦେବୀ ନୃତ୍ୟ ପରିଷଦ, ତାଳତୁମ୍ବର ଏସ୍‌ଆର ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବ୍ରାଉନ୍‌ସୁଗାର ସହ ବାଇକ୍ ଜବତ, ୩ ଗିରଫ

ଜଟଣୀ/ ନିରାକାରପୁର, ୧୭।୩
(ରବୀନ୍ଦ୍ରନାଥ ମହାକୁଡ଼/ ମାନସ ଚନ୍ଦ୍ର ପଟ୍ଟନାୟକ)

ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ରଥିପୁର ଅଞ୍ଚଳର ଆସିଫ ଖାନ(୨୯) ଏବଂ ରାମଚନ୍ଦ୍ରପୁର ବଜାର ଅଞ୍ଚଳର ଲିପୁନ ଦାସ (୨୫)। ଉଭୟଙ୍କ ନିକଟରୁ ୨୦ଗ୍ରାମ୍ ବ୍ରାଉନ୍‌ସୁଗାର ଏବଂ ଏକ ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୪୦/୨୬)ରୁଜୁପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସୂଚନା ମୁତାବକ, ଦୁଇଜଣ ଯୁବକ ବାଇକ୍‌ରେ ଖୋର୍ଦ୍ଧାରୁ ଜଟଣୀ ଅଭିମୁଖେ ବ୍ରାଉନ୍‌ସୁଗାର ନେଇ ଆସୁଥିବା ଜଟଣୀ ପୋଲିସକୁ ସୂଚନା ମିଳିଥିଲା। ପଦନପୁର ଛକ ନିକଟରେ ପୋଲିସ ନଜର ରଖିଥିବା ବେଳେ ସନ୍ଧ୍ୟାରେ ବାଇକ୍‌ରେ ଆସୁଥିବା ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଅଟକାଇଥିଲେ। ତଲାସି ବେଳେ ଉଭୟଙ୍କଠାରୁ ୧୦ଗ୍ରାମ ଲେଖାଏ ମୋଟ ୨୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ପଚରାଉଚରା ବେଳେ ସେମାନେ ଖୋର୍ଦ୍ଧାର ଠେଙ୍ଗାହାଟ ଅଞ୍ଚଳରୁ ବ୍ରାଉନସୁଗାର ଆଣି ଜଟଣୀରେ ବିକ୍ରି ପାଇଁ ପରିବହନ କରୁଥିବା ସ୍ୱୀକାର କରିଥିଲେ।ଜଟଣୀ ଥାନାରେ ପୂର୍ବରୁ ହୋଇଥିବା ଏକ ମାମଲାରେ ଆସିଫ ଜଡ଼ିତ ଥିବା ବେଳେ ଲିପୁନଙ୍କ ନାମରେ ବିଭିନ୍ନ ଥାନାରେ ମୋଟ୍ ୫ଟି ମାମଲା ରହିଥିବା ପୋଲିସ କହିଛି।

ଜଙ୍କିଆ ଥାନା ଅଧୀନ ଗୋଲବାଇ ଅଣ୍ଡରପାସ୍ ନିକଟରେ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିବା ସହ ୧୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଅର୍ଜୁନପୁର ଗ୍ରାମର ପ୍ରତାପ ଓରଫ ମିଲୁ ମଙ୍ଗରାଜ (୩୦)। ଏଥିସହ ତାଙ୍କ ନିକଟରୁ ୧୦ହଜାର ଟଙ୍କା, ବାଇକ୍ (ଓଡି ୩୩ଏଏଫ୍ ୦୫୭୬) ଏବଂ ସ୍ମାର୍ଟଫୋନ ଜବତ ହୋଇଛି। ସୂଚନା ମୁତାବକ, ଗତ ସୋମବାର ସକାଳ ୮ଟା ୩୧ରେ ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗୋଲବାଇ ଅଣ୍ଡରପାସ୍ ନିକଟରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ସନ୍ଦେହଜନକ ଭାବେ ଯାଉଥିବା ଜଣେ ଯୁବକକୁ ଅଟକାଇ ତଲାସି ବେଳେ ତାଙ୍କ ନିକଟରୁ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ପଚରାଉଚରା ବେଳେ ସେ ଖୋର୍ଦ୍ଧା ଅଞ୍ଚଳର ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଏହି ବ୍ରାଉନସୁଗାର ସଂଗ୍ରହ କରିଥିଲେ। ସ୍ଥାନୀୟ ଯୁବକମାନଙ୍କୁ ଛୋଟ ଛୋଟ ପୁଡ଼ିଆ କରି ବିକ୍ରି କରି ଅଧିକ ଟଙ୍କା କମାଇବା ତାଙ୍କର ଲକ୍ଷ୍ୟ ଥିଲା ବୋଲି ଉପରୋକ୍ତ ଅଭିଯୁକ୍ତ ସ୍ୱୀକାର କରିଛନ୍ତି।

## ଦେଉଳଟାଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ଜରିପୁଟ, କାଇପଦର ବିଜୟୀ

ଖୋର୍ଦ୍ଧା,୧୭।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା'ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ପୃଥକ୍ ମ୍ୟାଚରେ ଜରିପୁଟ ଏବଂ କାଇପଦର ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଜରିପୁଟ ଏବଂ ନୂଆଗାଁ ଟିମ୍ ମଧ୍ୟରେ ହୋଇଥିଲା। ଜରିପୁଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୬ଉଇକେଟ ବିନିମୟରେ ୧୮୬ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗାଁ ଟିମ୍ ୯ ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରକାଶ ସାମନ୍ତରାୟ ୨୮ରନ କରିବା ସହ ୩ ଓଭର ବୋଲିଂ କରି ୨୪ରନ ଦେଇ ୨ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଅଠାରଙ୍ଗ ଏବଂ କାଇପଦର ଟିମ୍ ମଧ୍ୟରେ ହୋଇଥିଲା। ଅଠାରଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୯ଉଇକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିଥିଲା। ଜବାବରେ କାଇପଦର ଟିମ୍ ୧୩.୪ ଓଭରରେ ୪ଉଇକେଟ ବିନିମୟରେ ୧୪୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁରେନ୍ଦ୍ର ଚମ୍ପତିରାୟ ୧୭ବଲରେ ୫୫ରନ ଏବଂ ୩ ଓଭର ବୋଲିଂ କରି ୨୯ରନ ଦେଇ ୨ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୋପୀନାଥ ମାଝି ଏବଂ ଝଜ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ରାମଲୀଳା ଗୁରୁ ମନୋଜ ସ୍ୱାଇଁ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ମଦନମୋହନ ସ୍ୱାଇଁ, ବିପିନ କୁମାର ମହାପାତ୍ର, ନୃସିଂହ ଦଳାଇ, ଶ୍ରଦ୍ଧାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଦିବ୍ୟାଙ୍ଗଙ୍କ ଅଭିଭାବକ, ଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା

କୃଷ୍ଣପ୍ରସାଦ,୧୭।୩
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଦିବ୍ୟାଙ୍ଗମାନଙ୍କ ଅଭିଭାବକ ଏବଂ ଶିକ୍ଷକମାନଙ୍କ ଅନ୍ତଃନିବେଶୀ ଶିକ୍ଷା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କର୍ମଶାଳାରେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆର୍‌ସିସି ସିଦ୍ଧେଶ୍ୱର କରଣ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିବ୍ୟାଙ୍ଗମାନଙ୍କ ଅଧିକାର, ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା କିପରି ଦିବ୍ୟାଙ୍ଗଙ୍କ ନିକଟରେ ପହଞ୍ଚି ପାରିବ, ସେମାନଙ୍କୁ ମିଳୁଥିବା ଦିବ୍ୟାଙ୍ଗ ଉପକରଣ ଗୁଡ଼ିକର ଯତ୍ନ ଏବଂ ସୁରକ୍ଷା, ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷାଦାନର ବ୍ୟବସ୍ଥା, ଦିବ୍ୟାଙ୍ଗ ଅଭିଭାବକମାନଙ୍କ ଦାୟିତ୍ୱ ଏବଂ ସେମାନଙ୍କର ଯତ୍ନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ମାହୁନ୍ତ କୁମାର ଜେନା, ପ୍ରଧାନ ଶିକ୍ଷକ ମନୋଜ କୁମାର ଲେଙ୍କା, ସିଆର୍‌ସିସି ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ପରିସରରେ ପୃଥକ ଭାବେ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ୧୨୦ଜଣ ଅଭିଭାବକ ଏବଂ ଶିକ୍ଷକ ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ। ସମ୍ବଳ ଶିକ୍ଷୟିତ୍ରୀ ହରପ୍ରିୟା ବେହେରା, ଜିତେନ୍ଦ୍ର ମାଝୀ, ଗଣେଶ୍ୱର ସାହୁ, ଶିବରାମ ନାୟକ, ବିଚିତ୍ରା ଜାଲି, ପ୍ରତାପ ଖୁଣ୍ଟିଆ, ମୀନା କୁମାରୀ ସାହୁ, ପ୍ରଭାକର ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଗୋଲବାଇ ଦଶଦୋଳ ମେଳଣ ଉଦ୍‌ଯାପିତ

ନିରାକାରପୁର,୧୭।୩
(ମାନସ ଚନ୍ଦ୍ର ପଟ୍ଟନାୟକ)

ଗୋଲବାଇ ଦଶଦୋଳ ମେଳଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଇଷ୍ଟଦେବ ତଥା ମେଳଣର ଥାନପତି ଶ୍ରୀନୃସିଂହ ଦେବ ଏବଂ ଇଷ୍ଟଦେବୀ ମା' ଭଗବତୀଙ୍କ ସମେତ ନିମନ୍ତ୍ରିତ ଅନ୍ୟାନ୍ୟ ଦେବଦେବୀଙ୍କ ହରିହର ଭେଟ ପରେ ଠାକୁରମାନେ ସ୍ୱମନ୍ଦିରକୁ ଫେରିଛନ୍ତି। ଗତ ୧୩ ତାରିଖ ଜମାଣ ଉତ୍ସବରେ ଠାକୁରମାନଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ମେଳଣ ପଡ଼ିଆକୁ ନିଆଯାଇଥିଲା। ପ୍ରାୟ ଦୀର୍ଘବର୍ଷ ଧରି ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବଜାୟ ରଖିଥିବା ଏହି ଦଶଦୋଳ ମେଳଣକୁ ନିମନ୍ତ୍ରଣ ରକ୍ଷାକରି ଗୋଡ଼ିପଡ଼ା, ଶବଳଙ୍ଗ, ଡିହଖଳା, ନିରାକାରପୁର, କାଶୀପୁର ଆଦି ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଠାକୁର ଏହି ମେଳଣରେ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ପାରମ୍ପରିକ ରୀତିନୀତିରେ ଭୋଗଲାଗି ପରେ ଥାନପତି ଓ ଆମନ୍ତ୍ରିତ ଦେବଦେବୀଙ୍କୁ କ୍ରିୟାନୁଷ୍ଠାନ



କମିଟି ପକ୍ଷରୁ ପୂଜାର୍ଚ୍ଚନା କରେ ମେଲାଣି ଦିଆଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉପରେ ଅବିର ପକାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ ବାଦ୍ୟ ସାଙ୍ଗକୁ ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ମେଳଣ ପଡ଼ିଆରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭାଇଚାରା ତଥା ଐତିହ୍ୟ ସଂସ୍କୃତିଭରା ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଭିନ୍ନ ଦୋକାନରୁ ମନୋହରି ଏବଂ ଘରକରଣା ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଗହଳି ଜମିଥିଲା। ଶ୍ରଦ୍ଧାଳୁଙ୍କ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ। ଜଙ୍କିଆ ଥାନା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

**ଭକ୍ତମାନଙ୍କୁ ଦହି ସରବତ ବଣ୍ଟନ**

ସାକ୍ଷୀଗୋପାଳ,(ଭରତ ରାଉତ)- ସତ୍ୟବାଦୀ ବ୍ଲକ ବଳପୁର ସ୍ଥିତ ପୁଣ୍ୟତୋୟା ଭାର୍ଗବୀ ନଦୀର ଭୃଗୁ ଘାଟ ପରିସରରେ ମହାବାରୁଣୀ ସ୍ନାନ ଅବସରରେ ରେକ୍ସଲାର ୱେଲଫେୟାର ଫାଉଣ୍ଡେସନ ତରଫରୁ ଦହି ସରବତ ବଣ୍ଟନ କରାଯାଇଛି। ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ପବିତ୍ର କୁମାର ପରିଡା, ସୁମନ ପ୍ରସାଦ କର, ମନୋଜ ସାହୁ, ଗୀତାରାଣୀ ବସ୍ତିଆ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ନାୟକ, ବସନ୍ତ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ନର୍ମଦା ମୁଦୁଲି ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୩।୨୦୨୬

| | |
|---|---|
| ୪,୯୩,୭୮୧ ଟଙ୍କା | |
| ସୁନା | ୩୦୦ ମିଲିଗ୍ରାମ୍ |
| ରୁପା | ୩୦.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ପୁଣି ନୀଳଚକ୍ର ଉପରେ ବସିଲା ଚିଲ

ପୁରୀ,୧୭।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନୀଳଚକ୍ର ଉପରେ ମଙ୍ଗଳବାର ଅପରାହ୍ନରେ କିଛି ସମୟ ଧରି ଚିଲ ବସିଥିବା ଦେଖିବାକୁ ମିଳିଥିଲା। କିଛିଦିନ ହେବ ଲଗାତର ଏପରି ଘଟଣା ଦେଖିବାକୁ ମିଳୁଛି। ଚୂନରା ସେବକ ଶ୍ରୀମନ୍ଦିର ପତିତପାବନ ବାନା ପରିବର୍ତ୍ତନ ସମୟରେ ଏକ ଚିଲ ସେଠାରେ କିଛି ସମୟ ଉଡ଼ିବା ପରେ ଅକ୍ଷୟଦଣ୍ଡରେ ବସିଥିବା ଦେଖିବାକୁ ମିଳିଥିଲା। ତେବେ ପତିତପାବନ ବାନା ଉପରେ ଚିଲ ବସିବା ଶୁଭ କି ଅଶୁଭ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କେତେଜଣ ସେବାୟତ ଏହାକୁ ଅଶୁଭ ସଙ୍କେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ବୃଦ୍ଧି ପାଇଥାଏ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଏହା ଏକ ସାଧାରଣ କଥା ବୋଲି ଅନେକ ବ୍ୟକ୍ତିବିଶେଷ ମତ ଦେଇଛନ୍ତି। ପୂର୍ବରୁ ବାରମ୍ବାର ଶ୍ରୀମନ୍ଦିର ନୀଳଚକ୍ର ଉପରେ ଚିଲ ଉଡ଼ିବା, ବସିବା, ମାନସିକ ବାନା ଛିଡ଼ିବା ଏବଂ ଶହ ଶହ ସଂଖ୍ୟାରେ ଚିଲ ଶ୍ରୀମନ୍ଦିର ଚାରିପଟେ ବୁଲିବା ନଜର ରହିଛି।

### ଘରୋଇ ବ୍ୟାଙ୍କରେ ପଶି ଯୁବକଙ୍କ ଉଦ୍ଭଟକାଣ୍ଡ

ବଳଙ୍ଗା,୧୭।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ବଜାରର ଚନ୍ଦନପୁର ଶାଖା କେନାଲବନ୍ଧରେ ଥିବା ଘରୋଇ ବ୍ୟାଙ୍କରେ ପଶି ଜଣେ ଦୁର୍ବୃତ୍ତ କର୍ମଚାରୀଙ୍କୁ ଆକ୍ରମଣ କରି ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ, କେନାଲବନ୍ଧ ଉପରେ ବନ୍ଧନ ବ୍ୟାଙ୍କ ରହିଛି। ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ କଣିପଡ଼ା ଗ୍ରାମର ମହାବୀର ପ୍ରସାଦ ଦାସ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମହାବୀର ଉକ୍ତ ବ୍ୟାଙ୍କରେ କ୍ୟାଶିୟର ଭାବେ କାର୍ଯ୍ୟ କରନ୍ତି। ସୋମବାର ପୂର୍ବାହ୍ନରେ ବ୍ୟାଙ୍କରେ ଏକୁଟିଆ କାମ କରୁଥିବା ବେଳେ ଜଣେ ଯୁବକ ଏକ ଲୁହାରଡ୍ ଧରି ବ୍ୟାଙ୍କ ଭିତରେ ପଶି ମହାବୀରଙ୍କୁ ୫ ଲକ୍ଷ ଟଙ୍କା ମାଗିଥିଲେ। ମହାବୀର ମନା କରିବାରୁ ଯୁବକ ଜଣଙ୍କ ଲୁହାରଡ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ, ଭୟରେ ମହାବୀର ଘର ଭିତରୁ ଦୌଡ଼ି ବାହାରକୁ ପଳାଇଥିଲେ। ଏହି ସମୟରେ ଯୁବକ ଜଣଙ୍କ ଅଫିସ୍ ଭିତରେ ଥିବା ୨ଟି କମ୍ପ୍ୟୁଟର, ପ୍ରିଣ୍ଟର ମେଶିନ, ଟଙ୍କା ଗଣତି ମେଶିନ ଓ ଗୋଟିଏ ଟାବ୍‌ଲେଟ୍‌କୁ ବାଡ଼େଇ ଭାଙ୍ଗି ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ୨ ପଦକ ହାସଲ କଲେ ନିବେଦିତା

- ରାଜ୍ୟସ୍ତରୀୟ ଆଥ୍‌ଲେଟିକ ପ୍ରତିଯୋଗିତା

ପିପିଲି,୧୭।୩(ପ୍ରଭାତ କୁମାର ମହାପାତ୍ର)

ରାଜ୍ୟ ଆଥ୍‌ଲେଟିକ ପ୍ରତିଯୋଗିତାରେ ରୌପ୍ୟ ଓ ବ୍ରୋଞ୍ଜ ୨ଟି ପଦକ ହାସଲ କରି ପିପିଲି ଇନ୍‌ଫୋର୍ସ ଏକାଡେମୀର ଛାତ୍ରୀ ନିବେଦିତା ମଲ୍ଲିକ ପିପିଲି ପାଇଁ ଗୌରବ ଆଣିଛନ୍ତି। କଟକସ୍ଥିତ ପୋଲିସ ରିଜର୍ଭ ଗ୍ରାଉଣ୍ଡରେ ପ୍ରଥମ କରି ସ୍ପ୍ରିଣ୍ଟ ରାଜ୍ୟସ୍ତରୀୟ ଆଥ୍‌ଲେଟିକ ପ୍ରତିଯୋଗିତାରେ ଛାତ୍ରୀ ନିବେଦିତା ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାର ଦକ୍ଷ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ଶେଷ ପର୍ଯ୍ୟାୟରେ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ନିବେଦିତା ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ପାଇଛନ୍ତି। ଏନେଇ ପିପିଲି ଅଞ୍ଚଳର ବୁଦ୍ଧିଜୀବୀ ଓ କ୍ରୀଡ଼ାବିତ୍‌ମାନେ ନିବେଦିତାଙ୍କୁ ପ୍ରଶଂସା କରିବା ସହ ଆହୁରି ସଫଳତା ପାଇଁ ପ୍ରେରଣା ଦେଇଛନ୍ତି। ପୁରୀ ଜିଲା ପିପିଲି ଅଞ୍ଚଳ ପାଇଁ ସେ ୨ଟି ପଦକ ହାସଲ କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ସବୁ ବରପୁତ୍ରଙ୍କୁ ମାଲ୍ୟାର୍ପଣ କରାଯିବ

## ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ



ବୈଠକରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୭।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପରାମର୍ଶକ୍ରମେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ। ଓଡ଼ିଶା ଦିବସ ଅର୍ଥାତ୍ ଏପ୍ରିଲ୍ ୧ ତାରିଖ ପ୍ରତ୍ୟୁଷ ୫ଟାରୁ ପୁରୀ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ।

ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୌରପାଳିକା ଓ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମାଲ୍ୟାର୍ପଣ ପାଇଁ ବ୍ୟବସ୍ଥା କରାଯିବ। ସେହିପରି ପୁରୀ ଜିଲାର ସମସ୍ତ ବ୍ଲକ ଅଞ୍ଚଳ ଓ ସହରାଞ୍ଚଳରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ବିଡିଓ ଓ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟମାନେ ମାଲ୍ୟାର୍ପଣ ପାଇଁ ଅନୁରୋଧ କରାଯାଇଛି। ଓଡ଼ିଶା ଦିବସ ଅବସରରେ ଏପ୍ରିଲ୍ ୧ ତାରିଖ ସକାଳ ୮ଟାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଓ ସମ୍ପର୍କ ସାମାଜିକ ଅନୁଷ୍ଠାନ ସହଯୋଗରେ ଆୟୁର୍ବେଦ ଭିତ୍ତିକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ବ୍ଲଡ ବ୍ୟାଙ୍କ ଅଧିକାରୀ, ଜିଲା ରେଡ୍‌କ୍ରସ ଶାଖା ପକ୍ଷରୁ ଆୟୋଜିତ ହେବ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ସମ୍ମିଳନୀ କକ୍ଷ ପ୍ରଦାନ ସହ ସମସ୍ତ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବିବିଧ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଛି। ସଂସ୍କୃତି ଭବନଠାରେ ଆୟୋଜିତ ଉତ୍ସବରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯିବା ସହ ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଇନ ଶୃଙ୍ଖଳା ରକ୍ଷା, ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲା କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗା ମାଧବ କର, ସମାଜସେବୀ ଚକ୍ରଧର ମହାପାତ୍ର, ବଦ୍ରି ମିଶ୍ର, ଅନାମ ଚନ୍ଦ୍ର ସାହୁ, ସମ୍ପର୍କ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ, ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପଖଣ୍ଡ ଅଧିକାରୀ ପ୍ରଦୀପ୍ତ ସେନାପତି, ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ମହାଲକ୍ଷ୍ମୀ ବେଶରେ ଦର୍ଶନଦେଲେ ମା' ମଙ୍ଗଳା

କାକଟପୁର/ଅସ୍ତରଙ୍ଗ, ୧୭।୩(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା)

## ଦ୍ୱିତୀୟ ପାଳି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼



ଚୈତ୍ରମାସର ଦ୍ୱିତୀୟ ମଙ୍ଗଳବାରେ ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ବିଳମ୍ବିତ ରାତ୍ରରୁ ମା'ଙ୍କ ଦ୍ୱାରଫିଟା, ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ, ଚନ୍ଦନ ଲାଗି, ସୂର୍ଯ୍ୟପୂଜା, ବଲ୍ଲଭ ଧୂପ, ସକାଳ ଧୂପ ପରେ ସକାଳ ୫ଟା ୩୦ରେ ସାହାଣମେଲା ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମା' ମଙ୍ଗଳା ମହାଲକ୍ଷ୍ମୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ପରିସରରେ ସ୍ୱତନ୍ତ୍ର ବ୍ୟାରିକେଡ୍ ମଧ୍ୟରେ ଭକ୍ତମାନେ ଧାଡ଼ିରେ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ଏହି ପବିତ୍ର ଚୈତ୍ରମାସର ଦ୍ୱିତୀୟ ମଙ୍ଗଳବାରେ ବ୍ରତଧାରୀ ମହିଳାମାନେ ପରିବାରର ମଙ୍ଗଳ କାମନା ପାଇଁ ଗାଁଦାଣ୍ଡରେ ପଳେଇ ନିର୍ମାଣ କରି ଗୁଆ, ନଡ଼ିଆ, କଦଳୀ, ଖଇ ସହ ହଳଦୀପାଣି ଦେଇ ପୂଜା କରିଥାନ୍ତି। ଏହି ସମୟରେ ମା' ମଙ୍ଗଳାଙ୍କ ନିକଟରେ ମାନସିକ ରଖିଲେ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# କୁମ୍ଭାରପଡ଼ା ଥାନାରେ ଆମ ପୋଲିସ ବୈଠକ



ବୈଠକରେ ଥାନାଧିକାରୀ ବିଜୟ କେତନ ବେହେରା ଓ ସ୍ଥାନୀୟ ଜନସାଧାରଣ ।

ପୁରୀ,୧୭।୩(ଅଜିତ୍ କୁମାର ମହାନ୍ତି)

କୁମ୍ଭାରପଡ଼ା ଥାନା ପରିସରରେ ଆମ ପୋଲିସ ବୈଠକ ମଙ୍ଗଳବାର ଥାନାଧିକାରୀ ବିଜୟ କେତନ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାଣ୍ଡ ରୋଡ୍ ବ୍ୟବସାୟ ସଂଘ, ବସ୍ ସଂଘ ଏବଂ ଅଟୋ-ଟୋଟୋ ସଂଘର ସଦସ୍ୟଙ୍କ ସମେତ ବିଭିନ୍ନ ଅଂଶୀଦାର ସକ୍ରିୟ ଅଂଶଗ୍ରହଣ କରିଥିଲେ। ବୈଠକରେ ପୋଲିସ-ଜନସାଧାରଣ ସହଯୋଗକୁ ସୁଦୃଢ଼ କରିବା ଏବଂ ଅଞ୍ଚଳରେ ଉନ୍ନତ ଆଇନ ଶୃଙ୍ଖଳା ପରିଚାଳନା ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଥିଲା। ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ପୋଲିସ ପାଟ୍ରୋଲିଂ ବୃଦ୍ଧି କରିବା ଉପରେ ଆଲୋଚନା କରାଯାଇଛି। ଯେକୌଣସି ପରିସ୍ଥିତିରେ ସୁଗମ କାର୍ଯ୍ୟ ଏବଂ ଶୀଘ୍ର ପ୍ରତିକ୍ରିୟା ପାଇଁ ପୋଲିସ ଏବଂ ବିଭିନ୍ନ ସଂଘ ମଧ୍ୟରେ ଉତ୍ତମ ସମନ୍ୱୟ ଉପରେ ଆଲୋଚନା କରାଯାଇଛି। ସହରରେ ଶାନ୍ତି, ସୁରକ୍ଷା ଏବଂ ଟ୍ରାଫିକ୍ ସୁବ୍ୟବସ୍ଥିତ ଗତିବିଧି ବଜାୟ ରଖିବା ପାଇଁ ସମସ୍ତ ଅଂଶୀଦାରଙ୍କୁ ପୋଲିସ ସହ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

# ଭାଷାର ସୁରକ୍ଷା, ପ୍ରସାର ସମସ୍ତଙ୍କ ଦାୟିତ୍ୱ




ଅତିଥିମାନେ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ପୁରୀ,୧୭।୩(ଅଜିତ୍ କୁମାର ମହାନ୍ତି)

## ହେଲ୍ପମେଟ୍ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ ହେଲ୍ପମେଟ୍, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଆ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ଏକ ମାସ ଧରି ପୁରୀ ଜିଲାର ସମସ୍ତ ବିଦ୍ୟାଳୟରେ ଶୁଦ୍ଧ ଲିଖନ, ଶୁଦ୍ଧ ପଠନ, ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ପୁରସ୍କୃତ କରାଯାଇଥିଲା। ସେହିପରି ଅନୁବାଦିକା କାନନବାଳା ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ଲଲାଟେନ୍ଦୁ କବି, ଉମାକାନ୍ତ ମହାପାତ୍ରଙ୍କୁ 'ଭାଷା ଭାରତୀ' ସମ୍ମାନରେ ସମ୍ମାନିତ କରାଯାଇଛି।

ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ନିହାରିକା ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ରେଣୁବାଳା ଦଳେଇ, ସଂଗ୍ରାମ ମିଶ୍ର ଉପସ୍ଥିତ ରହି କବିମାନଙ୍କୁ ପୁରସ୍କୃତ କରିଛନ୍ତି। ଏକ ସଚେତନତାମୂଳକ ନାଟକ 'ସୃଷ୍ଟି' ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ପରିବେଷଣ କରାଯାଇଛି। ଚମକଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ସୋପାନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶରତ କୁମାର ଦାସ, ସଭାପତି ଡ. ଅଞ୍ଜଳି ତ୍ରିପାଠୀ ଓ ସମ୍ପାଦିକା ନିବେଦିତା ଭଞ୍ଜ ଉପସ୍ଥିତ ଥିଲେ। ଭାଷାର ସୁରକ୍ଷା ଓ ପ୍ରସାର ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ନାବାଳିକା ଅପହରଣ ଅଭିଯୋଗ

ପୁରୀ,୧୭।୩(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ମହିଳା ଚନ୍ଦନପୁର ଥାନା ଅଞ୍ଚଳର ହୋଇଥିବା ବେଳେ ଅପହରଣକାରୀ ହେଲେ ଡେଲାଙ୍ଗ ଥାନା ଅଧୀନ ସାନଆଙ୍କୁଲାର ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କ ଜଣେ ୧୫ ବର୍ଷର ଝିଅ ହଠାତ୍ ଘରୁ କୁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ବନ୍ଧୁବାନ୍ଧବଙ୍କୁ ଫୋନ କରି ଯୋଗାଯୋଗ କରିଥିଲେ। କିନ୍ତୁ ନାବାଳିକାର କୌଣସି ସନ୍ଧାନ ମିଳି ନ ଥିଲା। ପରେ ଅଭିଯୋଗକାରୀଙ୍କ ଘର ନିକଟରେ ରହୁଥିବା ଜଣେ ଯୁବକ ତାଙ୍କ ଝିଅ ଡେଲାଙ୍ଗ ଥାନା ଅଧୀନ ସାନ ଆଙ୍କୁଲାର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିବା ସୂଚନା ଦେଇଥିଲେ। ଏନେଇ ଅଭିଯୋଗକାରୀ ମହିଳା ଜଣଙ୍କ ତାଙ୍କ ଝିଅକୁ ଅପହରଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ନୃତ୍ୟଶିଳ୍ପୀ ପ୍ରିୟଦର୍ଶିନୀଙ୍କୁ ଶୁଭେଚ୍ଛା ଜଣାଇଲେ



ପିପିଲି,୧୭।୩(ଦୁର୍ଗାମାଧବ ମିଶ୍ର)

ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ଚେନ୍ନାଇସ୍ଥିତ ସତ୍ୟଭାମା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଅନ୍ତର୍ଜାତୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ଟିମ୍‌ରେ ପିପିଲି ମଠସାହିସ୍ଥିତ ପଲ୍ଲବୀ ଅନୁଷ୍ଠାନର ନୃତ୍ୟଶିଳ୍ପୀ ପ୍ରିୟଦର୍ଶିନୀ ପଟ୍ଟନାୟକ ସେଠାରେ ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରି ସଫଳତା ପାଇ ଟ୍ରଫି, ମେଡାଲ ଏବଂ ପ୍ରଶଂସାପତ୍ର ହାସଲ କରି ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ଗୌରବ ଆଣିଦେଇଛନ୍ତି। ଖବର ଶୁଣି ବିଜେଡି ରାଜ୍ୟ ସମ୍ପାଦିକା ରାନୁ ପାତ୍ର ନୃତ୍ୟଶିଳ୍ପୀ ପ୍ରିୟଦର୍ଶିନୀଙ୍କ ଦନାପଡ଼ାସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ସଫଳତାକୁ ପ୍ରଶଂସା କରିବା ସହ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ବୋମା ତିଆରି ବେଳେ ବିସ୍ଫୋରଣ, ଯୁବକ ଗୁରୁତର

ଡେଲାଙ୍ଗ,୧୭।୩ (ରଶ୍ମିରଞ୍ଜନ ପ୍ରଧାନ)

ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ କୁଆପଦା ଗ୍ରାମ ନିକଟରେ ଥିବା ଜଙ୍ଗଲ ଭିତରେ ବୋମା ତିଆରି ବେଳେ ବିସ୍ଫୋରଣ ଘଟିବାରୁ ଜଣେ ୨୭ ବର୍ଷୀୟ ଯୁବକ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗ୍ରାମ ନିକଟରେ ଥିବା ଏକ ଜଙ୍ଗଲରେ ଯୁବକ ଜଣକ ବୋମା ଭିଡୁଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଯୁବକଙ୍କ ବାମହାତ ପାପୁଲିର ମାଂସ ବାହାରି ଆସିଥିବାବେଳେ ଛାତି ଓ ପେଟର କିଛିଅଂଶ ପୋଡ଼ିଯାଇଥିବା ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ସୂଚନା ମିଳିଛି। ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଯୁବକଙ୍କ ବାମହାତ ପାପୁଲିର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଖବରଲେଖା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଅନ୍ୟପକ୍ଷରେ କ୍ୟାପିଟାଲ୍ ହସ୍ପିଟାଲରେ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଛି। ଯୁବକ ଜଣକ କ'ଣ ପାଇଁ ହାତବୋମା ପ୍ରସ୍ତୁତ କରୁଥିଲେ, ସେ ସମ୍ପର୍କରେ ଅଧିକ ତଦନ୍ତର ଆବଶ୍ୟକତା ଉପରେ ସ୍ଥାନୀୟ ଅଧିବାସୀ ଗୁରୁତ୍ୱ ଦେଇଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟ

ପୁରୀ,୧୭।୩(ଅଜିତ୍ କୁମାର ମହାନ୍ତି)

ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟ ମଙ୍ଗଳବାର ପୂର୍ବାହ୍ନରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ରାୟ ସସ୍ତ୍ରୀକ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ସେବାୟତ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ବାଇଶ ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଏହାଛଡ଼ା ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ପ୍ରସ୍ଥାନ ସମୟରେ ସେବାୟତ ଓ ତାଙ୍କର ଶୁଭେଚ୍ଛୁମାନଙ୍କ ପକ୍ଷରୁ ମହାପ୍ରଭୁଙ୍କ ଖଣ୍ଡୁଆପାଟ ସହ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ରାୟ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ନିର୍ବାଚନରେ ବିଜୟଲାଭ କରିଛି। ବିଜୟଲାଭ ପରେ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ନେବାକୁ ଆସିଥିଲି। ଓଡ଼ିଶାବାସୀଙ୍କ ସେବା କରିବା ନିମନ୍ତେ ସାହସ ଓ ଶକ୍ତି ପ୍ରଦାନ କରିବା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଓଡ଼ିଶାବାସୀଙ୍କ ପାଇଁ ଆଗକୁ ଭଲ କାମ କରିବି। ରାଜ୍ୟ ସଭା ନିର୍ବାଚନ ଜିତିବା ପାଇଁ ନିଶ୍ଚିତ ଥିଲି। ସେଥିପାଇଁ ମାସେ ଦୁଇ ମାସ ପୂର୍ବରୁ ସମସ୍ତ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ କରିଥିଲି।



ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟ ସସ୍ତ୍ରୀକ ମହାପ୍ରଭୁଙ୍କ ଦର୍ଶନ କରି ଫେରୁଛନ୍ତି।

# ଭାର୍ଗବୀରେ ବୁଡ଼ ପକାଇଲେ ଶତାଧିକ ଶ୍ରଦ୍ଧାଳୁ

ସାକ୍ଷୀଗୋପାଳ,୧୭।୩(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ଶତଭିଷା ନକ୍ଷତ୍ର ମହାବାରୁଣୀ ଯୋଗରେ ମଙ୍ଗଳବାର ମଧ୍ୟାହ୍ନରେ ବଳପୁର ଗ୍ରାମସ୍ଥିତ ଭାର୍ଗବୀ ନଦୀର ଭୃଗୁ ଘାଟରେ ବାରୁଣୀ ସ୍ନାନ ପ୍ରତିବର୍ଷ ଭଳି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଭ ମୁହୂର୍ତ୍ତରେ ଭାର୍ଗବୀ ନଦୀର ଜଳରାଶି ମହୋଦଧି ଜଳ ଭଳି ପବିତ୍ର ହୋଇଥିବାରୁ ଏହି ସୁଯୋଗରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପୁଣ୍ୟ ଅର୍ଜନ ଆଶାରେ ବୁଡ଼ ପକାଇଥିଲେ। ଏହି ଉପଲକ୍ଷେ ବଳପୁର ଭୃଗୁ ଘାଟ ଏବଂ ସୁଆଣ୍ଡୋ ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

ପରମ୍ପରାକ୍ରମେ ଅନୁଜ ବଳପୁର ବାଲୁଙ୍କେଶ୍ୱର ଦେବ, ଅଗ୍ରଜ ବରାଳ ବାଲୁଙ୍କେଶ୍ୱର ଦେବଙ୍କୁ ସାଗର ସ୍ନାନ ମେଳା ପାଇଁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରକୁ ବିଜେ କରିଥିଲେ। ଦୁଇଭାଇଙ୍କର ମୁକ୍ତିମଣ୍ଡପ ପଂକ୍ତିଭୋଗ ପରେ ସୁସଜ୍ଜିତ ବିମାନରେ ବାଜା, ମହୁରୀ, ଛତି, ତ୍ରାସ, ବୈରଖ ଓ ଘଣ୍ଟ ମର୍ଦ୍ଦଳ ସହ ଠାକୁର ସାଗର ସ୍ନାନ ମେଳା ମଣ୍ଡପରେ ବିଜେ କରିଥିଲେ। ସେବାୟତମାନେ ନଦୀରୁ ଜଳ ସଂଗ୍ରହ କରି ଅଭିମନ୍ତ୍ରିତ ଜଳରେ ଠାକୁରଙ୍କ ସ୍ନାନ କରିବା ପରେ ସେଠାରେ ଅପେକ୍ଷା କରିଥିବା ହଜାର ହଜାର ଶ୍ରଦ୍ଧାଳୁ ଭାର୍ଗବୀ ନଦୀରେ ବୁଡ଼ ପକାଇଥିଲେ। ଏପରିକି ମାନସିକଧାରୀମାନେ ମୁଣ୍ଡନ ହୋଇ କେଶଦାନ, ବ୍ରତ ଓ ବିବାହ ସମୟରେ ବ୍ୟବହୃତ ମଣିଶା, ମୁକୁଟ, ଦଣ୍ଡ ନଦୀରେ ବିସର୍ଜନ କରିଥିଲେ। ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟକରି ସାଗର ସ୍ନାନମେଳାରେ ସ୍ଥାନୀୟ ପ୍ରଶାସନ, ପୋଲିସ, ବରାଳ ଓ ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ସେବାୟତଙ୍କ ସହିତ ପଞ୍ଚାୟତ ପ୍ରତିନିଧିଙ୍କର ତତ୍ପରତା ପ୍ରକାଶ ପାଇଥିଲା। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ସୌମ୍ୟରଞ୍ଜନ ମହାଳିକ ପୋଲିସ ଫୋର୍ସ ସହ ଉପସ୍ଥିତ ରହିଥିଲେ। ସ୍ନାନ ସମୟରେ ଅଘଟଣ ଏଡ଼ାଇବା ନିମନ୍ତେ ସତ୍ୟବାଦୀ ଦମକଳ କେନ୍ଦ୍ର ଅଧିକାରୀ ପ୍ରଦୀପ୍ତ ମହାପାତ୍ର ଅଗ୍ନିଶମ କର୍ମଚାରୀଙ୍କୁ ନେଇ ପାୱାରବୋଟ, ଟ୍ୟୁବ୍ ସହ ନଦୀ ମଧ୍ୟରେ ସଜାଗ ରହିଥିଲେ। ଶୃଙ୍ଖଳିତ ଦେବନୀତି ପରିଚାଳନା ନିମନ୍ତେ ବଳପୁର ମନ୍ଦିର ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ବଳପୁର ଦେଶ କମିଟି ସଦସ୍ୟ ଧ୍ରୁବ ମୁଦୁଲି, ପ୍ରଭାକର ପ୍ରଧାନ, ବେଣୁଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସହ ବରାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପଣ୍ଡା, ସେବାୟତ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ବଳପୁର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ପରିବେଷଣ କରାଯାଇଥିଲା। ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ସେବା ଶିବିର ଖୋଲା ଯାଇଥିଲା। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ମେଳା ପରିଚାଳନାର ତଦାରଖ କରିଥିଲେ। ସେହିପରି ନଦୀ ଅପରପାର୍ଶ୍ୱ ସୁଆଣ୍ଡୋ ଘାଟରେ ଶ୍ରୀଲୋକେଶ୍ୱରଦେବ ଓ ଶ୍ରୀ ଭାବକୁଣ୍ଡଳେଶ୍ୱର ଦେବଙ୍କୁ ଦର୍ଶନ କରିଥିଲେ। ଗଙ୍ଗା ନାରାୟଣପୁର ଗ୍ରାମରେ ଠାକୁରଙ୍କ ସାଗର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥିଲା।

**୧୦ କିଲୋ ନିଶାଦ୍ରବ୍ୟ ଜବତ: ୨ ଗିରଫ**

କଟକ,(କାର୍ତ୍ତିକସାହୁ): ବେଆଇନ ନିଶାଦ୍ରବ୍ୟ କାରବାର କରୁଥିବା ୨ଜଣ ପେସାଦାରଙ୍କୁ ଜିଲା ଅବକାରୀ ମୋବାଇଲ ୟୁନିଟ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ନୂଆବଜାର ଗାନ୍ଧିପଲ୍ଲୀର କୈଳାସ ଚନ୍ଦ୍ର ପ୍ରଧାନ (୬୧) ଓ ବିଡ଼ାନାସୀ ନୂଆସାହିର ରାଜକୁମାର ଦାସ (୫୭)। ସେମାନଙ୍କ ପାଖରୁ ୧୦ କିଲୋ ୫୦୦ ଗ୍ରାମର ନିଶାଦ୍ରବ୍ୟ ଜବତ ହୋଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ୪୫ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି। ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଏସ୍ଆଇ ଅକ୍ଷୟ ଜେନା, ଏଏସଆଇ ଜୟପ୍ରକାଶ ବେହୁରିଆ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ଥୋରିଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ଗଣ୍ଡଗୋଳ

**ଉଭୟ ପକ୍ଷରୁ ଥାନାରେ ଏତଲା**

କଟକ ସଦର,୧୭।୩(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତ ଥୋରିଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପ୍ରଧାନ ଶିକ୍ଷକ ଓ ଜଣେ ଯୁବତୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷ ପରସ୍ପର ବିରୋଧରେ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଛି। ଜଣେ ଯୁବତୀ ବିଦ୍ୟାଳୟ ପରିସରକୁ ଆସି ଜଣେ ଛାତ୍ରୀଙ୍କୁ ଧମକଚମକ ଦେବା ସହିତ ମାଡ଼ ମାରିଥିଲେ। ଏକଥା ଜଣାପଡ଼ିବା ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାଜିଦ ଅଲ୍ଲୀଖାଁ ସମ୍ପୃକ୍ତା ଯୁବତୀଙ୍କୁ ବାରଣ କରିଥିଲେ। ପରେ ଯୁବତୀ ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ପୁଣି ବିଦ୍ୟାଳୟକୁ ତାଙ୍କ ଅନ୍ୟ ସମର୍ଥକମାନେ ଆସି ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକଙ୍କୁ ଗାଳି କରିବା ସହିତ ପ୍ଲାଷ୍ଟିକ ଚୌକି ଭାଙ୍ଗି ଦେଇଥିବା ପ୍ରଧାନ ଶିକ୍ଷକ ଏତଲାରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଯୁବତୀଙ୍କ ମା' ନଜବୁନ ନିଶାବିବିଙ୍କ ଏତଲାରେ ପ୍ରଧାନ ଶିକ୍ଷକ ତାଙ୍କ ଝିଅଙ୍କୁ ମାଡ଼ମାରି ରକ୍ତାକ୍ତ କରିଥିବା ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପ୍ରସ୍ତୁତି ବୈଠକ

ଚୌଦ୍ୱାର,୧୭।୩(ଆଶୁତୋଷ ଦାସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସାରସ୍ୱତ ସାଧକ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧସଭା ନିମନ୍ତେ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ହିନ୍ଦ୍ ସେବକ ସଂଘ ଆଶ୍ରମ ପରିସରରେ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଏପ୍ରିଲ ୨୧ରେ ହେବାକୁ ଥିବା ଶ୍ରାଦ୍ଧ ସଭା ପୂର୍ବବର୍ଷ ଭଳି ଓଟିଏମ୍ କଲୋନୀସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ହେବା ପାଇଁ ସ୍ଥିର କରାଯାଇଛି। ଏଥିରେ ଉପଦେଷ୍ଟା କମିଟି, ଅତିଥି ଚୟନ କମିଟି, ସମ୍ବର୍ଦ୍ଧନା କମିଟି ଓ ସଂଯୋଜନା କମିଟି ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ସଂସଦର ଉପସଭାପତି ଶରତ କୁମାର ଖୁଣ୍ଟିଆ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଭାଜପା ନେତା ବୈରାଗୀ ଚରଣ ପ୍ରଧାନ, ବିଶ୍ୱକଲ୍ୟାଣ ଦାସ, ଚୌଦ୍ୱାର ନଗର କଂଗ୍ରେସ ସଭାପତି ବିଜୟ କୁମାର ବେହେରା, ହରିହର ପରିଡ଼ା, ଅଶୋକ କୁମାର ନାୟକ, ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଅଜୟ କୁମାର ଦାସ, ଭାସ୍କର ପ୍ରସାଦ ମହାପାତ୍ର, ପ୍ରଶାନ୍ତ କୁମାର ପରିଡ଼ା ଓ ନୀଳିମା ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂସଦର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାହାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ପରିଚାଳନା କରିଥିଲେ। ଚୌଦ୍ୱାର ମହିଳା କଂଗ୍ରେସ ସଭାନେତ୍ରୀ ମୋନାଲିସା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ତେଜିଲା ଆରୋପ ପ୍ରତ୍ୟାରୋପ

## ଏସ୍ସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣା

କଟକ,୧୭।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍ସିବି ମେଡିକାଲ ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟିବା ପରେ ମେଡିକାଲରେ ବରିଷ୍ଠ ନେତା ବିଜୟ ମହାପାତ୍ର, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଗୁରୁତରଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହାସହ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ତେବେ ଏସ୍ସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ଏବେ ରାଜନୀତି ତେଜିଛି। ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗକୁ ନେତାମାନେ କଡ଼ା ସମାଲୋଚନା କରିଛନ୍ତି। ଆରୋପ ପତ୍ୟାରୋପ ତେଜିଛି। ସେହିପରି ଜାତୀୟ ମାନବ ଅଧିକାର କମିଶନର ଏକ ଟିମ୍ ପହଞ୍ଚି ମୃତକଙ୍କ ପରିବାର ଓ ଗୁରୁତରଙ୍କୁ କ୍ଷତିପୂରଣ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

### ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ: ଭକ୍ତ ଦାସ



ଏସ୍ସିବି ମେଡିକାଲ ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାରେ ବିଦ୍ୟୁତ୍ ବିଭାଗ ଓ ମେଡିକାଲ ଅଧୀକ୍ଷକ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଦାୟୀ। ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ କେବଳ ରାଜନୀତିରେ ଜଡ଼ିତ ରହିବା ଜରୁରୀ ନୁହେଁ ବରଂ ଏସବୁ ଦିଗରେ ନଜର ଦେବା ଜରୁରୀ। ଏହି ସବୁ ସ୍ଥାନରେ ସ୍ୱାସ୍ଥ୍ୟମନ୍ତ୍ରୀ ସମୀକ୍ଷା କେତେଥର କରିଛନ୍ତି ଏବଂ ଯଦିଓ କେବେ କରିନାହାନ୍ତି ତେବେ ତୁରନ୍ତ ଇସ୍ତଫା ଦିଅନ୍ତୁ। ସେହିପରି ଅଗ୍ନିକାଣ୍ଡ ବେଳେ ରୋଗୀଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗ କାହିଁକି ବିଳମ୍ବରେ ଆସିଲା, ଉଦ୍ଧାର କାର୍ଯ୍ୟରେ କାହିଁକି ବିଳମ୍ବ ହେଲା। ଏହାର ଉତ୍ତର ସର୍ବସମ୍ମୁଖକୁ ଅଣାଯାଉ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଆମେ ଦାବି କରୁଛୁ। ଏହି ଗସ୍ତ ସମୟରେ କଂଗ୍ରେସ ପକ୍ଷରୁ ଏସ୍ସିବି ଟ୍ରମା କାଜୁଆଲ୍ଟି ନିକଟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ଜେ. କାମେଶ୍ୱର, ଶୁଭାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ମାନସ ଚୌଧୁରୀ, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା

ଏସ୍ସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଏବଂ ୧୨ଜଣ ରୋଗୀଙ୍କ ମୃତ୍ୟୁ ଘଟଣାରେ ସୁଭାଷ ସଙ୍ଗଠନ ପକ୍ଷରୁ ମଙ୍ଗଳାବାଗ ଥାନାରେ ଏତଲା ଦିଆଯାଇଛି। ସଙ୍ଗଠନ ପକ୍ଷରୁ ଏହି ଘଟଣା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ସମ୍ପୂର୍ଣ୍ଣ ରୂପେ ଦାୟୀ କରାଯାଇଛି। ୭ ଦିନ ମଧ୍ୟରେ ଯଦି ଏହି ଘଟଣାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ହୋଇ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି କୁହାଯାଇଛି। ଏଥିରେ ସଙ୍ଗଠନର ସଭାପତି ସୁରେଶ ମହାନ୍ତି, ସନ୍ତୋଷ ମହାନ୍ତି, ସୁରେଶ ଭୂୟାଁ, ଭବାନୀ ମହାପାତ୍ର, ରାମଚନ୍ଦ୍ର ରାଣ, ପ୍ରହଲ୍ଲାଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



### ଏଭଳି ଘଟଣା ପୂର୍ବରୁ ଘଟିନି: ବିଜୟ ମହାପାତ୍ର

ଏସ୍ସିବି ଭଳି ସର୍ବବୃହତ ମେଡିକାଲରେ ଏଭଳି ଘଟଣା ହେବା ଦୁର୍ଭାଗ୍ୟଜନକ। ଏଭଳି ସ୍ଥିତି କେବଳ ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ। ଦୋଷୀଙ୍କୁ ଦଣ୍ଡ ମିଳିବା ଆବଶ୍ୟକ, ରୋଗୀଙ୍କ ଜୀବନ ସହ ଖେଳିବାର ଅଧିକାର କାହାର ନାହିଁ। ଏଭଳି ଘଟଣା ଲୋକଙ୍କୁ ଭୟଭୀତ କରିଛି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ସିପିଆଇ(ଏମ୍)

ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସିପିଆଇ (ଏମ୍) ଦାବି କରିଛି। ଏହାସହ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ସହ ଦାୟିତ୍ୱରେ ଥିବା ବିଦ୍ୟୁତ୍ ଠିକାଦାରଙ୍କୁ ତୁରନ୍ତ ଗିରଫ କରିବା, ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତୁରନ୍ତ ବଦଳି କରିବା, ନିରାପତ୍ତା ସାର୍ଟିଫିକେଟ ଦେଇଥିବା ଅଧିକାରୀଙ୍କୁ ତଦନ୍ତ ପରିସର ଭୁକ୍ତ କରିବାକୁ ଦାବି କରାଯାଇଛି। ସିପିଆଇ(ଏମ୍) ପକ୍ଷରୁ ମଙ୍ଗଳବାର ଏକ ଶୋଭାଯାତ୍ରା ବାହାରି ରାଣୀହାଟ ଫାଟକ ନିକଟରେ ବିକ୍ଷୋଭ କରାଯାଇଥିଲା। ୪ ଜଣିଆ ପ୍ରତିନିଧି ଦଳ ପ୍ରଶାସନିକ ଅଧିକାରୀ ସୁବାସ ରାଏଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶଙ୍କ ନେତୃତ୍ୱରେ ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକ, ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ଡମ୍ବରୁ ଧର ସହୁର, ରମେଶ ବେହେରା, ନାରୀ ନେତ୍ରୀ ବୁଲି ସାହୁ, ମନମୋହନ ପତି, ଭାଗ୍ୟଧର ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କାଜୁଆଲ୍ଟି ପ୍ରଥମ ମହଲାରେ ଓଟି ବନ୍ଦ

ଏସ୍ସିବି ଟ୍ରମା ଆଇସିୟୁର ପ୍ରଥମ ମହଲାରେ ଥିବା ଓଟିକୁ ବନ୍ଦ କରାଯାଇଛି। ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବାବେଳେ ଏହି କୋଠାରେ ବିଦ୍ୟୁତ କାଟ୍ କରାଯାଇଥିଲା। ସ୍ଥିତି ସ୍ୱାଭାବିକ୍ ହେବାରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା କିନ୍ତୁ ପ୍ରଥମ ମହଲାରେ ନିଆଁ ଲାଗିଥିବାରୁ ଏହି ମହଲାରେ ବିଦ୍ୟୁତ୍ ସଂଯୋଗ ବନ୍ଦ କରାଯାଇଛି। ତେବେ ଏହି ପ୍ରଥମ ମହଲାରେ ଟ୍ରମା ଆଇସିୟୁ ଓ ଅନ୍ୟପଟେ ଓଟି କାର୍ଯ୍ୟ କରୁଥିଲା। ଏବେ କିଛିଦିନ ପାଇଁ ସର୍ଜରି ବିଭାଗରେ ଥିବା ଓଟିକୁ ରୋଗୀଙ୍କୁ ପଠାଯିବା ପାଇଁ ମେଡିକାଲ ପକ୍ଷରୁ ସ୍ଥିର କରାଯାଇଛି। ସୂଚନାଥାଉକି, ଏହି ଓଟିରେ ଦିନକୁ ୧୪ରୁ ୧୫ଟି ଅସ୍ତ୍ରୋପଚାର କରାଯାଉଥିଲା।



### କଲ୍ୟାଣୀଙ୍କୁ କ୍ଷତିପୂରଣ ଦେବାକୁ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଦାବି

ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଏକ ପ୍ରତିନିଧି ଦଳ ଏସ୍ସିବି ମେଡିକାଲର ଟ୍ରମା ଆଇସିୟୁରେ ହୋଇଥିବା ଅଗ୍ନିକାଣ୍ଡ ସ୍ଥାନ ପରିଦର୍ଶନ କରିଛନ୍ତି। ଏହି ଘଟଣାରେ ମୃତକଙ୍କୁ ୧ କୋଟି ଓ ଗୁରୁତରଙ୍କୁ ୫୦ ଲକ୍ଷ କ୍ଷତିପୂରଣ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଫ୍ରଣ୍ଟର ଅଧ୍ୟକ୍ଷ ମନୋଜ ଜେନା, ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀ ପୀଡିତ ଓ ସମ୍ପର୍କୀୟଙ୍କୁ ଭେଟିବା ପରେ ମେଡିକାଲ ପ୍ରଶାସନିକ ଅଧିକାରୀ ସୁବାସ ରାଏଙ୍କ ସହିତ ଆଲୋଚନା କରିଥିଲେ। ଦୁର୍ଘଟଣା ସମୟରେ ଭଦ୍ରକ ସାହାଡ଼ା ହରିପୁରର କୃପାସିନ୍ଧୁ ମଲ୍ଲିକଙ୍କ ୧୧ ବର୍ଷର ଝିଅ କଲ୍ୟାଣୀ ମଲ୍ଲିକ ଟ୍ରମା କେୟାର ଆଇସିୟୁର ଉପର ମହଲା ଆଇସିୟୁରେ ଚିକିତ୍ସିତ ହେଉଥିଲେ। କଲ୍ୟାଣୀଙ୍କୁ ଅନ୍ୟ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ସରକାର ଘୋଷଣା କରିଥିବା କ୍ଷତିପୂରଣ ରାଶି କଲ୍ୟାଣୀଙ୍କ ପରିବାର ସଦସ୍ୟଙ୍କୁ ପ୍ରଦାନ କରିବାକୁ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ଦାବି କରିଛନ୍ତି।

### ଯାଞ୍ଚ ହେବ ଏସ୍ସିବି ମେଡିକାଲର ସବୁ କୋଠା

ଏସ୍ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସମସ୍ତ କୋଠା ଯାଞ୍ଚ କରାଯିବ। କୋଠାଗୁଡିକର ବୈଦ୍ୟୁତିକ ଉପକରଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଏହାର ସ୍ଥାୟିତ୍ୱକୁ ସ୍ୱତନ୍ତ୍ର ଟିମ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବେ। ଯାଞ୍ଚରେ ଜିଲା ପ୍ରଶାସନ, ଅଗ୍ନିଶମ ବିଭାଗ, ଏସ୍ସିବି କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ କମିଟିରେ ରହିବେ। ତେବେ କେଉଁ କୋଠାରେ କ'ଣ ତ୍ରୁଟି ରହିଛି ଏବଂ କପରି ତ୍ୱରିତ ସମାଧାନ କରାଯିବ, ଏନେଇ କମିଟି ପରାମର୍ଶ ଦେବ। କମିଟି ରିପୋର୍ଟ ଆଧାରରେ ମେଡିକାଲ କୋଠାଗୁଡିକରେ ରହିଥିବା ସମସ୍ୟା ସମାଧାନ କରାଯିବ ବୋଲି ଜିଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି ହୋଇଛି।

## ୨୦ରୁ ବାଲିଯାତ୍ରା ପଡ଼ିଆରେ 'କଟକ ସାହିତ୍ୟ ସରୋବର'



ଖବରଦାତା ସମ୍ମିଳନୀରେ 'କଟକ ସାହିତ୍ୟ ସରୋବର' ଉନ୍ମୋଚନ କରାଯାଉଛି।

କଟକ,୧୭।୩(କୁମାରଶ୍ରୀ)

ରାଜ୍ୟ ସଂସ୍କୃତି ବିଭାଗ, କଟକ ଜିଲା ପ୍ରଶାସନ, କଟକ ମହାନଗର ନିଗମ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆସନ୍ତା ୨୦ ତାରିଖରୁ ବାଲିଯାତ୍ରା ପଡ଼ିଆରେ ପୁସ୍ତକ ମେଳା ଆରମ୍ଭ ହେବ। ପ୍ରଥମ ସଂସ୍କରଣରେ ଏହାର ନାଁ ରହିଛି 'କଟକ ସାହିତ୍ୟ ସରୋବର'। ଜାତୀୟ ଓ ରାଜ୍ୟର ବହୁ ପ୍ରତିଷ୍ଠିତ ଏବଂ ପୁରାତନ ପ୍ରକାଶକ, ସାହିତ୍ୟିକ, ପୁସ୍ତକ ବିକ୍ରେତା ଏଥିରେ ସାମିଲ ହେବାକୁ ସହମତି ପ୍ରକାଶ କରିଛନ୍ତି। କଟକର ଐତିହ୍ୟ, କୀର୍ତ୍ତିରାଜି ଓ ସଂସ୍କୃତିକୁ ସାଇତି ରଖିବା ପାଇଁ ଏକ ପୁସ୍ତିକା 'କଟକ କଲଚୁରାଲ୍ ପାସପୋର୍ଟ'ର ପରିକଳ୍ପନା କରାଯାଇଛି। ଏବେସୁଦ୍ଧା କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରକାଶକମାନେ ଶତାଧିକ ଷ୍ଟଲ ବୁକିଂ କରିସାରିଲେଣି। ଏବେବି ଷ୍ଟଲ୍ ବୁକିଂ ଜାରି ରହିଛି ବୋଲି ସିଏମ୍ସି ପକ୍ଷରୁ ଖବରଦାତା ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ପ୍ରତିଦିନ ସନ୍ଧ୍ୟାରେ ଆକର୍ଷଣ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କବିତା ଓ ଗଳ୍ପ ପାଠ, ସାହିତ୍ୟ ଚର୍ଚ୍ଚା, ସାଂସ୍କୃତିକ ବିଷୟବସ୍ତୁ ଉପରେ ଆଲୋଚନା ସ୍ଥାନ ପାଇବ। ବିଭିନ୍ନ ସ୍କୁଲ ଓ କଲେଜକୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ମେଳାରେ ମୋଟ୍ ୧୬୫ଟି ପୁସ୍ତକ ଷ୍ଟଲ ଓ ୧୫ଟି ଫୁଡ୍ ଷ୍ଟଲ୍ ରହିବ। ଖବରଦାତା ସମ୍ମିଳନୀରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ମୋନାଲିସା ଦାସ, ଅତିରିକ୍ତ କମିଶନର କଳ୍ପତରୁ ବେହେରା, ସୋନା ଗୁପ୍ତ, ଡେପୁଟି କମିଶନର ଶ୍ୱେତା ସ୍ନିଗ୍ଧା, ସରୋଜ ଆଚାର୍ଯ୍ୟ, ଆସିଷ୍ଟାଣ୍ଟ କମିଶନର ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ନଦିଆ ବାରୁଣୀ ମହୋତ୍ସବରେ ଯୋଗ ଦେଲେ ୩୦ ସଂକୀର୍ତ୍ତନ ମଣ୍ଡଳୀ

କଟକ,୧୭।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଗଡ଼ଗଡ଼େଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ନଦୀୟା ବାରୁଣୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ବିଧାୟକ ଡ. ପ୍ରଭାତରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଭାଜପା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ ଯୋଗଦେଇଥିଲେ। ଗଡ଼ଗଡେଶ୍ୱର ମହାଦେବଙ୍କ ମୁଖ୍ୟ ପୂଜକ ହୃଷୀକେଶ ପଣ୍ଡା ଓ ରାହାସ ବିହାରୀ ମଠର ମହନ୍ତ ବୃନ୍ଦାବନ ଦାସ ମହାରାଜ, ବାୟାବାବା ମଠ ମହନ୍ତ ମହାରାଜ ବିପିନିବିହାରୀ ଦାସ ପ୍ରମୁଖ ସାଧୁସନ୍ଥଙ୍କ ଦ୍ୱାରା ମହାନଦୀ ଆଳତୀ ପରେ ନଦୀୟା ସଂକୀର୍ତ୍ତନ ସମାରୋହ ଆରମ୍ଭ ହୋଇଥିଲା। ଏଥିରେ ସହରରୁ ପ୍ରାୟ ୩୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ।

## ଘର ସିଲ୍ କଲା ଏଲ୍ଆଇସି ହାଉସିଂ ଫାଇନାନ୍ସ



ଚୌଦ୍ୱାର,୧୭।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ନୂଆସାହିର ଏକ ଘରକୁ ଜୀବନ ବୀମା ନିଗମ ହାଉସିଂ ଫାଇନାନ୍ସ ଅଧିକାରୀମାନେ ମଙ୍ଗଳବାର ସିଲ୍ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କଟକ ଜୋବ୍ରା ମଲାସାହି ଅଞ୍ଚଳର ରାଣୀବାଳା ଭୂୟାଁ, ଅମରେଶ ଭୂୟାଁ ଓ ରଜନୀ ଜେନା ନୂଆସାହିରେ କରିଥିବା ଘରକୁ ବନ୍ଧକରେ ରଖି ଏଲ୍ଆଇସି ହାଉସିଂ ଫାଇନାନ୍ସରୁ ବିଭିନ୍ନ କିସ୍ତିରେ ୬୦ ଲକ୍ଷ ଟଙ୍କା ଋଣ କରିଥିଲେ। ପରବର୍ତ୍ତୀ ସମୟରେ ଋଣ ଖିଲାପ ହେବା ସହିତ ଋଣ ପରିଶୋଧର ମୂଲ୍ୟ ମୂଳଧନ ୬୩ ଲକ୍ଷ ଟଙ୍କା ସହିତ ସୁଧ ମିଶାଇ ୧ କୋଟି ୧୬ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ଋଣ ପରିଶୋଧ ପାଇଁ ଏଲ୍ଆଇସି ପକ୍ଷରୁ ଗତ ୬ ମାସ ପୂର୍ବରୁ ଘର ଖାଲି କରିବା ପାଇଁ କାନ୍ଥରେ ନୋଟିସ ଲଗାଯିବା ସହିତ ଘର ମାଲିକଙ୍କୁ ମଧ୍ୟ ନୋଟିସ କରାଯାଇଥିଲା। ହେଲେ ଘର ମାଲିକ ଖାତିର କରି ନ ଥିଲେ। ଫଳରେ କଟକ ଜିଲାପାଳ ଓ ଡିସିପିଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ପୋଲିସର ଏକ ଟିମ୍ ସହିତ ଏଲ୍ଆଇସିର ଅଧିକାରୀମାନେ ପହଞ୍ଚି ଘରେ ଭଡାରେ ରହୁଥିବା ୨ ପରିବାରର ସମସ୍ତ ଆସବାବପତ୍ର ଖାଲିକରି ଘର ସିଲ କରିଥିବା ଏଲ୍ଆଇସି ଫାଇନାନ୍ସ ଶହୀଦନଗର ଶାଖାର ଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଏକଜୁଟ ହୋଇ ଓଡ଼ିଶା ପାଇଁ କାର୍ଯ୍ୟ କରିବା: ମହମ୍ମଦ ମୋକିମ

କଟକ,୧୭।୩(ଶିଳ୍ପା ପ୍ରିୟଦର୍ଶିନୀ)

- ସୋଫିଆ କ୍ରସ୍ ଭୋଟ ଦେଇ କଟକର ଗରିମାକୁ ତଳେ ପକାଇଲେ: ଭକ୍ତ ଦାସ
- ନିଲମ୍ବିତ ବିଧାୟକଙ୍କୁ ଅଫର ଦେଲେ ମୋକିମ

କ୍ରସ୍ ଭୋଟିଂ କରିଥିବା କଂଗ୍ରେସର ୩ ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ସେଥିରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ରହିଛନ୍ତି। ତେବେ ସୋଫିଆଙ୍କୁ ଦଳରୁ ନିଲମ୍ବନ କରାଯିବ ପରେ ତାଙ୍କ ବାପା ଇଂ ମହମ୍ମଦ ମୋକିମ କଂଗ୍ରେସ ଉପରେ ବର୍ଷିଛନ୍ତି। କଟକ ସଇଦାନୀ ବଗିଚାସ୍ଥିତ କାର୍ଯ୍ୟାଳୟରେ ମୋକିମ କହିଛନ୍ତି, କଂଗ୍ରେସରେ ରହି କେହି ନିଜ ଭବିଷ୍ୟତ ଉଜ୍ଜ୍ୱଳ କରି ପାରିବେନି। କଂଗ୍ରେସର ସ୍ଥିତି ଏବେ ଠିକ୍ ନାହିଁ। ଯେଉଁମାନେ ନିଲମ୍ବିତ ହୋଇଛନ୍ତି ସେମାନେ ଦଳ ପାଇଁ କାର୍ଯ୍ୟ କରି ଆସୁଛନ୍ତି। ହେଲେ ଏଭଳି ପଦକ୍ଷେପ ନେବା ଲଜ୍ୟାଜନକ। ଏବେ ଏହି ୩ଜଣ ନିଜସ୍ୱ ଭାବେ କାର୍ଯ୍ୟ କରିପାରିବେ। ଏବେ ନିଲମ୍ବିତ ହୋଇଥିବା ବିଧାୟକଙ୍କ ପାଇଁ ସୁଯୋଗ ରହିଛି ଆସନ୍ତୁ ଗୋଟିଏ ପ୍ଲାଟଫର୍ମରେ ଏକଜୁଟ୍ ହୋଇ କାମ କରିବା ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ନିଲମ୍ବନ ପ୍ରସଙ୍ଗରେ କଟକ ଏସ୍ସିବି ଗସ୍ତ ସମୟରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଦଳ ବିରୋଧରେ ସେମାନେ ଷଡ଼ଯନ୍ତ୍ର କରିଛନ୍ତି। ଦଳ ସେମାନଙ୍କୁ ବହୁ ଦାୟିତ୍ୱବାନ ବୋଲି ଭାବିଥିଲି। ହେଲେ ସେମାନେ ଷଡ଼ଯନ୍ତ୍ର କରି ଶେଷରେ ତାଙ୍କ ପ୍ରକୃତ ରଙ୍ଗ ଦେଖାଇଛନ୍ତି। କଟକର ବିଧାୟିକା ଜଣେ ଶିକ୍ଷିତ ଝିଅ ହୋଇ ଏଭଳି ନିଷ୍ପତ୍ତି ନେଇ କଟକର ଗାରିମାକୁ ତଳେ ପକାଇଛନ୍ତି। ସୋଫିଆ ଯଦି ଭୋଟ୍ ଦେଇଥାନ୍ତେ ତେବେ ତାଙ୍କ ମର୍ଯ୍ୟାଦା ବଢ଼ିଥାନ୍ତା। ତାଙ୍କ ସହ ବ୍ୟକ୍ତିଗତ ଭାବେ କଥା ହୋଇଥିଲି, ଏପରିକି ସମସ୍ତ ଦାବିକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲି। ତାଙ୍କ ବାପା ମହମ୍ମଦ ମୋକିମଙ୍କ ଉପରୁ ବହିଷ୍କାର ହଟାଇବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲି। ହେଲେ ସେ ଦଳ କଥା ଭାବି ନାହାନ୍ତି। ଏମାନଙ୍କ ଏଭଳି କାର୍ଯ୍ୟ ଯୋଗୁ ଦଳ କେବେ ବି ଦୁର୍ବଳ ହେବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ ଦଳ ବିରୋଧୀ କାର୍ଯ୍ୟ ନେଇ କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କୁ ଦଳର ପ୍ରାଥମିକ ସଦସ୍ୟରୁ ବହିଷ୍କାର କରାଯାଇଥିବାବେଳେ ପିସିସି ସଭାପତି ଭକ୍ତ ଦାସଙ୍କୁ ସିଧାସଳଖ ଟାର୍ଗେଟ କରି କହିଛନ୍ତି, ଭକ୍ତ ଦାସ ଜଣେ ଅଣକଂଗ୍ରେସ ଲୋକ। କଂଗ୍ରେସକୁ ବିଜେଡି ହାତକୁ ଟେକି ଦେଇଛନ୍ତି। ବହୁ ଦୁର୍ନୀତିରେ ସେ ଲିପ୍ତ ରହିଛନ୍ତି। ଲୋକ ଖୁବ୍ଶୀଘ୍ର ତାଙ୍କୁ କଳାହାଣ୍ଡିରୁ ବିଦା କରିବେ। ସେ ବିଧାୟକଙ୍କୁ ଅଣଦେଖା କରନ୍ତି ବୋଲି ଗିରିବାଳା କହିଛନ୍ତି।

## ବୁଡ଼ ପକାଇଲେ ୭୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୧୭।୩ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗ୍ରାମରେ ମଙ୍ଗଳବାର ଅନୁଷ୍ଠିତ ବାରୁଣୀ ଯାତ୍ରାରେ ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମାହେନ୍ଦ୍ର ବେଳାରେ ସମସ୍ତ ୨୨ ବାଡ଼ିର ଠାକୁରମାନଙ୍କ ପାଖରେ ହଜାର ହଜାର ଭକ୍ତ ପୂଜାର୍ଚ୍ଚନା କରି ଭୋଗ ଲଗାଇଥିଲେ। ପରେ ଯାତ୍ରା କମିଟି ପକ୍ଷରୁ ଭୋଗ ଲଗାଯାଇ ସମସ୍ତ ପୂଜକ ସମାଜ ଠାକୁରମାନଙ୍କ ସହିତ ପୂର୍ବାହ୍ନ ୯ଟା ୪୧ମି ସମୟରେ ସ୍ନାନ ପାଇଁ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳି ଧ୍ୱନିରେ ବାବା ସର୍ପେଶ୍ୱରଙ୍କ ପରେ ପରେ ସମସ୍ତ ଠାକୁରମାନଙ୍କୁ ନେଇ ପୁରାଣ କଥିତ ମହାନଦୀର ଓଲଟ ଗଙ୍ଗା କୁହାଯାଉଥିବା ଜଳରାଶିରେ ସ୍ନାନ କରିଥିଲେ। ଏହାପରେ ସର୍ବସାଧାରଣଙ୍କ ସହିତ ଆଠଗଡ଼ ଭାଜପା ନେତା ଅଭୟ ବାରିକ ଓ ବ୍ରହ୍ମପୁର ଗ୍ରାମ କମିଟି ସଦସ୍ୟମାନେ ବୁଡ଼ ପକାଇଥିଲେ। ପ୍ରଶାସନ ପକ୍ଷରୁ ଦୁଇ ପ୍ଲାଟୁନ ଫୋର୍ସ ସହିତ କଟକ ଜିଲା ଅତିରିକ୍ତ ଏସ୍ପି ପ୍ରଦୀପ ସାହୁ, ଚୌଦ୍ୱାର ଏସ୍ଡିପିଓ ଉମାକାନ୍ତ ନାୟକଙ୍କ ଓଡ୍ରାଫ ଟିମ ଓ ଦମକଳ ବାହିନୀ ଶୃଙ୍ଖଳିତ ପରିଚାଳନା କରିଥିଲେ। ସୋମବାର ସନ୍ଧ୍ୟାଠାରୁ ବାରୁଣୀ ବୁଡ଼ରେ ବୁଡ଼ ପକାଇବାକୁ ଶ୍ରୀ ଧବଳେଶ୍ୱର, ସପନେଶ୍ୱର, ରାମେଶ୍ୱର, ବୃନ୍ଦାବନଚନ୍ଦ୍ରଦେବ, ଗୋପାଳଜୀଉ ଆଦି ୨୨ଟି ଗ୍ରାମରୁ ଠାକୁର ବିମାନରୁଢ଼ା ହୋଇ ଶୋଭାଯାତ୍ରାରେ ଆସି କଖଡ଼ି ପାଲା ତୋଟା ପଡିଆରେ ଏକତ୍ରିତ ହୋଇ ସେଠାରେ ହରିହର ଭେଟ ହୋଇଥିଲା। ରାତିସାରା ସେଠାରେ ରହିବା ପରେ ବ୍ରହ୍ମପୁର ବଡ଼ଭାଇ ବାବା ସର୍ପେଶ୍ୱର ମଙ୍ଗଳବାର ଭୋରୁ ବିରାଟ ରୋଶଣିରେ ଆସି ପାଲା ତୋଟାରୁ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରି ବାରୁଣୀ ପଡିଆକୁ ଆଣିଥିଲେ ବୋଲି ବ୍ରହ୍ମପୁର ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ଗ୍ରାମ କମିଟି ମୁରବି ଉମାକାନ୍ତ ସ୍ୱାଇଁ, ଧୋବି ବିଶ୍ୱାଳ, ବଂଶୀଧର ସ୍ୱାଇଁ ପ୍ରମୁଖ ଜଣାଇଛନ୍ତି।



ବାରୁଣୀ ଯାତ୍ରାରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

### ବ୍ରହ୍ମପୁର ଗ୍ରାମରେ ବାରୁଣୀ ଯାତ୍ରା

# କଲ୍ୟାଣୀଙ୍କ ତାଲିକାକୁ ନେଇ ଦ୍ୱନ୍ଦ୍ୱ



PATIENTS DETAILS OF FIRE INCIDENT IN TRAUMA CASUALTY

| SL NO | OPD REG. NO | IPD REG NO. | NAME OF THE PATIENT | NAME OF THE GUARDIAN | AGE | SEX | ADDRESS | DISTRICT | STATE | | DATE OF ADMISSION | TIME OF ADMISSION | DIGNOSIS | ALIVE/ DEATH |
|---|---|---|---|---|---|---|---|---|---|---|---|---|---|---|
| 1 | 21102260156660[illegible] | 21102202602449[illegible] | Maheswar Mahata | Sudhir Mahata | 55Yr | M | Tungadhua Tungadhua | Paschim | West | 1257/05.03.2026 | 3/5/2026 | 20:16:35 | RTA WITH HEAD INJURY | Med. ICU, 1ST |
| 2 | [illegible] | [illegible] | Suman ku Sahoo | Lt Bijay sahoo | 30yr | M | At Bande Ps Banarpal | Anugul | Odisha | | 26.02.2026 | 18:04:02 | RTA WITH HEAD INJURY | Med. ICU, 1ST |
| 3 | [illegible] | [illegible] | Dayanidhi Majhi | Lt Sankarsana Majhi | 45 yr | M | Gopalpur, Baripada ps | Balasore | Odisha | | 06.02.2026 | 1:55:12 | | Med. ICU, 1ST |
| 4 | 211022601842254 | 211022026028157 | Kalyani Mallick | Krupasindhu Mallick | 11Yr | F | At Haripur Ps Sabrang | Bhadrak | Odisha | 536/15/03/2026 | 3/15/2026 | 15:22:31 | K/C/O B THALASEMIA | Med. ICU, 1ST |
| 5 | [illegible] | [illegible] | Pabitra Tisari | Kamal Lochan Tisari | 20Yr | M | Andasuguda Ps Bariguma | Koraput | Odisha | 875 | 3/13/2026 | 14:01:48 | RT LEG CRUSH INJURY | Ortho ICU, 4th |
| 6 | [illegible] | [illegible] | Ramesh Chandra | Co Bibhu Prasad | 45Yr | M | At Jenipur Ps Choudwar | Cuttack | Odisha | 1433/09.03.2026 | 3/9/2026 | 15:56:50 | RTA MULTIPLE INJURY | Death |
| 7 | [illegible] | [illegible] | Madhusudan Dalai | Lt Gopal Dalai | 58Yr | M | At Baramapur Ps Rupsa | Balasore | Odisha | 1267 | 3/6/2026 | 12:51:45 | HEAD INJURY | Death |
| 8 | 211022601750465 | 211022026026821 | Krushna Chandra Biswal | Lt Chakradhara Biswal | 75Yr | M | At Badamangalpur Ps Dharmasala At Badamangalpur Ps Dharmasala | Jajpur | Odisha | 1484/11.03.2026 | 3/11/2026 | 19:09:28 | | Death |
| 9 | 211022601721791 | 211022026026652 | Rabindra Das | Debraj Das | 50Yr | M | At Narayanpur Ps Marsaghai Narayanpur | Kendrapara | Odisha | 1470 | 3/11/2026 | 11:40:12 | TRAUMATIC PARAPARESIS | Death |
| 10 | 211022601620961 | 211022026024951 | Cheru Parida | Lt Malia Parida | 100Yr | M | At Ps Angul At Ps Angul | Angul | Odisha | 1385 | 3/6/2026 | 22:35:37 | - | Death |
| 11 | 211022601538491 | 211022026023764 | Menaka Rout | Natabar Rout | 70Yr | F | At Seramuhin Ps Mahakalpada | Kendrapara | Odisha | 1308/03.03.2026 | 3/3/2026 | 15:59:43 | RTA WITH HEAD INJURY | Death |
| 12 | 211022600127951 | 211022026002679 | Abdul Satar | LT Abdul magbul khan | 80yr | M | Kishore nagar thoria | Cuttack | Odisha | | 07.01.2026 | 05.30.30 | | Death |
| 13 | 211022600436821 | 211022026007521 | Gouranga charan Berik | Kartik ch Berik | 40yr | M | Paikarapur, Mahanga | Cuttack | Odisha | | 20.01.2026 | 08.54.59 | RTA WITH HEAD INJURY | Death |
| 14 | | | MD NYUM | | 35yr | M | Dumduma | Bhubaneswar | Odisha | | 24.02.2026 | | Left Leg Fracture | Death |
| 15 | 211022601784190 | 211022026027380 | Dasru Munda | Dumbi | 65YR | M | At Kasipala ps JHUMPURA | Keonjhar | Odisha | | 13.03.2026 | 09.17.19 | RTA WITH HEAD INJURY | Death |

ଏସ୍‌ସିବି ମେଡିକାଲ ପକ୍ଷରୁ ପ୍ରକାଶିତ ପ୍ରଥମ ତାଲିକା ।



PATIENTS DETAILS OF FIRE INCIDENT IN TRAUMA CASUALTY

ଦ୍ୱିତୀୟ ତାଲିକା ।

**କଟକ, ୧୭।୩(କୁମାରଶ୍ରୀ)**

## ଏସ୍‌ସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣା

## ପ୍ରଥମ ତାଲିକାରେ ନାଁ ଅଛି, ଦ୍ୱିତୀୟରେ ନାହିଁ

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ମୃତକ ତାଲିକାରେ ୧୧ ବର୍ଷୀୟା କଲ୍ୟାଣୀ ମଲ୍ଲିକଙ୍କ ନାମ ନାହିଁ। ଅଗ୍ନିକାଣ୍ଡ ଘଟିବାର କିଛି ସମୟ ପରେ କଲ୍ୟାଣୀ ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉଥିଲେ ବୋଲି ଏସ୍‌ସିବି ପ୍ରଶାସନ ପ୍ରଥମେ ଦର୍ଶାଇଥିଲା। ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରକାଶ କରାଯାଇଥିବା ରୋଗୀ ତାଲିକାରୁ ତାଙ୍କ ନାମ ହଟାଇ ଦିଆଯାଇଥିଲା। ଅଗ୍ନିକାଣ୍ଡରେ କଲ୍ୟାଣୀଙ୍କ ମୃତ୍ୟୁ ଘଟିଥିବା ଦାବି କରି ପରିବାର ଲୋକେ ମଙ୍ଗଳବାର ମେଡିକାଲ ପରିସରରେ ମୃତଦେହ ରଖି ଧାରଣା ଦେବା ପରେ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ଦେଇଥିଲେ। କଲ୍ୟାଣୀଙ୍କ ମୃତଦେହ ଧରି ଗରିବ ପରିବାର ଭଦ୍ରକ ହରିପୁରକୁ ଫେରିଛନ୍ତି। କଲ୍ୟାଣୀଙ୍କୁ ନ୍ୟାୟ ମିଳିଲା ନା କେବଳ ଭଣ୍ଡେଇ ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଗ୍ନିକାଣ୍ଡ ପରେ ଏସ୍‌ସିବି ପ୍ରଶାସନ ପ୍ରଥମେ ଏକ ରୋଗୀ ତାଲିକା ପ୍ରକାଶ କରିଥିଲା। ଯେଉଁଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି, କୃପାସିନ୍ଧୁ ମଲ୍ଲିକଙ୍କ ଝିଅ କଲ୍ୟାଣୀ ଥାଲାସେମିଆ ରୋଗରେ ପୀଡ଼ିତ। ଓପିଡି ପଞ୍ଜୀକରଣ (ନଂ. ୨୧୧୦୨୨୬୦୧୮୪୨୨୫୪)ରେ ସେ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଆଇପିଡି ପଞ୍ଜୀକରଣ (ନଂ.୨୧୧୦୨୨୦୨୬୦୨୮୧୫୭)ରେ ତାଙ୍କୁ ଆଡମିଶନ ମିଳିଥିଲା। ୧୫ ତାରିଖ ଅପରାହ୍ନ ୩ଟା ୨୨ରେ ତାଙ୍କୁ ଟ୍ରମା ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବି ପ୍ରଶାସନର ପ୍ରଥମ ରିପୋର୍ଟରେ କଲ୍ୟାଣୀ ଅଗ୍ନିକାଣ୍ଡ ପୂର୍ବରୁ ଆଇସିୟୁରେ ଥିଲେ ବୋଲି ସ୍ପଷ୍ଟ ଭାବେ କୁହାଯାଇଥିଲା। ଏପରିକି ଅଗ୍ନିକାଣ୍ଡ ପରେ ତାଙ୍କୁ ଭେଷଜ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିବା ଉଲ୍ଲେଖ ହୋଇଥିଲା। ଅନ୍ୟପକ୍ଷେ ମଙ୍ଗଳବାର କଲ୍ୟାଣୀଙ୍କ ପରିବାର ଲୋକେ ମୃତଦେହ ଥୋଇ ଧାରଣା ଦେବା ପରେ ଏବେ ଘଟଣାର ମୋଡ ବଦଳିଛି। କଲ୍ୟାଣୀ ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉ ନ ଥିଲେ ବୋଲି ମେଡିକାଲ ପ୍ରଶାସନ ପକ୍ଷରୁ କୁହାଯାଉଛି। କଲ୍ୟାଣୀଙ୍କ ମା' ସୁମତି ଅଭିଯୋଗ କରିଛନ୍ତି, କଲ୍ୟାଣୀଙ୍କ ଛାତିରେ ଯନ୍ତ୍ରଣା ହେଉଥିବାରୁ ତାଙ୍କୁ ବଡ ମେଡିକାଲ ଆଣିଥିଲେ। ନିଆଁ ଲାଗିବା ବେଳେ ଝିଅ ସେଠାରେ ଥିଲେ। ଅନ୍ୟମାନଙ୍କୁ ଉଦ୍ଧାର କରାଯିବା ବେଳେ କଲ୍ୟାଣୀଙ୍କୁ କଢ଼ାଯିବା ବେଳକୁ ଭୋର ୪ଟା ହୋଇଯାଇଥିଲା। ନିଆଁ, ଧୂଆଁ ଭିତରେ ଅଣନିଃଶ୍ୱାସୀ ହୋଇ କଲ୍ୟାଣୀଙ୍କ ମୃତ୍ୟୁ ଘଟିଛି ବୋଲି ମା' ସୁମତି କହିଛନ୍ତି। ଏପରିକି ସେ ନ୍ୟାୟ ଭିକ୍ଷା କରିଛନ୍ତି। ଅନ୍ୟପକ୍ଷରେ ତହସିଲଦାରଙ୍କ ପକ୍ଷରୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। କଲ୍ୟାଣୀ ଯଦି ଅଗ୍ନିକାଣ୍ଡ ଜନିତ ଘଟଣାରେ ମୃତ୍ୟୁବରଣ କରିନାହାନ୍ତି ତେବେ ତାଙ୍କ ପରିବାରକୁ କାହିଁକି ସହାୟତା ଦିଆଗଲା ? ଏତଦବ୍ୟତୀତ ପ୍ରଥମ ମହଲାରେ ଥିବା ଟ୍ରମା ଆଇସିୟୁ ନିକଟରେ ପେଡିଆଟ୍ରିକ ଆଇସିୟୁ ମଧ୍ୟ ରହିଛି। ଟ୍ରମା ଆଇସିୟୁ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ପେଡିଆଟ୍ରିକ ଆଇସିୟୁର ରୋଗୀମାନଙ୍କୁ କେଉଁଠାକୁ ପଠାଗଲା ଏବଂ କେତେ ରୋଗୀ ଥିଲେ ତାହା ରିପୋର୍ଟ ଦେବାକୁ ଏସ୍‌ସିବି ପ୍ରଶାସନ ପକ୍ଷରୁ କୁଣ୍ଠାବୋଧ କରାଯାଉଛି। ଅଧୀକ୍ଷକ ପ୍ରଫେସର ଗୌତମ ଶତପଥୀଙ୍କୁ ଫୋନ୍ କରାଯାଇଥିବା ବେଳେ ସେ ରିସିଭ୍ କରି ନ ଥିଲେ।

# ବିଧାନସଭା ଆଗରେ କିନ୍ନରଙ୍କ ଆନ୍ଦୋଳନ



ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗୀ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ- ମନୋରଞ୍ଜନ ମିଶ୍ର)।

**ଭୁବନେଶ୍ୱର, ୧୭।୩(ସୁଚିସ୍ମିତା ସାହୁ)**

## ଟ୍ରାନ୍ସଜେଣ୍ଡର ୱେଲ୍‌ଫେୟାର ବୋର୍ଡ ଗଠନ ସହ ବିଭିନ୍ନ ଦାବି

ଟ୍ରାନ୍ସଜେଣ୍ଡର ୱେଲ୍‌ଫେୟାର ବୋର୍ଡ ଗଠନ ସହ ଅନ୍ୟାନ୍ୟ ଦାବି ନେଇ ନିଖିଳ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗୀ ମହାସଂଘ ଡାକରାରେ ରାଜ୍ୟର କିନ୍ନରମାନେ ମଙ୍ଗଳବାର ମାଷ୍ଟର କ୍ୟାଣ୍ଟିନଠାରେ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ବ୍ୟାରିକେଡ୍ ଚଢ଼ି ବିଧାନସଭା ପରିସରକୁ ଧସେଇ ପଶିବା ପାଇଁ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ପରେ ୮ଜଣିଆ କିନ୍ନର ପ୍ରତିନିଧିମଣ୍ଡଳୀ ସଂଘର ପୂର୍ବତନ ଚେୟାରମ୍ୟାନ ପ୍ରତାପ କୁମାର ସାହୁ, ସଭାପତି ମୀରା ପରିଡ଼ା, କାର୍ଯ୍ୟକାରୀ ସଭାପତି ସୁଇଟି ସାହୁ, ଉପସଭାପତି ସୋନାଲି କିନ୍ନର, ମାଧୁରୀ କିନ୍ନର, ସୋନମ କିନ୍ନର ଏବଂ ସାଧାରଣ ସମ୍ପାଦକ ମେଘନା ସାହୁ ପ୍ରମୁଖ ବିଧାନସଭା ପରିସରକୁ ଯାଇ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଟ୍ରାନ୍ସଜେଣ୍ଡର ୱେଲ୍‌ଫେୟାର ବୋର୍ଡ ଗଠନ, ଟ୍ରାନ୍ସଜେଣ୍ଡର ପର୍ସନ (ପ୍ରୋଟେକ୍ସନ ଅଫ୍ ରାଇଟ୍ସ) ଆମେଣ୍ଡମେଣ୍ଟ ବିଲ୍-୨୦୨୬ ପ୍ରତ୍ୟାହାର, ଡାକ୍ତରଙ୍କ ଦ୍ୱାରା ଲିଙ୍ଗ ନିରୂପଣ ପରୀକ୍ଷା ବନ୍ଦ ଏବଂ କିନ୍ନରଙ୍କ ପରମ୍ପରା ପ୍ରତି ଗୁରୁତ୍ୱ ଦିଆଯିବା ଆଦି ଦାବି ସେଥିରେ ଉଲ୍ଲେଖ ରହିଛି। ମନ୍ତ୍ରୀ ଗଣ୍ଡ ଦାବିଗୁଡ଼ିକ ଅନୁଧ୍ୟାନ କରି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟ୍ରାନ୍ସଜେଣ୍ଡର ପ୍ରୋଟେକ୍ସନ ବିଲ୍‌କୁ ଯଦି ଆଇନଗତ ସହାୟତା ନ ମିଳେ, ତେବେ କିନ୍ନରମାନେ ଦିଲ୍ଲୀର ପାର୍ଲାମେଣ୍ଟ ସମ୍ମୁଖରେ ଆନ୍ଦୋଳନ କରିବା ସହ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସଭାପତି ମୀରା ପରିଡ଼ା କହିଛନ୍ତି। ସେହିପରି ୧୫ଦିନ ଭିତରେ ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ସାଧାରଣ ସମ୍ପାଦକ ମେଘନା ସାହୁ ଚେତାବନୀ ଦେଇଛନ୍ତି।

# ୧୯ରୁ ଓଡ଼ିଆ ଭାଷା ପରୀକ୍ଷା ଫର୍ମ ପୂରଣ

**କଟକ, ୧୭।୩(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬ ମସିହାର ଦଶମ ଷ୍ଟାଣ୍ଡାର୍ଡ ପ୍ରଥମ ଏକକ ବିଷୟ ଓଡ଼ିଆ ଏବଂ ଅଷ୍ଟମ ଷ୍ଟାଣ୍ଡାର୍ଡ ପ୍ରଥମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଯୋଗ୍ୟ ପ୍ରାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ୨୪ ଘଣ୍ଟିଆ ଫର୍ମ ପୂରଣ କରିପାରିବେ। ଅନ୍‌ଲାଇନ ଫର୍ମ ପୂରଣ ପ୍ରକ୍ରିୟା ମାର୍ଚ୍ଚ ୧୯ରୁ ଏପ୍ରିଲ ୧୧ ତାରିଖ ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ଚାଲୁରହିବ। ଦେୟ ପୈଠ ନିମନ୍ତେ ଏପ୍ରିଲ ୧୧ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଆବେଦନ ନିମନ୍ତେ ଆବଶ୍ୟକ ନିର୍ଦ୍ଦେଶାବଳୀ, ଯୋଗ୍ୟତା ଓ ପାଠ୍ୟକ୍ରମ ଆଦି ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ପ୍ରାର୍ଥୀମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ମିଥ୍ୟା ଜଣାପଡ଼ିଲେ ତାଙ୍କର ଆବେଦନ ନାକଚ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାର୍ଥୀମାନଙ୍କ ଦ୍ୱାରା ଅନ୍‌ଲାଇନରେ ପୂରଣ ହୋଇଥିବା ଠିକଣା, ଜାତି, ବିଷୟ ଆଦି ବ୍ୟକ୍ତିଗତ ତଥ୍ୟ ପରବର୍ତ୍ତୀ ଅବସ୍ଥାରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଆବେଦନ କରିବାର ଶେଷ ତାରିଖ କୌଣସି ପରିସ୍ଥିତିରେ ବର୍ଦ୍ଧିତ କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

# ରାଜ୍ୟରେ ଅଛନ୍ତି ୨୧୦୩ ହାତୀ, ୩୦ ମହାବଳ

**ଭୁବନେଶ୍ୱର, ୧୭।୩ (ବନ୍ଦନା ସେଠୀ)**

## ୨୦ ମାସରେ ୮୭୭୮.୦୨ ଘନଫୁଟ ଚୋରା କାଠ ଜବତ

ରାଜ୍ୟରେ ମୋଟ ୫୧ଟି ବନଖଣ୍ଡ ରହିଛି। ୨୦୨୪ ରାଜ୍ୟସ୍ତରୀୟ ହାତୀଗଣନା ଅନୁଯାୟୀ ବିଭିନ୍ନ ବନଖଣ୍ଡରେ ୨୧୦୩ଟି ହାତୀ, ୨୦୨୪ ରାଜ୍ୟସ୍ତରୀୟ ବାଘ ଗଣନା ଅନୁଯାୟୀ ୩୦ଟି ମହାବଳ ବାଘ ଏବଂ ଶିମିଳିପାଳରେ ୮ଟି ମହାବଳ ବାଘ ଶାବକ ରହିଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ବିଧାନସଭାରେ ତଥ୍ୟ ରଖିଛନ୍ତି। ମଙ୍ଗଳବାର କଂଗ୍ରେସ ବିଧାୟକ ପବିତ୍ର ସାଉଁତାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସିଂଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ ଜଙ୍ଗଲରୁ ଗତ ୨୦ମାସ ମଧ୍ୟରେ ୮୭୭୮.୦୨ ଘନଫୁଟ ପରିମାଣର ଚୋରା କାଠ ଜବତ ହୋଇଛି। ଏଥିସହ ୧୦୩୯ କାଠଚୋର ଧରାପଡ଼ିଛନ୍ତି। ସେହିପରି ଗତ ୨୦ ମାସ ମଧ୍ୟରେ ରାଜ୍ୟରେ ୭ ଟି କଲରାପତରିଆ ବାଘ ଛାଲ, ୨ଟି ଗୋଟି ହାତୀ ଦାନ୍ତ, ଗୋଟିଏ ବନ୍ଧୁକ ଏସ୍‌ଟିଏଫ୍ ଦ୍ୱାରା ଜବତ ହୋଇଛି ବୋଲି ବୌଦ୍ଧ ଜିଲାରେ ଗୋଟିଏ କଲରାପତରିଆ ବାଘ ଛାଲ ମିଳିଥିବାବେଳେ ୨ଟି ହାତୀଦାନ୍ତ ଜବତ ହୋଇଛି। ସେହିପରି ନୂଆପଡ଼ା ଜିଲାରେ ଇତିମଧ୍ୟରେ ୬ଟି କଲରାପତରିଆ ବାଘ ଛାଲ ଏବଂ ଗୋଟିଏ ବନ୍ଧୁକ ଜବତ ହୋଇଛି।

# ଏକକ ଶିକ୍ଷକ ବିଦ୍ୟାଳୟ ସୁପରିଚାଳନା ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୩(ସୁଚିସ୍ମିତା ସାହୁ)**

ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଏକକ ଶିକ୍ଷକ ସମସ୍ୟା ନେଇ ଚିନ୍ତା ପ୍ରକାଶ ପାଇଛି। ଅନେକ ବିଦ୍ୟାଳୟରେ ଶିକ୍ଷକମାନଙ୍କ ପଦ ସ୍ଥାନାନ୍ତର କିମ୍ବା ଅବସର ଗ୍ରହଣ ଯୋଗୁ ଏବେ କେବଳ ଗୋଟିଏ ଶିକ୍ଷକ ଦ୍ୱାରା ପାଠପଢ଼ା ଚାଲିଛି। ଫଳରେ ଶିକ୍ଷାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ନିକଟସ୍ଥ ବିଦ୍ୟାଳୟରୁ ଶିକ୍ଷକଙ୍କୁ ଆଣି ସମ୍ପୃକ୍ତ ଏକକ ଶିକ୍ଷକ ଥିବା ସ୍କୁଲରେ ଅସ୍ଥାୟୀ ଭାବେ ଅବସ୍ଥାପିତ କରିବାକୁ କୁହାଯାଇଛି। ଏହି ବ୍ୟବସ୍ଥା କଲେକ୍ଟର-କମ୍-ଚେୟାରପର୍ସନଙ୍କ ଅନୁମୋଦନ ସହ କରାଯିବ। ନିଯୁକ୍ତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶ ରହିଛି।

# ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

**ପୁରୀ ୧୭।୩(ଅଜିତ୍ କୁମାର ମହାନ୍ତି)**

## ବନକଲାଗି ନୀତି ହେବ

ଚୈତ୍ର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହି ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ବୁଧବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ଯାଏ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଦତ୍ତମହାପାତ୍ର ସେବକ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବ। ପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ସାଧାରଣ ଦର୍ଶନ ପୁନର୍ବାର ଆରମ୍ଭ ହେବ।

# ବରୁଣେଇ ଜଙ୍ଗଲରେ ନିଆଁ

**ଖୋର୍ଦ୍ଧା, ୧୭।୩(ପ୍ରଭାତ ପାଣିଗ୍ରାହୀ)**

ବରୁଣେଇ ପାହାଡ଼ ପାଦଦେଶରେ ଥିବା ଜଙ୍ଗଲରେ ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏହି ନିଆଁ ଉପରକୁ ଉଠି ସଂରକ୍ଷିତ ଜଙ୍ଗଲକୁ ବ୍ୟାପିଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚିଥିଲା। ପ୍ରାୟ ଦୁଇ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିବା ରେଞ୍ଜର ଜୟକୃଷ୍ଣ ପଣ୍ଡା କହିଛନ୍ତି। ବହୁ ମୂଲ୍ୟବାନ୍ ଗଛ ଜଳିଯାଇଥିବା ବେଳେ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗିଥିବା କୁହାଯାଉଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। କୌଣସି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା କିମ୍ବା କେହି ବିଡ଼ି କି ସିଗାରେଟ୍ ଟାଣି ଜଙ୍ଗଲରେ ଫିଙ୍ଗି ଦେଇଥିବା ବେଳେ ସେଥିରୁ କୁହୁଳି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# 'ଶିଳ୍ପ ଓ ଦକ୍ଷତା ବିକାଶରେ ସୃଷ୍ଟିହେବ ନୂଆ ସମ୍ଭାବନା'

## ଶିଳ୍ପମନ୍ତ୍ରୀଙ୍କୁ ଭେଟିଲେ ଅଷ୍ଟ୍ରେଲିଆ କନ୍‌ସୁଲ୍ ଜେନେରାଲ

**ଭୁବନେଶ୍ୱର, ୧୭।୩(ସୁଚିସ୍ମିତା ସାହୁ)**

କୋଲ୍‌କାତାସ୍ଥିତ ଅଷ୍ଟ୍ରେଲିଆର କନ୍‌ସୁଲ୍ ଜେନେରାଲ ବର୍ନାଡ୍ ଲିଞ୍ଚ୍ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ମନ୍ତ୍ରୀ ସ୍ୱାଇଁଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ପାରାଦୀପ ବନ୍ଦର କାର୍ଗୋ ପରିବହନ କ୍ଷେତ୍ରରେ ଦେଶରେ ଶୀର୍ଷ ସ୍ଥାନ ଅଧିକାର କରି ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଥିବାରୁ ଅଷ୍ଟ୍ରେଲିଆର କନ୍‌ସୁଲ ଜେନେରାଲ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଓଡ଼ିଶା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଦିଗରେ ସହଭାଗିତା ନେଇ ବୈଠକରେ ଆଲୋଚନା କରାଯାଇଛି। ଶିଳ୍ପକ୍ଷେତ୍ରରେ ଅଧିକ ନିବେଶ ଓ ଯୁବପିଢ଼ିଙ୍କ ପାଇଁ ଅତ୍ୟାଧୁନିକ ବୈଷୟିକ ଶିକ୍ଷାର ସୁଯୋଗ ସୃଷ୍ଟି ନେଇ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଛି। ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶା ସରକାର ଅନେକ ଜନକଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି। ବିଶେଷକରି ଶିଳ୍ପ ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଏବଂ ସଫଳତାକୁ ଅଷ୍ଟ୍ରେଲିଆର କନ୍‌ସୁଲ ଜେନେରାଲ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏ କ୍ଷେତ୍ରରେ ଓଡ଼ିଶା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ଓଡ଼ିଶାର ଅର୍ଥନୀତି ସୁଦୃଢ଼ ହେବା ସହ ଦକ୍ଷ ମାନବସମ୍ବଳ ପ୍ରସ୍ତୁତ କରିବା ଦିଗରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି।



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଅଷ୍ଟ୍ରେଲିଆର କନ୍‌ସୁଲ୍ ଜେନେରାଲ ବର୍ନାଡ୍ ଲିଞ୍ଚ୍ ଆଲୋଚନା କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସାମା



@ ଅନିଲ



@ ସୁଦର୍ଶନ



@ ବିଶ୍ୱରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୪ ଘଣ୍ଟାରେ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୩(ବନ୍ଦନା ସେଠୀ)**

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏସ୍‌ଓପି

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। ଏହାକୁ କଡ଼ାକଡ଼ି ପାଳନ ସହ ସମସ୍ତ ପୌରାଞ୍ଚଳରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳରେ ଜଳ ଯୋଗାଣ ପାଇପଲାଇନଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବା ସହ ଏ ସମ୍ପର୍କିତ ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପାନୀୟଜଳ ଯୋଗାଣ ସୁନିଶ୍ଚିତ ପାଇଁ ଜରୁରିକାଳୀନ ପଦକ୍ଷେପ ଗ୍ରହଣ, ଆବଶ୍ୟକସ୍ଥଳେ ଟ୍ୟାଙ୍କର ନିୟୋଜନ, ନଳକୂପ ଓ ହ୍ୟାଣ୍ଡପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ମରାମତି ପାଇଁ ଯନ୍ତ୍ରାଂଶ ପ୍ରସ୍ତୁତ ରଖିବା, ନିୟନ୍ତ୍ରଣ କକ୍ଷ ଖୋଲିବା, ପୌରାଞ୍ଚଳଗୁଡ଼ିକ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ରାସ୍ତାକଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବଜାର ଇତ୍ୟାଦି ସ୍ଥାନରେ ପାନୀୟଜଳ ବିତରଣ କେନ୍ଦ୍ର ଖୋଲିବାକୁ କୁହାଯାଇଛି। କଠିନ ବର୍ଜ୍ୟ, ବଗିଚା/ଗଛର ଅବଶିଷ୍ଟାଂଶ ପୋଡ଼ିବା ନେଇ ମ୍ୟୁନିସିପାଲିଟି ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ନିର୍ମାଣ ସଂସ୍ଥାଗୁଡ଼ିକ କାର୍ଯ୍ୟ କରିବା ସମୟରେ ଉଡୁଥିବା ମାଟି/ଧୂଳି ଏଡ଼ାଇବା ପାଇଁ ନିର୍ମାଣ କ୍ଷେତ୍ରକୁ ଘୋଡ଼ାଇ ରଖିବା ସହ ଖୋଲା ଅଂଶରେ ପାଣି ସିଞ୍ଚନ କରିବାକୁ କୁହାଯାଇଛି। ବାଲି, ଇଟା, ସିମେଣ୍ଟ ଏବଂ ଅଳିଆ ପରି ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଯାନଗୁଡ଼ିକର ଗତି ସୀମିତ ରଖିବା ସହ ସାମଗ୍ରୀକୁ ସମ୍ପୂର୍ଣ୍ଣ ଭାବେ ତାର୍ପୋଲିନ ଶିଟ୍ ଦ୍ୱାରା ଆଚ୍ଛାଦିତ କରିବା, ରାସ୍ତା ପାଖ ମାଟିସ୍ତରକୁ ଧାତୁସ୍ତର ଅପେକ୍ଷା ନିମ୍ନସ୍ତରରେ ରଖାଯିବା, ସହରାଞ୍ଚଳରେ କୋଇଲା କିମ୍ବା କୋଇଲା ବ୍ରିକେଟ ବ୍ୟବହାର ନିଷେଧ କରାଯିବା, ସହରାଞ୍ଚଳ ଏବଂ ଆଖପାଖର ଜଳାଶୟ ପୁନରୁଦ୍ଧାର କରାଯିବା ଆଦି ଉଲ୍ଲେଖ ରହିଛି। ସହରାଞ୍ଚଳ ପରିବେଶର ଉନ୍ନତି ସମ୍ବନ୍ଧୀୟ ସମସ୍ତ ପରିବେଶଗତ ଆଇନ ତଥା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରାଯିବା ଆବଶ୍ୟକ। ଏଥିସହ ପୋଲିସ, ଜଙ୍ଗଲ, ସ୍ୱାସ୍ଥ୍ୟ ବିଭାଗ ଆଦି ସମ୍ପୃକ୍ତ କର୍ତ୍ତୃପକ୍ଷମାନେ ସେମାନଙ୍କ ନିଜ କାମ ପରିଚାଳନା କରିବାକୁ ଏସ୍‌ଓପିରେ ପରାମର୍ଶ ଦିଆଯାଇଛି।

# ରାଜ୍ୟର ୬ ନଦୀ, ନାଳ ପ୍ରଦୂଷିତ

ଭୁବନେଶ୍ୱର, ୧୭।୩ (ବନ୍ଦନା ସେଠୀ)

ରାଜ୍ୟରେ ଏବେ ୬ଟି ପ୍ରଦୂଷିତ ନଦୀ ଓ ନାଳ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଭୁବନେଶ୍ୱରରୁ ବାହାରୁଥିବା ଆବର୍ଜନା ଜଳ ଓ ବର୍ଜ୍ୟବସ୍ତୁ ବିଶୋଧିତ ନ ହୋଇ ସିଧାସଳଖ ଗଙ୍ଗୁଆ ନାଳ ଏବଂ ଦୟା ନଦୀରେ ମିଶୁଛି। ଫଳରେ ଏହା ପ୍ରଦୂଷିତ ହେଉଛି। ସେହିପରି ପୁରୀର ମଙ୍ଗଳା ନଦୀ, କଟକର କାଠଯୋଡ଼ି ଓ ସେରୁଆ ଏବଂ ରାଉରକେଲାର ବ୍ରାହ୍ମଣୀ ନଦୀ-ଅଂଶବିଶେଷରେ ସହରର ଆବର୍ଜନା ଜଳ ପ୍ରବାହିତ ହୋଇ ଏହାକୁ ପ୍ରଦୂଷିତ କରୁଛି। ଏନେଇ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନସଭାରେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏ ସମ୍ପର୍କିତ ପ୍ରଶ୍ନରେ ଉତ୍ତର ରଖିଛନ୍ତି। ଅପରପକ୍ଷେ ବର୍ଜ୍ୟବସ୍ତୁ ବିଶୋଧନ ପାଇଁ ରାଜ୍ୟର ୧୧୫ଟି ସହରାଞ୍ଚଳରେ ପ୍ରତ୍ୟେକ ଘରୁ ପୃଥକ୍ ଭାବେ ସଂଗୃହିତ କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ମୋଟ ୨୭୬ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଏବଂ ୨୩୫ଟି ମ୍ୟାଟେରିଆଲ୍ ରିକଭରି ଫାସିଲିଟି (ଏମ୍‌ଆର୍‌ଏଫ୍) ସ୍ଥାପନ କରାଯାଇ କାର୍ଯ୍ୟକ୍ଷମ କରାଯାଉଛି। ସମ୍ପୃକ୍ତ ଏମ୍‌ସିସିଗୁଡ଼ିକରେ ସହରାଞ୍ଚଳରେ ସଂଗୃହିତ ଓଦା ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ସେଥିରୁ ଜୈବିକ ଖତ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ କହିଛନ୍ତି। ସେହିପରି ବର୍ଜ୍ୟଜଳର ବିଶୋଧନ ପାଇଁ ରାଜ୍ୟର ୫ଟି ସ୍ୱେରେଜ ନେଟ୍‌ୱର୍କ ବ୍ୟବସ୍ଥା ଥିବା ସହର ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଏବଂ ପୁରୀରେ ୧୨ଟି ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ କରାଯାଇ ବର୍ଜ୍ୟଜଳକୁ ବିଶୋଧନ ସହ ନିଷ୍କାସନ କରାଯାଉଛି। ଏହାବାଦ୍ ତାଳଚେର ସହରରେ ଦୈନିକ ୨ ମିଲିୟନ ଲିଟର (ଏମ୍‌ଏଲ୍‌ଡି) କ୍ଷମତା ବିଶିଷ୍ଟ ଏକ ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଡବ୍ଲ୍ୟୁଟିପି) କାର୍ଯ୍ୟକ୍ଷମ କରାଯାଇଛି। ୧୧୫ଟି ସହରାଞ୍ଚଳରେ ୧୨୦ଟି ମଳଯନ୍ତ୍ର ଉପଚାର କେନ୍ଦ୍ର (ଫେକାଲ୍ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ସ୍ଥାପନ କରାଯାଇ କାର୍ଯ୍ୟକ୍ଷମ କରାଯାଉଛି। ଘରଗୁଡ଼ିକର ସେପ୍ଟିକ୍ ଟ୍ୟାଙ୍କ୍‌ରୁ ସଂଗୃହୀତ ମଳପଙ୍କକୁ ସେହି ଫେକାଲ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଗୁଡ଼ିକରେ ଉପଚାର କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।




ଆମେରିକା ସହ ଭାରତର ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ଯୁବ କଂଗ୍ରେସ ପକ୍ଷରୁ ସୋମବାର ସଂସଦ ଘେରାଉ ଉଦ୍ଦେଶ୍ୟରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ସମାବେଶ କରାଯାଇଥିଲା। ଏଥିରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ବିଧାନସଭାରେ ଏସ୍‌ସିବି ନିଆଁ ତାତି

ଭୁବନେଶ୍ୱର,୧୭।୩ (ରବିନାରାୟଣ ଜେନା)

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ବିରୋଧୀ

କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ରବିବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ୧୨ ଜଣଙ୍କ ମୃତ୍ୟୁକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ମଙ୍ଗଳବାର ଗୃହର ପ୍ରଥମାର୍ଦ୍ଧକୁ ଅଚଳ କରିଦେଇଛନ୍ତି। ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ସହିତ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ଦାବିକରି ବିରୋଧୀ ଗୃହରେ ପ୍ରବଳ ହଙ୍ଗାମା କରିବା ଯୋଗୁ ଗୃହ ସୁରୁଖୁରୁରେ ଚାଲିପାରି ନ ଥିଲା। ପ୍ରଶ୍ନକାଳ ଏବଂ ଶୂନ୍ୟକାଳ ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ପାଇଁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା। ଦୁଇଟି ପର୍ଯ୍ୟାୟରେ ଗୃହ ମାତ୍ର ୨୩ ମିନିଟ୍ ଚାଲିବା ପରେ ଅପରାହ୍ନ ୧୨ଟା ୧୬ ମିନିଟ୍‌ରୁ ୪ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ଏହି ପ୍ରସଙ୍ଗକୁ ନେଇ ବିଜେଡି ବିଧାୟକ ସାରଦା ନାୟକ, ସାରଦା ପ୍ରସନ୍ନ ଜେନା, ଗୌତମବୁଦ୍ଧ ଦାସ ପ୍ରମୁଖ ହାତରେ ପୋଷ୍ଟର ଏବଂ ବ୍ୟାନର ଧରି ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। ଅନୁରୂପ ଭାବେ କଂଗ୍ରେସ ବିଧାୟକ ଅଶୋକ ଦାସ, ଡା. ସି.ଏସ୍. ରାଜନ ଏକ୍କା, ପବିତ୍ର ସାଉଁତା ପ୍ରମୁଖ ଗୃହର ମଧ୍ୟଭାଗରେ ରହି ନାରାବାଜି କରିଥିଲେ। ଏହି ସମୟରେ ବାଚସ୍ପତି ବିଧାୟକ ଅମର ନାୟକଙ୍କ ଏକ ତାରକା ପ୍ରଶ୍ନର ଉତ୍ତର ଦେବା ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଡାକିଥିଲେ। ମନ୍ତ୍ରୀ ତାଙ୍କ ଉତ୍ତର ପଢୁଥିବାବେଳେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସରକାରବିରୋଧୀ ନାରା ଦେଇ ଗୃହରେ କମ୍ପମାନ ସୃଷ୍ଟି କରିଥିଲେ। ଗୃହରେ ପ୍ରବଳ ହଙ୍ଗାମା ଯୋଗୁ ମନ୍ତ୍ରୀଙ୍କ ଉତ୍ତର ଶୁଣୁ ନ ଥିବାବେଳେ ବାଚସ୍ପତି ବିରୋଧୀଙ୍କୁ ଶାନ୍ତ ରହିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ବିରୋଧୀ ନ ଶୁଣିବାରୁ ପ୍ରଥମେ ୧୦ଟା ୩୭ରୁ ୧୨ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ। ସେହିପରି ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରି କହିଥିଲେ, ସୋମବାର ସେ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ଯାହା ଦେଖିଲେ ତାହା ଅତ୍ୟନ୍ତ ହୃଦୟବିଦାରକ। ଏହି ଦୁଃଖଦ ଦୁର୍ଘଟଣା ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଭୁଶୁଡ଼ି ପଡ଼ୁଥିବା ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ଦର୍ଶାଉଛି। ନ୍ୟାୟିକ ତଦନ୍ତ ସେମାନଙ୍କୁ ଉତ୍ତରଦାୟିତ୍ୱରୁ ମୁକ୍ତ କରିପାରିବ ନାହିଁ। ସୁରକ୍ଷା ବ୍ୟବସ୍ଥାରେ ଥିବା ଭୟଙ୍କର ତ୍ରୁଟି ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଅଗ୍ନିକାଣ୍ଡ ପ୍ରସଙ୍ଗକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହାପରେ ବିରୋଧୀମାନେ ପୁନର୍ବାର ଗୃହର ମଧ୍ୟଭାଗକୁ ଚାଲିଆସି ନାରାବାଜି କରିଥିଲେ। ଫଳରେ ବାଚସ୍ପତି ୧୨ଟା ୧୬ରୁ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

## ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୩ (ରବିନାରାୟଣ ଜେନା)

ଏସ୍‌ସିବି ହସ୍ପିଟାଲର ଅଗ୍ନିକାଣ୍ଡକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୃହରେ ବିବୃତି ରଖିଛନ୍ତି। ମୁକେଶ କହିଛନ୍ତି, ଏହି ଅଭାବନୀୟ ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ଏହି ଘଟଣାର ନ୍ୟାୟିକ ତଦନ୍ତ କରିବେ। ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଏସ୍‌ସିବିର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତରୁ କାହାର ଅବହେଳା ଜଣାପଡ଼ିଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ. ସିଂ ଏହି କମିଟି ଅଧ୍ୟକ୍ଷ ଅଛନ୍ତି। ଉକ୍ତ କମିଟିର ତଦନ୍ତ ରିପୋର୍ଟ ଆସିଲାପରେ ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମେଡିକାଲର ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରି ତୁରନ୍ତ ଅଗ୍ନି ନିରୋଧକ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏପରି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କ ରହିବା ପାଇଁ ସମସ୍ତ ହସ୍ପିଟାଲର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ ପୁଣି କହିଛନ୍ତି, ଏହି ଦୁର୍ଘଟଣା ଘଟିବାମାତ୍ରେ ଟ୍ରମା କେୟାର ସେଣ୍ଟରର ପ୍ରଥମ ମହଲା ଆଇସିୟୁ ଏବଂ ପାଖାପାଖି ୱାର୍ଡରେ ଥିବା ୨୩ ରୋଗୀଙ୍କୁ ତୁରନ୍ତ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ଟ୍ରମା କେୟାର ସେଣ୍ଟରରେ ଥିବା ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୱାର୍ଡ ଓ ଆଇସିୟୁକୁ ସ୍ଥାନାନ୍ତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୫ ଗୁରୁତର ରୋଗୀଙ୍କର ଦେହାନ୍ତ ହୋଇଥିଲା। ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିବା ମେଡିକାଲ କର୍ମଚାରୀମାନଙ୍କ ମଧ୍ୟରୁ ୧୧ ଜଣ ନିଆଁ ପ୍ରଭାବରେ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭୋର୍ ୪ଟା ୧୭ ମିନିଟ୍‌ରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ଭେଟି ସମବେଦନା ଓ ଆଶ୍ୱାସନା ଜଣାଇଛନ୍ତି। ସେ ସମସ୍ତ ଆହତଙ୍କ ସହ ନିଜେ ବ୍ୟକ୍ତିଗତ ଭାବେ କଥାହେବା ସହିତ ସେମାନଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଭାବିତ ଅନ୍ୟ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ଦେବା ପାଇଁ ବ୍ୟବସ୍ଥା କରାଯାଇଛି।

# ୬ ବିଧାୟକଙ୍କୁ ବିଜେଡିର କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର, ୧୭।୩ (ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନରେ ବିଜେଡିରୁ କ୍ରସ୍ ଭୋଟିଂ କରିଥିବା ୬ ବିଧାୟକ ଚକ୍ରମଣି କହଁର, ନବକିଶୋର ମଲିକ, ସୁବାସିନୀ ଜେନା, ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ ଏବଂ ରମାକାନ୍ତ ଭୋଇଙ୍କୁ ଦଳ ପକ୍ଷରୁ ମଙ୍ଗଳବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ ଜାରିକରି ଉଲ୍ଲେଖ କରିଛନ୍ତି, ଆପଣମାନେ ବିଜେଡି ଦଳୀୟ ଟିକେଟରେ ବିଧାୟକ ନିର୍ବାଚିତ ହୋଇଛନ୍ତି। ଦଳର ନେତୃତ୍ୱଙ୍କ ଦୃଷ୍ଟିକୁ ଆସିଛି ଆପଣମାନେ ରାଜ୍ୟ ସଭା ଭୋଟିଂରେ ଦଳ ପାଇଁ ବିଶ୍ୱାସଘାତକତା କରିଛନ୍ତି। ଗତ ୧୫ ତାରିଖରେ ବିଧାୟକ ଦଳ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ଅବମାନନା କରିଛନ୍ତି। ବିଜେଡି ଯେଉଁ ପ୍ରାର୍ଥୀଙ୍କୁ ରାଜ୍ୟ ସଭା ନିର୍ବାଚନରେ ସମର୍ଥନ ଦେଇଥିଲା ତାଙ୍କୁ ଭୋଟ ଦେବା ପରିବର୍ତ୍ତେ ଭିନ୍ନ ଦିଗରେ ଯାଇଛନ୍ତି। ଦଳୀୟ ଏଜେଣ୍ଟ ଯିଏ ରହିଥିଲେ ତାଙ୍କୁ ମଧ୍ୟ ଯେତେବେଳେ ଆପଣମାନେ ବାଲଟ୍ ପେପର ଦେଖାଇଲେ ସେହି ସମୟରେ ଏହା ପ୍ରତିଫଳିତ ହୋଇଛି। ନିୟମାନୁଯାୟୀ ସ୍ୱଇଚ୍ଛାରେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଅବ୍ୟାହତି ନେବା ଭଳି କାର୍ଯ୍ୟ ଆପଣମାନେ କରିଛନ୍ତି। ତେଣୁ ୩ ଦିନ ଭିତରେ ଜଣାନ୍ତୁ କାହିଁକି ଦଳ ଆପଣମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନାହିଁ। ଏଯାଏଁ ଆପଣମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କି ନିଲମ୍ବନ କରାଯାଇ ନାହିଁ। ଏପରିକି ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇ ନାହିଁ। ଆସନ୍ତା ୨୦ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଏହାର ଉତ୍ତର ଦେବା ଲାଗି ବିଜେଡି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## କେରଳରେ ୨ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର,୧୭।୩(ଉମା ଚରଣ ନେପାକ)

ଗଞ୍ଜାମ ଜିଲାରେ ଦାଦନ ଦୁଃଖ ଥମୁନି। ପେଟ ପୋଷିବାକୁ ବାହାର ରାଜ୍ୟକୁ ଯାଇ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ଏହି କ୍ରମରେ ମଙ୍ଗଳବାର ଜିଲାର ଜରଡ଼ା ଥାନା ଅନ୍ତର୍ଗତ ଖାରିଆଗୁଡା ଗ୍ରାମର ୨ ଜଣ ଦାଦନ ଶ୍ରମିକଙ୍କର କେରଳରେ ମୃତ୍ୟୁ ଘଟିଛି। ସେମାନେ ହେଲେ ସନ୍ତୋଷ ବାଡ଼ତ୍ୟା (୨୮) ଓ ନରସିଂହ ପ୍ରଧାନ (୩୦)। ବୁଧବାର ଉଭୟଙ୍କ ମୃତଦେହ ଗ୍ରାମକୁ ଅଣାଯିବ ବୋଲି ସୂଚନା ମିଳିଛି। ଦୁଇ ସାଙ୍ଗ ସନ୍ତୋଷ ଓ ନରସିଂହ ୬ ମାସ ତଳେ କେରଳ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଉଭୟେ ଏକାଠି ରହୁଥିଲେ। ମଙ୍ଗଳବାର ସକାଳେ କମ୍ପାନୀକୁ ଯାଉଥିଲେ। ରାସ୍ତାରେ ଏକ କୂଅ ନିକଟରେ ଗୋଟିଏ ଛେଳି ଛଟପଟ ହେଉଥିବା ଦେଖି ଉଦ୍ଧାର କରିବାକୁ ଯାଇଥିବା ବେଳେ ସେମାନଙ୍କ ମୃତ୍ୟୁ ଘଟିଛି। ଉଭୟେ କୂଅରେ ପଡିଥିଲେ କି ସେହି ନିକଟ ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଲେ ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ।

## ୩ କଂଗ୍ରେସ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସହ ଆସନ ବଦଳାଅ

ଭୁବନେଶ୍ୱର,୧୭।୩(ରବିନାରାୟଣ ଜେନା)

### ବାଚସ୍ପତିଙ୍କୁ ପତ୍ର ଲେଖିଲେ କାଡାମ

ରାଜ୍ୟ ସଭା ନିର୍ବାଚନ ସମୟରେ ପାର୍ଟିର ହୁଇପ୍‌କୁ ନ ମାନି କ୍ରସ୍ ଭୋଟିଂ କରିଥିବା ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ଓ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସଭ୍ୟପଦ ରଦ୍ଦ ପାଇଁ କଂଗ୍ରେସ ପଦକ୍ଷେପ ଗ୍ରହଣ କରିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କୁ ଦୁଇଟି ପତ୍ର ଲେଖି ସଭ୍ୟପଦ ରଦ୍ଦ ସହିତ ତାଙ୍କ ଆସନ ବଦଳାଇବାକୁ ଅନୁରୋଧ କରିଛନ୍ତି। କାଡ଼ାମ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଏହି ୩ ବିଧାୟକ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଓଡ଼ିଶା ବିଧାନସଭାର ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ସେମାନେ ଗତ ୧୬ ମାର୍ଚ୍ଚରେ ହୋଇଥିବା ରାଜ୍ୟ ସଭା ନିର୍ବାଚନ ସମୟରେ କ୍ରସ୍ ଭୋଟିଂ କରିଛନ୍ତି। ସେମାନେ ଦଳର ହୁଇପ୍ ମାନିନାହାନ୍ତି, ଯାହାଦ୍ୱାରା କି ଭାରତୀୟ ସମ୍ବିଧାନର ଦଶମ ଅନୁଚ୍ଛେଦରେ ଥିବା ଆଣ୍ଟି-ଡିଫେକ୍ସନ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ପଡ଼ିବ। ସେମାନଙ୍କ ଏପରି ଆଚରଣ କେବଳ ପାର୍ଟିକୁ ଅପମାନିତ କରିଛି ତାହା ନୁହେଁ, ବରଂ ସେମାନେ ଜନମତକୁ ଅସମ୍ମାନ କରିଛନ୍ତି। ଏହି ପରିସ୍ଥିତିରେ ସମ୍ବିଧାନର 'ଆଣ୍ଟି-ଡିଫେକ୍ସନ ଆଇନ' ଅନୁଯାୟୀ ଉକ୍ତ ସଦସ୍ୟମାନଙ୍କୁ ଓଡ଼ିଶା ବିଧାନସଭା ସଦସ୍ୟତାରୁ ବରଖାସ୍ତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ସେହିପରି କାଡ଼ାମ ଆଉ ଏକ ପତ୍ରରେ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି, ସଂପୃକ୍ତ ୩ ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏହି ଦୃଷ୍ଟିରୁ ନିୟମ ଅନୁଯାୟୀ ସେମାନଙ୍କ ଆସନ ମଧ୍ୟ ବଦଳାଯାଉ। ଯାହାଦ୍ୱାରା ଗୃହରେ ଶୃଙ୍ଖଳା ବଜାୟ ରହିବା ସହ ଦଳର ସଠିକ୍ ପରିଚାଳନାରେ ସହାୟକ ହେବ ବୋଲି କାଡ଼ାମ କହିଛନ୍ତି।

# ଉତ୍ତର ଦେଇ ନ ପାରିବାରୁ ଛାତ୍ରଙ୍କୁ ମାଡ଼

ଉଦଳା,୧୭।୩(ସନ୍ତୋଷ କୁମାର ବାଛିନୀ)

- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି
- ପରୀକ୍ଷାରୁ ବଞ୍ଚିତ ହେଲେ

ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡଯୁକ୍ତ ବ୍ୟବସ୍ଥା। ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ନିର୍ଘାତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଛାତ୍ର ଜଣଙ୍କ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ତାଳପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଘଟିଛି। ନବମ ଶ୍ରେଣୀ ଛାତ୍ର ଜଣକ ସୋମବାର ଶ୍ରେଣୀ ଗୃହରେ ବାର୍ଷିକ ପରୀକ୍ଷା ଦେବା ପରେ ବସିଥିଲେ। ଏହି ସମୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦିପ୍ତୀମୟୀ ବରାଳ ସେଠାରେ ପହଞ୍ଚି ସଂପୃକ୍ତ ଛାତ୍ର ଏବଂ ଅନ୍ୟ ପିଲାମାନଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ତେବେ ଛାତ୍ର ଜଣକ ଉତ୍ତର ଦେଇ ନ ପାରିବାରୁ ଶିକ୍ଷୟିତ୍ରୀ ବରାଳ ଉତ୍ତ୍ୟକ୍ତ ହୋଇ ଏକ ବାଡ଼ିରେ ତାଙ୍କୁ ନିର୍ଘାତ ମାଡ଼ ମାରିଥିଲେ। ବିଦ୍ୟାଳୟ ଛୁଟି ହେବା ପରେ ଘରକୁ ଯାଇ ଛାତ୍ର ଜଣକ ନିଜକୁ ଏକ ରୁମ୍ ଭିତରେ ବନ୍ଦ କରି ଦେଇଥିଲେ। କିଛି ସମୟ ପରେ ପରିବାର ଲୋକେ ତାଙ୍କୁ ଡାକିଥିଲେ ସୁଦ୍ଧା ସେ ଶୁଣି ନ ଥିଲେ। ଛାତ୍ର ଜଣଙ୍କ କୌଣସି ଜବାବ ନ ଦେବାରୁ ପରିବାର ଲୋକେ ଘରର କବାଟ ଭାଙ୍ଗିଥିଲେ ଏବଂ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଉଦଳା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ମାଡ଼ ଖାଇ ଗୁରୁତର ଛାତ୍ର ଜଣକ ମଙ୍ଗଳବାର ଥିବା ନବମ ଶ୍ରେଣୀର ବାର୍ଷିକ ପରୀକ୍ଷା ଦେବାକୁ ଯାଇ ପାରି ନ ଥିଲେ। ଏନେଇ ଫୋନ ଯୋଗେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ରାଉତଙ୍କୁ ପଚାରିବାରୁ ସମ୍ପୃକ୍ତ ଛାତ୍ର ଅନ୍ୟ ୨ଜଣଙ୍କ ସହ ଶ୍ରେଣୀ ଗୃହରେ ବସି ପାଟି କରୁଥିଲେ। ଯେଉଁଥି ପାଇଁ ଶିକ୍ଷୟିତ୍ରୀ ବରାଳ ତାଙ୍କୁ ମାଡ ମାରିଥିବା କଥା ସେ ସ୍ୱୀକାର କରିଛନ୍ତି।




ରାଜ୍ୟ ସଭା ନିର୍ବାଚନରେ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ କ୍ରସଭୋଟିଂକୁ ନେଇ ମଙ୍ଗଳବାର ବାଲେଶ୍ୱର ଜିଲା ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ବାଲେଶ୍ୱର ଷ୍ଟେଶନ ଛକରେ ସୁବାସିନୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

# ପାର୍ଟି ଜିତିବା ପାଇଁ ଲଢୁ ନ ଥିଲା: ରମାକାନ୍ତ

ଜଗତ୍‌ସିଂହପୁର,୧୭।୩ (ପ୍ରମୋଦ କୁମାର ନାୟକ)

ରାଜ୍ୟ ସଭା ନିର୍ବାଚନରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କ କ୍ରସ୍ ଭୋଟିଂ କରିବା ପ୍ରସଙ୍ଗକୁ ନେଇ ସୋମବାର ଧରିତ୍ରୀ ପକ୍ଷରୁ ବିଧାୟକ ଭୋଇଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିଲେ। ମଙ୍ଗଳବାର ନିଜର ପ୍ରତିକ୍ରିୟାରେ ଭୋଇ ସିଧାସଳଖ ବିଜେଡିର ନିଷ୍ପତ୍ତିକୁ ଅଙ୍ଗୁଳି ଉଠାଇଛନ୍ତି। ବିଜେଡି ଯଦି ଦତ୍ତେଶ୍ୱର ହୋତାଙ୍କୁ ଜିତାଇବା ପାଇଁ ଚିନ୍ତା କରିଥା'ନ୍ତା, ତେବେ ନିର୍ବାଚନ ପୂର୍ବରୁ ଦଳୀୟ କେତେଜଣ ବିଧାୟକଙ୍କୁ ନିଲମ୍ବନ କଥା ଚିନ୍ତା କରି ନ ଥା'ନ୍ତା। ପ୍ରାର୍ଥୀ ଚୟନ ପୂର୍ବରୁ ତାଙ୍କ ସହ ଅନେକ ବିଧାୟକଙ୍କ ମତାମତ ନିଆଯାଇ ନ ଥିଲା। ଦଳ ଯଦି ବିଧାୟକମାନଙ୍କୁ ସମ୍ମାନ ଦେଲାନାହିଁ, ତେବେ ସେ କ୍ରସ୍ ଭୋଟିଂ କଲେ ଅସୁବିଧା କ'ଣ ହେଲା ବୋଲି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ବିଧାୟକ ଭୋଇ ଜଗତ୍‌ସିଂହପୁର ଜିଲା ପାଇଁ କଳଙ୍କ। ଯିଏ କିଛି ଦିନ ପୂର୍ବରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଦ ଛୁଇଁ ଦଳ ଯାହା ନିଷ୍ପତ୍ତି ନେବ ତାହାକୁ ସାଦରେ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, ସେ ପରେ ଏଭଳି କରିବା ନିନ୍ଦନୀୟ ବୋଲି ପ୍ରକାଶ କରିଛନ୍ତି।

# ଖଣି ପ୍ରଭାବିତ ଅଞ୍ଚଳ ଲୋକଙ୍କ ଉନ୍ନତ ଜୀବନଶୈଳୀ ପାଇଁ ଆସିବ ସିଏମ୍-ସମ୍ପଦ ଫ୍ଲାଗ୍‌ଶିପ ଯୋଜନା

ଭୁବନେଶ୍ୱର, ୧୭।୩ (ସୁନିତ୍ ମିଶ୍ର)

୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟ ବଜେଟରେ ଇସ୍ପାତ ଓ ଖଣି ବିଭାଗ ପାଇଁ ମୋଟ ୩୭୫.୧୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ବଜେଟରେ ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସିଏମ୍-ସମ୍ପଦ ଫ୍ଲାଗ୍‌ଶିପ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଇସ୍ପାତ ଓ ଖଣି ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ଜେନା କହିଛନ୍ତି, ଭାରତବର୍ଷର ଖଣିଜ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦଖଲ କରିଥିବା ଓଡ଼ିଶା ସମଗ୍ର ଦେଶର ୩୩% ଲୁହାପଥର, ୪୧% ବକ୍ସାଇଟ, ୯୫% କ୍ରୋମାଇଟ, ୨୪% କୋଇଲା, ୪୩% ମାଙ୍ଗାନିଜ ଉପଲବ୍ଧ ଥିବା ବେଳେ ୨୨ ଗୋଟି ଗୁରୁ ଖଣିଜ, ୩୩ ଗୋଟି ବିନିର୍ଦ୍ଦିଷ୍ଟ ଲଘୁଖଣିଜ, ୧୦ଟି ଦୁଷ୍ପ୍ରାପ୍ୟ ଖଣିଜ ଏବଂ ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ମିଳୁଛି। କ୍ରୋମାଇଟ, ବକ୍ସାଇଟ, ଲୁହାପଥର ଉତ୍ପାଦନରେ ଦେଶରେ ପ୍ରଥମ, କୋଇଲା ଉତ୍ପାଦନରେ ୨ୟ, ମାଙ୍ଗାନିଜ ଉତ୍ପାଦନରେ ତୃତୀୟ ସ୍ଥାନ ଦଖଲ କରିଛି। ୨୦୧୫ର ଏମ୍ଏମ୍‌ଡିଆର ଆଇନ ସଂଶୋଧନ ପୂର୍ବରୁ ଓଡ଼ିଶାର ଖଣି କ୍ଷେତ୍ର ଏକ ଜଟିଳ ଏବଂ ଅସ୍ୱଚ୍ଛ ପରିସ୍ଥିତି ଦେଇ ଗତି କରୁଥିଲା। ଯେଉଁଠାରେ ଖଣି ଲିଜ୍ ଆବଣ୍ଟନ ପ୍ରକ୍ରିୟା ସ୍ୱଚ୍ଛ ନ ଥିଲା। ମୁଖ୍ୟତଃ ସରକାରଙ୍କ ଇଚ୍ଛାଧୀନ ନିଷ୍ପତ୍ତି ଉପରେ ନିର୍ଭର କରୁଥିଲା। ସେହି ସମୟରେ କୌଣସି ପ୍ରତିଯୋଗିତାମୂଳକ ନିଲାମ ବ୍ୟବସ୍ଥା ନ ଥିବାରୁ ଏବଂ ଖଣିଗୁଡ଼ିକ ବାରମ୍ବାର ନବୀକରଣ ମାଧ୍ୟମରେ ଚାଲୁଥିବାରୁ ବ୍ୟାପକ ଅବୈଧ ଖନନ ଏବଂ ପରିବେଶ ନିୟମର ଉଲ୍ଲଂଘନ ଭଳି ସମସ୍ୟା ଦେଖାଦେଇଥିଲା। ଶାହା କମିଶନଙ୍କ ତଦନ୍ତରେ ଏହି ସବୁ ଅନିୟମିତତା ପ୍ରକାଶ ପାଇବା ପରେ ୨୦୧୪ରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ ୨୬ଟି ପ୍ରମୁଖ ଖଣି ବନ୍ଦ ହୋଇଯାଇଥିଲା; ଯାହା ରାଜ୍ୟର ଉତ୍ପାଦନ କ୍ଷମତା ଏବଂ ରାଜସ୍ୱ ସଂଗ୍ରହକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। କିନ୍ତୁ ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏମ୍ଏମ୍‌ଡିଆର୍ ଆକ୍ଟ, ଏମ୍ଇଏମ୍‌ସି ୨୦୧୫, ଏନ୍ ଏମଇଟି ୨୦୧୫ ଇତ୍ୟାଦି ସଂସ୍କାରମୂଳକ ଖଣି ନୀତି ଫଳରେ ଆମ ରାଜ୍ୟର ଖଣିଜ କ୍ଷେତ୍ରରେ ଏହା ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଲା, ଯେଉଁଠାରେ ଖଣି ଆବଣ୍ଟନ ପାଇଁ ସ୍ୱଚ୍ଛ 'ନିଲାମ ପ୍ରକ୍ରିୟା' ବାଧ୍ୟତାମୂଳକ କରାଗଲା ଏବଂ ଲିଜ୍ ଅବଧିକୁ ୫୦ ବର୍ଷ ପାଇଁ ସ୍ଥିର କରାଗଲା। ୨୦୧୫ ଏମ୍ଏମ୍‌ଡିଆର୍ ଆଇନ ସଂଶୋଧନ ପରେ ୬୨ଟି ଖଣିଜ ବ୍ଲକର ନିଲାମ ହୋଇଛି। ତନ୍ମଧ୍ୟରୁ ଗତ ବର୍ଷ ସଫଳତାର ସହ ୮ ଗୋଟି ଖଣିଜ ବ୍ଲକ ନିଲାମ ହୋଇଥିଲା ବେଳେ ୨୦୨୫-୨୬ ମସିହାରେ ଆମେ ୧୨ଟି ଗୁରୁ ଖଣିଜ ବ୍ଲକ ନିଲାମ ହୋଇସାରିଛି ଏବଂ ଆଉ ୧୦ଟି ଗୁରୁ ଖଣିଜ ବ୍ଲକ ନିଲାମ ପାଇଁ ଆନୁଷଙ୍ଗିକ ପ୍ରକ୍ରିୟା ଚାଲିଛି। ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଫେବୃଆରୀ ୨୦୨୬ ସୁଦ୍ଧା ୩୭.୮୬୬ ନିୟୁତ ଟନ ଖଣିଜ ପଦାର୍ଥ ଉତ୍ପାଦନ କରିଛି। ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦ ମିଲିୟନ ଟନ ଖଣିଜ ଉତ୍ପାଦନର ଲକ୍ଷ୍ୟ ରଖିଛି, ଏହାସହ ୩୭.୬୧୮ ନିୟୁତ ଟନ ଖଣିଜ ପଦାର୍ଥ ବିକ୍ରୟ କରି ୨୨,୧୮୫ କୋଟି ଟଙ୍କାର ଖଣିଜ କାରବାର କରିଛି।

# କୁକୁର ଚେନ୍‌ରେ ବାନ୍ଧି ପିଟି ହତ୍ୟା

ଭୁବନେଶ୍ୱର,୧୭।୩(ତ୍ରିନାଥ ମହାନ୍ତି)

## ୨ଖଣ୍ଡ ଲୁହାରଡ୍ ଚୋରି କରିବାରୁ ....

ରାଜଧାନୀରେ ସାମାନ୍ୟ ୨ଖଣ୍ଡ ଲୁହାରଡ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ କୁକୁର ବନ୍ଧା ଚେନ୍‌ରେ ହାତକୁ ବାନ୍ଧି ପିଟି ହତ୍ୟା କରାଯିବା ଘଟଣା ଏବେ ଲୋକଲୋଚନକୁ ଆସିଛି। ଏଭଳି ଘଟଣା ଭୁବନେଶ୍ୱର ରେଳ ଷ୍ଟେଶନରେ ଚାଲିଥିବା ନିର୍ମାଣ କାର୍ଯ୍ୟସ୍ଥଳରେ ଘଟିଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ସୁନୀଲ ସାହୁ। ସେ ରେଳ ଷ୍ଟେଶନରେ ପାର୍ସଲ ଡିପାର୍ଟମେଣ୍ଟରେ କାମ କରୁଥିଲେ। ମୃତ ସୁନୀଲଙ୍କ ସ୍ତ୍ରୀ ତପସ୍ୱିନୀ ସାହୁଙ୍କ ଅଭିଯୋଗକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ଜିରୋ ଏଫ୍‌ଆଇଆର ରୁଜୁ କରି ଜିଆର୍‌ପି ଥାନାକୁ ମାମଲା ଟ୍ରାନ୍ସଫର କରିଥିଲା।ଏନେଇ ଜିଆର୍‌ପି ଥାନାରେ ଗତ ୧୩ତାରିଖରେ ଏକ ହତ୍ୟା ମାମଲା(ନଂ-୪୭/୨୬)ରୁଜୁ କରାଯାଇଛି। ଷ୍ଟେଶନରେ ଆର୍‌ଡି କନ୍‌ଷ୍ଟ୍ରକ୍‌ସନରେ କାମ କରୁଥିବା କର୍ମଚାରୀ ବଂଶୀ, ସୁପରଭାଇଜର କେଶବ ଏବଂ ସିକ୍ୟୁରିଟି ଗାର୍ଡ କୌଶିକଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବାପରେ ଘଟଣା ଜଣାପଡ଼ିଛି।

ତପସ୍ୱିନୀଙ୍କ ଅଭିଯୋଗ ଅନୁସାରେ, ଗଞ୍ଜାମ ଜିଲା ପୋଲସରାରେ ସେ ରହୁଥିବାବେଳେ ତାଙ୍କ ସ୍ୱାମୀ ସୁନୀଲ ଷ୍ଟେଶନରେ ପାର୍ସଲ ଡିପାର୍ଟମେଣ୍ଟରେ ୧୭ ବର୍ଷ ହେବ କାମ କରୁଥିଲେ। ସୁନୀଲ ଗତ ଜାନୁଆରୀ ମାସରେ ଗାଁକୁ ବୁଲିବାକୁ ଯାଇ ଭୁବନେଶ୍ୱର ଫେରିଥିଲେ। ହେଲେ ଜାନୁଆରୀ ୨୬ତାରିଖରେ ପାର୍ସଲ ବିଭାଗର ଜଣେ ବ୍ୟକ୍ତି ତପସ୍ୱିନୀଙ୍କୁ ଫୋନ୍ କରି ତାଙ୍କ ସ୍ୱାମୀଙ୍କୁ କେତେଜଣ ଲୋକ ମାଡ଼ ମାରି ଆରପିଏଫ୍‌କୁ ନେଇଥିବା କହିଥିଲେ। ଏହି ଖବର ଶୁଣି ତପସ୍ୱିନୀ ଗାଁରୁ ଭୁବନେଶ୍ୱର ଆସି ଆରପିଏଫ୍ ଥାନାକୁ ଯାଇ ପଚାରି ବୁଝିଥିଲେ। ସେଠାରେ ତାଙ୍କ ସ୍ୱାମୀଙ୍କ ବିରୋଧରେ କିଛି ପ୍ରମାଣ ନ ଥିବାରୁ ଛାଡ଼ି ଦିଆଯାଇଥିବା ପୋଲିସ କହିଥିଲା। ତପସ୍ୱିନୀ ତାଙ୍କ ସ୍ୱାମୀଙ୍କୁ ବହୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ହେଲେ ଫେବୃଆରୀ ୧୫ ତାରିଖରେ ଷ୍ଟେଶନ ପାର୍ସଲରେ କାମ କରୁଥିବା ଅନ୍ୟ ଜଣେ ଯୁବକ ସୁନୀଲଙ୍କୁ ଦେଖି ତପସ୍ୱିନୀଙ୍କୁ ଫୋନ୍ କରିଥିଲେ। ଖବର ପାଇ ତପସ୍ୱିନୀ ୬ ନମ୍ବର ପ୍ଲାଟଫର୍ମକୁ ଯାଇଥିଲେ। ସେଠାରେ ଆରଡି କନ୍‌ଷ୍ଟ୍ରକ୍‌ଶନର କେତେଜଣ କର୍ମଚାରୀ ଏକ କୁକୁର ବନ୍ଧା ଚେନ୍‌ରେ ସୁନୀଲଙ୍କ ହାତ ଏବଂ ଗୋଡ଼କୁ ବାନ୍ଧି ଲୁହା ପାଇପ୍‌ରେ ମାଡ଼ ମାରୁଥିବା ତପସ୍ୱିନୀ ଦେଖିବାକୁ ପାଇଥିଲେ। ତପସ୍ୱିନୀ ତାଙ୍କୁ ଅଟକାଇଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ବରଂ ଉପରିସ୍ଥ ଅଧିକାରୀ ଆସିଲେ ଛାଡ଼ିବେ ବୋଲି କହିଥିଲେ। ସୁନୀଲ ବେହୋସ୍ ହୋଇଯିବା ପରେ ଅଭିଯୁକ୍ତମାନେ ତାଙ୍କୁ ଛାଡ଼ି ଦେଇଥିଲେ। ପରେ ତପସ୍ୱିନୀ ସ୍ୱାମୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରକୁ ଆଣିଥିଲେ ମଧ୍ୟ ସେଠାରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ସେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୁନୀଲଙ୍କ ମୃତ୍ୟୁ ଘଟିଥିଲା। ସୁନୀଲ ଆର୍‌ଡି କନ୍‌ଷ୍ଟ୍ରକ୍‌ଶନରୁ ଦୁଇଟା ଲୁହାରଡ଼ ପାଇ ଘରକୁ ନେଇଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଏହି ସାମାନ୍ୟ ଭୁଲ୍ ପାଇଁ ତାଙ୍କୁ କର୍ମଚାରୀ ଏଭଳି ହତ୍ୟା ଦଣ୍ଡ ଦେଲେ। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତପସ୍ୱିନୀ ଗତ ୩ ତାରିଖରେ ପ୍ରଥମେ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଲକ୍ଷ୍ମୀସାଗର ଥାନା ଏହାକୁ ଜିଆର୍‌ପିକୁ ସ୍ଥାନାନ୍ତର କରିଥିଲା। ଏନେଇ ଆର୍‌ଡି କନ୍‌ଷ୍ଟ୍ରକ୍‌ସନର ଅଧିକାରୀଙ୍କ ମତ ମିଳିପାରି ନାହିଁ।

# ଶୋଇଥିବା ଅବସ୍ଥାରେ ବନ୍ଧୁଙ୍କୁ ହତ୍ୟା

ଔପଦା, ୧୭।୩(ଧରିତ୍ରୀ ପଣ୍ଡା)

## ବିଶ୍ୱାସଘାତକତାର କରୁଣ ପରିଣତି

ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବାକୁ ଯାଇ ଜଣେ ବ୍ୟକ୍ତି ନିଜ ବନ୍ଧୁଙ୍କୁ ନିର୍ମମ ଭାବେ ହତ୍ୟା କରିବା ଘଟଣା ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ନରସିଂହସିଲା ବସ୍ତିରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ବେଡେଇ ରାଜସ୍ୱ ଗ୍ରାମର ଡମ୍ବୁରୁ ହୋ (୩୬)। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ବନ୍ଧୁ ଗଣ୍ଡ ହୋ (୩୫)ଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଡମ୍ବୁରୁ ଏବଂ ମୟୂରଭଞ୍ଜ ଜିଲା ଶରତ ଥାନା ବ୍ରାହ୍ମଣୀପାଳ ଗ୍ରାମର ଗଣ୍ଡ ହୋ'ଙ୍କ ମଧ୍ୟରେ ପ୍ରାୟ ବର୍ଷେ ପୂର୍ବରୁ କୌଣସି କାରଣକୁ ନେଇ ବିବାଦ ରହିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇ ବନ୍ଧୁତା ସ୍ଥାପନ ହୋଇଥିଲା। ହେଲେ ଗଣ୍ଡଙ୍କ ମନ ଭିତରେ ପ୍ରତିଶୋଧର ନିଆଁ ଜଳୁଥିଲା। ସୋମବାର ବିଳମ୍ବିତ ରାତିରେ ଗଣ୍ଡ ଏକ ସୁଚିନ୍ତିତ ଯୋଜନା କରି ଡମ୍ବୁରୁଙ୍କ ଘରକୁ ନିଶାସକ୍ତ ଅବସ୍ଥାରେ ଆସିଥିଲେ। ରାତି ଅଧିକ ହୋଇଯାଇଥିବାରୁ ସେ ନିଜ ଘରକୁ ଫେରିପାରିବେ ନାହିଁ ବୋଲି କହି ଡମ୍ବୁରୁଙ୍କ ଘରେ ଆଶ୍ରୟ ମାଗିଥିଲେ। ବନ୍ଧୁ ଉପରେ ବିଶ୍ୱାସ କରି ଡମ୍ବୁରୁ ତାଙ୍କୁ ନିଜ ଘରେ ଶୋଇବାକୁ ସ୍ଥାନ ଦେଇଥିଲେ। ମାତ୍ର ରାତିରେ ଡମ୍ବୁରୁ ଏବଂ ତାଙ୍କ ସ୍ତ୍ରୀ ଚୁପେ ହୋ ଶୋଇଯିବା ପରେ ଗଣ୍ଡ ଏକ ଧାରୁଆ ଛୁରିରେ ଶୋଇଥିବା ଅବସ୍ଥାରେ ଡମ୍ବୁରୁଙ୍କ କାନମୂଳକୁ ଆକ୍ରମଣ କରି ରକ୍ତାକ୍ତ କରି ପକାଇଥିଲେ। ଡମ୍ବୁରୁଙ୍କ ଚିତ୍କାର ଶୁଣି ତାଙ୍କ ସ୍ତ୍ରୀ ନିଦରୁ ଉଠି ଧାଇଁ ଆସିବା ବେଳକୁ ଅଭିଯୁକ୍ତ ତାଙ୍କୁ ଧକ୍କା ମାରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ଡମ୍ବୁରୁଙ୍କୁ ଉଦଳା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲେ। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୫୨/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତ ଗଣ୍ଡଙ୍କ ତାଙ୍କୁ ନିଜ ଗ୍ରାମ ବ୍ରାହ୍ମଣିପାଳରୁ ଗିରଫ କରିଛି।

# ସାଇବର 'କବଚ'ରେ ମାସକରେ ୩୭୯ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ଡିଜି ୱାଇ.ବି ଖୁରାନିଆ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଓ ଆଇଜି ସାର୍ଥକ ଷଡଙ୍ଗୀ।

ଭୁବନେଶ୍ୱର,୧୭।୩(ତ୍ରିନାଥ ମହାନ୍ତି)

- ୩୯,୭୧୪ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ
- କାର୍ଯ୍ୟାନୁଷ୍ଠାନ ଜାରି ରହିବ: ଡିଜିପି

ରାଜ୍ୟରେ ବଢୁଥିବା ସାଇବର ଅପରାଧୀଙ୍କୁ ସାବାଡ଼ କରୁଛି ପୋଲିସ 'ଅପରେଶନ ସାଇବର କବଚ'। ମ୍ୟୁଲ୍ ଆକାଉଣ୍ଟ ହେଉ ଅବା କ୍ରିପ୍ଟୋ କରେନ୍ସି ଠକେଇରେ ସମ୍ପୃକ୍ତ ସାଇବର ଅପରାଧୀଙ୍କୁ ଗିରଫ କରୁଛି ପୋଲିସ। ଗତ ୧୩ ଫେବୃଆରୀରୁ ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ୩୭୯ ସାଇବର ଠକଙ୍କୁ ଗିରଫ କରାଯାଇଥିବାବେଳେ ୩୯,୭୧୪ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟକୁ ଯାଞ୍ଚ କରାଯାଇଛି। ଏଥିସହ ୧,୩୧୫ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ, ୩୬ ଏଟିଏମ୍ ଟଙ୍କା ଉଠାଣ ଏବଂ ୪୭ ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ମାମଲାର ଯାଞ୍ଚ କରାଯାଇଛି ବୋଲି ପୋଲିସ ଡିଜି ୱାଇ.ବି. ଖୁରାନିଆ ପୋଲିସ ଭବନଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସାଇବର କବଚ ଅପରେଶନରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ମାମଲାରେ ୩୪୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ୯ଜଣଙ୍କୁ ନକଲି ସିମ୍, ୩ ଜଣଙ୍କୁ ଏଟିଏମ୍ ଟଙ୍କା ଉଠାଣ ଏବଂ ୧୮ଜଣଙ୍କୁ ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ମାମଲାରେ ଗିରଫ କରାଯାଇଛି। ୭,୫୪୯ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଛି। ଝାରସୁଗୁଡ଼ା, ସମ୍ବଲପୁର, ରାଉରକେଲା, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ନୂଆପଡ଼ା, ଭୁବନେଶ୍ୱର, କଟକ, ବାଲେଶ୍ୱର, ଭଦ୍ରକ, ପୁରୀ, ଯାଜପୁର ଓ ଢେଙ୍କାନାଳ ଭଳି ଜିଲାରେ ମ୍ୟୁଲ୍ ଆକାଉଣ୍ଟ ନେଟୱର୍କ, ନକଲି ସିମ୍ ବ୍ୟବହାର, ଅନ୍‌ଲାଇନ ବେଟିଂ, ହାୱାଲା ଟ୍ରାଞ୍ଜାକ୍ସନ ଓ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ହେଉଥିବା ଠକେଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାସହ ଅନେକ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ଗିରଫ କରାଯିବା ସହ ବହୁସଂଖ୍ୟକ ସିମ୍ କାର୍ଡ, ଏଟିଏମ୍ କାର୍ଡ, ଡିଜିଟାଲ ଡିଭାଇସ୍ ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ କରାଯାଇଥିବା ଡିଜିପି କହିଛନ୍ତି। ଗତ ଫେବୃଆରୀ ୧୧ରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଖୁରାନିଆଙ୍କ ଅଧ୍ୟକ୍ଷତାରେ ସାଇବର ଅପରାଧ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଜିଲାରେ ସାଇବର କବଚ ଅପରେଶନ ଆରମ୍ଭ ହୋଇଥିଲା। ଜିଲା ଏସ୍‌ପିଙ୍କ ନେତୃତ୍ୱରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଓ ନକଲି ସିମ୍ ନେଟୱର୍କ ବିରୋଧରେ ଚଢ଼ାଉ ଚାଲିଥିଲା। ଡିଜିପି ଖୁରାନିଆ ସମସ୍ତ ଜିଲାର ଏସ୍‌ପି, ରେଞ୍ଜ୍ ଆଇଜି, କ୍ରାଇମ୍‌ବ୍ରାଞ୍ଚ, ବ୍ୟାଙ୍କିଂ ଓ ଟେଲିକମ୍ ଅଧିକାରୀଙ୍କ କାର୍ଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇବା ସହ ସାଇବର ଅପରାଧମୁକ୍ତ ଓଡ଼ିଶା ଗଠନ ଲାଗି ପୋଲିସ ନିରନ୍ତର କାର୍ଯ୍ୟ କରିବ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଆଇଜି ସାର୍ଥକ ଷଡ଼ଙ୍ଗୀ ଏବଂ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ପରମାର ସ୍ମିଥ ଉପସ୍ଥିତ ଥିଲେ।

# ଶଳାଙ୍କୁ ପିଟି ପିଟି ହତ୍ୟା, ଭିଣୋଇ ଗିରଫ



ଅଭିଯୁକ୍ତ ଶୁକଦେବ ମହାନନ୍ଦ।

ଭେଡେନ,୧୭।୩(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଭେଡେନ ଥାନା ଚିଚିଣ୍ଡା ହାଇସ୍କୁଲ ପଡ଼ାରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ସୁଦୀପ ବାଗ୍(୨୮)ଙ୍କୁ ତାଙ୍କ ଭିଣୋଇ ଭେଡେନ ଥାନା ସାଲନା ଗ୍ରାମର ଶୁକଦେବ ମହାନନ୍ଦ(୫୦) ଏକ କାଠଫାଳିଆରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଶୁକଦେବଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି। ଏ ନେଇ ଭେଡେନ ଥାନାରେ ଏକ ହତ୍ୟା ମାମଲା(ନଂ.୬୫/୨୬) ରୁଜୁ ହୋଇଛି।

ଶୁକଦେବ ଗତ ୧୧ ବର୍ଷ ହେଲା ଚିଚିଣ୍ଡା ଗ୍ରାମ ଶ୍ୱଶୁରଘରେ ସପରିବାର ରହୁଥିଲେ। ସକାଳୁ ପରିବାରର ଅନ୍ୟ ସମସ୍ତେ ଚାଷଜମିକୁ ଲଟା ବାଛିବା ପାଇଁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ କୌଣସି କାରଣକୁ ନେଇ ଶୁକଦେବ ଓ ଶଳା ସୁଦୀପଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ଶୁକଦେବ ସୁଦୀପଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସୁଦୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଭାରପ୍ରାପ୍ତ ଥାନା ଅଧିକାରୀ ଅରୂପ ରଞ୍ଜନ ବରେଇ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାସହିତ ସୁଦୀପଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଥିଲେ। ଏସ୍‌ଆଇ ଦୀପକ ସାହୁ ଏହି ମାମଲାର ତଦନ୍ତ କରୁଛନ୍ତି।

# ବ୍ଲାକ୍‌ମେଲିଂ କରି ମହିଳାଙ୍କୁ ଅପହରଣ ଅଭିଯୋଗ

ଭୁବନେଶ୍ୱର,୧୭।୩(ତ୍ରିନାଥ ମହାନ୍ତି)

ଜୟଦେବ ବିହାର ନିକଟରେ ଥିବା ଏକ ଅଫିସ ସମ୍ମୁଖରୁ ବ୍ଲାକ୍‌ମେଲିଂ କରି ଜଣେ ମହିଳାଙ୍କୁ ଅପହରଣ କରାଯାଇଛି। ମଙ୍ଗଳବାର ଏହି ଘଟଣା ଘଟିଛି। ଏନେଇ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ତ୍ରିଲୋଚନ ନାମକ ଜଣେ ଯୁବକ ସମ୍ପୃକ୍ତ ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କର ନିକଟତର ହୋଇଥିଲେ। ଏହାର ସୁଯୋଗରେ ତାଙ୍କ ସହ କିଛି ଅଶ୍ଳୀଳ ଫଟୋ ଏବଂ ଭିଡ଼ିଓ କରିନେଇଥିଲେ। ଏହାକୁ ଦେଖାଇ ସେ ବିଭିନ୍ନ ସମୟରେ ମହିଳା ଜଣଙ୍କୁ ବ୍ଲାକମେଲିଂ କରୁଥିଲେ। ଏପରିକି ସ୍ୱାମୀଙ୍କୁ ଛାଡ଼ି ଚାଲିଆସିବାକୁ ଧମକ ଦେଉଥିଲେ। ମଙ୍ଗଳବାର ସକାଳୁ ମଧ୍ୟ ତାଙ୍କ ସ୍ୱାମୀଙ୍କୁ ଅଭିଯୁକ୍ତ ଫୋନ୍ କରି ସ୍ତ୍ରୀଙ୍କୁ ଉଠାଇ ନେବାକୁ ଧମକ ଦେଇଥିଲେ। ମହିଳା ଜଣକ ପୂର୍ବାହ୍ନରେ ଜୟଦେବ ବିହାରସ୍ଥିତ ଅଫିସ୍‌କୁ ଯାଇ ସନ୍ଧ୍ୟାରେ ଘରକୁ ଫେରି ନ ଥିଲେ। ତାଙ୍କ ସ୍ୱାମୀ ଖୋଜାଖୋଜି କରି ନିରାଶ ହେବା ପରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ।

# ବସ୍ ଡ୍ରାଇଭରଙ୍କୁ ମାଡ଼ ସହ ଲୋକଙ୍କୁ ଗୋଡ଼ାଇ ପିଟିଲେ

ବାସୁଦେବପୁର,୧୭।୩(କାଳିପଦ ରାୟ)

## ଉନ୍ମତ୍ତକାଣ୍ଡ ପରେ ଅଭିଯୁକ୍ତ ଗିରଫ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ବଜାରଠାରେ ଜଣେ ଯୁବକ ସୋମବାର ରାତିରେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଏକ ଘରୋଇ ବସ୍ ଡ୍ରାଇଭରଙ୍କୁ ବିନା କାରଣରେ ମାଡ଼ ମାରିବା ସହ ରାସ୍ତାକଡ଼ରେ ପୋତାହୋଇଥିବା ଏକ ଲୁହା ପାଇପ୍ ଉପାଡ଼ି ରାସ୍ତାରେ ଯାଉଥିବା ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଲୋକେ ଉକ୍ତ ଯୁବକଙ୍କୁ ବାନ୍ଧି ମାଡ଼ ମାରିବା ପରେ ପୋଲିସ ଜିମା ଦେଇଛନ୍ତି। ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପଦ୍ମପୁର ଗ୍ରାମର ଉଦ୍‌ଭାସ ଦାସ(୨୨)।

ସୂଚନା ଅନୁଯାୟୀ, ବାସୁଦେବପୁରରୁ ରାଉରକେଲା ଯାଉଥିବା ଏକ ଘରୋଇ ବସ୍ ଛିଡ଼ାହୋଇଥିବା ବେଳେ ଡ୍ରାଇଭରଙ୍କୁ ଉଦ୍‌ଭାସ ବିନା କାରଣରେ ହଠାତ୍ ଘୋଷାରି ମାଡ଼ ମାରିଥିଲେ। ଏହାପରେ ଏକ ଲୁହା ପାଇପ୍ ଉପାଡ଼ି ରାସ୍ତାରେ ଯାଉଥିବା ଲୋକଙ୍କୁ ଗୋଡ଼ାଇ ପିଟିଥିଲେ। ପ୍ରାଣ ବିକଳରେ ଯିଏ ଯୁଆଡେ ଦୌଡ଼ି ପଳାଇଥିଲେ। ଏହି ସମୟରେ ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତ ନିଶ୍ଚିନ୍ତକୋଇଲି ଗ୍ରାମର ପ୍ରଦୀପ ନାୟକ ଏକ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଉଦ୍‌ଭାସ ତାଙ୍କ ମୁଣ୍ଡକୁ ଲୁହା ପାଇପ୍‌ରେ ପିଟିଦେଇଥିଲେ। ଆକ୍ରମଣରେ ପ୍ରଦୀପଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଲୋକମାନେ ଉଦ୍‌ଭାସଙ୍କୁ ଧରି କନକଦୁର୍ଗା ମନ୍ଦିର ସାମ୍ନାରେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପକାଇ ମାଡ଼ ମାରିଥିଲେ। ଖବରପାଇ ବାସୁଦେବପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ହେପାଜତକୁ ନେଇଥିଲା। ଏନେଇ ଆହତ ପ୍ରଦୀପଙ୍କ ଭାଇ ପ୍ରଶାନ୍ତ କୁମାର ନାୟକଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୧୫୩/୨୬) ରୁଜୁ ହୋଇଛି। ଘଟଣାର ତଦନ୍ତ ସହ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ପୁନମ ଦେବୀ ବେହେରା କହିଛନ୍ତି।

# ୫୧ କେଜି ଗଞ୍ଜେଇ ସହ ୨ ଲକ୍ଷ ଜବତ, ୩ ଗିରଫ

ଖୋର୍ଦ୍ଧା,୧୭।୩(ପ୍ରଭାତ ପାଣିଗ୍ରାହୀ)

- ବୋଲେରୋ, କାର୍ ଏବଂ ୩ ମୋବାଇଲ ଫୋନ୍ ଜବତ
- କନ୍ଧମାଳରୁ ଭୁବନେଶ୍ୱର ହେଉଥିଲା ଚାଲାଣ

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଟିଏଲ୍‌ସି ରୋଡ୍‌ର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ପୋଲିସ ଚଢ଼ାଉକରି ୫୧ କେଜି ଗଞ୍ଜେଇ ସହ ୨ଲକ୍ଷ ଟଙ୍କା, ଏକ ବୋଲେରୋ(ଓଡି ୦୨ ବିଏମ୍ ୪୨୭୬), କାର୍ (ଓଡି୦୨ ଏଇ ୯୬୨୭) ଏବଂ ୩ଟି ମୋବାଇଲ ଫୋନ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ସାନପଲ୍ଲାର ସାଗର ଘଡ଼େଇ(୩୧), ସୁମନ୍ତ ଭୁଜବଳ(୩୬) ଏବଂ ଜଙ୍କିଆ ଥାନା ଅନ୍ତର୍ଗତ ପୁପୁନ ବଳିଆରସିଂହ(୪୦)। ଏନେଇ ଆଦର୍ଶ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୧୫୪/୨୬) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ହେଉଥିଲା ବୋଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୂର୍ବାହ୍ନ ୧୦ଟା ୪୫ରେ ପୋଲିସକୁ ସୂଚନା ମିଳିଥିଲା। ଅଭିଯୁକ୍ତମାନେ ବୋଲେରୋରେ ସରକାରୀ ବିଭାଗର ଏକ ନମ୍ବରପ୍ଲେଟ୍ ଲଗାଇ ଗଞ୍ଜେଇ ଚାଲାଣ କରୁଥିଲେ। ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ବସନ୍ତ ପଟ୍ଟନାୟକ ଏବଂ ଅନ୍ୟମାନଙ୍କୁ ନେଇ ଗଠିତ ଟିମ୍ ଟିଏଲ୍‌ସି ରୋଡ୍‌ରେ ଛକିଥିଲେ। ପୋଲିସ ଜିପ୍ ଦେଖି ଅଭିଯୁକ୍ତମାନେ ବୋଲେରୋକୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ନିକଟ ଦେଇ ଖସିଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ଟିମ୍ ପିଛାକରି ମାଡ଼ିବସିଥିଲା। ପରେ ଉକ୍ତ ବୋଲେରୋ ମଧ୍ୟରୁ ଗଞ୍ଜେଇଭର୍ତ୍ତି ବ୍ୟାଗ୍ ସହ ଟଙ୍କା ଜବତ ହୋଇଥିଲା।

## ଜାତୀୟ/ଅନ୍ତର୍ଜାତୀୟ ଖବର

# କଂଗ୍ରେସ ଛାଡ଼ିଲେ ବର୍ଦ୍ଦୋଲୋଇ

ଗୁଆହାଟୀ ,୧୭।୩

ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ପୁଣି ଶକ୍ତ ଧକ୍କା ଲାଗିଛି। ଦଳୀୟ ନେତା ତଥା ନାଗାଓଁ ଏମ୍‌ପି ପ୍ରଦ୍ୟୁତ୍ ବର୍ଦ୍ଦୋଲୋଇ ମଙ୍ଗଳବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଚିଠି ଲେଖି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା



ଦେଇଥିବା ଜଣାଇଛନ୍ତି। ସନ୍ଧ୍ୟାରେ ଆସାମ କଂଗ୍ରେସ ମୁଖିଆ ଗୌରବ ଗୋଗଇ ଏବଂ ଆସାମ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ସିଂ ପ୍ରଦ୍ୟୁତ୍‌ଙ୍କ ବାସଭବନକୁ ଯାଇଥିଲେ। ଏହା ପରେ ପ୍ରଦ୍ୟୁତ୍‌ଙ୍କ ଇସ୍ତଫା ଖବର ସାମ୍ନାକୁ ଆସିଛି। ଉଲ୍ଲେଖଯୋଗ୍ୟ, ଦଳୀୟ ବ୍ୟାପାରକୁ ନେଇ କିଛି ଦିନ ହେଲା କେନ୍ଦ୍ରୀୟ ନେତାଙ୍କ ସହ ପ୍ରଦ୍ୟୁତ୍‌ଙ୍କ ମତଭେଦ ଥିଲା। ଏହାକୁ ନେଇ ସେ ଅସନ୍ତୁଷ୍ଟ ରହିଥିଲେ। ସେ ଇସ୍ତଫା ଦେବା ନେଇ ସୋମବାର ଇଙ୍ଗିତ କରିଥିଲେ। ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରଦ୍ୟୁତ୍‌ଙ୍କ ଇସ୍ତଫା ଦଳ ପାଇଁ ଭାରି ପଡ଼ିବ ବୋଲି କୁହାଯାଉଛି।

# ୟୁଏଇ ରାଷ୍ଟ୍ରପତିଙ୍କ ସହ କଥାହେଲେ ମୋଦି

ନୂଆଦିଲ୍ଲୀ,୧୭।୩

ପଶ୍ଚିମ ଏସିଆରେ ଯୁଦ୍ଧ ଉତ୍ତେଜନା ବଢ଼ିଚାଲିଥିବାବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ସୁରକ୍ଷିତ ଓ ଅବାରିତ ଜାହାଜ ଚଳାଚଳକୁ ସୁନିଶ୍ଚିତ କରିବା ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନ୍‌ଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଆଞ୍ଚଳିକ ଅସ୍ଥିରତା ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ ବୈଶ୍ୱିକ ଶକ୍ତି ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ତୈଳ ଓ ଗ୍ୟାସ୍ ପରିବହନ ପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଂକୀର୍ଣ୍ଣ ସାମୁଦ୍ରିକ ପଥ। ଭାରତର ତୈଳ ଓ ଗ୍ୟାସ୍ ଆମଦାନୀ ପାଇଁ ଏହି ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ୟୁଏଇ ରାଷ୍ଟ୍ରପତିଙ୍କୁ ଅଗ୍ରୀମ ଇଦ୍ ଅଭିନନ୍ଦନ ଜଣାଇବା ସହ ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ୟୁଏଇର ନିରୀହ ଲୋକଙ୍କ ଜୀବନ ନେବା ସହ ସର୍ବସାଧାରଣ ଭିତ୍ତିଭୂମିକୁ ଧ୍ୱଂସ କରୁଥିବା ସମସ୍ତ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରେ ବୋଲି ମୋଦି ଦୋହରାଇଛନ୍ତି।

# ୭ ବିଦେଶୀଙ୍କୁ ଗିରଫକଲା ଏନ୍‌ଆଇଏ

ନୂଆଦିଲ୍ଲୀ,୧୭।୩

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ଆଇଏଇଏ) ବଳରେ ଆମେରିକୀୟ ନାଗରିକ ମାଥ୍ୟୁ ଆରୋନ୍ ଭାନ୍‌ଡାଇକ୍‌ଙ୍କ ସମେତ ୭ ଜଣ ୟୁକ୍ରେନୀୟଙ୍କୁ ଗିରଫ କରିଛି। ଗତ ଶୁକ୍ରବାର କୋଲକାତା ବିମାନବନ୍ଦରରୁ ଭାନ୍‌ଡାଇକ୍‌ଙ୍କୁ, ଲକ୍ଷ୍ନୌ ଏବଂ ଦିଲ୍ଲୀ ଏୟାରପୋର୍ଟରୁ ୩ ଜଣ ଲେଖାଏ ୟୁକ୍ରେନ୍ ନାଗରିକଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ହାଜର କରିବା ପରେ ଏନ୍‌ଆଇଏ ୧୧ ଦିନ ପାଇଁ ହାଜତକୁ ନେଇଛି। ୭ ବିଦେଶୀ ନିଷିଦ୍ଧାଞ୍ଚଳ ପ୍ରବେଶ ଅନୁମତି (ଆର୍‌ଏପି) ନଥାଇ ମିଜୋରାମରେ ପ୍ରବେଶ କରି ଉଗ୍ରବାଦୀ ଗୋଷ୍ଠୀ ସହ ସମ୍ପୃକ୍ତ ଧର୍ମୀୟ ସଶସ୍ତ୍ର ଗୋଷ୍ଠୀ ସହିତ ଯୋଗାଯୋଗ ରଖିଥିଲେ ବୋଲି ଏନ୍‌ଆଇଏ ଅଭିଯୋଗ କରିଛି।

# ଏଲ୍‌ପିଜିର ଉଚିତ ବ୍ୟବହାର ଲାଗି କେନ୍ଦ୍ରର ନିବେଦନ

ନୂଆଦିଲ୍ଲୀ,୧୭।୩

ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁ ଦେଶରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ସଙ୍କଟକୁ ନେଇ କେନ୍ଦ୍ର ସରକାର ଚିନ୍ତା ପ୍ରକଟ କରିବା ସହ ରନ୍ଧନ ଗ୍ୟାସ୍‌ର ବିବେକସମ୍ମତ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏଥିସହିତ ପାଇପ୍‌ଯୋଗେ ମିଳୁଥିବା ପ୍ରାକୃତିକ ବାଷ୍ପ (ପିଏନ୍‌ଜି) ବ୍ୟବହାର କରିବାକୁ ସରକାର ସଙ୍କେତ ଦେଇଛନ୍ତି। ଯଦି ବ୍ୟବସାୟିକ ଏଲ୍‌ପିଜି ଗ୍ରାହକ ପିଏନ୍‌ଜି (ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍) ବ୍ୟବହାର କରନ୍ତି ତେବେ ଲାଭବାନ୍ ହେବେ ବୋଲି ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟ ଏବଂ କ୍ୟାଟରିଂ ସେବା ଭଳି ବ୍ୟବସାୟିକ ପ୍ରତିଷ୍ଠାନ ପିଏନ୍‌ଜି ବ୍ୟବହାର କଲେ ଏଲ୍‌ପିଜି ଯୋଗାଣ ଉପରୁ ଚାପ ହ୍ରାସ ପାଇବାରେ ସହାୟକ ହେବ। ସହରାଞ୍ଚଳରେ ପିଏନ୍‌ଜି ଅଧିକ ବ୍ୟବହାର କରିବା ପାଇଁ ସରକାର ପ୍ରୋତ୍ସାହିତ କରୁଛନ୍ତି। ଗ୍ରାହକମାନେ ଇମେଲ୍, ଗ୍ରାହକ ପୋର୍ଟାଲ, କଲ୍ ସେଣ୍ଟର କିମ୍ବା ସମ୍ପୃକ୍ତ ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ କମ୍ପାନୀଗୁଡ଼ିକ ସହ ଯୋଗାଯୋଗ ଜରିଆରେ ପିଏନ୍‌ଜି ସଂଯୋଗ ପାଇଁ ଆବେଦନ କରିପାରିବେ।

# ଏଲ୍‌ପିଜି ନେଇ ଭାରତରେ ପହଞ୍ଚିଲା ନନ୍ଦାଦେବୀ




ନୂଆଦିଲ୍ଲୀ ,୧୭।୩

ଉପସାଗରୀୟ ଦେଶରୁ ଏଲ୍‌ପିଜି ନେଇ ଭାରତର ଦ୍ୱିତୀୟ ଜାହାଜ ନନ୍ଦାଦେବୀ ମଙ୍ଗଳବାର ଗୁଜରାଟର ଭାଦିନାର୍ (ଜାମ୍‌ନଗର)ବନ୍ଦରରେ ପହଞ୍ଚିଛି। ଏହି ଜାହାଜରେ ୪୬,୫୦୦ ଟନ୍ ଏଲ୍‌ପିଜି ଆସିଥିଲାବେଳେ ଏହାକୁ ତୁରନ୍ତ ଖାଲି କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ନନ୍ଦାଦେବୀ ସହ ଶିବାଲିକ୍ ନାମକ ଦୁଇ ଜାହାଜ ଉପସାଗରୀୟ ଦେଶରୁ ଏଲ୍‌ପିଜି ନେଇ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। କିନ୍ତୁ ଏଗୁଡ଼ିକ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଆସିବାବେଳେ ସମସ୍ୟା ସୃଷ୍ଟି ହୋଇଥିଲା। ଇରାନ୍ ହର୍ମୁଜ୍ ସାମୁଦ୍ରିକ ପଥରେ ପ୍ରତିବନ୍ଧକ ଲଗାଇଥିବାରୁ ଏହି ଦୁଇ ଜାହାଜ ଭାରତେ ପହଞ୍ଚିବା ନେଇ ସଂଶୟ ସୃଷ୍ଟି ହୋଇଥିଲା। ତେବେ ଭାରତୀୟ ଜାହାଜଗୁଡ଼ିକୁ ହର୍ମୁଜ୍ ଦେଇ ଯିବା ଲାଗି ଇରାନ୍ ଅନୁମତି ଦେବା ପରେ ପ୍ରଥମେ ଗତ ସୋମବାର ଶିବାଲିକ୍ ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଥିଲା। ଏହି ଦୁଇଟି ଜାହାଜରେ ମୋଟ ୯୨, ୭୦୦ ମେଟ୍ରିକ୍ ଟନ୍ ଏଲ୍‌ପିଜି ଭାରତ ଆସିଛି।

# ରାଜ୍ୟରେ ୪,୫୧୦ କୋଟିର ନିବେଶ ଅନୁମୋଦନ

## ୧୦,୧୨୨ ନିଯୁକ୍ତି ସୃଷ୍ଟି ଆଶା




ଭୁବନେଶ୍ୱର,୧୭।୩ (ଅନୁରାଧା ମହାରଣା)

ଷ୍ଟେଟ୍ ଲେଭଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ)ର ୧୪୫ତମ ବୈଠକରେ ରାଜ୍ୟରେ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ନିବେଶ ପରିମାଣ ୪,୫୧୦.୬୫ କୋଟି ଟଙ୍କା ହୋଇଥିବାବେଳେ ଏହାଦ୍ୱାରା ୧୦,୧୨୨ଜଣ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟିହେବା ଆଶା କରାଯାଉଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ରାଜ୍ୟର ୧୧ଟି ଜିଲାରେ କାର୍ଯ୍ୟକାରୀ ହେବ। ଏହିସବୁ ଜିଲା ମଧ୍ୟରେ ବାଲେଶ୍ୱର, ବଲାଙ୍ଗୀର, କଟକ, ଜଗତ୍‌ସିଂହପୁର, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ରେ ପ୍ରକଳ୍ପ ସ୍ଥାପନ ହେବ। ପ୍ରକଳ୍ପଗୁଡ଼ିକ କାଠ ଆଧାରିତ ଶିଳ୍ପ, ରସାୟନ, ପୋଷାକ, ଟେକ୍ନିକାଲ ଟେକ୍ସଟାଇଲ, ଔଷଧ, ମେଡିକାଲ ଡିଭାଇସ୍, ଆଲୁମିନିୟମ ଡାଉନ୍‌ଷ୍ଟ୍ରିମ୍, ଇସ୍ପାତ ଓ ଧାତୁ ଡାଉନଷ୍ଟ୍ରିମ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ପ୍ରକ୍ରିୟାକରଣ, ରତ୍ନ ଓ ଗହଣା, ଆଇଟି ଓ ଆଇଟିଇଏସ୍ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଭଳି ବିଭିନ୍ନ କ୍ଷେତ୍ର ରହିଛି। ପ୍ରମୁଖ ପ୍ରକଳ୍ପ ମଧ୍ୟରେ କୋରାପୁଟରେ ସେଞ୍ଚୁରି ପ୍ଲାଇବୋର୍ଡସ (ଇଣ୍ଡିଆ) ଲିମିଟେଡ୍‌ର ପାର୍ଟିକଲ ବୋର୍ଡ ମ୍ୟାନୁଫ୍ୟାକ୍ଚରିଂ ୟୁନିଟ୍ ପାଇଁ ୮୭୦.୮୨ କୋଟି ଟଙ୍କା ବ୍ୟୟ ହେବ। ଏହା ପ୍ରାୟ ୧,୦୦୦ ନିଯୁକ୍ତି ସୃଷ୍ଟି କରିବ। ଖୋର୍ଦ୍ଧାରେ ୧୩୦ କୋଟି ଟଙ୍କା ବ୍ୟୟରେ ସୋନାସେଲେକ୍ସନ ଇଣ୍ଡିଆ ଲିମିଟେଡ୍‌ର ଗାର୍ମେଣ୍ଟ ମ୍ୟାନୁଫ୍ୟାକ୍ଚରିଂ ୟୁନିଟ୍ କରାଯିବ ଯାହାକି ପ୍ରାୟ ୧,୮୫୮ ନିଯୁକ୍ତି ସୃଷ୍ଟି କରିବ। ଆଲ୍ଫାଟେକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଟେକ୍ନିକାଲ ଟେକ୍ସଟାଇଲ ୟୁନିଟ୍ ପାଇଁ ୧୮୦ କୋଟି ଟଙ୍କା ବ୍ୟୟ ହେବାକୁ ଥିବାବେଳେ ୧,୦୫୦ ନିଯୁକ୍ତି ସୁଯୋଗ ମିଳିବ। ୧୦ କୋଟି ଟଙ୍କା ବ୍ୟୟରେ କେନ୍ଦୁଝରରେ ସିଦ୍ଧିରିଦ୍ଧି ଇଣ୍ଟରନ୍ୟାଶନାଲର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ବିସ୍ତାର କରିବ ଯାହାକି ୧,୫୦୦ ନିଯୁକ୍ତି ଦେବ। ଅନ୍ୟପଟେ ୩୫୦ କୋଟି ଟଙ୍କା କଳାହାଣ୍ଡିରେ କୋଷ୍ଟାଲ ବାୟୋଟେକର ଗ୍ରେନ୍-ବେସଡ୍ ଇଥାନଲ ୟୁନିଟ୍‌ରେ ୫୦୦ ଲୋକ ରୋଜଗାର ପାଇବେ। ଖୋର୍ଦ୍ଧାରେ ପ୍ରାଇସ ୱାଟର ହାଉସକୁପର୍ସର ଟେକ୍ନୋଲୋଜି ଡେଲିଭରି ସେଣ୍ଟର ପାଇଁ ୬୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ପ୍ରାୟ ୬୪୦ ଉଚ୍ଚଦକ୍ଷତା ପୂର୍ଣ୍ଣ ନିଯୁକ୍ତି ସୃଷ୍ଟ କରିବ ବୋଲି ଆଶା କରାଯାଉଛି।

# ଭାରତରେ ନୂଆ ରେନୋ ଡଷ୍ଟରର ଶୁଭାରମ୍ଭ

ଭୁବନେଶ୍ୱର,୧୭।୩ (ଅନୁରାଧା ମହାରଣା)

ଫ୍ରାନ୍ସର କାର୍ ନିର୍ମାତା ରେନୋ ଗ୍ରୁପ୍‌ର ସମ୍ପୂର୍ଣ୍ଣ ସହାୟକ କମ୍ପାନୀ ରେନୋ ଇଣ୍ଡିଆ ପକ୍ଷରୁ ରେନୋ ଡଷ୍ଟର ଉନ୍ମୋଚନ କରାଯାଇଛି। ଏହାର ଟର୍ବୋ ପେଟ୍ରୋଲ ମଡେଲର ଦିଲ୍ଲୀ ଏକ୍ସଶୋ'ରୁମ୍ ଦାମ୍ ୧୦.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ବର୍ତ୍ତମାନ ଦେଶବ୍ୟାପୀ ଏହାର ଡେଲିଭରି ଜାରି ରହିଛି। ରେନୋ ଗ୍ରୁପ୍ ମଡ୍ୟୁଲାର ପ୍ଲାଟ୍‌ଫର୍ମ ଉପରେ ଗଠନ କରାଯାଇଥିବା ନୂଆ ରେନୋ ଡଷ୍ଟରକୁ ଭାରତୀୟ ସଡ଼କ ପରିସ୍ଥିତି ଅନୁସାରେ ଇଞ୍ଜିନିୟରିଂ ଓ ପରୀକ୍ଷଣ କରାଯାଇଛି। ଏହାର ଟର୍ବୋ ଟିସିଇ ୧୬୦ ମଡେଲ ୧୬୩ ପିଏସ୍ ଓ ୨୮୦ ଏନଏମ୍ ପ୍ରଦାନ କରୁଛି ଓ ସେଥିରେ ୬ ସ୍ପିଡ୍ ୱେଟ୍-କ୍ଲଚ୍ ଡିସିଟି ରହିଛି ଯାହାକୁ ଭାରତୀୟ ସଡ଼କ ପାଇଁ ପ୍ରସ୍ତୁତ କରାଯାଇଛି କିମ୍ବା ୬-ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିସନ ରହିଛି। ଗାଡ଼ିର ଡାଇନାମିକ୍‌କୁ ଆଇଡିଆଇଏଡିଏ ଦ୍ୱାରା ପ୍ରମାଣୀକରଣ କରାଯାଇଛି। ଡ୍ରାଇଭରଙ୍କୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା କକ୍‌ପିଟ୍‌ରେ ବାହାର ଦୃଶ୍ୟ ଭଲ ଭାବେ ଦେଖାଯାଉଥିବା ବେଳେ ଆରାମଦାୟକ ସିଟ୍ ସହିତ ଗୁଗଲ୍ ଅଟୋମୋଟିଭ୍ ସେବା ରହିଛି ଯାହା ଜରିଆରେ ଗୁଗଲ୍ ମ୍ୟାପ୍‌ସ, ଗୁଗଲ୍ ଆସିଷ୍ଟାଣ୍ଟ ଓ ଗୁଗଲ୍ ପ୍ଲେ ହାସଲ କରାଯାଇପାରିବ। ନୂଆ ରେନୋ ଡଷ୍ଟର ୫ଟି ଟ୍ରିମ୍ ଯଥା ଅଥେଣ୍ଟିକ୍, ଇଭଲ୍ୟୁଶନ, ଟେକ୍ନୋ, ଟେକ୍ନୋ+ ଓ ଆଇକନିକ୍‌ରେ ଉପଲବ୍ଧ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଟର୍ବୋ ଟିସିଇ ୧୬୦ ର ପ୍ରବଳ ଚାହିଦା ଦେଖିବାକୁ ମିଳିଛି, ଯାହାକି ବିଭିନ୍ନ ବଜାରରେ ହୋଇଥିବା ମୋଟ ପେଟ୍ରୋଲ୍ ବୁକିଂର ୯୦% ରୁ ଅଧିକ। ଆର୍-ପାସ୍ ପ୍ରି-ବୁକିଂ ପ୍ରୋଗ୍ରାମ ମାଧ୍ୟମରେ ଗ୍ରାହକମାନେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ୧୦.୨୯ ଲକ୍ଷର ଏକ ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟରେ ପାଇପାରିବେ। ରେନୋ ଇଣ୍ଡିଆର ବିକ୍ରି ଓ ମାର୍କେଟିଂ ଉପାଧ୍ୟକ୍ଷ ଫ୍ରାନ୍‌ସିସ୍କୋ ହିଡାଲ୍‌ଗୋ କହିଛନ୍ତି, ଟର୍ବୋ ଟିସିଇ ୧୬୦ ରୁ ୧୬୩ ପିଏସ୍ ଶକ୍ତି ଏବଂ ଉନ୍ନତ ଆର୍‌ଜିଏମ୍‌ପି ପ୍ଲାଟ୍‌ଫର୍ମ ସହ ଏହା ଗାଡ଼ି ଚାଳନା, ନିୟନ୍ତ୍ରଣ ଏବଂ ମଜଭୁତ କ୍ଷମତାରେ ପ୍ରକୃତ ଉନ୍ନତି ପ୍ରଦାନ କରେ।




# ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଓ ଟିପିଏସଓଡିଏଲ ମଧ୍ୟରେ ଚୁକ୍ତି ପତ୍ର ସ୍ୱାକ୍ଷରିତ

ବ୍ରହ୍ମପୁର,୧୭।୩ (ଅଶୋକ କୁମାର ସାହୁ)

ଟିପିଏସଓଡିଏଲ୍‌ର କର୍ମଚାରୀମାନଙ୍କର ବେତନ ଆକାଉଣ୍ଟ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆରେ ଖୋଲିବା ନିମନ୍ତେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଓ ଟିପିଏସଓଡିଏଲ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ହରେକୃଷ୍ଣ ଦାସ, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଏଲ୍.ସଂଗୀତା କୁଜୁର, ସହାୟକ ମହାପ୍ରବନ୍ଧକ ଖୁଣ୍ଟିଆ, ବରିଷ୍ଠ ପ୍ରବନ୍ଧକ କେ.ସୁନିଲ କୁମାର ଯୋଗଦେଇଥିଲେ। ସେହିପରି ଟିପିଏସଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ, ସିଏଫଓ ବିଜୟ ମହାନ୍ତି, ମହାପ୍ରବନ୍ଧକ ଲକ୍ଷ୍ମୀଧର ଉପାଧ୍ୟାୟ, ଉପମହାପ୍ରବନ୍ଧକ ଦିଲ୍ଲୀପ କୁମାର ମିଶ୍ର (ଫାଇନାନ୍ସ) ପ୍ରମୁଖ ଉପସ୍ଥିତ ଥିଲେ। ଏହି ବେତନ ପ୍ୟାକେଜ ଅଧିନରେ ୧କୋଟି ୨୦ ଲକ୍ଷ ଟଙ୍କା ଟଙ୍କାର ବ୍ୟକ୍ତିଗତ ଦୁର୍ଘଟଣା ବୀମା କଭର, ୨୦ ଲକ୍ଷ ଟଙ୍କାର ଟର୍ମ ଲାଇଫ ଇନ୍ସୁରାନ୍ସ କଭର ଏବଂ ୯୦,୦୦୦ ଟଙ୍କା ପର୍ଯ୍ୟନ୍ତ ହସ୍ପି-କ୍ୟାଶ ସୁବିଧା ଉପଲବ୍ଧ ରହିଛି।

# ୧୯ରୁ ଓଡ଼ିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ଏକ୍ସପୋ

ଭୁବନେଶ୍ୱର,୧୭।୩ (ଅନୁରାଧା ମହାରଣା)



କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ 'ଓଡ଼ିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ଏକ୍ସପୋ' (ଓଏମ୍‌ସିଇ)୨୦୨୬ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି। ଏହି ୩ ଦିନିଆ କାର୍ଯ୍ୟକ୍ରମ ମାର୍ଚ୍ଚ ୧୯ରୁ ୨୧ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ପଡ଼ିଆଠାରେ ହେବ। ଖଣି ଏବଂ ଭିତ୍ତିଭୂମି ବ୍ୟବସ୍ଥାକୁ ରୂପାନ୍ତରିତ କରୁଥିବା ଅତ୍ୟାଧୁନିକ ଉଦ୍ଭାବନ ତଥା ବୈଷୟିକ ପ୍ରଗତିକୁ ପ୍ରଦର୍ଶନ କରିବା ପାଇଁ ଅଗ୍ରଣୀ ନିର୍ମାତା, ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀ, ଠିକାଦାର, ଭିତ୍ତିଭୂମି ବିକାଶକାରୀ, ନୀତି ନିର୍ଦ୍ଧାରକ ଏବଂ ପ୍ରମୁଖ ଶିଳ୍ପ ହିତାଧିକାରୀମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବା ହେଉଛି ଓଏମ୍‌ସିଇ ୨୦୨୬ର ଲକ୍ଷ୍ୟ ରହିଛି। ଏହି ଏକ୍ସପୋରେ ୧୫୦ରୁ ଅଧିକ ପ୍ରଦର୍ଶକ ଭାଗ ନେବେ ଏବଂ ଖଣି, ନିର୍ମାଣ, ଭିତ୍ତିଭୂମି ତଥା ଉପକରଣ ନିର୍ମାଣ କ୍ଷେତ୍ରରୁ ୧୦,୦୦୦ ରୁ ଅଧିକ ବ୍ୟବସାୟିକ ଦର୍ଶକ ଏଥିରେ ସାମିଲ ହେବେ।

# ଶ୍ରେଷ୍ଠ ଖଣି ଭାବେ ବେଦାନ୍ତ ଜାମକାନି କୋଇଲା ଖଣି ପୁରସ୍କୃତ



ଭୁବନେଶ୍ୱର,୧୭।୩ (ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ସମ୍ବଲପୁରରେ ଆୟୋଜିତ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍) ପୁରସ୍କାର ସମାରୋହରେ ଜାମକାନି କୋଇଲା ଖଣି ସାମଗ୍ରିକ ଭାବେ ଶ୍ରେଷ୍ଠ ଖଣି ପୁରସ୍କାର ହାସଲ କରିଛି। ଏହାସହ ଠିକାଦାର (ଏମ୍‌ଡିଓ) ବର୍ଗରେ ପ୍ରଥମ ପୁରସ୍କାର ମଧ୍ୟ ଜିତିଥିଲା। ଏହାବ୍ୟତୀତ ସୁରକ୍ଷା ପରିଚାଳନା ଯୋଜନା ଏବଂ ଖଣି ଆଲୋକୀକରଣ ବର୍ଗରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍)ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଦାନ୍ତ ଆଲୁମିନିୟମର ଜାମକାନି କୋଇଲା ଖଣିର ମୁଖ୍ୟ ପରିଚାଳନା ଅଧିକାରୀ ବିବେକ ଉପଲନଟିୱାର, ଟିମ୍ ଜାମକାନି ଏବଂ ଏମ୍‌ଡିଓ ଅଂଶୀଦାରଙ୍କ ସହ ଏହି ପୁରସ୍କାର ଗ୍ରହଣ କରିଥିଲେ। ଜଣେ ଇଣ୍ଟରନାଲ ସେଫ୍ଟି ଅର୍ଗାନାଇଜେଶନ (ଆଇଏସ୍‌ଓ) ପର୍ଯ୍ୟବେକ୍ଷକ ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡ୍‌ର ବରିଷ୍ଠ ଅଧିକାରୀଙ୍କ ସମେତ ୧୦ ଜଣ ବିଷୟ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବାହ୍ୟ ଏଏମ୍‌ଏସ୍‌ଏଫ୍ ଦଳ ଦ୍ୱାରା କରାଯାଇଥିବା ବ୍ୟାପକ ସୁରକ୍ଷା ଯାଞ୍ଚ ଏକ ପ୍ରମୁଖ ଆକର୍ଷଣ ଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ହେଉଛି ମୁଖ୍ୟ ଏବଂ ଆମର ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ହେଉଛି ଆଚରଣଗତ ପରିବର୍ତ୍ତନ ଆଣିବା ଏବଂ ସୁରକ୍ଷାକୁ ଏକ ବ୍ୟକ୍ତିଗତ ଦାୟିତ୍ୱରେ ପରିଣତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବା। ଏହି ପୁରସ୍କାରଗୁଡ଼ିକ ଶୃଙ୍ଖଳିତ ପରିଚାଳନା, ସକ୍ରିୟ ସୁରକ୍ଷା ଅଭ୍ୟାସ ଏବଂ ନିରନ୍ତର ଉନ୍ନତି ପ୍ରତି ଦଳର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

# କମ୍ପୋଜିଟ କମ୍ପିଟେଟିଭନେସ୍ ସଚେତନତା କର୍ମଶାଳା

ଭୁବନେଶ୍ୱର,୧୭।୩ (ଅନୁରାଧା ମହାରଣା)



ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଧିକ ସମୃଦ୍ଧ ଓ ପ୍ରତିଯୋଗୀ କରିବା ଲକ୍ଷ୍ୟରେ ସ୍ଥାନୀୟ ଏକ ହୋଟେଲରେ ଏକ କମ୍ପୋଜିଟ କମ୍ପିଟେଟିଭନେସ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀତି ନିର୍ମାତା, ଶିଳ୍ପ ଉଦ୍ୟୋଗୀ, ପରାମର୍ଶଦାତା, ଏମ୍‌ଏସ୍‌ଏମ୍‌ଇ ଅନୁଷ୍ଠାନରୁ ୨୦୦ରୁ ଅଧିକ ଯୋଗଦେଇ ପ୍ରତିସ୍ପର୍ଦ୍ଧା ବୃଦ୍ଧି, ସହଜ ଋଣ ସୁବିଧା, ସଶକ୍ତ ବଜାର ସଂଯୋଗ ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। କେନ୍ଦ୍ରୀୟ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ଅତୀଶ କୁମାର ସିଂହ, ଅଧିକ ପୁଞ୍ଜିନିବେଶ ଓ ରପ୍ତାନି ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଅଙ୍କିତା ପାଣ୍ଡେ ରାମ୍ପ କାର୍ଯ୍ୟକ୍ରମର ଭୂମିକା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଦକ୍ଷତା ବୃଦ୍ଧି, ଜେଡ୍ ସାର୍ଟିଫିକେଶନ ଓ ଅନ୍‌ଲାଇନ ବିବାଦ ସମାଧାନ ଉପରେ ସେ ପ୍ରାଧାନ୍ୟ ଦେଇଥିଲେ। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରଶ୍ମିତା ପଣ୍ଡା ଇ-କମର୍ସ ଓ ବିପଣନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମତ ଦେଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ପି. କେ. ଗୁପ୍ତା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଜୋର ଦେଇଥିବା ବେଳେ ନ୍ୟାଶନାଲ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ ମୁଖ୍ୟ ଡ. ମିଲନ ଶର୍ମା ରାମ୍ପ ୱାର୍ଲ୍ଡ ବ୍ୟାଙ୍କ ସହଯୋଗିତାରେ ଚାଲିଥିବା ରାମ୍ପ ଯୋଜନାର ବହୁମୁଖୀ ଉଦ୍ଦେଶ୍ୟ ଉପରେ ଅବଗତ କରିଥିଲେ। ଯୁଗ୍ମ ସଚିବ ପ୍ରଫୁଲ୍ଲ କୁଜୁର ଏବଂ ଉପ-ନିର୍ଦ୍ଦେଶକ ନୀତୀଶା ମାନ୍ନା ଧନ୍ୟବାଦ ଦେଇଥିଲେ।

# ଖଣି ବର୍ଜ୍ୟକୁ ନେଇ ଆଇଏମ୍‌ଏମ୍‌ଟି ବିଶେଷଜ୍ଞଙ୍କ ସଫଳ ପ୍ରୟୋଗ

ଭୁବନେଶ୍ୱର,୧୭।୩(ସୁଚିସ୍ମିତା ସାହୁ)

ମାଇନିଂ ୱେଷ୍ଟ ବା ଖଣିରୁ ବାହାରୁଥିବା ବର୍ଜ୍ୟ ସାମଗ୍ରୀ ପରିବେଶ ଉପରେ ଗଭୀର ପ୍ରଭାବ ପକାଉଛି। ଏହି ବର୍ଜ୍ୟଗୁଡ଼ିକ ବାୟୁ ସହିତ ପାଣିକୁ ମଧ୍ୟ ପ୍ରଦୂଷଣ କରୁଛି। ଏହି ବର୍ଜ୍ୟକୁ ବ୍ୟବହାର କରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍‌ସ ଆଣ୍ଡ ମାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି)ର ବିଶେଷଜ୍ଞମାନେ ନୂତନ ବସ୍ତୁ ଆବିଷ୍କାର କରିଛନ୍ତି। ଏହି ଜ୍ଞାନକୌଶଳର ବିକାଶରେ ଡ. ସତ୍ୟାଶିଷ ରାଉତ, ଡ. ସି. ଐଶ୍ୱରୀୟାଙ୍କ ସମେତ ଅନ୍ୟ ସହଯୋଗୀମାନେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଏହି ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବା ପାଇଁ ଆଇଏମ୍‌ଏମ୍‌ଟି ସହ ଏମ୍‌ଏସ୍ ଉତ୍କଳ ଭ୍ୟାନଗାର୍ଡ ଇଞ୍ଜିନିୟରିଂ ଆଣ୍ଡ କନ୍‌ଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ପରିସରରେ ଏକ ଚୁକ୍ତି ସ୍ୱାକ୍ଷର କରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଲେ, ଏଭଳି ବୈଷୟିକ ଆବିଷ୍କାର ଓଡ଼ିଶାକୁ ଭାରତରେ ବୈଜ୍ଞାନିକ ଗବେଷଣା ଓ ପ୍ରଯୁକ୍ତିଗତ ଉନ୍ନତିର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା କରୁଛି। ଆଇଏମ୍‌ଏମ୍‌ଟି ଆଗାମୀ ଦିନରେ ନୂତନ ଜ୍ଞାନକୌଶଳ ଉନ୍ନତ କରି ଶିଳ୍ପ ଓ ପରିବେଶ ସୁରକ୍ଷାରେ ଅଧିକ ଅବଦାନ ରଖିବ। ମାଇନିଂ ୱେଷ୍ଟ ସାମଗ୍ରୀ ଇଟ୍ ଭଳି ହେଲେ ଏହାର ଗୁଣବତ୍ତା ଶିଳ୍ପ କ୍ଷେତ୍ରରେ ଏକ ବିପ୍ଳବ ଆଣିପାରିବ। ଶିଳ୍ପ ସଂସ୍ଥାନଗୁଡ଼ିକ ଏହାକୁ ବ୍ୟବହାର କରି ଉତ୍ପାଦନ କ୍ଷମତା ବଢ଼ାଇବାରେ ସାହାଯ୍ୟ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ ହେମନ୍ତ ଶର୍ମା, ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ରାମାନୁଜ ନାରାୟଣଙ୍କ ସହ ଅନେକ ବୈଜ୍ଞାନିକ ଏବଂ ଶିଳ୍ପ ପ୍ରତିନିଧି ଉପସ୍ଥିତ ଥିଲେ।

# ଭିମ୍ ପେମେଣ୍ଟସ ଆପ୍‌ର ବ୍ରାଣ୍ଡ ଆମ୍ବାସାଡର ହେଲେ ଧୋନୀ

ଭୁବନେଶ୍ୱର,୧୭।୩ (ଅନୁରାଧା ମହାରଣା)

ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସ୍‌ଏଲ୍) ପକ୍ଷରୁ ବିଶ୍ୱକପ୍ ବିଜେତା ତଥା ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ଭିମ୍ ପେମେଣ୍ଟସ ଆପ୍‌ର ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରାଯାଇଛି। ଏହି ସହଯୋଗିତା ସମ୍ପର୍କରେ ଏନ୍‌ବିଏସ୍‌ଏଲ୍‌ର ଏମ୍‌ଡି ଓ ସିଇଓ ଲଳିତା ନଟରାଜ କହିଛନ୍ତି, ଭାରତରେ ଡିଜିଟାଲ ପେମେଣ୍ଟ ବ୍ୟାପକ ହେଉଥିବା ବେଳେ ପରବର୍ତ୍ତୀ ପିଢ଼ିର ଅଭିବୃଦ୍ଧି ହେଉଛି ପ୍ରାଥମିକତାକୁ ସୁଦୃଢ଼ କରିବା ଓ ବ୍ୟବହାରକାରୀଙ୍କ ବିଶ୍ୱାସକୁ ସମୃଦ୍ଧ କରିବା। ମହେନ୍ଦ୍ର ସିଂହ ଧୋନୀ କହିଛନ୍ତି, ଭିମ୍ ଯାହା ମୋତେ ସବୁଠୁ ଅଧିକ ଆକର୍ଷିତ କରିଛି ତାହା ହେଉଛି ଡିଜିଟାଲ ପେମେଣ୍ଟକୁ ସମ୍ପୂର୍ଣ୍ଣ ସରଳ ରଖିବା ଏବଂ ସାରା ଦେଶରେ ଲୋକମାନଙ୍କ ପାଖରେ ତାହାକୁ ପହଞ୍ଚାଇବା।

# ଅକ୍ଷୟ ପାତ୍ର ଫାଉଣ୍ଡେଶନର ୫୦୦ କୋଟି ତମ ଭୋଜନ ପରିବେଷଣକଲେ ରାଷ୍ଟ୍ରପତି



ଭୁବନେଶ୍ୱର,୧୭।୩

ଅକ୍ଷୟ ପାତ୍ର ଫାଉଣ୍ଡେଶନ ତା'ର ୫୦୦ କୋଟି ତମ ଭୋଜନ ଥାଳି ପରିବେଷଣ ଏବଂ ମାନବ ସେବାର ୨୫ ବର୍ଷ ପୂରଣର ମାଇଲଖୁଣ୍ଟକୁ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ପାଳନ କରିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଅକ୍ଷୟ ପାତ୍ର ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ବିଶ୍ୱ ହରେ କୃଷ୍ଣ ମୁଭମେଣ୍ଟର ଅଧ୍ୟକ୍ଷ ତଥା ସଭାପତି ମଧୁ ପଣ୍ଡିତ ଦାସ ଏବଂ ସଂଗଠନଗୁଡ଼ିକର ବରିଷ୍ଠ ଉପାଧ୍ୟକ୍ଷ ଚଞ୍ଚଳପତି ଦାସଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ 'ବିକଶିତ ଭାରତ ପାଇଁ ସୁପୋଷିତ ଏବଂ ସୁଶିକ୍ଷିତ ଭାରତ' – ଏକ ବିକଶିତ ଭାରତ ପାଇଁ ଶିଶୁ ପୁଷ୍ଟି ଏବଂ ଶିକ୍ଷା ପ୍ରତି ସାମୂହିକ ପ୍ରୟାସକୁ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅକ୍ଷୟ ପାତ୍ରର ଟ୍ରଷ୍ଟି ବୋର୍ଡ, ବରିଷ୍ଠ ସରକାରୀ ଅଧିକାରୀ, ବିଶିଷ୍ଟ ନେତା, ପବ୍ଲିକ ପଲିସି ଥିଙ୍କ୍ ଟ୍ୟାଙ୍କ, ବଦାନ୍ୟ ବ୍ୟକ୍ତି, ଅଂଶୀଦାର, ସମର୍ଥକ ଏବଂ ପ୍ରମୁଖ ସହଭାଗୀମାନେ ଯୋଗଦେଇଥିଲେ। ରାଷ୍ଟ୍ରପତି ଉଭୟର ଅଂଶ ଭାବରେ ପିଲାମାନଙ୍କୁ ଉପହାର ପ୍ରଦାନ କରି ଖାଦ୍ୟ ପରିବେଷଣ କରିଥିଲେ। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାର ଏକ ପ୍ରମୁଖ କାର୍ଯ୍ୟକାରୀ ଅଂଶୀଦାର ଭାବରେ ଅକ୍ଷୟ ପାତ୍ର ଫାଉଣ୍ଡେଶନ ସାରା ଭାରତରେ ସରକାରୀ ଏବଂ ଅନୁଦାନପ୍ରାପ୍ତ ବେସରକାରୀ ସ୍କୁଲରେ ପଢୁଥିବା ଲକ୍ଷ ଲକ୍ଷ ପିଲାଙ୍କୁ ତାଜା, ପୁଷ୍ଟିକର ଖାଦ୍ୟ ପରିବେଷଣ କରିଆସୁଛି। ଫାଉଣ୍ଡେଶନ ବର୍ତ୍ତମାନ ଭାରତର ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳର ୭୮ଟି ସ୍ଥାନରେ ଏହାର ଅତ୍ୟାଧୁନିକ ରୋଷେଇ ଘର ମାଧ୍ୟମରେ ୨୩.୫ ଲକ୍ଷ ପିଲାଙ୍କୁ ଖାଦ୍ୟ ଯୋଗାଇ ଆସୁଛି ଏବଂ ୨୦୩୦ ସୁଦ୍ଧା ପ୍ରତିଦିନ ୩୦ ଲକ୍ଷ ପିଲାଙ୍କୁ ଖାଦ୍ୟ ଦେବାକୁ ଲକ୍ଷ୍ୟ ରଖିଛି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଅକ୍ଷୟ ପାତ୍ର କରୁଣା ଉପରେ ଆଧାରିତ ସାମାଜିକ ନବସୃଜନର ଏକ ଉଦାହରଣ ପାଲଟିଛି। ଏହା ପ୍ରଶଂସନୀୟ ଯେ ଅକ୍ଷୟ ପାତ୍ର ବିଗତ ଗତ ୨୫ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସ୍କୁଲଗୁଡ଼ିକରେ ଖାଦ୍ୟ ପରିବେଷଣ କରିଆସୁଛି।

# ନିୟମିତ ଏକ୍ସପ୍ରେସ୍ ହେଲା ୬ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୭।୩ (ଅନୁରାଧା ମହାରଣା)

ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ନିରନ୍ତର ଓ ସୁବିଧାଜନକ ଯାତ୍ରା ସେବା ଯୋଗାଇବା ଉଦ୍ଦେଶ୍ୟରେ ଭାରତୀୟ ରେଳପଥ ପୂର୍ବରୁ ସ୍ୱତନ୍ତ୍ର ଟ୍ରେନ୍ ଭାବରେ ଚାଲୁଥିବା କିଛି ଟ୍ରେନ୍‌କୁ ନିୟମିତ କରିବା ପାଇଁ ଅନୁମୋଦନ କରିଛି। ନିୟମିତ ଟ୍ରେନ୍ ସେବା ଭୁବନେଶ୍ୱର, ପୁରୀ, ପାଟ୍‌ନା, ଧାନବାଦ, ବିଶାଖାପାଟଣା, ତିରୁପତି, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ସହର ଭଳି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସଂଯୋଗ କରିବା ସହ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ବିହାର, ଝାଡ଼ଖଣ୍ଡ ଏବଂ କର୍ନାଟକ ମଧ୍ୟରେ ଯାତ୍ରାକୁ ଅଧିକ ସୁବିଧାଜନକ କରିବ। ଏହି ଟ୍ରେନ୍‌ଗୁଡ଼ିକର ରହଣି, ସମୟସୂଚୀ ଏବଂ ସରଞ୍ଜନା ପୂର୍ବରୁ ସ୍ୱତନ୍ତ୍ର ସେବା ଭାବେ ଚାଲୁଥିବାବେଳେ ଯେପରି ଥିଲା ସେହିପରି ଅପରିବର୍ତ୍ତିତ ରହିବ। ନିୟମିତ ହେବାକୁ ଥିବା ଏହି ଟ୍ରେନ୍‌ଗୁଡ଼ିକର ସେବା ଆରମ୍ଭ ତାରିଖକୁ ଭିନ୍ନ ଭାବେ ସୂଚିତ କରାଯିବ।

# କଟକରେ ଟେକ୍ସ-ଅରା ଏକ୍ସପୋ ଉଦ୍‌ଘାଟିତ

ଭୁବନେଶ୍ୱର,୧୭।୩ (ଅନୁରାଧା ମହାରଣା)

କଟକରେ ଟେକ୍ସ-ଅରା ଏକ୍ସପୋ ୨୦୨୬ର ଉଦ୍‌ଘାଟିତ ହୋଇଯାଇଛି। ଏକ୍ସପୋରେ ସୁରଟର ପ୍ରସିଦ୍ଧ ବସ୍ତ୍ର ଶିଳ୍ପର ପ୍ରଦର୍ଶନ କରାଯାଇଛି। ୱିସର ପ୍ୟାଲେସଠାରେ ଏହି ୨ ଦିନିଆ ପ୍ରଦର୍ଶନୀକୁ କଟକ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ। ବ୍ୟବସାୟିକ ସମ୍ପର୍କକୁ ମଜଭୁତ କରିବା ଏବଂ ଭାରତର ସମୃଦ୍ଧ ବସ୍ତ୍ର ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ସେ ଆଲୋକପାତ କରିଛନ୍ତି। ପ୍ରଥମଦିନରେ ଅନୁଷ୍ଠିତ ଗ୍ରାଣ୍ଡ ଫ୍ୟାଶନ ୱାକ୍‌ରେ ସୁରଟର ୧୫ ଜଣ ପ୍ରମୁଖ ପୋଷାକ ନିର୍ମାତାଙ୍କ କଲେକ୍ସନ ପ୍ରଦର୍ଶିତ ହୋଇଛି। ପୂର୍ବ ଭାରତର ବଜାରରେ ଭଲ ବ୍ୟବସାୟିକ ସମ୍ପର୍କ ସୃଷ୍ଟି କରିବା ଲକ୍ଷ୍ୟରେ, ଏହି ଏକ୍ସପୋ ନିର୍ମାତା ଏବଂ କ୍ରେତାମାନଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ସୁବିଧା ଯୋଗାଇଦେଉଛି। ଏହି ଅବସରରେ ଟେକ୍ସ-ଅରାର ସିଇଓ ଆଦିତ୍ୟ ଶର୍ମା କହିଛନ୍ତି, ଆମେ ଟେକ୍ସ-ଅରା ଏକ୍ସପୋ ୨୦୨୬କୁ କଟକ ଆଣି ବହୁତ ଆନନ୍ଦିତ। ଏହି ପ୍ଲାଟ୍‌ଫର୍ମଟି ସୁରଟର ଲୋକପ୍ରିୟ ବସ୍ତ୍ର ଶିଳ୍ପକୁ ଓ ବଢୁଥିବା ବଜାର ସହିତ ଯୋଡିବା, ସହଭାଗିତା ବଢ଼ାଇବା ଏବଂ ଫ୍ୟାଶନ ଓ ପୋଷାକ କ୍ଷେତ୍ରରେ ହୋଇଥିବା ଶ୍ରେଷ୍ଠ ନୂତନତ୍ୱକୁ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହୋଇଛି।



# ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିକୁ ୨୨ ପୁରସ୍କାର

ଭୁବନେଶ୍ୱର,୧୭।୩(ଅନୁରାଧା ମହାରଣା)



ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)କୁ ୨୨ ପୁରସ୍କାର ମିଳିଛି। ଡିଜିଏମ୍‌ଏସ୍ ଭୁବନେଶ୍ୱର ରିଜିଅନ-୧ ଏବଂ ୨ର ତତ୍ତ୍ୱାବଧାନରେ ଭୁବନେଶ୍ୱରରେ ଅନୁଷ୍ଠିତ ୪୩ତମ ବାର୍ଷିକ ମେଟାଲିଫେରସ ମାଇନ୍ସ ସେଫ୍ଟି ଫୋର୍ଟନାଇଟ ଅବଜରଭାନ୍ସ-୨୦୨୫ରେ ଏଫ୍‌ଏଏମ୍‌ଡିକୁ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ଗ୍ରୁପ୍ ଏ-୫ ବର୍ଗରେ ସାରୁଆବିଲ କ୍ରୋମାଇଟ ଖଣି ପ୍ରଭାବଶାଳୀ ପ୍ରଦର୍ଶନକରି ନବସୃଜନ ଓ ଡିଜିଟାଲାଇଜେଶନ ଏବଂ ପ୍ରଚାରପ୍ରସାର କ୍ଷେତ୍ରରେ ୧ମ ପୁରସ୍କାର ପାଇଛି। ଏହି ଖଣି ସାମଗ୍ରିକ ପ୍ରଦର୍ଶନ, ଲିଡ୍ ଇଣ୍ଡିକେଟର, ମକ୍ ଡ୍ରିଲ୍ ଓ ଜରୁରିକାଳୀନ ପ୍ରସ୍ତୁତି ଏବଂ ସାଧାରଣ କାର୍ଯ୍ୟଧାରା ପାଇଁ ୨ୟ ପୁରସ୍କାର ଜିତିଛି। ମେକାନିକାଲ ମେଣ୍ଟେନାନ୍ସ ଏବଂ ଡ୍ରିଲିଂ, ବ୍ଲାଷ୍ଟିଂ ଓ ବିସ୍ଫୋରକ ପରିଚାଳନା ପାଇଁ ଏଫ୍‌ଏଏମ୍‌ଡି ୩ୟ ପୁରସ୍କାର ଲାଭ କରିଛି। ଗ୍ରୁପ ଏ-୫ରେ କମର୍ଦ୍ଧା କ୍ରୋମାଇଟ ଖଣି, ତାଲିମ, ସ୍ୱାସ୍ଥ୍ୟ ଓ କଲ୍ୟାଣ ଏବଂ ଏସ୍‌ଏମ୍‌ପି, ସୁରକ୍ଷା ଓ ସାଧାରଣ ଅନୁପାଳନ କ୍ଷେତ୍ରରେ ପ୍ରଥମ ପୁରସ୍କାର ପାଇବା ସହ ଡ୍ରିଲିଂ, ବ୍ଲାଷ୍ଟିଂ ଓ ବିସ୍ଫୋରକ ପରିଚାଳନାରେ ଦ୍ୱିତୀୟ ପୁରସ୍କାର ହାସଲ କରିଛି। ଗ୍ରୁପ୍ ଏ-୨ ବର୍ଗରେ ଯୋଡ଼ା ୱେଷ୍ଟ ଆଇରନ ଆଣ୍ଡ ମାଙ୍ଗାନିଜ ଖଣି ସାଧାରଣ କାର୍ଯ୍ୟଧାରା, ଡ୍ରିଲିଂ, ବ୍ଲାଷ୍ଟିଂ ଓ ବିସ୍ଫୋରକ ପରିଚାଳନା ଏବଂ ନବସୃଜନ ଓ ଡିଜିଟାଲାଇଜେଶନ ପାଇଁ ପ୍ରଥମ ପୁରସ୍କାର ପାଇଛି। ଗ୍ରୁପ୍ ଏ-୪ ବର୍ଗରେ ବାମେବାରୀ ଆଇରନ ଆଣ୍ଡ ମାଙ୍ଗାନିଜ ଖଣି ଏସ୍‌ଏମ୍‌ପି ଓ ସୁରକ୍ଷା ଏବଂ ପ୍ରଚାରପ୍ରସାର ପାଇଁ ଦ୍ୱିତୀୟ ପୁରସ୍କାର ସହ ଯାନ୍ତ୍ରିକ ରକ୍ଷଣାବେକ୍ଷଣ ପାଇଁ ତୃତୀୟ ପୁରସ୍କାର ପାଇଥିବା ବେଳେ ତିରିଙ୍ଗପାହା ଆଇରନ ଆଣ୍ଡ ମାଙ୍ଗାନିଜ ଖଣି ସାମଗ୍ରିକ ପ୍ରଦର୍ଶନରେ ପ୍ରଥମ, ନବସୃଜନରେ ଦ୍ୱିତୀୟ ଏବଂ ସାଧାରଣ କାର୍ଯ୍ୟଧାରା ଓ ସ୍ୱାସ୍ଥ୍ୟ କଲ୍ୟାଣ କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଛି। ଟାଟା ଷ୍ଟିଲ୍ ପକ୍ଷରୁ ଏଫ୍‌ଏଏମ୍‌ଡି ମାଇନ୍ସ ଚିଫ୍ ଶମ୍ଭୁନାଥ ଝା, ସାରୁଆବିଲ ଓ କାମର୍ଦ୍ଧା ଖଣିର ମାଇନିଂ ହେଡ୍ ନବୀନ ଶ୍ରୀବାସ୍ତବ ଏବଂ ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସର ହେଡ୍ ରାଜେଶ କୁମାର ରଞ୍ଜନଙ୍କ ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଗୋଟିଏ ଗ୍ରୁପ୍‌ରେ ଭାରତ, ପାକିସ୍ତାନ

ଲୌସାନେ,୧୭।୩(ପି.ଟି.)

ଚଳିତ ବର୍ଷ ଶେଷ ଭାଗରେ ନେଦରଲାଣ୍ଡ ଓ ବେଲଜିୟମରେ ହେବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଲାଗି ମଙ୍ଗଳବାର ଡ୍ର' ଘୋଷଣା କରାଯାଇଛି। ଆମଷ୍ଟରଡାମସ୍ଥିତ ଆଇକନିକ୍ ୱେଗନର ଷ୍ଟାଡିୟମରେ ଡ୍ର' ଉଠାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଶ୍ୱକପ୍‌ରେ ଭାରତୀୟ ଦଳ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛି। ସେହିଭଳି ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମହିଳା ବିଶ୍ୱକପ୍‌ରେ ଭାରତୀୟ ଦଳର ଗ୍ରୁପ୍‌ରେ ଚାଇନା, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି ଦଳ ରହିଛନ୍ତି। ହେଲେ ଉଭୟ ଟୁର୍ଣ୍ଣାମେଣ୍ଟ ଲାଗି ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ବୁଧବାର ଘୋଷଣା କରାଯିବ ବୋଲି ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଆଇଏଚ୍) ପକ୍ଷରୁ କୁହାଯାଇଛି।



ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଗ୍ରୁପ-ଡି'ରେ ସ୍ଥାନ ପାଇଛନ୍ତି ଏବଂ ସେମାନଙ୍କର ସମସ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ନେଦରଲାଣ୍ଡରେ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିୟନ ଜର୍ମାନୀ ଗ୍ରୁପ୍-ବି'ରେ ବେଲଜିୟମ, ଫ୍ରାନ୍ସ ଓ ମାଲେସିଆ ସହିତ ସ୍ଥାନ ପାଇଛି। ୨୦୨୩ରେ ଭୁବନେଶ୍ୱରରେ ଅନୁଷ୍ଠିତ ଗତ ସଂସ୍କରଣର ଫାଇନାଲରେ ଜର୍ମାନୀ ତୃତୀୟ ଥର ପାଇଁ ବିଶ୍ୱକପ୍ ଜିତିଥିଲା। ଗ୍ରୁପ୍-ଏ'ରେ ନେଦରଲାଣ୍ଡ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଜାପାନ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ -ସି'ରେ ଅଷ୍ଟ୍ରେଲିଆ, ସ୍ପେନ, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି। ଗ୍ରୁପ୍-ଏ' ଓ ଡି'ର ସମସ୍ତ ମ୍ୟାଚ୍ ନେଦରଲାଣ୍ଡରେ ଏବଂ ଗ୍ରୁପ୍-ବି ଓ ସି'ର ସମସ୍ତ ମ୍ୟାଚ୍ ବେଲଜିୟମରେ ହେବ।

ଡ୍ର' ଉଠାଣ ଅବସରରେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ କହିଛନ୍ତି, ବର୍ତ୍ତମାନ ଆମ ବିଶ୍ୱକୁ ଯୁଦ୍ଧ ଭାଗ ଭାଗ କରି ରଖିଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟ ଶାନ୍ତିର ବାର୍ତ୍ତା ସାଜିବ। ଏହି ଡ୍ର' ଉଠାଣ ପ୍ରକ୍ରିୟା ସବୁଠୁ ସମ୍ମାନଜନକ ଏଫ୍‌ଆଇଏଚ୍ ଇଭେଣ୍ଟ ଲାଗି ଏକ ବଡ଼ ମାଇଲଖୁଣ୍ଟ। ଉଭୟ ମହିଳା ଓ ପୁରୁଷଙ୍କ ବିଶ୍ୱକପର ଆଗାମୀ ସଂସ୍କରଣକୁ ଦୁଇଟି ହକି ମହାଶକ୍ତି ମିଳିତ ଭାବେ ଆୟୋଜନ କରିବେ। ୬ ମାସର ସମୟ ମଧ୍ୟରେ ଆମର ଟପ୍ ଆଥଲେଟ୍ସ ଓ ବିଶ୍ୱ ହକି ସମ୍ପ୍ରଦାୟ ଲାଗି ଇଭେଣ୍ଟ ଆୟୋଜନ କରିବା ପାଇଁ ଆମେ ଉଭୟ ବେଲଜିୟମ ଓ ନେଦରଲାଣ୍ଡରେ ନିକଟରେ କୃତଜ୍ଞ। ଆଜିର ଭାଗ ଭାଗ ଦୁନିଆରେ ନିର୍ଦ୍ଦିଷ୍ଟ ଭାବେ ଏଭଳି ଇଭେଣ୍ଟ ଲୋକଙ୍କୁ ଏକତ୍ରିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ।

### ହକି ବିଶ୍ୱକପ୍ ଗ୍ରୁପିଙ୍ଗ୍

**ପୁରୁଷ**
ପୁଲ-ଏ: ନେଦରଲାଣ୍ଡ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ।
ପୁଲ-ବି: ବେଲଜିୟମ, ଜର୍ମାନୀ, ଫ୍ରାନ୍ସ, ମାଲେସିଆ।
ପୁଲ-ସି: ଅଷ୍ଟ୍ରେଲିଆ, ସ୍ପେନ, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା।
ପୁଲ-ଡି: ଇଂଲଣ୍ଡ, ଭାରତ, ପାକିସ୍ତାନ, ୱେଲ୍ସ।

**ମହିଳା**
ପୁଲ-ଏ: ନେଦରଲାଣ୍ଡ, ଅଷ୍ଟ୍ରେଲିଆ, ଚିଲି, ଜାପାନ।
ପୁଲ-ବି: ଆର୍ଜେଣ୍ଟିନା, ଜର୍ମାନୀ, ଆମେରିକା, ସ୍କଟଲାଣ୍ଡ।
ପୁଲ-ସି: ବେଲଜିୟମ, ସ୍ପେନ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ।
ପୁଲ-ଡି: ଚାଇନା, ଇଂଲଣ୍ଡ, ଭାରତ, ଦକ୍ଷିଣ ଆଫ୍ରିକା।

EuroKids Pre-School
India's Leading Preschool Network#
Now Inviting Franchise Partners
Build a high-impact preschool business with:
➤ 25+ Years of Early Education Expertise
➤ Award-Winning Curriculum
➤ 2000+ Centres Across India
➤ Structured Marketing & Operational Support
➤ Proven, Scalable Business Model
Join a brand trusted by lakhs of parents
Now Inviting Partners in Orissa
90763 35243
a part of LIGHTHOUSE LEARNING GROUP



ଗ୍ରୀସ୍‌ରେ ଅନୁଷ୍ଠିତ ୬ଷ୍ଠ ଆକ୍ରୋପୋଲିସ ଅନ୍ତର୍ଜାତୀୟ ଉଷୁ ଓପନ ଟୁର୍ଣ୍ଣାମେଣ୍ଟର ୧୪ ବର୍ଷରୁ କମ୍ ସାଣ୍ଡା ୩୯ କେଜିରେ ସ୍ୱର୍ଣ୍ଣ ବିଜୟୀ ଶିବାନୀ ମୁଣ୍ଡା ଓ ସିନିୟର ମହିଳା ସାଣ୍ଡା ୪୮ କେଜି ବର୍ଗରେ ରୌପ୍ୟ ବିଜୟୀ ମଞ୍ଜୁ ମୁଣ୍ଡା।

## ପାରାମାଉଣ୍ଟ ସ୍ପୋର୍ଟିଂ ବିଜୟୀ

**୧୫ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କ୍ରିକେଟ**

ଭୁବନେଶ୍ୱର, ୧୭।୩ (ତପନ ସ୍ୱାଇଁ)

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୫ମ ଏଲ୍‌ଏଲ୍‌ସିସି(୧୪ ବର୍ଷରୁ କମ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂ ୩୮ ରନ୍‌ରେ ଟାଉନ୍ କ୍ଲବ୍‌କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ଦଳ ପକ୍ଷରୁ ସୁସଙ୍କେତ ରାଉତରାୟ ସର୍ବାଧିକ ୬୨ ଓ ପ୍ରୀତମ ପି. ରାଉତ ୫୫ ରନ୍ କରିଥିଲେ। ବିପକ୍ଷ ଦଳର ଅଜିତ୍ ପ୍ରଧାନ, ସୁକାନ୍ତ କୁମାର ବେହେରା ଓ ଆଦର୍ଶ ବିଶ୍ୱାଳ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୧୫ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ଟାଉନ କ୍ଲବ୍ ୩୫ ଓଭରରେ ୫ ଉଇକେଟ ହରାଇ ୧୭୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ଆଦର୍ଶ ବିଶ୍ୱାଳ ୭୨ ରନ୍ କରି ଅପରାଜିତ ରହିଥିଲେ। ପାରାମାଉଣ୍ଟ ବୋଲରଙ୍କ ମଧ୍ୟରେ ଶାର୍ଜେବ ଆଲାମ ୭ ଓଭରରେ ୫ଟି ମେଡେନ ସହ ୧୬ ରନ୍ ଦେଇ ୨ଟି ଉଇକେଟ ନେଇଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଏଲ୍‌ଏଲ୍‌ସିସିର ଯୁଗ୍ମ ସମ୍ପାଦକ ଅଜୟ କୁମାର ସାହୁ ପୁରସ୍କାର ପ୍ରଦାନ କରିଥିଲେ।

# Classified Everyday
**0674-2580101, 9692975378**



MATRIMONIAL

**BRIDE WANTED**

Brahmin boy, 34 yrs, 5'9" working in MNC company at New Delhi and only son of Doctor's family residing in own house at Bhubaneswar. Needs a Suitable Match. Contact: 6371910953. D-3643

ଚାକିରି କରି ଏକାକୀ ରହୁଥିବା 50 ବୟସ ଖଣ୍ଡାୟତ (Divorce) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Mobile-9861141891. D-3646

Wanted Service bride for handsome Tanti Boy, 1996, 5'10", B-Tech serving Engineer Deloitte Bangalore. "SUNASANSAR" 9937512659. D-3648

**GROOM WANTED**

49ବୟସ୍କା ଅଙ୍ଗନବାଡି supervisor divorce ବ୍ରାହ୍ମଣ ଝିଅଙ୍କୁ ବର ଦରକାର। 9776705242. D-3670

37ବୟସ୍କା Widow ଅନାଥ କରଣ Govt. nurseଙ୍କ ପାଇଁ ଘରଜ୍ୱାଇଁ ଦରକାର Urgent. 8249280543. D-3669



REAL ESTATE

**SALE**

3BHK Sophisticated Flat at BJB Nagar/ 2100sqft. Gharabari Land at Uttara, Bhubaneswar. Call- 8917520527. D-3671

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/**Duplex** ମିଳୁଛି। **8327785834.** D-3649



FOR RENT

**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544

**Fully furnished office spaces of different sizes available in a office complex, near Esplanade mall/ Bomikhal square. Corporate sector preferred. Contact No. 9861120421.** D-3640



Healthcare

All types of physiotherapy and massage contact 9556924059 / 7656969134. D-3668

**AFFIDAVIT**

By virtue of an affidavit sworn before the Executive Magistrate, Tusura, Dtd.- 25.02.26, I, Sudam Bhoi, R/o. At- Kurebhana, P.O.- Deulgudi, Dist.- Balangir, Odisha, PIN- 767030 declare that I have changed my name from Sudhansu Bhoi to Sudam Bhoi. Henceforth, I shall be known as Sudam Bhoi for all purposes.
Sudam Bhoi
D-3665

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Rampur, Dtd. 09.09.2025, I, Kabiraj Putel, R/o.- Village- Dahukbud, P.O.- Tamamura, P.S.- Dunguripali, Dist.- Subarnapur (Odisha) declare that I have changed the name of my son from Manaish Putel to Manash Putel. Henceforth, he shall be known as Manash Putel for all purposes.
Kabiraj Putel
D-3664

I, Sanjaya Behera, S/o.- Purandar Behera, Vill.- Nizigarh Dhundinali, P.O./P.S.- Hindol, Dist.- Dhenkanal, Odisha- 759022 solemnly declare that, my minor daughter's name has changed from SAMMYASINDHU BEHERA to SOUMYASINDHU BEHERA, dtd.- 17.03.2026 before Executive Magistrate, Hindol.
Sanjaya Behera.
D-3666

I, Subhadra Behera, W/o.- Sulava Parida, Vill.- Dhobaninandar, P.O.- Baunsapokhari, P.S.- Hindol, Dist.- Dhenkanal, Odisha- 759022 solemnly declare that, my minor daughter's name has changed from SWAYAM PRANJA PARIDA to SWAYAPRANGYA PARIDA, dtd. 17.03.2026 before Executive Magistrate, Hindol.
Subhadra Behera
D-3667

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

Letter No. 444, dtd.- 16.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନମ୍ବର- ୪, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.) ମାନ୍ୟବର ଓଡ଼ିଶା ରାଜସ୍ୱ ପର୍ଷଦଙ୍କ ଅଧୀନେ, ଅଦାଲତଙ୍କ କାର୍ଯ୍ୟାଳୟ, ବିଭାଗୀୟ ମୁଖ୍ୟ, ମହଲା ନମ୍ବର-୪, ଏଚ୍.ଓ.ଡି. ବିଲ୍ଡିଙ୍ଗ, ଭୁବନେଶ୍ୱର

ଓ.ଏସ୍.ଏସ୍. କେସ୍ ନମ୍ବର - ୮୪୮/୨୦୨୧

ନିରୁପମା ରାୟଗୁରୁ ଏବଂ ଅନ୍ୟମାନେ ..........ବାଦିନୀ ଏବଂ ଅନ୍ୟମାନେ

ବନାମ

ଜଗବନ୍ଧୁ ସାହୁ ଏବଂ ଅନ୍ୟମାନେ ..........ପ୍ରତିବାଦୀ ଏବଂ ଅନ୍ୟମାନେ

ଇସ୍ତାହାର ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନମ୍ବର-୫ ଏବଂ ନିୟମ-୨୦(୧-କ) ଆଦେଶ ଦ୍ୱାରା ଦୈନିକ ଖବରକାଗଜ ଦ୍ୱାରା ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଉଅଛି। ଉପରଲିଖିତ ରିଭିଜନ ମୋକଦ୍ଦମାଟି ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ଧାରା- ୧୫(ଖ) ଆସନ୍ତା ତା.୦୬।୦୪।୨୦୨୬ରିଖ ଧାର୍ଯ୍ୟ କରାଯାଉଅଛି କି ନିମ୍ନଲିଖିତ ଭୂସମ୍ପତ୍ତିକୁ ବାଦିନୀ ଏବଂ ତାଙ୍କର ଦୁଇ ସନ୍ତାନଙ୍କ ନାମରେ ପଟ୍ଟା ପ୍ରାପ୍ତ କରିବା ପାଇଁ, ପ୍ରକାଶ ଥାଉ କି ନିମ୍ନବର୍ଣ୍ଣିତ ପ୍ରତିବାଦୀ ନମ୍ବର: ପ୍ରତିବାଦୀ କ୍ରମିକ ନମ୍ବର- (୧) ଲଗାୟାତ (୧୦) ଏବଂ (୧୩) (୧୪), (୧)- ଜଗବନ୍ଧୁ ସାହୁ, ପିତା- ସ୍ୱର୍ଗତ ଦୁଃଖିଶ୍ୟାମ ସାହୁ, (୨) ପିତେଇ ସାହୁ, ସ୍ୱାମୀ- ସ୍ୱର୍ଗତ ଦୁଃଖିଶ୍ୟାମ ସାହୁ, (୩)- ମାନି ସାହୁ, ପିତା- ସ୍ୱର୍ଗତ ଦୁଃଖିଶ୍ୟାମ ସାହୁ, ସ୍ୱାମୀ- ରାମଚନ୍ଦ୍ର ସାହୁ, ପ୍ରତିବାଦୀ ନଂ. (୧) ରୁ (୩) ଠିକଣା, ଗ୍ରାମ- ଜୟପୁର, ପୋଷ୍ଟ- ବେଲଗଛିଆ, ଥାନା- ବାରଂଗ, ଜିଲ୍ଲା- କଟକ, (୪)- ହାଡିବନ୍ଧୁ ସାହୁ, ପିତା- ସ୍ୱର୍ଗତ ସାନନ୍ଦ ସାହୁ, (୫)- ବାମଦେବ ସାହୁ, ପିତା- ସ୍ୱର୍ଗତ ମହନି ସାହୁ, ପ୍ରତିବାଦୀ ନଂ. (୪) ଏବଂ (୫)ଙ୍କ ଠିକଣା ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, (୬) କେଲୁ ସାହୁ, ପିତା- ସ୍ୱର୍ଗତ ନିଧି ସାହୁ, (୭)- ନବକିଶୋର ସାହୁ, ପିତା- ରାମଚନ୍ଦ୍ର ସାହୁ, ପ୍ରତିବାଦୀ ନଂ. (୬) ଏବଂ (୭)- ଠିକଣା: ଗ୍ରାମ/ପୋଷ୍ଟ- ଅନ୍ଧାରୁଆ, ପୋଷ୍ଟ- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, (୮)- ରବୀନ୍ଦ୍ରନାଥ ବେହେରା, ପିତା- ସ୍ୱର୍ଗତ ଗଜେନ୍ଦ୍ର ବେହେରା, ଗ୍ରାମ/ପୋଷ୍ଟ- ବାଲିକୁଦା, ଥାନା- ବାଲିକୁଦା, ଜିଲ୍ଲା- କଟକ, (୯) ଦିବାକର ସାହୁ, ପିତା- ସ୍ୱର୍ଗତ କୁଳମଣି ସାହୁ, ଗ୍ରାମ/ପୋଷ୍ଟ- ବେଲଗଛିଆ, ଥାନା- ବାରଂଗ, ଜିଲ୍ଲା- କଟକ, (୯) (ଏ) ନାରାୟଣ ସାହୁ, ପିତା- ଦିବାକର ସାହୁ, (୯) (ବି) ଚରଣ ସାହୁ, ପିତା- ଦିବାକର ସାହୁ, ଉଭୟଙ୍କ ଠିକଣା: ଗ୍ରାମ/ପୋଷ୍ଟ- ବେଲଗଛିଆ, ଥାନା- ବାରଂଗ, ଜିଲ୍ଲା- କଟକ, (୧୦) ପବିତ୍ର ରାଉତରାୟ, ପିତା- ଜଗବନ୍ଧୁ ରାଉତରାୟ, ଗ୍ରାମ/ପୋଷ୍ଟ/ଥାନା- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା, (୧୩) ରମେଶ ବର୍ମା, ପିତା- ବାବୁଲାଲ ବର୍ମା, ଠିକଣା- ବିଜୁ ପଟ୍ଟନାୟକ ସ୍କୋୟାର, ମଧୁସୂଦନ ନଗର, ପୋଷ୍ଟ- ତୁଳସୀପୁର, ଥାନା- ବିଡାନାସୀ, ଜିଲ୍ଲା- କଟକ, (୧୪)- ଆଲୋକ ପଚିସିଆ, ପିତା- ବାଳକୃଷ୍ଣ ପଚିସିଆ, ଠିକଣା- ଫ୍ଲାଟ ନଂ. ୫ବି.ଏଫ୍, ଗୋଦାବରୀ ଏନ୍‌କ୍ଲେଭ, ବିଜୁ ପଟ୍ଟନାୟକ ସ୍କୋୟାର, ମଧୁସୂଦନ ନଗର, ପୋଷ୍ଟ- ତୁଳସୀପୁର, ଥାନା- ବିଡାନାସୀ, ଜିଲ୍ଲା- କଟକ, ଉପରଲିଖିତ ପ୍ରତିବାଦୀ କ୍ରମିକ ନମ୍ବର- (୧) ଲଗାୟାତ (୧୦) ଏବଂ (୧୩) (୧୪)ଙ୍କ ସେମାନଙ୍କ ଉତ୍ତରାଧିକାରୀ କିମ୍ବା ଆଇନ ମତେ ସେମାନଙ୍କ ତରଫରୁ ଉପଯୁକ୍ତ ବ୍ୟକ୍ତିଙ୍କର କୌଣସି ଠିକଣା କିମ୍ବା ସୂଚନା ମିଳୁ ନଥିବାରୁ ତଦ ସହ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ନୋଟିସଟି ପ୍ରେରଣ ହୋଇପାରିନଥିବାରୁ ଏହା ଦୈନିକ ଖବରକାଗଜ ମାଧ୍ୟମରେ ସୂଚନା ଦିଆଯାଉଛିକି ଉପରଲିଖିତ ରିଭିଜନ ମୋକଦ୍ଦମା ଉପରଲିଖିତ ଧାର୍ଯ୍ୟ ତାରିଖରେ ବିଚାର ନିମନ୍ତେ ଦିବା ୧୧.୩୦ ଘଟିକା ସମୟରେ ମାନ୍ୟବର ଅଦାଲତରେ ଉପରଲିଖିତ ପ୍ରତିବାଦୀ ନଂ (୧) ଲଗାୟାତ (୧୦) ଏବଂ (୧୩) (୧୪) ମାନଙ୍କ ଆଇନ ମତେ ସେମାନଙ୍କ ପକ୍ଷ ରଖିବା ପାଇଁ ଉତ୍ତରାଧିକାରୀ କିମ୍ବା ଆଇନ ପ୍ରଦତ୍ତ ଅଧିକାରୀ କିମ୍ବା ଅଧିବକ୍ତା ଉପରଲିଖିତ ଧାର୍ଯ୍ୟ ତାରିଖରେ ମାନ୍ୟବର ଅଦାଲତଙ୍କ ନିକଟରେ ହାଜର ହୋଇ ତାଙ୍କ ପକ୍ଷ ଉପସ୍ଥାପନ କରିବେ।

ତଫସିଲ ବର୍ଣ୍ଣିତ ଭୂ ସମ୍ପତ୍ତିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର ଭୁବନେଶ୍ୱର ଅଧୀନେ ମୌଜା- ଅନ୍ଧାରୁଆ, ଥାନା- ଚନ୍ଦକା ନଂ.- ୪୪, ସାବିକ ସନ ୧୯୬୨ର ପ୍ଲଟ୍ ନଂ.- ୨୭୭, ସାବିକ- ଖାତା ନଂ.- ୨୫୧, ଏରିଆ ଏ.ସି.୬.୧୮୫ ଡେସିମିଲର ସମ୍ପୃଧରୁ ଏ.ସି.୦.୦୫୫ ଡେସିମିଲ, କିସମ- ପୁରାତନ ପତିତ, ଯାହାକି ହାଲ୍ ବନ୍ଦୋବସ୍ତ ହାଲ୍ ଖାତା ନଂ.- ୭୯୬, ହାଲ୍ ପ୍ଲଟ୍ ନଂ. ୩୧୩, ଏରିଆ ଏ.ସି.୦.୦୫୫ ଡେସିମିଲ, କିସମ- ପତିତ, ପୁନଃ ଦାଖଲଖାରଜ ଖାତା ନଂ. ୨୮୭୦/୧୫୯୯, ପ୍ଲଟ୍ ନଂ.- ୩୧୩, ଏରିଆ ଏ.ସି.୦.୦୨୫ ଡେସିମିଲ, କିସମ- ପତିତ ଏବଂ ପୁନଃ ଦାଖଲଖାରଜ ଖାତା ନଂ.- ୨୮୭୦/୧୫୯୮, ହାଲ୍ ପ୍ଲଟ୍ ନଂ.- ୩୧୩/୧୪୫୧୭, ଏରିଆ ଏ.ସି.୦.୦୨୫ ଡେସିମିଲ, କିସମ- ପତିତ, ସବ୍ ପ୍ଲଟ୍ ନଂ.-୧୨, ଏରିଆ ଏ.ସି.୦.୦୫୫ ଡେସିମିଲ, କିସମ- ପତିତ, ସ୍ଥିତିବାନ୍ ଯାହାର ଚୌହଦୀ- ଉତ୍ତର- ସବ୍ ପ୍ଲଟ୍ ନଂ.-୧୩, ଦକ୍ଷିଣ- ସବ୍ ପ୍ଲଟ୍ ନଂ.- ୧୧, ପୂର୍ବ ପ୍ଲଟ୍ ନଂ.- ୨୭୪, ପଶ୍ଚିମ- ରାସ୍ତା ଯାହାକ ବିକ୍ରେତା ଛାଡିଥିବା ରାସ୍ତା କ୍ରେତାଙ୍କ ବ୍ୟବହାର ପାଇଁ।

ଯଦି ଉକ୍ତ ଧାର୍ଯ୍ୟ ତାରିଖରେ କେହି ଅନୁପସ୍ଥିତ ରୁହନ୍ତି ତେବେ ଆଇନ ମତେ ଉକ୍ତ ରିଭିଜନ ମୋକଦ୍ଦମାକୁ ସେମାନଙ୍କର ଅନୁପସ୍ଥିତିରେ ବିଚାର କରାଯିବ ଏବଂ ବିହିତ ଆଦେଶ ପ୍ରଦାନ କରାଯିବା ପାଇଁ ଆଦେଶ କରାଯିବ।

ସ୍ଥାନ- ଭୁବନେଶ୍ୱର
ତାରିଖ-

ମାନ୍ୟବର, ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ
କ୍ରମିକ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୦୨

## ରୋଭର୍ସଙ୍କୁ ହରାଇଲା ସନ୍‌ସାଇନ୍

କଟକ,୧୭।୩(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍‌ର ଏକ ମ୍ୟାଚ୍‌ରେ ମଙ୍ଗଳବାର ସନସାଇନ୍ କ୍ଲବ ୬୯ ରନ୍‌ରେ ରୋଭର୍ସ କ୍ଲବ୍‌କୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସନସାଇନ୍ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୩୨୨ରନ୍ କରିଥିଲା। ଦେବବ୍ରତ ପ୍ରଧାନ ୧୨୭ ରନ୍‌ର ଶତକୀୟ ଇନିଂସ ଖେଳିଥିଲେ। ଆର୍ଯ୍ୟଶ୍ରୀ ଡି ଭଞ୍ଜ ୬୮ ବଲରୁ ଅପରାଜିତ ୮୮ ରନ କରିଥିଲେ। ରୋଭର୍ସର ବିଦ୍ୟାଧର ବେହେରାଙ୍କୁ ୩ଟି ଉଇକେଟ ମିଳିଥିଲା। ୩୨୩ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରୁଥିବା ରୋଭର୍ସ ୨୫୩ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ବୋଲିଂରେ ସଫଳତା ପାଇଥିବା ବିଦ୍ୟାଧର ୭୫ ରନ୍‌ର ଦ୍ରୁତ ଇନିଂସ୍ ଖେଳିଥିଲେ। ବିଜୟୀ ଦଳର ସାଇଦୀପ ମହାପାତ୍ରଙ୍କୁ ସର୍ବାଧିକ ୩ଟି ଉଇକେଟ ମିଳିଥିଲା। ଶତକୀୟ ଇନିଂସ ପାଇଁ ଦେବବ୍ରତ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଶ୍ୱଭାରତୀ କ୍ଲବ ୬ ଉଇକେଟରେ ଆମେଚର କ୍ଲବ୍‌କୁ ହରାଇଥିଲା। ଆମେଚର କ୍ଲବର ୧୩୯ ରନ୍‌ରେ ଅଲ୍‌ଆଉଟ ହେବା ପରେ ବିଶ୍ୱଭାରତୀ ୨୦ ଓଭରରେ ବିଜୟଲକ୍ଷ୍ୟ ହାସଲ କରିଥିଲା। ୧୯ ରନ୍ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିବା ବିଶ୍ୱଭାରତୀର ଦୀପାଂଶୁ ସିଂ ପ୍ଲେୟର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ଦୁଇ ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ୯୭ ରନରେ ୟୁନିୟନ ସ୍ପୋର୍ଟିଂକୁ ଏବଂ ଜଗତପୁର ଆଥ୍‌ଲେଟିକ ଆସୋସିଏଶନ ୩ ଉଇକେଟରେ ଏଲ୍‌ଆଇସି ସ୍ପୋର୍ଟ୍ସ କ୍ଲବ୍‌କୁ ହରାଇ ଦେଇଛି।

## ଅସ୍ମିତା ଖେଲୋ ଇଣ୍ଡିଆ ବାସ୍କେଟ୍‌ବଲ ୨୪ରୁ

ଭୁବନେଶ୍ୱର, ୧୭।୩ (ତପନ ସ୍ୱାଇଁ)

ଖୋର୍ଦ୍ଧାଜିଲା ବାସ୍କେଟବଲ ଆସୋସିଏଶନ (କେଡିବିଏ) ଆନୁକୂଲ୍ୟରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୪ରୁ ଆରମ୍ଭ ହେବାକୁ ଯାଉଛି। ୨୮ ତାରିଖ ପର୍ଯ୍ୟନ୍ତ ଏହି ସମ୍ମାନଜନକ ପ୍ରତିଯୋଗିତା ୟୁନିଟ-୧ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଏହା ଏକ ଓପନ ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ ପ୍ରତିଯୋଗୀଙ୍କଲାଗି ଅଂଶଗ୍ରହଣପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସ ବାଧକ ନାହିଁ। ମଙ୍ଗଳବାର ମ୍ୟାନେଜର୍ସ ମିଟ୍ ଅନୁଷ୍ଠିତ ହୋଇ ପ୍ରତିଯୋଗିତାର କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। କଟକ, ପୁରୀ ଓ ଭୁବନେଶ୍ୱରର ସ୍କୁଲ, କଲେଜ, କ୍ଲବ ଏବଂ ଆସୋସିଏଶନରୁ ୨୧ଟି ଦଳ ଭାଗନେବେ। ୭ଟି ଗ୍ରୁପ୍‌ରେ ଦଳ ଗୁଡ଼ିକ ଲିଗ୍ ଏବଂ ନକ୍‌ଆଉଟ ଭିତ୍ତିରେ ଖେଳିବେ। ପ୍ରତିଯୋଗିତାଲାଗି ଡ୍ର' ଅବସରରେ କେଡିବିଏ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ମହିଳା ଟେକ୍ନିକାଲ ହେଡ୍ ସ୍ମିତା ସାମନ୍ତରାୟ, ରାଜେନ୍ଦ୍ର ପ୍ରସାଦ ପାଣୀ, ପ୍ରହ୍ଲାଦ ବେହେରା ଉପସ୍ଥିତ ଥିଲେ।

## ଏସ୍‌ଜେଏଫ୍‌ଆଇ ସମାରୋହ ଉଦ୍‌ଯାପିତ




ଏସ୍‌ଜେଏଫ୍‌ଆଇ ସମ୍ମିଳନୀରେ ଓସ୍‌ଜା ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଓସ୍‌ଜା ସମ୍ମାନିତ**

ନୂଆଦିଲ୍ଲୀ, ୧୭।୩

ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ୫୦ତମ ଜାତୀୟ ସମାରୋହ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ସୋମବାର ଉଦ୍‌ଯାପିତ ହୋଇଛି। ଦିଲ୍ଲୀ ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଆସୋସିଏଶନ (ଡିଏସ୍‌ଜେଏ) ଏହାକୁ ଆୟୋଜନ କରିଥିବା ବେଳେ ଘରୋଇ ଉତ୍ତରାଞ୍ଚଳ ଦଳ ଏକ ଦଶନ୍ଧିର ବ୍ୟବଧାନ ପରେ ଜେକେ ବୋଷ ଟ୍ରଫି ଅନ୍ତଃଜୋନ କ୍ରିକେଟ୍ ଚାମ୍ପିୟନ ହୋଇଛି। ସେହିଭଳି ଏସି ବାଲି ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ମୁମ୍ବାଇ ସ୍ପୋର୍ଟ୍ସଜର୍ନାଲିଷ୍ଟିସ ଆସୋସିଏଶନକୁ ହ୍ୟାଟ୍ରିକ୍ ସଫଳତା ମିଳିଛି। ବାସ୍କେଟବଲ ଥ୍ରୋ, ଫୁଟସାଲ ଫ୍ରି କିକ୍‌ରେ ମୁମ୍ବାଇ ଦଳ ବିଜେତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଡିଡିସିଏ ସଭାପତି ରୋହନ ଜେଟଲୀ ବିଜେତା ଉତ୍ତରାଞ୍ଚଳ ଦଳ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏସଜେଏଫ୍‌ଆଇକୁ ପୁନଃଜୀବନ ପ୍ରଦାନ କରିଥିବା ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଆସୋସିଏଶନ (ଓସ୍‌ଜା)କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସମ୍ମିଳନୀରେ ଓସଜାର ୫ ସଦସ୍ୟ ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁ, ସଦସ୍ୟ ବିମଳ କୁମାର ରାଉଳ, ଦୀପ୍ତିରଞ୍ଜନ ସାମଲ ଓ ତୁଷାର ସେନାପତି ଯୋଗ ଦେଇଥିଲେ। ଉତ୍ସବର ବିଭିନ୍ନ ଦିବସରେ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ୍ସେ, ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ଆଇସିସି ଅଧ୍ୟକ୍ଷ ଜୟ ଶାହ, ଭାରତୀୟ ଅଲିମ୍ପିକ୍ ସଂଘ ସଭାନେତ୍ରୀ ପି.ଟି. ଉଷା, ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା, ପଞ୍ଜାବ କିଙ୍ଗ୍ସ ମାଲିକ ନେସ ୱାଡିଆ ପ୍ରମୁଖ ଅତିଥି ଯୋଗ ଦେଇଥିଲେ।



## ରଜନୀଗନ୍ଧାର ଉନ୍ନତ କିସମ

**ର**ଜନୀଗନ୍ଧା ମେ ମାସ ପର୍ଯ୍ୟନ୍ତ ଲଗାଯାଇପାରିବ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ, ୮୦କି.ଗ୍ରା. ଫସ୍‌ଫରସ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରାୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦ କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।



## ଫଳଚାଷ ପାଇଁ ଜମି ଚୟନ

**ଉ**ଚ୍ଚା ଗଡ଼ାଣିଆ ବା ଅନୁର୍ବର ଜମିରେ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ଆମ ରାଜ୍ୟର ଜଳବାୟୁରେ ନାନାପ୍ରକାର ଫଳଚାଷ ଯଥା ଆମ୍ବ, ନଡ଼ିଆ,କଦଳୀ,କାଜୁବାଦାମ,ପିଜୁଳି,ସପେଟା,ଅମୃତଭଣ୍ଡା ଇତ୍ୟାଦି ଲାଭଜନକ ଭାବେ କରାଯାଇପାରବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ,ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

# ପ୍ରାଣୀଙ୍କୁ ଫାଟୁଆ ରୋଗ ଓ ପ୍ରତିକାର



ଡା.ବୀରକିଶୋର ପରିଡ଼ା

**ଫା**ଟୁଆ ରୋଗ ଏକ ମାରାତ୍ମକ ଭୂତାଣୁଜନିତ ସଂକ୍ରାମକ ରୋଗ। ଏହି ଭାଇରସ୍ ପିକର୍ଣ୍ଣା ପରିବାର ଏବଂ ଆପ୍‌ଥୋ ଭୂତାଣୁ ଜାତିର ଅନ୍ତର୍ଭୁକ୍ତ । ୧୯୯୨ ମସିହାରେ ପ୍ରସିଦ୍ଧ ବୈଜ୍ଞାନିକ ଲଫ୍‌ଲର ଏହି ଭୂତାଣୁକୁ ସବୁଠାରୁ ପ୍ରଥମ କ୍ଷୁଦ୍ର ଭୂତାଣୁ ରୂପରେ ଚିହ୍ନଟ କରିଥିଲେ। ୧୮୩୯ ମସିହାରେ ଇଂଲଣ୍ଡର ଷ୍ଟାଟ୍‌ଫୋର୍ଡଠାରେ ଏହି ଭୂତାଣୁ ସର୍ବପ୍ରଥମେ ଦେଖାଦେଇଥିଲା। ତା'ପରେ ଏହା ସ୍କଟ୍‌ଲାଣ୍ଡ, ଆୟର୍ଲାଣ୍ଡ, ଭଳି ଦେଶରେ ବ୍ୟାପିଯାଇଥିଲା। ବର୍ତ୍ତମାନ ପୃଥିବୀର ସବୁ ଦେଶରେ ଏହା ଏକ ମାରାତ୍ମକ ସଂକ୍ରାମକ ରୋଗ ରୂପେ ଦେଖାଦେଇ ଦୁଗ୍ଧ ଶିଳ୍ପରେ ଏକ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଅଛି । ଏହା ଏକ ଗୋଟିକିଆ ସୂତାକୃତିର ଆର୍‌ଏନ୍‌ଏ ଭୂତାଣୁ ।

ଏହା ସାଧାରଣତଃ ସମସ୍ତ ଖୁରାଯୁକ୍ତ ରୋମନ୍ଥନକାରୀ ଉଭୟ ଗୃହପାଳିତ ଓ ବନ୍ୟପ୍ରାଣୀଙ୍କଠାରେ ଦେଖାଯାଏ। ଗୋରୁ ସବୁଠାରୁ ବେଶି ଆକ୍ରାନ୍ତ ହୋଇଥାନ୍ତି।। ଘୁଷୁରି, ଛେଳି ଏହି ରୋଗରେ କମ୍ ଆକ୍ରାନ୍ତ ହୁଅନ୍ତି । ବନ୍ୟପ୍ରାଣୀ ଯଥା – ହରିଣ, ମୃଗ, ନୀଳଗାଈ ଆଦି ପ୍ରାଣୀ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ବେଳେବେଳେ ହାତୀ ମଧ୍ୟ ଉକ୍ତ ରୋଗରେ ସଂକ୍ରମିତ ହେବା ଦେଖାଯାଏ । ଆମ ଦେଶ ଭାରତ ଓ ଏସିଆ ମହାଦେଶରେ ସାଧାରଣତଃ ୫ ପ୍ରକାର ଫାଟୁଆ ଭୂତାଣୁ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା – ଓ, ଏ, ସି, ଏସିଆଟିକ୍ –୧ ଏବଂ ଏ –୨୨। ସେହିପରି ଆଫ୍ରିକା ମହାଦେଶରେ ଆଉ ୩ ପ୍ରକାର ଭୂତାଣୁ ଯଥା – ସ୍ୟାଟ୍ –୧,୨,୩ ଦେଖିବାକୁ ମିଳେ। ଉପରୋକ୍ତ ବିଭିନ୍ନ ପ୍ରକାର ଭୂତାଣୁଙ୍କ ମଧ୍ୟରେ ବିଭିନ୍ନ ଉପଜାତିର ଭୂତାଣୁ ବା ସବ୍‌ଟାଇପସ୍ ଦେଖାଯାଏ। ସେଗୁଡ଼ିକର ସଂଖ୍ୟା ହେଲା – ଓ –୧୧, ଏ–୩୭, ସି–୮, ଏସିଆଟିକ୍ – ୧୩, ସ୍ୟାଟ୍ – ୧–୭, ସ୍ୟାଟ୍ ୨–୩ ଏବଂ ସ୍ୟାଟ୍ ୩–୪ । ଯଦିଓ ଏ–୨୨ ହେଉଛି ଏକ ଉପଜାତି, ଏହାକୁ ଏକ ପ୍ରକାର ଜାତି ଭାବେ ବ୍ୟବହାର କରାଯାଉଛି। ଏପର୍ଯ୍ୟନ୍ତ ମୋଟ ୭୪ ପ୍ରକାରରୁ ଊର୍ଦ୍ଧ୍ୱ ଫାଟୁଆ ଉପଜାତିର ଭୂତାଣୁ ପୃଥିବୀର ବିଭିନ୍ନ ସ୍ଥାନରେ ଚିହ୍ନଟ କରାଯାଇଛି। ଫାଟୁଆ ରୋଗର ଭୂତାଣୁର ଆକାର ୨୭–୨୯ ନାନୋମିଟର । ଏହା ଏକ ଖୋଲା, ଷଡ଼କୋଣୀ, ସୂତାଖିଅ ପରି ଗୋଟିକିଆ ଆର୍‌ଏନ୍‌ଏ ଭୂତାଣୁ ଏବଂ ପାରମାଣବିକ ଓଜନ – ୨.୮x୧୦ ଡାଲ୍‌ଟନ୍ ବିଶିଷ୍ଟ । ପି.ଏଚ୍ ୭–୭.୪ ରେ ସ୍ଥିର ରୁହନ୍ତି ଏବଂ ପି.ଏଚ୍ ୫–୬.୯ରେ କର୍ମଠ ହୁଅନ୍ତି । ଅମ୍ଳ ଓ କ୍ଷାର ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଖୁବ୍ ଶୀଘ୍ର ମରିଯାଆନ୍ତି । ଭୂତାଣୁ ସଂକ୍ରମିତ ଗୁହାଳର ଚଟାଣ, କାନ୍ଥ, ବ୍ୟବହୃତ ଲୁଗାପଟା, ଖାଦ୍ୟପାତ୍ରରେ ଗରମ ଦିନରେ ୧ ମାସ ଏବଂ ଶୀତଦିନରେ ୨ମାସ ପର୍ଯ୍ୟନ୍ତ ଅତିକମ୍‌ରେ ସଂକ୍ରମିତ ଅବସ୍ଥାରେ ବଞ୍ଚିରହିଥାନ୍ତି। ସଦ୍ୟ କ୍ଷୀରରେ ଏହି ଭୂତାଣୁ ୭୬ ଡିଗ୍ରୀ ସେଲ୍‌ସିୟସ୍‌ରେ ୧୫ସେକେଣ୍ଡ, ୬୫ଡିଗ୍ରୀ ସେଲ୍‌ସିୟସ୍‌ରେ ୩୦ ସେକେଣ୍ଡ, ୩୭ଡିଗ୍ରୀ ସେଲ୍‌ସିୟସ୍‌ରେ ୨୪ ଘଣ୍ଟା, ସାଧାରଣ ରୁମର ଉତ୍ତାପ ୧୮–୨୨ ଡିଗ୍ରୀ ସେଲ୍‌ସିୟସ୍‌ରେ ୬ଦିନ ଏବଂ ରେଫ୍ରିଜରେଟର ଉତ୍ତାପ ୪–୭ ଡିଗ୍ରୀ ସେଲ୍‌ସିୟସ୍‌ରେ ୧୨ଦିନ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତି। ଏହି ଭୂତାଣୁ ଲାଳରେ ୩୭ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପରେ ୨ଦିନ ବଞ୍ଚିଥାନ୍ତି। ପାଣି ଓ ପବନ ଦ୍ୱାରା ଏମାନେ ଖୁବ୍ ଶୀଘ୍ର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ମାଡ଼ି ଯାଆନ୍ତି ଏବଂ ଖୁବ୍ ଶୀଘ୍ର ସେମାନଙ୍କର ରୂପ ଓ ଗୁଣ ବଦଳାନ୍ତି । ଫାଟୁଆ ରୋଗର ଭୂତାଣୁ ମଧ୍ୟ ଗୋରୁଙ୍କ ଶରୀରରେ ରୋଗର ଲକ୍ଷଣ ନ ଦେଖାଇ ବାହକ ଅବସ୍ଥାରେ ବହୁଦିନ ପର୍ଯ୍ୟନ୍ତ ରହିଥାଆନ୍ତି ଏବଂ ଅନ୍ୟ ଏକ ସୁସ୍ଥ ଗୋରୁର ସଂସ୍ପର୍ଶରେ ଆସିଲେ ଭୂତାଣୁ ରୋଗ ସୃଷ୍ଟି କରାନ୍ତି ।ଏହି ଭୂତାଣୁର କ୍ୟାପ୍‌ସିଡ୍‌ରେ ୪ପ୍ରକାର ଦୃଶ୍ୟ ପ୍ରୋଟିନ୍ ଉପାଦାନ ଯଥା – ଭି.ପି. – ୧, ଭି.ପି. – ୨, ଭି.ପି. – ୩, ଭି.ପି. – ୪ ନିହିତ ଥାଏ। ଭି.ପି. – ୧, ସର୍ବାଧିକ ଗୁଣାତ୍ମକ ଆଣ୍ଟିଜେନିକ୍ ଧର୍ମ ଶରୀରରେ ପାଳନକରି ଆଣ୍ଟିବଡି ତିଆରି କରାଇଥାଏ ।

"ଫାଟୁଆ ରୋଗର ଭୂତାଣୁର ଆକାର ୨୭-୨୯ ନାନୋମିଟର। ଏହା ଏକ ଖୋଲା, ଷଡ଼କୋଣୀ, ସୂତାଖିଅ ପରି ଗୋଟିକିଆ ଆର୍‌ଏନ୍‌ଏ ଭୂତାଣୁ ଏବଂ ପାରମାଣବିକ ଓଜନ - ୨.୮x୧୦ ଡାଲ୍‌ଟନ୍ ବିଶିଷ୍ଟ। ପି.ଏଚ୍ ୭-୭.୪ ରେ ସ୍ଥିର ରୁହନ୍ତି ଏବଂ ପି.ଏଚ୍ ୫-୬.୯ରେ କର୍ମଠ ହୁଅନ୍ତି। ଅମ୍ଳ ଓ କ୍ଷାର ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଖୁବ୍ ଶୀଘ୍ର ମରିଯାଆନ୍ତି। ଭୂତାଣୁ ସଂକ୍ରମିତ ଗୁହାଳର ଚଟାଣ, କାନ୍ଥ, ବ୍ୟବହୃତ ଲୁଗାପଟା, ଖାଦ୍ୟପାତ୍ରରେ ଗରମ ଦିନରେ ୧ ମାସ ଏବଂ ଶୀତଦିନରେ ୨ମାସ ପର୍ଯ୍ୟନ୍ତ ଅତିକମ୍‌ରେ ସଂକ୍ରମିତ ଅବସ୍ଥାରେ ବଞ୍ଚି ରହିଥାନ୍ତି।"



**ରୋଗ ବ୍ୟାପେ କିପରି**

ଫାଟୁଆ ପ୍ରାଣୀମାନଙ୍କର ଏକ ସବୁଠାରୁ ବଡ଼ ଅନିଷ୍ଟକାରୀ ଏବଂ ଉଚ୍ଚ ସଂକ୍ରମିତ ରୋଗ ରୂପେ ଦେଖାଦେଇଥାଏ । ଏହି ରୋଗ ଖୁବ୍‌ଶୀଘ୍ର ଗୋଟିଏ ପ୍ରାଣୀରୁ ଆଉ ଗୋଟିଏ ପ୍ରାଣୀକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସହଜରେ ବ୍ୟାପିଯାଇଥାଏ ।

**ପ୍ରତ୍ୟକ୍ଷ ସଂସ୍ପର୍ଶ ଦ୍ୱାରା :** ଭୂତାଣୁଗୁଡ଼ିକ ପାଟିର ଆବରଣ, ନାକ, ଆଖି କିମ୍ବା ଚର୍ମର ଖଣ୍ଡିଆ ବା କ୍ଷତର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଶରୀରରେ ସହଜରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ । ରୋଗାକ୍ରାନ୍ତ ପ୍ରାଣୀଙ୍କ ଦେହର ଫୋଟକା, ପାଟିର ଲାଳ, ଦୁଗ୍ଧ, ଝାଡ଼ା, ପରିସ୍ରା ଓ ଗୋଡ଼ ଖୁରାର ବକଳାରେ ଏହି ରୋଗର ଭୂତାଣୁ ଭରପୂର ଥାଆନ୍ତି । ତେଣୁ ସୁସ୍ଥ ଗୋରୁ ସଂକ୍ରମିତ ଗୋରୁର ଉପରୋକ୍ତ ନିଷ୍କାସିତ ସଂସ୍ପର୍ଶରେ ପ୍ରତ୍ୟକ୍ଷ ଭାବେ ଆସିଲେ ଏହି ରୋଗ ସହଜରେ ବ୍ୟାପିଥାଏ । ଏହାକୁ ଡ୍ରପ୍‌ଲେଟ୍ ସଂକ୍ରମଣ ମଧ୍ୟ କହନ୍ତି । ଏହି ରୋଗରୁ ଆରୋଗ୍ୟ ହେବା ପରେ ମଧ୍ୟ ଗୋରୁ ଓ ମେଣ୍ଢାମାନଙ୍କର ଅଧିଜ୍ୱିହା, ପ୍ୟାଲେଟ୍ ବା ପାଟିର ଉପର ତାଳୁ ଏବଂ ପାଟି ଭିତର ଫାରିଙ୍ଗସ୍ ବା ଅଧିଜିହ୍ୱାରେ ରୋଗର ଭୂତାଣୁମାନେ ବହୁଦିନ ପର୍ଯ୍ୟନ୍ତ ଶରୀରରେ ବାହକ ଅବସ୍ଥାରେ ରହିଥାନ୍ତି ଏବଂ ସୁସ୍ଥ ପ୍ରାଣୀମାନେ ଏହି ବାହକ ପ୍ରାଣୀଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ରୋଗ ବ୍ୟାପିବା ସମ୍ଭାବନା ଥାଏ।

**ପରୋକ୍ଷ ସଂସ୍ପର୍ଶ ଦ୍ୱାରା :** ଫାଟୁଆ ରୋଗ ବ୍ୟାପିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସୁସ୍ଥ ଗୋରୁ ସଂକ୍ରମିତ ଗୋଚର ବା ଚାରଣଭୂମିରେ ଚରି ବୁଲିଲେ କିମ୍ବା ସଂକ୍ରମିତ ଖାଦ୍ୟପାଣି, ବେଡିଂ ଇତ୍ୟାଦି ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ସହଜରେ ଶରୀରରେ ପ୍ରବେଶକରି ରୋଗ ସୃଷ୍ଟିକରିଥାନ୍ତି । ପରୀକ୍ଷାକରି ଦେଖାଯାଇଛି, ଏହି ଭୂତାଣୁ ଗୁହାଳରେ ବ୍ୟବହୃତ ଜୋତା, ଦଉଡ଼ି, ଲୁଗାପଟା, ନଡ଼ା ବା କୁଟା, ଘାସ, ପ୍ରାଣୀମାନଙ୍କର ପଶମ ଓ ଲୋମ, ପକ୍ଷୀର ପରରେ ଅନେକ ଦିନ ଧରି ବଞ୍ଚି ରହିଥାନ୍ତି। ଉପଯୁକ୍ତ ଅନୁକୂଳ ଅବସ୍ଥାରେ ଏହି ଭୂତାଣୁଗୁଡ଼ିକ ବାୟୁ ବା ପବନ ସାହାଯ୍ୟରେ ସଂକ୍ରମିତ ସ୍ଥାନରୁ ୬୦ମାଇଲରୁ ଊର୍ଦ୍ଧ୍ୱ ଦୂରତା ପର୍ଯ୍ୟନ୍ତ ବ୍ୟାପି ଯାଇଥାଏ । ସର୍କସ୍ ବା ଚିଡ଼ିଆଖାନାରେ ଖେଳ ପାଇଁ ବାହାରୁ ଆସିଥିବା ବିଭିନ୍ନ ବନ୍ୟଜନ୍ତୁଙ୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିବାରେ ଅନେକ ସହାୟତା କରିଥାଏ । ମୁଖ୍ୟତଃ ଏହି ଭୂତାଣୁମାନେ ଖାଦ୍ୟପେୟ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ବାୟୁ ମାଧ୍ୟମରେ ଶରୀରରେ ପ୍ରବେଶ କରିଥାନ୍ତି। (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଗେଣ୍ଡୁଫୁଲ ତଳି ପକାଉଥିଲେ...



**ଆଗରୁ** ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷାପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସାକରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦–୨୦ ସେ.ମି . ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।

## ମୁଗ ଫସଲରେ ପତ୍ରକଟା ପୋକ ଲାଗିଥିଲେ...



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ । ଧାନବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ + କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଢିପ ଜମିରେ ଧାନଚାଷ କରିଥିଲେ...



**ଢି**ପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କିଗ୍ରା ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ । ଜଳସେଚନର ସୁବିଧା ଥିଲେ ସଅଳ କିସମ ଧାନ ଯଥା– ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଲିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ଏକ ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଢିପଜମିରେ ଧାନ ଚାଷ କରିଥିଲେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩–୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ ।

## ପୋଟଳରେ ଫୁଲଫଳ ଧରୁଥିଲେ...

**ପୋଟଳ** ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



## ପନିପରିବାରେ ରୋଗପୋକ ଦମନ



**ପ**ନିପରିବାରେ ବୀଜାଣୁ ଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଣ୍ଡ ଓ ଫଳପଚା ରୋଗର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମିଲି ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମିଲି ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପକରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ଲିଟର ହିସାବରେ ପ୍ରୟୋଗ କରନ୍ତୁ। ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।

# ଆଜିଠୁ କଳିଙ୍ଗରେ ଜାତୀୟ ପାରା ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୧୭।୩ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଆରମ୍ଭ ହେବାକୁଯାଉଛି ୨୪ତମ ଜାତୀୟ ପାରା ଆଥ୍‌ଲେଟିକ୍ ଚାମ୍ପିୟନଶିପ୍। ପାରା ସ୍ପୋର୍ଟ୍ସର ଏହି ସମ୍ମାନଜନକ ଜାତୀୟ ପ୍ରତିଯୋଗିତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏହି ମେଗା ପ୍ରତିଯୋଗିତା କଳିଙ୍ଗରେ ଅନୁଷ୍ଠିତ ହେବ। ପ୍ରଥମ ଦିବସର ଅପରାହ୍ଣ ୪ଟାରେ ଆନୁଷ୍ଠାନିକଭାବେ ପ୍ରତିଯୋଗିତା ଉଦ୍‌ଘାଟନ ହେବ। ଏହି ପ୍ରତିଯୋଗିତାରେ ୨୮ଟି ରାଜ୍ୟରୁ ପାଖାପାଖି ୧୪୬୦ ପାରା ଆଥ୍‌ଲେଟ ଅଂଶଗ୍ରହଣ କରିବେ ବୋଲି ଆକଳନ କରାଯାଉଛି। ବର୍ଡର ସିକ୍ୟୁରିଟି ଫୋର୍ସ(ବିଏସ୍‌ଏଫ୍) ଓ ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ(ଏସ୍‌ଏସ୍‌ସିବି)ରୁ ମଧ୍ୟ ପ୍ରତିଯୋଗୀମାନେ ଆକ୍ସନରେ ଦେଖିବାକୁ ମିଳିବେ। ମୋଟ୍ ୧୪୫ଟି ପଦକ ଇଭେଣ୍ଟରେ ହେବ ପ୍ରତିଯୋଗିତା। ପ୍ରତିଦିନ ପୂର୍ବାହ୍ଣ ୯ଟାରୁ ୧୧ଟା ଏବଂ ଅପରାହ୍ଣ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ପ୍ରତିଯୋଗିତା ହେବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିଆଇର ପାରା ଆଥ୍‌ଲେଟିକ୍ସ ଚେୟାରମ୍ୟାନ୍ ସତ୍ୟନାରାୟଣ ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

- ୨୮ ରାଜ୍ୟରୁ ଭାଗନେବେ ପାଖାପାଖି ୧୪୬୦ ପାରା ଆଥ୍‌ଲେଟ
- ୧୪୫ ପଦକ ଇଭେଣ୍ଟରେ ହେବ ପ୍ରତିଯୋଗିତା
- ଓଡ଼ିଶାରୁ ୪୦ ଆଥ୍‌ଲେଟ ଅଂଶଗ୍ରହଣ କରିବେ

ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ୍ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କଳିଙ୍ଗ ଷ୍ଟାଡିୟମରେ ଏହା ପୂର୍ବରୁ ଯେତେଗୁଡ଼ିଏ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ହୋଇଛି ସବୁକୁ ସଫଳ ଏବଂ ସ୍ମରଣୀୟ କରାଯିବାକୁ ଚେଷ୍ଟା କରାଯାଇଛି। ଏଥର ମଧ୍ୟ ଏହି ପ୍ରତିଯୋଗିତାର ସଫଳ ଆୟୋଜନ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପାରା ଆଥ୍‌ଲେଟଙ୍କ ଲାଗି କଳିଙ୍ଗ ଷ୍ଟାଡିୟମରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ବ୍ୟବସ୍ଥା ଉପଲବ୍ଧ ରହିଛି। ତେଣୁ ଆଗାମୀ ପ୍ରତିଯୋଗିତା ନିଶ୍ଚିତ ସମସ୍ତଙ୍କ ପାଇଁ ସ୍ମରଣୀୟ ରହିବ। ବର୍ଷସାରା ଅଭ୍ୟାସ ଲାଗି ସ୍ୱତନ୍ତ୍ର ଭିତ୍ତିଭୂମି ଯୋଗାଇଦେବାକୁ ପାରା ଆଥ୍‌ଲେଟଙ୍କ ପକ୍ଷରୁ ଦାବି ହୋଇ ଆସୁଛି। ଏହାକୁ ସରକାର ଗୁରୁତ୍ୱର ସହ ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ପାରା ଆଥ୍‌ଲେଟ୍ସଙ୍କ ପାଇଁ ସରକାର ସହାୟତାର ହାତ ବଢ଼ାଇ ଆସୁଛନ୍ତି। ଏଥର ମଧ୍ୟ ସମସ୍ତଙ୍କ ସହଯୋଗରେ ଏହି ପ୍ରତିଯୋଗିତା ସଫଳତାର ସହ ସମ୍ପନ୍ନ କରାଯିବ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପାରା ଏସିଆନ୍ ଗେମ୍ସ ମେଡାଲିଷ୍ଟ ଜୟନ୍ତୀ ବେହେରା, ପାରାଲିମ୍ପିଆନ୍ ମାର୍କଣ୍ଡ ରେଡ୍ଡୀ ଓ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଆୟୋଜକ କମିଟି ସମ୍ପାଦକ ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଓଡ଼ିଶା ଭିତ୍ତିଭୂମି ବିଶ୍ୱରେ ଶ୍ରେଷ୍ଠ’

**ଭୁବନେଶ୍ୱର, ୧୭।୩(ତପନ ସ୍ୱାଇଁ)**

ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ବିଶ୍ୱରେ ଯେଉଁସବୁ ଭିତ୍ତିଭୂମି ରହିଛି, ସେଥିମଧ୍ୟରେ ଓଡ଼ିଶା ଅନ୍ୟତମ ଶ୍ରେଷ୍ଠ ବୋଲି କହିଛନ୍ତି ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ପାରା ଆଥ୍‌ଲେଟିକ୍ସ ଚେୟାରମ୍ୟାନ୍ ସତ୍ୟନାରାୟଣ। ଏଠାରେ ପାରା ଆଥ୍‌ଲେଟଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି। ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନେଇ ଆମେ ଏଠାରେ ଦ୍ୱିତୀୟ ଥରଲାଗି ଏହି ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ନେଇଛୁ ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ, ପୂର୍ବରୁ କଳିଙ୍ଗରେ ଏହି ପ୍ରତିଯୋଗିତା ୨୦୨୨ ମାର୍ଚ୍ଚ ୨୮ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥର ପ୍ରତିଯୋଗିତାରେ ଅନେକ ପାରାଲିମ୍ପିକ୍ ମେଡାଲିଷ୍ଟ, ଅର୍ଜୁନ ପୁରସ୍କାରପ୍ରାପ୍ତ ଆଥ୍‌ଲେଟ, ଏସିଆନ୍ ଗେମ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍ ମେଡାଲିଷ୍ଟଙ୍କୁ ଦେଖିବାକୁ ମିଳିବ। ସେମାନଙ୍କ ମଧ୍ୟରେ ୨୦୧୬ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ରୌପ୍ୟ, ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ବିଜେତା ମାରିୟାପ୍ପାନ ଥଙ୍ଗାଭେଲୁ, ୨୦୨୦ ଓ ୨୦୨୪ ପାରାଲିମ୍ପିକ୍ସରେ ଭାଗ ନେଇଥିବା ସୁମିତ୍ ଆଣ୍ଟିଲ, ୨୦୨୪ ପ୍ୟାରିସ୍ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣବିଜୟୀ ନବଦୀପ ସିଂ, ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ରୌପ୍ୟ ଏବଂ ୨୦୨୪ ପ୍ୟାରିସ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ପ୍ରବୀଣ କୁମାର ପ୍ରମୁଖ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ପ୍ରୀତି ପାଲ୍, ଶୈଳେଶ କୁମାର, ରାକେଶଭାଇ ଭଟ୍ଟ, ରୋହିତ୍ କୁମାର, ଦେବେନ୍ଦ୍ର ସିଂ ଗୁର୍ଜର, ପୁନମ୍, ଲକ୍ଷ୍ମୀ, ଏସିଆନ୍ ପାରା ଗେମ୍ସ ମେଡାଲିଷ୍ଟ ଓଡ଼ିଶାର ଜୟନ୍ତୀ ବେହେରାଙ୍କୁ ମଧ୍ୟ ଆକ୍ସନରେ ଦେଖିବାକୁ ମିଳିବ ବୋଲି ସତ୍ୟନାରାୟଣ ସୂଚନା ଦେଇଛନ୍ତି।


ସତ୍ୟନାରାୟଣ

# ସିରିଜ୍ ବରାବର କଲା ନ୍ୟୁଜିଲାଣ୍ଡ

**ହାମିଲ୍‌ଟନ, ୧୭।୩(ଏପି)**

ଡେଭନ କନ୍‌ୱେଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ନ୍ୟୁଜିଲାଣ୍ଡ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୬୮ ରନ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୨୦ ତାରିଖରେ ଅକ୍‌ଲାଣ୍ଡର ଇଡେନ୍ ପାର୍କରେ ଖେଳାଯିବ।

ପ୍ରଥମେ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୭୫ ରନ୍ କରିଥିଲା। କନ୍‌ୱେ ୬୦(୫ ଚୌକା ଓ ୨ ଛକା) ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ଦଳକୁ ଭଲ ଆରମ୍ଭ ଦେଇଥିବା ବେଳେ ଶେଷଆଡ଼କୁ ଜୋଶ୍ କ୍ଲାର୍କସନ ୯ ବଲ୍‌ରେ ଅପରାଜିତ ୨୬(୨ ଲେଖାଏ ଚୌକା ଓ ଛକା) ରନ୍‌ର ପାଳି ଖେଳିଥିଲେ। ଜବାବରେ ବେନ୍ ସିଅର୍ସ ଓ ଲୋକି ଫର୍ଗୁସନଙ୍କ ମିଳିତ ୬ ଉଇକେଟ ଯୋଗୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୫.୩ ଓଭରରେ ୧୦୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ପେସ୍ ଓ ବାଉନ୍ସ ଭ୍ୟାରି କରୁଥିବା ପିଚ୍‌ରେ ଦଳର ପ୍ରତ୍ୟେକ ବ୍ୟାଟର ଟାଇମିଂ ପାଇଁ ସଂଘର୍ଷ କରିଥିଲେ ଏବଂ ସମସ୍ତ ବ୍ୟାଟର କ୍ୟାଚ୍‌ଆଉଟ୍ ହୋଇଥିଲେ। ଦକ୍ଷିଣ ଆଫ୍ରିକା ମାତ୍ର ୪୦ ରନ୍ ମଧ୍ୟରେ ତା’ର ଅନ୍ତିମ ୬ ଉଇକେଟ ହରାଇଥିଲା। କେବଳ ଜର୍ଜ ଲିଣ୍ଡେ ୧୨ ବଲ୍‌ରେ ୩ ଲେଖାଏ ଚୌକା ଓ ଛକା ସହାୟତାରେ ୩୩ ରନ୍ କରିଥିଲେ। ସିଅର୍ସ ଓ ଫର୍ଗୁସନ ୩ଟି ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଡେଭନ କନ୍‌ୱେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୭୫/୬ (ଡେଭନ କନ୍‌ୱେ-୬୦, ଜୋଶ କ୍ଲାର୍କସନ-୨୬*, ୱିଆନ ମୁଲ୍ଡର-୨/୧୪, ଜେରାଲ୍ଡ କୋଏଟଜି-୧/୨୮)। ଦକ୍ଷିଣ ଆଫ୍ରିକା: ୧୫.୩ ଓଭରରେ ୧୦୭/ଅଲ୍‌ଆଉଟ(ଜର୍ଜ ଲିଣ୍ଡେ-୩୩, ବେନ୍ ସିଅର୍ସ-୩/୧୪, ଲୋକି ଫର୍ଗୁସନ-୩/୧୬, ମିଚେଲ ସାଣ୍ଟନର-୨/୧୯)।

## ସଲ୍‌ମାନ ଆଘାଙ୍କ ରନ୍‌ଆଉଟ୍ ବିବାଦ: ମୁହଁ ଖୋଲିଲା ଏମ୍‌ସିସି

**ନୂଆଦିଲ୍ଲୀ, ୧୭।୩(ଏପି)**

ମେରିଲବୋନ କ୍ରିକେଟ କ୍ଲବ୍(ଏମ୍‌ସିସି) ନିକଟରେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ପାକିସ୍ତାନୀ ବ୍ୟାଟର ସଲ୍‌ମାନ ଅଲୀ ଆଘାଙ୍କୁ ବିବାଦୀୟ ଭାବେ ରନଆଉଟ୍ କରାଯିବା ଘଟଣା ସମ୍ପର୍କରେ ମୁହଁ ଖୋଲିଛି। କ୍ରିକେଟ୍‌ର ନିୟମ ମୁତାବକ ଆଘାଙ୍କୁ ଆଉଟ୍ ଦିଆଯାଇଥିଲା ବୋଲି କ୍ରିକେଟ୍‌ରେ ପ୍ରଚଳିତ ନିୟମର ତଦାରଖ କରୁଥିବା ଏମ୍‌ସିସି ପକ୍ଷରୁ କୁହାଯାଇଛି।

ଏମ୍‌ସିସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ନିୟମ ଅନୁଯାୟୀ ଫିଲ୍ଡ ଅମ୍ପାୟର ଓ ତୃତୀୟ ଅମ୍ପାୟରଙ୍କ ପାଖରେ କିଛି ଭିନ୍ନ କରିବାର ଅଧିକାର ନ ଥିଲା। ନନ୍-ଷ୍ଟ୍ରାଇକର କ୍ରିଜ୍‌ରୁ ସ୍ପଷ୍ଟ ଭାବେ ବାହାରେ ଥିବା ବେଳେ ଉଇକେଟ ଭଙ୍ଗାଯାଇଥିଲା। ଏଣୁ ତାହା ଆଉଟ୍। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଖେଳ ଜାରି ରହିଥିବା ବେଳେ ଆଘା କ୍ରିଜ୍ ବାହାରେ ଥିଲେ ଏବଂ ମେହିଦିଙ୍କ ସହ ତାଙ୍କର ଧକ୍କାହେବା ପରେ ସେ ବଲ୍ ଉଠାଇବାକୁ ଉଦ୍ୟମ କରିଥିଲେ। କୌଣସି ବ୍ୟାଟର ଫିଲ୍ଡିଂ ଦଳର ଅନୁମତି ବିନା ବଲ୍ ଉଠାଇବା ଉଚିତ ନୁହେଁ। ଯଦି ବ୍ୟାଟର ବଲ୍ ଉଠାନ୍ତି, ତେବେ ତାଙ୍କୁ ଫିଲ୍ଡରେ ବାଧା ଦେବା ଲାଗି ଆଉଟ୍ ଦିଆଯାଇପାରେ। ଏଣୁ ଆଘାଙ୍କୁ ବଲ୍ ଉଠାଇବା ବଦଳରେ କ୍ରିଜ୍‌କୁ ଫେରିବାକୁ ଉଦ୍ୟମ କରିବାର ଥିଲା। ଏଥିସହିତ ଏମ୍‌ସିସି ପକ୍ଷରୁ ଆହୁରି ଉଲ୍ଲେଖ କରାଯାଇଛି ଯେ, ବଲ୍ ଡେଡ୍ ହେବାର କୌଣସି ପ୍ରଶ୍ନ ଉଠୁନାହିଁ। କାରଣ ଦୁଇ ଖେଳାଳିଙ୍କ ମଧ୍ୟରେ ଧକ୍କା ହେଲାବେଳେ ଖେଳ ଜାରି ରହିଥିଲା। ଏଣୁ ବଲ୍ ଡେଡ୍ ନ ଥିଲା। ଯଦି ଏଭଳି ହୁଏ, ତେବେ ଖେଳାଳିଙ୍କୁ ଧକ୍କା ଦେଇ ଫାଇଦା ଉଠାଇବାକୁ ସୁଯୋଗ ମିଳିବ। ଏଭଳି ଘଟଣାରେ ଖେଳାଳିଙ୍କ କୌଣସି ଗୁରୁତର ଆହତ ହେବାର ସମ୍ଭାବନା ନାହିଁ। ଏଣୁ ତାହାକୁ ଡେଡ୍ ବଲ୍ ଦିଆଯାଇପାରିବ ନାହିଁ।

# ଦେବେନ୍ଦ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଉଦ୍‌ଘାଟିତ



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ଏଡ୍‌ୱିନ ତିର୍କୀ।

**ଭୁବନେଶ୍ୱର, ୧୭।୩ (ତପନ ସ୍ୱାଇଁ)**

ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ପ୍ରଥମ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ କଟକର ରାଧାରମଣ କ୍ଲବ୍ ୩-୧ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ଓଡ଼ିଶା ପୋଲିସ ପକ୍ଷରୁ ୩ୟ ମିନିଟ୍‌ରେ ରାଇସେନ ଟୁଡୁ ପ୍ରଥମ ଗୋଲ୍ କରିଥିଲେ। ମାତ୍ର ରାଧାରମଣ ପକ୍ଷରୁ ସଞ୍ଜିତ୍ ଖୋରା ୧୮, ଏଡ୍‌ୱିନ ତିର୍କୀ ୨୭ ଓ ଅମନ ବାତ୍ରା ୬୬ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ୍ ଦେଇ ଦଳକୁ ଜିତାଇଥିଲେ। ଫଳରେ ଏଡ୍‌ୱିନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ଅଶୋକ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ପୂର୍ବରୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଜୟନାରାୟଣ ମିଶ୍ର, ଅଶୋକ ମହାନ୍ତି, ବାବୁ ସିଂ, ବିଭୂତି ଭୂଷଣ ପ୍ରଧାନ ଓ ଶତ୍ରୁଘନ ଜେନା, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଆଥ୍‌ଲେଟିକ୍ସ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଆୟୋଜକ କମିଟି ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ସାମାଜିକ କର୍ମୀ ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫୁଟ୍‌ବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ପ୍ରତିଯୋଗିତାର ବ୍ରାଣ୍ଡ୍ ଆମ୍ବାସାଡର ଅଛନ୍ତି। ପ୍ରକାଶ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି।

## ମ୍ୟାଚ୍ ସ୍ଥାନାନ୍ତର କରିବାକୁ ଇରାନ୍‌ର ପ୍ରୟାସ

**ମେକ୍ସିକୋ ସିଟି, ୧୭।୩(ଏପି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଆସନ୍ତା ଜୁନ୍‌ରେ ହେବାକୁଥିବା ଫୁଟ୍‌ବଲ ବିଶ୍ୱକପ୍ ମ୍ୟାଚ୍‌କୁ ମେକ୍ସିକୋ ସ୍ଥାନାନ୍ତର କରିବାକୁ ଇରାନ୍ ଫିଫା ସହ ଆଲୋଚନା କରୁଛି। ଏ ନେଇ ମେକ୍ସିକୋରେ ଥିବା ଇରାନ୍ ଦୂତାବାସ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ତେବେ ଏ ସମ୍ପର୍କରେ ଫିଫା ପକ୍ଷରୁ କୌଣସି ସ୍ପଷ୍ଟୀକରଣ ରଖାଯାଇନାହିଁ। ପୂର୍ବରୁ ଇରାନିଆନ ଫୁଟ୍‌ବଲ ଫେଡେରେଶନ ଅଧିକାରୀ କହିଥିଲେ, ବିଶ୍ୱକପ୍ ବେଳେ ଖେଳାଳିଙ୍କ ସୁରକ୍ଷା ଫିଫା ଏବଂ ଆମେରିକା ଉପରେ ନିର୍ଭର କରେ।

‘ଟ୍ରମ୍ପ ଇରାନିଆନ୍ ଫୁଟ୍‌ବଲ ଦଳର ସୁରକ୍ଷା ନିଶ୍ଚିତ କରିପାରିବେନାହିଁ ବୋଲି ସ୍ପଷ୍ଟ ଭାବେ କହିସାରିଛନ୍ତି। ଏଣୁ ଆମେ ଆମେରିକା ଟ୍ରାଭେଲ କରିବୁ ନାହିଁ। ଆମେ ବର୍ତ୍ତମାନ ଇରାନ୍‌ର ବିଶ୍ୱକପ୍ ମ୍ୟାଚ୍‌କୁ ମେକ୍ସିକୋରେ ଆୟୋଜନ କରିବାକୁ ଫିଫା ସହ ଆଲୋଚନା କରୁଛୁ’ ବୋଲି ଦୂତାବାସ ପକ୍ଷରୁ ପୋଷ୍ଟ କରାଯାଇଛି।

## ସ୍ତ୍ରୀଙ୍କ ସହ ଆଲୋଚନା କ୍ୟାରିୟର ବଦଳାଇ ଦେଇଥିଲା

**ନୂଆଦିଲ୍ଲୀ, ୧୭।୩(ପି.ଟି.)**

ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ କ୍ୟାରିୟରରେ ହାସଲ କରିଥିବା ସଫଳତା ଲାଗି ତାଙ୍କ ସ୍ତ୍ରୀ ଦେବିଶାଙ୍କୁ ଶ୍ରେୟ ଦେଇଛନ୍ତି। ଆମେ ୨୦୧୬ରେ ବିବାହ କରିଥିଲୁ। ସେତେବେଳେ ମୁଁ କେକେଆର୍ ପାଇଁ ଖେଳୁଥିଲା। ସବୁ କିଛି ଠିକ୍ ଥିଲା। ମୁଁ ଭଲ ଖେଳୁଥିଲି। ୨୦୧୮ରେ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେବା ପର୍ଯ୍ୟନ୍ତ ମୋ ଅଭିଯାନ ଭଲ ଥିଲା। ଏହାପରେ ଆମେ ରୁଟିନରେ ପରିବର୍ତ୍ତନ କରିଥିଲୁ। ସେ ମୋତେ କହିଥିଲେ ଯେ, ତୁମ ବୟସ ବର୍ଗରେ ଖେଳୁଥିବା ଅନେକ ଖେଳାଳି ଭାରତ ପାଇଁ ଖେଳୁଛନ୍ତି। ତୁମ ମନରେ କ’ଣ ଚାଲିଛି। ମୁଁ ଉତ୍ତରରେ କହିଥିଲି, ମୋତେ ବି ଭାରତ ପାଇଁ ଖେଳିବାର ଅଛି। ସେ ମୋତେ ପୁଣି ପ୍ରଶ୍ନ କରିଥିଲେ, କେମିତି ଖେଳିବ। ଏଥିଲାଗି କିଛି ଯୋଜନା କରିଛ। ଏହା ଯୁକ୍ତିତର୍କ ନ ଥିଲା, ବରଂ କେବଳ ଆଲୋଚନା ଥିଲା। ଏହାପରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କେଉଁ ଭଳି ଅତିରିକ୍ତ ଷ୍ଟେପ ନେଇପାରିବି, ସେ ଦିଗରେ ଆଲୋଚନା ହୋଇଥିଲା। ଆମେ ଡାଏଟ୍‌ଠାରୁ ଆରମ୍ଭ କରି ବନ୍ଧୁଙ୍କ ସର୍କଲ ପର୍ଯ୍ୟନ୍ତ ଅନେକ କିଛି କାଟ କରିଥିଲୁ। ୨୦୧୮ ଆଇପିଏଲ୍ ଓ ଘରୋଇ କ୍ରିକେଟରେ ମୋ ପ୍ରଦର୍ଶନ ଭଲ ରହିଥିଲା। ସେହି ବର୍ଷ ମୋତେ ଏମ୍‌ଆଇ ପାଇଁ ଓପନିଂ କରିବାକୁ ସୁଯୋଗ ମିଳିଥିଲା। ମୁଁ ୨୦୧୯ ଓ ୨୦୨୦ରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲି। ଏହାପରେ ୨୦୨୧ରେ ମୋତେ ଭାରତୀୟ ଦଳରେ ନିଆଯାଇଥିଲା। ମୋ କ୍ୟାରିୟରରେ ଦେବିଶାଙ୍କ ଖୁବ ପ୍ରଭାବ ରହିଛି ବୋଲି ସୂର୍ଯ୍ୟକୁମାର ଏକ ପଡକାଷ୍ଟରେ କହିଛନ୍ତି।

# ଓଡ଼ିଶା ମହିଳା ଓ ପୁରୁଷ ଦଳ କ୍ୱାର୍ଟରରେ

**ଭୁବନେଶ୍ୱର, ୧୭।୩ (ତପନ ସ୍ୱାଇଁ)**

**ଜାତୀୟ ଯୁଥ୍ ଭଲିବଲ**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୬ତମ ଜାତୀୟ ଯୁଥ୍ ଭଲିବଲ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶା ମହିଳା ଓ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁରୁଷ ଦଳ ପ୍ରଥମେ ଛତିଶଗଡ଼କୁ ୩-୦ (୨୫-୧୦, ୨୫-୧୩, ୨୫-୧୫) ଏବଂ ପରେ ଆନ୍ଧ୍ର ପ୍ରଦେଶକୁ ୩-୧ (୨୫-୧୭, ୨୫-୨୧, ୨୧-୨୫ ଓ ୨୬-୨୪) ସେଟ୍‌ରେ ପରାସ୍ତ କରିଛି। ଆନ୍ଧ୍ର ପ୍ରଦେଶ ଚ୍ୟାଲେଞ୍ଜ ଦେଇଥିଲେ ହେଁ ଓଡ଼ିଶା ଏହାର ସଫଳ ପ୍ରତିହତ କରିଥିଲା। ସେହିପରି ମହିଳା ଦଳ ପ୍ରଥମେ ପଶ୍ଚିମବଙ୍ଗକୁ ୩-୧ (୧୯-୨୫, ୨୫-୧୮, ୨୫-୧୧, ୨୫-୧୯)ସେଟ୍‌ରେ ଏବଂ ପରେ ହିମାଚଳ ପ୍ରଦେଶକୁ ୩-୦ (୨୫-୧୪, ୨୫-୧୧, ୨୫-୧୪) ସେଟ୍‌ରେ ହରାଇ ଦେଇଛି। ପଶ୍ଚିମବଙ୍ଗ ବିପକ୍ଷ ପ୍ରଥମ ଗେମ୍‌କୁ ହାତଛଡ଼ା କରିଥିଲେ ହେଁ ପରେ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ଲଗାତର ୩ ସେଟ୍ ଜିତିଥିଲା। ଏଥିସହ ଓଡ଼ିଶା ପୁରୁଷ ଓ ମହିଳା ଦଳ ନିଜ ନିଜ ପୁଲ୍‌ରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛନ୍ତି।


ଜାତୀୟ ଯୁଥ୍ ଭଲିବଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ମହିଳା ଭଲିବଲ ଦଳ।

## ଅନିଶ୍ଚିତତାରେ ପିଏସ୍‌ଏଲ୍

**କରାଚୀ, ୧୭।୩**

ପାକିସ୍ତାନ ଦ୍ୱାରା କରାଯାଇଥିବା ଏୟାର ଷ୍ଟ୍ରାଇକ୍‌ରେ ଆଫଗାନିସ୍ତାନର କାବୁଲରେ ୪୦୦ ଜଣଙ୍କ ମୃତ୍ୟୁ ଘଟିବା ପରେ ପାକିସ୍ତାନ ସୁପର ଲିଗ୍(ପିଏସ୍‌ଏଲ୍)ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଆସନ୍ତା ୨୬ ତାରିଖରୁ ଆରମ୍ଭ ହେଉଥିବା ଲିଗ୍‌ରେ ଷ୍ଟିଭ୍ ସ୍ମିଥ୍, ମାର୍ନସ ଲାବୁସେନ, ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଭଳି ଅଷ୍ଟ୍ରେଲିଆ ଖେଳାଳି ଭାଗନେବାର ଅଛି। କିନ୍ତୁ ଅଷ୍ଟ୍ରେଲିଆର ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ, ଅଷ୍ଟ୍ରେଲିଆ ସରକାର ଖେଳାଳିଙ୍କୁ ପାକିସ୍ତାନ ଟ୍ରାଭେଲ ଲାଗି ଅନୁମତି ଦେଇଛନ୍ତି। ମାତ୍ର ପେଶାୱର୍‌ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଦେଖାଦେଇଥିବା ସାମରିକ ବିବାଦ କାରଣରୁ ଅଷ୍ଟ୍ରେଲିଆ ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଯଦି ଦରକାର ପଡ଼େ ଅଷ୍ଟ୍ରେଲିଆନ୍ ଖେଳାଳିଙ୍କୁ ବ୍ୟକ୍ତିଗତ ଫ୍ଲାଇଟ୍ ଜରିଆରେ ପାକିସ୍ତାନରୁ ଉଦ୍ଧାର କରାଯିବ ବୋଲି ଖେଳାଳିଙ୍କୁ ଆଶ୍ୱାସନା ଦିଆଯାଇଥିବା ରିପୋର୍ଟରେ ଦାବି କରାଯାଇଛି।

# ଏମ୍‌ସିସି ସେମିଫାଇନାଲରେ



ଅନୁରାଗ ଷଡ଼ଙ୍ଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୧୭।୩(ତପନ ସ୍ୱାଇଁ)**

**ମୁକ୍ତେଶ୍ୱର କ୍ଲବ୍ ସିନିୟର କ୍ରିକେଟ**

ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ (ଏମ୍‌ସିସି) ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ ‘ଖିମ୍‌ଜୀ କପ୍’ ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହିଦ ସ୍ପୋର୍ଟିଂକୁ ହରାଇ ଆୟୋଜକ ଏମ୍‌ସିସି ସେମିଫାଇନାଲରେ ପ୍ରବେଶ କରିଛି। ଦିବ୍ୟଜ୍ୟୋତି ଦାସଙ୍କ ଶତକ (୧୦୧ ରନ୍) ସହାୟତାରେ ସହିଦ ସ୍ପୋର୍ଟିଂ ୪୦ ଓଭରରେ ୨୧୦ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ୨୧୧ ରନ୍ ବିଜୟଲକ୍ଷ୍ୟକୁ ମୁକ୍ତେଶ୍ୱର ୩୮ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ୯୬ ରନ୍‌ରେ ଅପରାଜିତ ରହି ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଅନୁରାଗ ଷଡ଼ଙ୍ଗୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ପରାମର୍ଶଦାତା ପ୍ରକାଶ ଦାସ, ସଦସ୍ୟ ଅଶୋକ ପଣ୍ଡା ଓ ପ୍ରିୟଦର୍ଶୀ ପଲ ପୁରସ୍କାର ପ୍ରଦାନ କରିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ